


# ସଂଚାର
## THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 339 | ଭାଗ ୩୨ | ସଂଖ୍ୟା ୩୩୯ | Bhubaneswar | Tuesday 4 March 2025 | Page 8 Rs. 4.00 | ● ଭୁବନେଶ୍ୱର ମଙ୍ଗଳବାର ୪ ମାର୍ଚ୍ଚ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

### ଦୁରାରୋଗ୍ୟ ପୀଡ଼ିତଙ୍କ ପାଇଁ ସମ୍ବେଦନଶୀଳ ମୋହନ

# ଅଭିଯୋଗ ଶୁଣାଣି ପାଇଁ ସିଙ୍ଗଲ ୱିଣ୍ଡୋ

**ଭୁବନେଶ୍ୱର,୩।୩(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ମୋହନ ଚରଣ ମାଝୀ ନିୟମିତ ଭାବେ ଅଭିଯୋଗ ପ୍ରକୋଷ୍ଠରେ ଶୁଣାଣି କରୁଛନ୍ତି। ଗତ ମାସରେ ଅଭିଯୋଗ ପ୍ରକୋଷ୍ଠରେ ତ୍ୱରିତ ପଦକ୍ଷେପ ସ୍ୱରୂପ ଜଣେ ପୀଡ଼ିତଙ୍କୁ ସିଧାସଳଖ ହସ୍ପିଟାଲ୍ ପଠାଇଥିବା ବେଳେ ଅନ୍ୟ ଜଣଙ୍କୁ ଅନ୍

**ସିଏମ୍ଆର୍ଏଫ୍‌ରୁ ୫ ଜଣଙ୍କୁ ସହାୟତା**
**ବୋନ୍ ମ୍ୟାରୋ ପୀଡ଼ିତାଙ୍କୁ ୩ ଲକ୍ଷ**

ଦି ସ୍ପଟ୍ ସହାୟତା ଯୋଗାଇ ଦେଇଥିଲେ। ଆଜି ପୁଣି ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କ ସମସ୍ୟାର ତୁରନ୍ତ ଶୁଣାଣିରେ ବିଶ୍ୱାସ ପ୍ରକଟ କରିଛନ୍ତି। ଅଭିଯୋଗ ପ୍ରକୋଷ୍ଠକୁ






ଆସିଥିବା ଅଭିଯୋଗକାରୀଙ୍କ ମଧ୍ୟରୁ ୫ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ (ସିଏମ୍ଆର୍ଏଫ୍) ୭ ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦେଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ଦୁରାରୋଗ୍ୟରେ ଆକ୍ରାନ୍ତ ହୋଇ ଯନ୍ତ୍ରଣା ଭୋଗୁଥିବା ରୋଗୀମାନଙ୍କ ପ୍ରତି ତାଙ୍କର ସମ୍ବେଦନଶୀଳତାକୁ ପ୍ରମାଣିତ କରିଛନ୍ତି। ଶିବିରରେ ପହଞ୍ଚୁଥିବା ଯନ୍ତ୍ରଣାସିକ୍ତ ରୋଗୀ ଯେପରି ହସ ହସ ମୁହଁରେ ଫେରିବ, ସେଥିସକାଶେ ଆଜିଠାରୁ ଅଭିଯୋଗ ଶୁଣାଣିର ନବମ ପାଳିରେ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛନ୍ତି। ସିଙ୍ଗଲ ୱିଣ୍ଡୋ ସିଷ୍ଟମ୍‌ରେ ଅସାଧ ଓ ଦୁରାରୋଗ୍ୟ ପୀଡ଼ିତମାନଙ୍କୁ ସିଏମ୍ଆର୍ଏଫ୍‌ରୁ ତୁରନ୍ତ ସହାୟତା ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି। ଏହି ସିଷ୍ଟମରେ ଆଜି ପୁରୀ ଜିଲ୍ଲାର ନିମାପଡ଼ା ନିବାସୀ ପକ୍ଷାଘାତ ଆକ୍ରାନ୍ତ ହେମନ୍ତ ସାହୁ, ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ପକ୍ଷାଘାତ ଆକ୍ରାନ୍ତ ବିଚିତ୍ର ପାଇକରାୟ, କନ୍ଧମାଳ ଜିଲ୍ଲା ଟିକାବାଲିର କ୍ୟାନ୍ସର ପୀଡ଼ିତା ଇନ୍ଦୁ ବେହେରା ଓ ଗଜପତି ଜିଲ୍ଲାର ରଶ୍ମିତା ନାୟକଙ୍କୁ ତାଙ୍କ ପୁଅର ଚିକିତ୍ସା ପାଇଁ ୧ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି। ଏହାଛଡ଼ା ବାଲେଶ୍ୱର ଜିଲ୍ଲା ଭୋଗରାଇର ବୋନ୍ ମ୍ୟାରୋ କ୍ୟାନ୍ସରରେ ପୀଡ଼ିତ ଥିବା ହାଜିରା ବିବିଙ୍କୁ ମଧ ୩ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି। ଏହି ତତ୍କାଳୀନ ସହାୟତା ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସକାଶେ ଅଭିଯୋଗ ପ୍ରକୋଷ୍ଠରେ ଡାକ୍ତରୀ ଦଳ ମୁତୟନ ଥିଲେ।

ଶୁଣାଣି ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଅଭିଯୋଗ ପ୍ରକୋଷ୍ଠ ଜରିଆରେ ଆମ ସରକାର ସବୁ ବର୍ଗର ଲୋକଙ୍କୁ ସହାୟତା ପ୍ରଦାନ କରୁଛନ୍ତି। ବିଶେଷକରି ଭିନ୍ନକ୍ଷମ, ବରିଷ୍ଠ ଓ ଜରୁରୀ ସେବା ଆବଶ୍ୟକ କରୁଥିବା ବ୍ୟକ୍ତିବିଶେଷଙ୍କୁ ପ୍ରାଧାନ୍ୟ ଦିଆଯାଉଛି। ଦୁଃଖ ଓ ସମସ୍ୟାରେ ଜର୍ଜରିତ ବ୍ୟକ୍ତିମାନେ ସେମାନଙ୍କ ସମସ୍ୟା ଓ ଅଭିଯୋଗ ନେଇ ଏଠାକୁ ଆସୁଛନ୍ତି। ସମସ୍ତଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ନିଆଯାଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ ବିଭାଗ ଓ କର୍ତ୍ତୃପକ୍ଷଙ୍କ ନିକଟକୁ ଏହାର ସମାଧାନ ପାଇଁ ଅଭିଯୋଗପତ୍ର ପଠାଯାଉଛି। ➪ପୃଷ୍ଠା-୬

# ଏଣିକି ଏପ୍ରିଲ୍ ୨୪ରେ ପଞ୍ଚାୟତିରାଜ ଦିବସ

### ୫ରେ ବିଜୁ ପଟ୍ଟନାୟକ ଜୟନ୍ତୀ, ଛୁଟି ବାତିଲ୍



**ଭୁବନେଶ୍ୱର,୩।୩(ସଂଚାର ବ୍ୟୁରୋ):** ରାଜ୍ୟରେ ପ୍ରତି ବର୍ଷ ମାର୍ଚ୍ଚ ୫ ତାରିଖକୁ ପଞ୍ଚାୟତିରାଜ ଦିବସ ରୂପେ ପାଳନ କରାଯାଇଆସୁଛି। କିନ୍ତୁ ପ୍ରତି ବର୍ଷ ଏପ୍ରିଲ୍ ୨୪ ତାରିଖକୁ ଜାତୀୟ ପଞ୍ଚାୟିତରାଜ ଦିବସ ରୂପେ ସମଗ୍ର ଦେଶରେ ପାଳନ କରାଯାଇଆସୁଛି। ଉକ୍ତ ଦିନ ବିଭିନ୍ନ ରାଜ୍ୟର ପଞ୍ଚାୟତ ପ୍ରତିନିଧିମାନଙ୍କୁ ପୁରସ୍କାର ସହ ରାଷ୍ଟ୍ରୀୟ ଗୌରବ ଗ୍ରାମସଭା ପୁରସ୍କାର, ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ପୁରସ୍କାର ଆଦି ପ୍ରଦାନ କରାଯାଇଆସୁଛି। ତେଣୁ ପଞ୍ଚାୟତିରାଜ ଦିବସ ପାଳନରେ ଜାତୀୟ ଓ ରାଜ୍ୟ ସ୍ତରରେ ଥିବା ଏହି ଅସଙ୍ଗତି ଦୂର କରିବା ସକାଶେ ଓଡ଼ିଶା ସରକାର ଏଣିକି ଏପ୍ରିଲ୍ ୨୪ ତାରିଖରେ ରାଜ୍ୟରେ ପଞ୍ଚାୟତିରାଜ ଦିବସ ପାଳନ ପାଇଁ ନିଷ୍ପତ୍ତି ନେଇଛନ୍ତି। ତେଣୁ ଚଳିତ ବର୍ଷ ଆସନ୍ତା ୫ ତାରିଖରେ ପଞ୍ଚାୟତିରାଜ ଦିବସ ପାଳନ ହେବ ନାହିଁ। ଏଥିସହ ଉକ୍ତ ଦିବସରେ ଥିବା ଛୁଟି ମଧ ବାତିଲ୍ ହୋଇଛି। ଏପ୍ରିଲ୍ ୨୪ ତାରିଖରେ ଲୋକସେବା ଦିବସ ଅବସରରେ ପଞ୍ଚାୟତିରାଜ ଦିବସ ପାଳନ ହେବ। ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। କିନ୍ତୁ ମାର୍ଚ୍ଚ ୫ରେ ରାଜ୍ୟର ବରପୁତ୍ର ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଜନ୍ମ ଗ୍ରହଣ କରିଥିବାରୁ ଉକ୍ତ ଦିନଟିକୁ ବିଜୁ ପଟ୍ଟନାୟକ ଜୟନ୍ତୀ ଭାବେ ରାଜ୍ୟ ସରକାର ଆଡମ୍ବର ସହକାରେ ପାଳନ କରିବେ। କିନ୍ତୁ ଉକ୍ତ ଦିବସଟି ପୂର୍ବପରି ଛୁଟି ଦିବସ ପରିବର୍ତ୍ତେ କାର୍ଯ୍ୟ ଦିବସ ରହିବ ବୋଲି କୁହାଯାଇଛି।

### କୋଟି କୋଟି ଟଙ୍କାର ଦୁର୍ନୀତି

# ଇଓଡବ୍ଲ୍ୟୁ ପଞ୍ଝାରେ କ୍ରୀତଦାସଙ୍କ ଚେଲା



**କେନ୍ଦୁଝର,୩।୩(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲାର ଜଣେ ପ୍ରମୁଖ ବିଜେଡି ନେତା ସୌମ୍ୟଶଙ୍କର ଚକ୍ର ଓରଫ୍ ରାଜା ଚକ୍ର ଏବେ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପଞ୍ଝାରେ ପଡ଼ିଛନ୍ତି। ଖୋଲୁଛି ବିଜେଡିର ଖଣି ଖାଦାନରେ ଟଙ୍କା ଖୋଳା ରହସ୍ୟ। ବର୍ଷ ବର୍ଷ ଧରି କେନ୍ଦୁଝର ମାଇନ୍ସରେ କୋଟି କୋଟି ଟଙ୍କା ଆତ୍ମସାତ୍ ନେଇ ମିଳିଛି ପ୍ରମାଣ। ପୂର୍ବରୁ ଏହି ମାମଲାରେ ଇଓଡବ୍ଲ୍ୟୁ

**ବବି ଆଣ୍ଡ୍ କୋ'ଙ୍କ ତତ୍ତ୍ୱାବଧାନରେ ଚାଲିଥିଲା ଲୁଟ୍**

୨ ଜଣଙ୍କୁ ବାନ୍ଧି ଜେଲ ପଠାଇସାରିଛି। ଅପରପକ୍ଷରେ ଘଟଣାରେ ଗିରଫଦାରୀ ଏଡ଼ାଇବା ପାଇଁ ହାଇକୋର୍ଟରୁ ରାଜା ଆଗୁଆ ଜାମିନ ନେଇଥିବା ଜଣାପଡ଼ିଛି।

କେନ୍ଦୁଝରରେ ଖଣି ଲୁଟରେ ରାଜା ଚକ୍ରଙ୍କ ପାର୍ଟନର ଥିଲେ ବବି ଦାସ ଓରଫ କ୍ରୀତଦାସ। କେନ୍ଦୁଝର ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ ଟ୍ରାନ୍ସପୋର୍ଟ କୋଅପରେଟିଭ୍ ସୋସାଇଟି ଲିମିଟେଡ୍‌ରେ ୫୦ କୋଟି ଟଙ୍କା ଅର୍ଥ ହେରଫେର ଘଟଣାରେ ତଦନ୍ତ ଘେରକୁ ଆସିଛନ୍ତି ବିଜେଡି ନେତା ରାଜା ଚକ୍ର। ବର୍ଷ ବର୍ଷ ଧରି ଏଇ ସୋସାଇଟିରେ ଅର୍ଥ ହେରଫେର ସହ ଜାଲ କାଗଜପତ୍ର ଦେଇ ସରକାରଙ୍କୁ ଭୁଆଁ ବୁଲାଯାଉଥିବା ଅଭିଯୋଗରେ ରାଜା ଏବେ ଇଓଡବ୍ଲ୍ୟୁ ସ୍କାନର୍‌କୁ ଆସିଛନ୍ତି। ➪ପୃଷ୍ଠା-୬

### ଡରାଇଲା ପାଣିପାଗ କେନ୍ଦ୍ର

# ୪୦ ଡିଗ୍ରୀ ଟପିବ ତାପମାତ୍ରା

**ଭୁବନେଶ୍ୱର,୩।୩(ସଂଚାର ବ୍ୟୁରୋ):** ମାର୍ଚ୍ଚ ଆରମ୍ଭରୁ ହିଁ ଟାଇଁ ଟାଇଁ ଖରା, ଅସ୍ତବ୍ୟସ୍ତ ଜନ ଜୀବନ। ସକାଳ ୮ଟା ପରଠୁ ଖରାର ପ୍ରଭାବ ଅନୁଭୂତ ହେଉଥିବା ବେଳେ ଆଗକୁ ସ୍ଥିତି ଆହୁରି ସଙ୍ଗିନ ହେବ ବୋଲି ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ବିଶେଷକରି ପଶ୍ଚିମ ଓଡ଼ିଶାରେ ଦିନ ତାପମାତ୍ରା ୪୦ ଡିଗ୍ରୀ ଟପିବ ବୋଲି ଆକଳନ କରାଯାଇଛି। ଏବେ ରାଜ୍ୟରେ ମେଘମୁକ୍ତ ଆକାଶ ଥିବା ବେଳେ ଉତ୍ତର ପଶ୍ଚିମ ଭାରତରୁ ରାଜ୍ୟକୁ ଗରମ ପବନ ପ୍ରବାହିତ ହେଉଛି। ଏଥିସହ ସୂର୍ଯ୍ୟଙ୍କ ଟାଣ କିରଣ ଲୋକଙ୍କୁ ଅସ୍ତବ୍ୟସ୍ତ କରୁଛି। ପଶ୍ଚିମ ଭାରତରେ ବର୍ଷା ନ ହେବା ଯୋଗୁ ସେଠାରେ ମଧ ପ୍ରବଳ ଗରମ ଅନୁଭୂତ ହେଉଛି। ସେଠାରୁ ଆସୁଥିବା ଗରମ ପବନ ପ୍ରଭାବରେ ରାଜ୍ୟରେ ତାତି ଅଧିକ ରହୁଛି । ଏଥର ମାର୍ଚ୍ଚ ମାସରେ ଅଧିକ ଗରମ ରହିବ। ଆଗାମୀ ୭ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପ୍ରଚଣ୍ଡ ଖରା ହେବ। ଦିନର ତାପମାତ୍ରା ସ୍ୱାଭାବିକଠାରୁ ୨ରୁ ୩ ଡିଗ୍ରୀ ସେଲସିୟସ ବୋଲି ଆକଳନ କରିଛି କେନ୍ଦ୍ର। ବିଶେଷକରି ନୂଆପଡା, ସମ୍ବଲପୁର, ବରଗଡ଼, ବୌଦ୍ଧ, ବଲାଙ୍ଗୀର, ସୋନପୁର, ସୁନ୍ଦରଗଡ, ଝାରସୁଗୁଡା, କଳାହାଣ୍ଡି, କନ୍ଧମାଳ, ଅନୁଗୁଳ, ଢେଙ୍କାନାଳ, ମାଲକାନଗିରି, ଭଦ୍ରକ ସମେତ ଭୁବନେଶ୍ୱରରେ ତାପମାତ୍ରା ଉପରମୁହାଁ ହେବ। ➪ପୃଷ୍ଠା-୬

# ରଥଯାତ୍ରା ପାଇଁ ହେବ ସ୍ୱତନ୍ତ୍ର ଆପ୍

**ପୁରୀ,୩।୩(ସଂଚାର ବ୍ୟୁରୋ):** ଆସନ୍ତା ରଥଯାତ୍ରା ପାଇଁ ହେବ ସ୍ୱତନ୍ତ୍ର 'ଆପ୍' ବ୍ୟବସ୍ଥା । ପ୍ରଥମ ପ୍ରସ୍ତୁତି ବୈଠକ ପରେ ସବୁ ବିଭାଗର ତଥ୍ୟକୁ ନେଇ 'ଆପ୍' ପ୍ରସ୍ତୁତ ହେବ। ରଥଯାତ୍ରା ପାଇଁ ପ୍ରଥମ ଜିଲ୍ଲାସ୍ତରୀୟ ବୈଠକ ଶେଷ ହେବାପରେ ସୂଚନା ଦେଲେ ପୁରୀ ଜିଲ୍ଲାପାଳ। ଏଥିରୁ ସାଧାରଣ ଭକ୍ତ ସବିଶେଷ ତଥ୍ୟ ପାଇପାରିବେ। ୧୫ ଦିନ ଭିତରେ ତଥ୍ୟ ଦେବାକୁ ସବୁ ବିଭାଗକୁ କୁହାଯାଇଛି । ରଥଯାତ୍ରା ବେଳେ ସମ୍ବେଦନଶୀଳ ସ୍ଥାନରେ

- **ଯାତ୍ରୀଙ୍କ ପାଇଁ ଆପରେ ରହିବ ସବୁ ତଥ୍ୟ**
- **ସମ୍ବେଦନଶୀଳ ସ୍ଥାନରେ ଲାଗିବ ଏଆଇ କ୍ୟାମେରା**

ଲାଗିବ ଏଆଇ କ୍ୟାମେରା । ବିଭିନ୍ନ ବିଭାଗକୁ ନେଇ ଫର୍ମେସନ ହୋଇଛି ଯୁଗ୍ମ ଟିମ୍ । ଗତବର୍ଷ ଭଳି ପ୍ରସ୍ତୁତ ରହିବ ଏକକ ଆପ୍ । ସମସ୍ତ ବିଭାଗର ଆସେଟ୍ କୁ ଆପରେ ଲିଙ୍କ କରାଯିବ। ନିକଟସ୍ଥ ହସ୍ପିଟାଲ, ୱାଟର ପ୍ଏଣ୍ଟ, ଲଷ୍ଟ ଆଣ୍ଡ ଫାଉଣ୍ଡ ପଏଣ୍ଟ ଇତ୍ୟାଦି ବିଷୟରେ ଆପରେ ଯଥାସମ୍ଭବ ଡାଟା ଫିଡ୍ ହେବ । ତ୍ୱରିତ ସୂଚନା ପାଇପାରିବେ ଆଗନ୍ତୁକ। ବିଭିନ୍ନ ବିଭାଗର ବିଭିନ୍ନ ପ୍ରସ୍ତୁତିକୁ ଜାଣିବା ସହ ଠିକ୍ ସମୟରେ ବ୍ୟବହାର କରିପାରିବେ ଶ୍ରଦ୍ଧାଳୁ ଓ ଭକ୍ତ ବୋଲି ସୂଚନା ଦେଇଛନ୍ତି ପୁରୀ ➪ପୃଷ୍ଠା-୬

# 'ବିକଶିତ ଭାରତ'ର ବତୀଘର ହେବ ଶିକ୍ଷାନୁଷ୍ଠାନ: ଧର୍ମେନ୍ଦ୍ର

### ରାଷ୍ଟ୍ରପତିଙ୍କ ଦ୍ୱାରା 'ଭିଜିଟର୍ସ କନଫରେନ୍ସ' ଉଦ୍‌ଘାଟିତ



**ନୂଆଦିଲ୍ଲୀ,୩।୩:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୪୭ ସୁଦ୍ଧା ବିକଶିତ ଭାରତର ଆହ୍ୱାନ ଦେଇଥିବା ବେଳେ ଆମର ଶିକ୍ଷାନୁଷ୍ଠାନଗୁଡ଼ିକ ହିଁ 'ବିକଶିତ ଭାରତ'ର ବତୀଘର ଭାବେ ଉଭା ହେବ ବୋଲି ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଉଦଘାଟିତ 'ଭିଜିଟର୍ସ କନଫରେନ୍ସ ୨୦୨୪-୨୫'ରେ ଯୋଗଦେବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଆଜି ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏହି ଦ୍ୱିଦିବସୀୟ କନଫରେନ୍ସକୁ ଉଦଘାଟନ କରିଛନ୍ତି। ଏହି ଅଷ୍ଟମ ଭିଜିଟର୍ସ ସମ୍ମିଳନୀରେ ଦେଶର ଶିକ୍ଷାବିତ୍ ଜଗତକୁ ମାର୍ଗଦର୍ଶନ ଦେଇଥିବାରୁ ଶ୍ରୀ ପ୍ରଧାନ ରାଷ୍ଟ୍ରପତିଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହ ଅଷ୍ଟମ ଭିଜିଟର୍ସ ଆୱାର୍ଡ ପାଇଥିବା ସମସ୍ତ ବିଶିଷ୍ଟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ସେ କହିଛନ୍ତି ଯେ ରାଷ୍ଟ୍ରପତିଙ୍କ ଅତୁଟ ସମର୍ଥନ ଓ ତାଙ୍କ ନେତୃତ୍ୱ ଶିକ୍ଷା କ୍ଷେତ୍ରରେ ନୂତନ ଭିତ୍ତିଭୂମି ସୃଷ୍ଟି କରିବା ପାଇଁ ନୂତନ ମାର୍ଗ ଦେଖାଇଛି। ଜାତୀୟ ଶିକ୍ଷାଗତ ପ୍ରାଥମିକତା ହାସଲ କରିବା, କ୍ରମାଗତ ଭାବେ ବିକଶିତ ହେଉଥିବା ଶିକ୍ଷଣ କ୍ଷେତ୍ରରେ ଆଗକୁ ବଢ଼ିବା ତଥା ଭାରତକୁ ଜ୍ଞାନ, ଗବେଷଣା ଓ ଉଦ୍ଭାବନର କେନ୍ଦ୍ରସ୍ଥଳରେ ପରିଣତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାରେ ଆମର ମନୋବଳକୁ ଟାଣ କରିଛି। ପବିତ୍ର ମହାକୁମ୍ଭ ଭଳି ଭିଜିଟର୍ସ ସମ୍ମିଳନୀ ମଧ ଏକ 'ସଙ୍ଗମ'। ଭବିଷ୍ୟତ ପାଇଁ ପ୍ରସ୍ତୁତ ଶିକ୍ଷା ବ୍ୟବସ୍ଥାର ପରିକଳ୍ପନା ସକାଶେ ଏହା ଶିକ୍ଷାନୁଷ୍ଠାନର ଉତ୍ତମ ମନର ଏକ 'କୁମ୍ଭ'। 'ଭିଜିଟର୍ସ ସମ୍ମିଳନୀ' ଆମ ଶିକ୍ଷା ବ୍ୟବସ୍ଥାରେ ସାମଗ୍ରିକ ପରିବର୍ତ୍ତନ ଆଣିବ। ଯୁବପିଢ଼ିକୁ ସଶକ୍ତ କରିବା ସହ କର୍ମଚାରୀଙ୍କ ହାତମୁଠାକୁ ମଜବୁତ କରିବ। ଭାରତର ଉଚ୍ଚ ଶିକ୍ଷା ପରିସଂସ୍ଥାନକୁ ଏକ ବିଶ୍ୱସ୍ତରୀୟ ମାନଦଣ୍ଡ ଭାବେ ପ୍ରତିଷ୍ଠିତ କରିବା ଦିଗରେ ଏହା ଏକ ସ୍ପଷ୍ଟ ରୋଡମ୍ୟାପ୍ ପ୍ରଦାନ କରିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ଆହ୍ୱାନ ଦେଇଥିବା ବେଳେ ଏଥିସକାଶେ ଆମକୁ ➪ପୃଷ୍ଠା-୬

# ବଦଳି ବାତିଲ ପରେ ବାବୁ ବାଉଳା



ବଦଳି ବାତିଲ ପରେ ବାବୁଙ୍କ ମୁଣ୍ଡ ଆଉ କାମ କରୁନି। ଏବେ ଖାଲି ବାଉଳି ହେଉଛନ୍ତି। ଭୁବନେଶ୍ୱରରେ ବସି ବାଲେଶ୍ୱର ପୁଲିସ୍ ବିରୋଧରେ ସୋସିଆଲ୍ ମିଡିଆରେ ଆବୁଲ ତାବୁଲ ଲେଖୁଛନ୍ତି। କହିବାକୁ ଗଲେ ଔଷଧ ବିକଳରେ ତାଟିଆ କାମୁଛନ୍ତି। ଆମେ କହୁଛୁ ଜଣେ ରସିକିଆ ଡିଏସ୍‌ପିଙ୍କ କଥା। ରସିକିଆ ବାବୁ ଜଣଙ୍କ ବାଲେଶ୍ୱରରେ ଥିଲେ। କିଛି ବର୍ଷ ତଳେ ପଦନ୍ନୋତି ପାଇ ଟଙ୍କା ଖର୍ଚ୍ଚ କରି ଭୁବନେଶ୍ୱରକୁ ଆସିଥିଲେ। ନୂଆ ସରକାର ଆସିଲା ପରେ ବାବୁ ଟଙ୍କା ଖର୍ଚ୍ଚ କରି ବାଲେଶ୍ୱର ଜିଲ୍ଲାକୁ ଯାଇଥିଲେ। ଏନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବାବୁଙ୍କ ବଦଳି ଖବର ବାଲେଶ୍ୱରରେ ଜିଲ୍ଲାରେ ଚହଳ ପକାଇଥିଲା। କାରଣ ବାବୁଙ୍କର ଟିକେ ଆଲୁ ଦୋଷ ଥିବାରୁ ସ୍ଥାନୀୟ ଲୋକମାନେ ଚାହୁଁ ନଥିଲେ ସେ ପୁଣି ବାଲେଶ୍ୱର ଆସନ୍ତୁ। କାରଣ ବାବୁଙ୍କ ପୁରୁଣା ରେକର୍ଡ ଖରାପ। ବିଶେଷ କରି ତାଙ୍କର ଏକ ଭିଡିଓ ବି ଭାଇରାଲ୍ ହୋଇଥିଲା। ବ୍ୟବସାୟୀଠାରୁ ଆରମ୍ଭ କରି ବିଧାୟକ ପର୍ଯ୍ୟନ୍ତ ତାଙ୍କ ବିରୋଧରେ ସରକାରଙ୍କ ପାଖରେ ଫେରାଦ ହେଲେ। ସରକାର ତାଙ୍କ ବଦଳି ବାତିଲ କରି ତୁରନ୍ତ କଟକ ପଠାଇଦେଲେ। କଟକ ବଦଳି ହେବା ଦିନଠାରୁ ଡିଏସ୍‌ପି ବାବୁ ଜଣଙ୍କ ଏବେ ତାଙ୍କ ମତିଗତି ହରାଇ ଦେଇଛନ୍ତି। ବାଲେଶ୍ୱର ଜିଲ୍ଲାର ବରିଷ୍ଠ ପୁଲିସ୍ ଅଧିକାରୀଙ୍କ ବିରୋଧରେ ବିଭିନ୍ନ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ନାନାଦି ନକାରାତ୍ମକ ମନ୍ତବ୍ୟ ଦେଉଛନ୍ତି। ନିଜର ପୁରୁଣା କେଳେଙ୍କାରୀ ରିପୋର୍ଟ ପାଇଁ ବାବୁଙ୍କ ବଦଳି ହେଲା, ହେଲେ ଦୋଷ ଏବେ ବାଲେଶ୍ୱର ପୁଲିସ୍ ମୁଣ୍ଡରେ ଥାପି ଦେଉଛନ୍ତି। ତେବେ ନିଜ ଅଳିଆ ନ ଖେଳାଇ ଚୁପ୍ ରହିବା ଡିଏସ୍‌ପିଙ୍କ ପାଇଁ ବୁଦ୍ଧିମତାର କାମ ହେବ ବୋଲି ଲୋକେ ଚର୍ଚ୍ଚା କରୁଛନ୍ତି।

# ମିଳିମିଶି ଚାପିଦେଲେ ଛାତ୍ରୀ ଅସଦାଚରଣ ଘଟଣା

**ଭୁବନେଶ୍ୱର,୩।୩(ସଂଚାର ବ୍ୟୁରୋ):** ଛାତ୍ରୀଙ୍କୁ ଦୁର୍ବ୍ୟବହାର ଭଳି ସଙ୍ଗୀନ ଆରୋପକୁ ବିଜେବି କଲେଜର ଅଧକ୍ଷଙ୍କ ସହିତ ଆଉ କିଛି ଅଧାପକ ଓ କର୍ମଚାରୀ ମିଳିମିଶି ଚାପିଦେଲେ। ଛାତ୍ରୀଙ୍କୁ ଦୁର୍ବ୍ୟବହାର କରିଥିବା ଅଧାପକଙ୍କୁ ସୁରକ୍ଷା ଦେବା ସହିତ ରାଜ୍ୟର ଏକ ନମ୍ବର ଶିକ୍ଷାନୁଷ୍ଠାନ ବିଜେବି କଲେଜକୁ ବଦନାମ କରିଦେଲେ। ଖୋଦ ରାଜଧାନୀରେ ଜଣେ ଅଧାପକଙ୍କୁ କ'ଣ ପାଇଁ ଏଭଳି ସୁରକ୍ଷା ମିଳିଲା, ତାହାକୁ ନେଇ ଏବେ ଆଲୋଚନା ଆରମ୍ଭ ହୋଇଛି।




ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ଦୁଇ ମାସ ତଳେ କଲେଜରେ ଏଭଳି କାଣ୍ଡ ଘଟିଥିଲା। ଇଗ୍ନୋ ପରୀକ୍ଷା ଦେଉଥିବା ଜଣେ ଛାତ୍ରୀଙ୍କୁ ଦୁର୍ବ୍ୟବହାର କରିଥିଲେ ଜନୈକ ଅଧାପକ। ଅଧାପକ ଜଣଙ୍କ ଗୋଟିଏ ବିଭାଗର ମୁଖ୍ୟ ହୋଇଥିବା ବେଳେ କିଛିଦିନ ଧରି ଇଗ୍ନୋ ପରୀକ୍ଷାରେ ସଂଯୋଜକ ଦାୟିତ୍ୱ ତୁଲାଉଥିଲେ। ନିଜ ଆଡୁ ଅନୁରୋଧ କରି ଏହି କାର୍ଯ୍ୟ କରୁଥିବା ଅଧାପକଙ୍କ ବିରୁଦ୍ଧରେ ଜଣେ ଛାତ୍ରୀ ଏଭଳି ସଙ୍ଗୀନ ଅଭିଯୋଗ ଆଣିଥିବା ବେଳେ ତାହା ପ୍ରମାଣିତ ବି ହୋଇଥିଲା। ଘଟଣାର ସତ୍ୟାସତ୍ୟ ଜାଣିବା ପରେ ଅଧାପକ ଜଣଙ୍କ କିଛିଦିନ ଛୁଟିରେ ରହିଥିଲେ।

ସୂଚନା ଅନୁଯାୟୀ, ଅଧାପକ ଜଣଙ୍କ ଇଗ୍ନୋ ପରୀକ୍ଷା ସମୟରେ ସମ୍ପୃକ୍ତ ଛାତ୍ରୀଙ୍କ ପ୍ରତି ଦୁର୍ବ୍ୟବହାର କରିଥିଲେ। ପ୍ରଥମେ ଛାତ୍ରୀ ଜଣଙ୍କ ଏହାକୁ ସେତେଟା ଗୁରୁତ୍ୱ ଦେଇନଥିଲେ। ଅଜାଣତରେ ହୋଇଥାଇପାରେ ବୋଲି ଧରିନେଇଥିଲେ। ହେଲେ ନିରବତାର ସୁଯୋଗ ନେଇ ଅଧାପକ ଜଣଙ୍କ ବାରମ୍ବାର ଦୁର୍ବ୍ୟବହାର କରିବା ପରେ ଛାତ୍ରୀ ଜଣଙ୍କ ଘଟଣା ସଂକ୍ରାନ୍ତରେ ତାଙ୍କ ଅଭିଭାବକଙ୍କୁ ଜଣାଇଥିଲେ। ରାଜ୍ୟ ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ ଥିବା ଛାତ୍ରୀଙ୍କ ପିତା ପ୍ରଥମେ ନିଜ ଦପ୍ତରର ଦୁଇ ଜଣ ଅଧିକାରୀଙ୍କୁ କଲେଜକୁ ପଠାଇ ଘଟଣା ସଂକ୍ରାନ୍ତରେ ଅଧକ୍ଷାଙ୍କୁ ଅବଗତ କରିଥିଲେ। ତତ୍କାଳୀନ ଅଧକ୍ଷା ଏହା

- **ବିଜେବି କଲେଜ ହେଲା ବଦନାମ**
- **ଛାତି ଫୁଲାଇ ବୁଲୁଛନ୍ତି ଅଭିଯୁକ୍ତ ଅଧାପକ**

ଜାଣିବା ପରେ ତୁରନ୍ତ ଇଗ୍ନୋ ପରୀକ୍ଷା ଦାୟିତ୍ୱରେ ଥିବା ଅଧାପକ ଓ କର୍ମଚାରୀଙ୍କୁ ଡକାଇବା ସହିତ ପରୀକ୍ଷା ପରିଚାଳନାରେ ଥିବା ସମସ୍ତଙ୍କ ତାଲିକା ମଗାଇଥିଲେ। ଏହାପରେ ସମସ୍ତଙ୍କୁ ନିଜ ପ୍ରକୋଷ୍ଠକୁ ଡାକିଥିଲେ। ହେଲେ ସମସ୍ତେ ଆସି ଅଧକ୍ଷାଙ୍କ ପ୍ରକୋଷ୍ଠରେ ଉପସ୍ଥିତ ହୋଇଥିଲେ ମଧ ସନ୍ଦେହ କରାଯାଉଥିବା ଅଧାପକ ଜଣଙ୍କ ପ୍ରଥମେ ଫୋନ୍ ଉଠାଇନଥିଲେ ଓ ପରେ କିଛି କାମ ଅଛି କହି ବିଳମ୍ବରେ ଆସିଥିଲେ। ତେବେ ଯେଉଁ ସମୟରେ ସମ୍ପୃକ୍ତ ଅଧାପକ ଜଣକ ଆସିଥିଲେ, ଠିକ୍ ସେତିକିବେଳେ ଛାତ୍ରୀ ଜଣଙ୍କ ତାଙ୍କ ପିତାଙ୍କ ସହିତ ଅଧକ୍ଷାଙ୍କ ପ୍ରକୋଷ୍ଠରେ ପହଞ୍ଚିଥିଲେ। ଇଗ୍ନୋ ପରୀକ୍ଷା ଦାୟିତ୍ୱ ତୁଲାଉଥିବା ସମସ୍ତଙ୍କୁ ଧାଡ଼ିକରି ଛିଡ଼ା କରାଇ ଅଧକ୍ଷା ଦୁର୍ବ୍ୟବହାର କରିଥିବା ଅଧାପକଙ୍କୁ ଚିହ୍ନିବାକୁ ଛାତ୍ରୀ ଜଣଙ୍କୁ କହିଥିଲେ। ତୁରନ୍ତ ଛାତ୍ରୀ ଜଣଙ୍କ ସମ୍ପୃକ୍ତ ଅଧାପକଙ୍କୁ ଚିହ୍ନଟ କରିଥିଲେ। ଏହାପରେ ଛାତ୍ରୀଙ୍କ ପିତା ସମ୍ପୃକ୍ତ ଅଧାପକଙ୍କୁ ନାଲିଆଖି ଦେଖାଇ ଫେରିଆସିଥିବା ବେଳେ ଅଧକ୍ଷା ଭୀଷଣ ଗାଳିଗୁଲଜ ମଧ କରିଥିଲେ। ସମସ୍ତେ ଭାବିଥିଲେ ଅଧାପକଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ। ଏହାପରେ ହଠାତ୍ ସମ୍ପୃକ୍ତ ଅଧାପକ କିଛିଦିନ ପାଇଁ ଛୁଟିରେ ପଳାଇଲେ।

କେବଳ ଏହି ଗୋଟିଏ ଘଟଣା ନୁହେଁ, ବର୍ଷକ ତଳେ ସମ୍ପୃକ୍ତ ଅଧାପକଙ୍କୁ ମାଡ଼ ମାରିବା ସକାଶେ ଷ୍ଟାଟିଷ୍ଟିକ୍ସ ବିଭାଗର ଜଣେ ଛାତ୍ରୀ କଲେଜରେ ଉଦ୍ୟମ କରିଥିବାବେଳେ ଛାତ୍ରୀମାନେ ମେଳି ହୋଇ ତତ୍କାଳୀନ ଅଧକ୍ଷଙ୍କୁ ଭେଟି ଅଧାପକଙ୍କ କାରନାମା ସଂକ୍ରାନ୍ତରେ ଜଣାଇଥିଲେ। ହେଲେ ସେତେବେଳର ଅଧକ୍ଷ କୌଣସି ଅକୁହା କାରଣରୁ ମାମଲାଟିକୁ ରଫାଦଫା କରିଦେଇଥିଲେ। ଇତିମଧ୍ୟରେ ସମ୍ପୃକ୍ତ ଅଧାପକଙ୍କୁ ବିଭାଗୀୟ ମୁଖ୍ୟ ପଦବୀରୁ ଅବ୍ୟାହତି ଦିଆଯାଇଛି। କିନ୍ତୁ ଛାତ୍ରୀଙ୍କୁ ଦୁର୍ବ୍ୟବହାର ଭଳି ଘଟଣାରେ କାହିଁକି ପଦକ୍ଷେପ ନିଆଗଲା ନାହିଁ, ସେ ସଂକ୍ରାନ୍ତରେ ସମସ୍ତେ ନିରବତା ଅବଲମ୍ବନ କରୁଛନ୍ତି। ରାଜ୍ୟ ରାଜଧାନୀରେ ଗୋଟିଏ ସୁନାମଧନ୍ୟ ସରକାରୀ କଲେଜରେ ଏଭଳି ଘଟଣା ଘଟିଥିଲେ ବି ତାହାକୁ ଚାପିବାରେ ସଫଳତା ମିଳିଛି।

ପ୍ରଥମେ କୁହାଗଲା ନାକ୍ ଟିମ୍ ଆସୁଛି। କୌଣସି ପ୍ରକାରେ ମାମଲାକୁ ଚାପି ଦିଅ। ହେଲେ ତତ୍କାଳୀନ ଅଧକ୍ଷା ଅବସର ନେବାକୁ ସପ୍ତାହଟିଏ ବାକି ଥିବାରୁ ସିଏ ଝାମେଲାରେ ପଶିବା ଅପେକ୍ଷା ସମୟ ଗଡ଼ାଇ ଚାଲିଥିଲେ। ଏବେ ଦାୟିତ୍ୱରେ ଥିବା ଅଧକ୍ଷ ମଧ ଏ ସଂକ୍ରାନ୍ତରେ ନିରବ। ତେଣୁ ଅଭିଯୁକ୍ତ ଅଧାପକ ଏବେ ଛାତି ଫୁଲାଇ ଚାଲୁଛନ୍ତି। ଫଳରେ ଛାତ୍ରୀମାନେ ଆଉ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଏବେ ଆଲୋଚନା ହେଉଛି ଏଭଳି ଚରିତ୍ରହୀନ ଅଧାପକଙ୍କ ଗଡ୍‌ଫାଦର ଜଣକ କିଏ ?

### କାନ ଡେରିଥା



ଜଗତ ଠାକୁର ଶ୍ରୀ ଜଗନ୍ନାଥ ସେ
ଆରାଧ୍ୟ ଦେବତା ହେଲେ
ଜଙ୍ଘରେ ମହିଳା ଟାଟୁ କରିଦେଇ
ଭାବନା ସହ ଖେଳିଲେ
ଭାବାବେଗ ବିଗିଡ଼ିଲେ...
ଓଡ଼ିଆଙ୍କ ପରା ମଉଡମଣି ସେ
ଜନେ ମାନିବେନି ଭଲେ |

■ ଦେବାଶିଷ

### ଯନ୍ତ୍ରୀ ବିଜୟ ସେଠୀ ନିଲମ୍ବିତ ହେବାକୁ ବିତିଲା ୩ମାସ

# ସହକାରୀ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତଙ୍କ ପାଳି କେବେ?

**ନିଶ୍ଚିନ୍ତକୋଇଲି,୩।୩ (ସଂଚାର ବ୍ୟୁରୋ):** ମାହାଙ୍ଗା ନିର୍ବାଚନ ମଣ୍ଡଳୀ ନିଶ୍ଚିନ୍ତକୋଇଲି ବ୍ଲକରେ ପୂର୍ବ ସରକାର ଅମଳରେ ବହୁ ଦୁର୍ନୀତି ହୋଇଥିବା ବେଳେ ଏଥିରେ ବ୍ଲକ ପ୍ରଶାସନର ବହୁ ଅଧିକାରୀ ଠାରୁ ରାଜନେତା ପର୍ଯ୍ୟନ୍ତ ସ୍ଲିଷ୍ଟ ଥିବା ଜଣା ପଡ଼ିଥିବା ବେଳେ ତିନି ମାସ ତଳେ ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ପକ୍ଷରୁ ନେମାଳ ଗ୍ରାମପଞ୍ଚାୟତରେ ଏକ ପ୍ରକଳ୍ପରେ କୌଣସି କାର୍ଯ୍ୟ ନହୋଇ ବିଲ୍ ହୋଇଯିବା ଘଟଣାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ପ୍ରସାର ହେବା ପରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ବିଜୟ କୁମାର ସେଠୀଙ୍କୁ କଟକ ଜିଲ୍ଲା ଡିଆରଡିଏ ନିଲମ୍ବିତ କରିଥିଲେ।





ଘଟଣାଟି ଦୀର୍ଘମାସ ବିତି ଯାଇଥିଲେ ମଧ୍ୟ ଏଯାବତ ଉକ୍ତ କାର୍ଯ୍ୟଦେଶରେ ମୁଖ୍ୟ ସହକାରୀ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର ଓ ବିଡିଓ ବିରଞ୍ଚି ନାରାୟଣ ବେହେରାଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଯେଉଁ ପ୍ରକଳ୍ପକୁ କୌଣସି କାର୍ଯ୍ୟ ନକରି କନିଷ୍ଠ ଯନ୍ତ୍ରୀ ଶ୍ରୀ ସେଠୀ ନିଲମ୍ବିତ ହୋଇଥିଲେ ସେହି କାର୍ଯ୍ୟକୁ ଚେକ ମେଜରମେଣ୍ଟ କରିଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର ଏବଂ କାର୍ଯ୍ୟକୁ ତଦାରଖ ନକରି ବିଲ ପାସ କରିଥିବା ତତ୍କାଳୀନ ବିଡ଼ିଓ କାହିଁକି ନିଲମ୍ବିତ ନହେଲେ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋରଧରିଛି। କନିଷ୍ଠ ଯନ୍ତ୍ରୀ ବିଜୟ କୁମାର ସେଠୀଙ୍କୁ ନିଲମ୍ବିତ କରି ଜିଲ୍ଲା ପ୍ରସାସନ ଚୁପ୍ ରହିଥିବା ବେଳେ ତତ୍କାଳୀନ ବିଡ଼ିଓ ବିରଞ୍ଚି ନାରାୟଣ ବେହେରାଙ୍କ ଅନ୍ୟତ୍ର ବଦଳି ହୋଇଯାଇଛି। କିନ୍ତୁ ସହକାରୀ ନିର୍ବାହୀ ଯନ୍ତ୍ରୀ ନଳିନିକାନ୍ତ ମହାପାତ୍ର ଏବେବି ନିଶ୍ଚନ୍ତକୋଇଲି ବ୍ଲକରେ କାର୍ଯ୍ୟରତ ଅଛନ୍ତି।

ତେବେ ସାଧାରଣରେ ପ୍ରଶ୍ନ ଉଠେକି କାର୍ଯ୍ୟ ନକରି ମିଛ ବିଲ୍ କରାଇବା ପଛରେ ମୁଖ୍ୟ ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ମହାପାତ୍ର ବିରୋଧରେ ଜିଲ୍ଲା ପ୍ରସାସନ କାହିଁକି ଓ କେଉଁ କାରଣରୁ ଚୁପ୍ ବସିବା ସହିତ ତାଙ୍କୁ ଏଯାବତ୍ ନିଶ୍ଚିନ୍ତକୋଇଲି ବ୍ଲକରେ କାର୍ଯ୍ୟ କରିବାକୁ ସୁଯୋଗ ଦେଇ ଚାଲିଛନ୍ତି। ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଥିବା ବେଳେ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ମହାପାତ୍ରଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ ସମେତ ମାହାଙ୍ଗା ଓ କଟକ ସଦରର ଦୁଇ ବିଧାୟକ ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ ଦେଇ ତାଙ୍କୁ ନିଲମ୍ବିତ କରାଇବା ସହ ଦୁର୍ନୀତିରେ ଲିପ୍ତ ଥିଲେ ତୁରନ୍ତ ଗିରଫ କରାଇବା ଭଳି ପଦକ୍ଷପ ନେବାକୁ ସାଧାରଣରେ ଦାବୀ ଜୋର୍ ଧରିଛି।

### ମିଳିତ ଅଭିଯୋଗ ଶୁଣାଣି ଶିବିର

# ସମୁଦାୟ ୧୯୮ ଅଭିଯୋଗ ମଧ୍ୟରୁ ୨୧ଟି ସାମୂହିକ ଏବଂ ୧୭୭ଟି ବ୍ୟକ୍ତିଗତ

**କେନ୍ଦ୍ରାପଡା,୩।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ମୁନିସିପାଲିଟି ଟାଉନ୍‌ହଲ୍‌ଠାରେ ସୋମବାର ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନ ସମୟରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଉପ-ଜିଲ୍ଲାପାଳ ଅରୁଣ କୁମାର ନାୟକ, କେନ୍ଦ୍ରାପଡା ବିଡିଓ ଅଭିଷେକ ସ୍ୱାଇଁ, କେନ୍ଦ୍ରାପଡ଼ା ତହସିଲଦାର ତାପସ କୁମାର ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା ପ୍ରମୋଦ କୁମାର ପ୍ରହରାଜ, ସହକାରୀ ଜିଲ୍ଲାପାଳ ଶାନ୍ତିଲତା ବୁଡ଼ିଆଲ, କେନ୍ଦ୍ରାପଡା ପୌରପରିଷଦର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଂଟ୍‌ର ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ ।

ଏହି ଅଭିଯୋଗ ଶୁଣାଣିରେ ମୋଟ୍ ୧୯୮ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ସେଥି ମଧ୍ୟରୁ ୨୧ ଗୋଟି ସାମୁହିକ ଏବଂ ୧୭୭ ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା । ଚିକିତ୍ସା ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ୧.୫୮ ଲକ୍ଷ ଟଙ୍କା ୨୧ ଜଣ ଆବେଦନକାରୀଙ୍କୁ ଦେବା ପାଇଁ ଜିଲ୍ଲାପାଳ ମଞ୍ଜୁର କରିଥିବା ବେଳେ ରେଡ୍‌କ୍ରସ୍ ପାଣ୍ଠିରୁ ୧ ଜଣଙ୍କୁ ଚିକିତ୍ସା ସହାୟତା ବାବଦରେ ମୋଟ ୩୦୦୦ ଟଙ୍କାର ଚେକ୍ ପ୍ରଦାନ ପାଇଁ ମଞ୍ଜୁର କରିଛନ୍ତି । ସମସ୍ତ ଅଭିଯୋଗର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାନୀୟ ଜଳ ଯୋଗାଣ, ଚିକିତ୍ସା ପାଇଁ ଆର୍ଥିକ ସହାୟତା, ନୂତନ ରାସନ୍‌କାର୍ଡ଼ ପ୍ରଦାନ, ଅନ୍ତୋଦୟ ଯୋଜନାରେ ନାମ ସାମିଲ କରିବା, ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ, ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା, ଜମି ସମସ୍ୟା ଓ ପୋଲିସ ସମସ୍ୟା ଆବେଦନ ପତ୍ର ଆଦି ଦରଖାସ୍ତଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା । ସେହିପରି ସାମୂହିକ ଅଭିଯୋଗ ମଧ୍ୟରେ ଫ୍ଲାୟ ଓଭର ନିର୍ମାଣ, ବିଦ୍ୟୁତ ଯୋଗାଣ, ରାସ୍ତା ନିର୍ମାଣ, ରାସ୍ତା ପ୍ରଶସ୍ତିକରଣ, ପାନୀୟ ଜଳ ଯୋଗାଣ, ବେଆଇନ ଭାବେ ଅଧିକୃତ ସରକାରୀ ଜମି ଉଚ୍ଛେଦ ଆଦି ଅଭିଯୋଗଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା । ଏଗୁଡ଼ିକର ତୁରନ୍ତ ଫଇସଲା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

# ପରୀକ୍ଷା ପର୍ବରେ ବାଧକ ଅପେରା ପରିବେଷଣ

**ରାଜକନିକା,୩।୩ (ସଂଚାର ବ୍ୟୁରୋ):** ଗାଁ ଗାଁରେ ଅପେରା ପରିବେଷଣ କରି କମିଟି ମାଲାମାଲ ହେବା ଏକ ମାନିଆରେ ପରିଣତ ହୋଇଛି । ପିଲାମାନଙ୍କ ପାଠପଢ଼ା ପଛେ ଚୁଲିକୁ ଯାଉ ସେଥିପ୍ରତି ଯେମିତି କାହାର ନିଘା ନାହିଁ । ଗତ କିଛିଦିନ ହେବ ପର୍ବପର୍ବାଣୀ ଆଳରେ ରାଜକନିକାର ବିଭିନ୍ନ ଅନୁଷ୍ଠାନମାନଙ୍କ ଦ୍ୱାରା ଅପେରା ସୋ ପରିବେଷଣ କରାଯାଉଛି। ଆଜିର ଛାତ୍ରୀଛାତ୍ର ଆସନ୍ତାକାଲିର ଭବିଷ୍ୟତ ବୋଲି ଆମ ସମସ୍ତଙ୍କର ଉତ୍ତରପିଢ଼ିଙ୍କ ପାଇଁ ଉତ୍ତରଦାୟିତ୍ୱ ରହିବାର ଆବଶ୍ୟକତା ଅଛି । ଗତ ଫେବୃୟାରୀ ୧୮ରୁ ଯୁକ୍ତ ୨ କଳା, ବିଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ, ଫେବୃଆରୀ ୨୧ ରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି । ସେହିପରି ଯୁକ୍ତ ୩ର ପରୀକ୍ଷା ଚାଲିଛି । ଏପରି ସ୍ଥିତିରେ ଛାତ୍ରୀ ଛାତ୍ରଙ୍କ ପରୀକ୍ଷା ସମୟରେ ପର୍ବପର୍ବାଣୀକୁ ଉତ୍ସବମୁଖର କରିବା ଆଳରେ ପିଲାମାନଙ୍କ ଭବିଷ୍ୟତ ଅନ୍ଧରକୁ ଠେଲିଦେବା ନେଇ ଅଭିଭାବକଙ୍କ ମହଲରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ହେଉ ବା ବ୍ଲକ ପ୍ରଶାସନକୁ କେତେକାଂଶରେ ଦାୟୀ କରିଛନ୍ତି ଅଭିଭାବକ ମହଲ । ପରୀକ୍ଷା ଚାଲିଥିବା ସମୟରେ ପରୀକ୍ଷା କେନ୍ଦ୍ର ନିକଟ ଦେଇ ଯାଉଥିବା ଅପେରା ପ୍ରଚାର ଉଚ୍ଚ ସ୍ୱରରେ ପ୍ରଚାର କରିବା ଭଳି ଘଟଣା ଅଭିଭାବକ ମାନଙ୍କୁ ବ୍ୟଥିତ କରିଛି । ନାମ ଗୋପନ ରଖି କିଛି ଅଭିଭାବକ କହିଛନ୍ତି ସମାଜ ଗଢ଼ିବାରେ ଲୋକମାନଙ୍କର ଯେତିକି ଦାୟିତ୍ୱ ଅଛି, ପ୍ରଶାସନର ମଧ୍ୟ ଅନୁରୂପ ଦାୟିତ୍ୱ ଅଛି। ଯଦି ଅପେରା ସୋ ପାଇଁ ପ୍ରଶାସନ ସ୍ତରରେ ଅନୁମତି ନ ମିଳନ୍ତା, କେମିତି ଅପେରା ସୋ ଆୟୋଜନ ହୋଇପାରନ୍ତା ବୋଲି ପ୍ରଶ୍ନ କରିଛନ୍ତି । ତେବେ ପିଲାମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ କରିବାକୁ ଆମ ସମସ୍ତଙ୍କର ଉତ୍ତର ଦାୟିତ୍ୱ ଅଛି ବୋଲି ଭାବି ଏଥିପ୍ରତି ପ୍ରଶାସନିକ ସ୍ତରରେ ଦୃଷ୍ଟି ଦେବାକୁ ଅଭିଭାବକ ମହଲରେ ଦାବି ହୋଇଛି ।

### ଓଳକଣା ମେଳଣ ପ୍ରସ୍ତୁତି ବୈଠକରେ ପୁଲିସର ବ୍ରିଟିଶ ଠାଣି

# ମଠ ମହନ୍ତ ଓ ମନ୍ଦିର କାର୍ଯ୍ୟକର୍ତ୍ତା ତଳେ ବସିଲେ, ବିଭିନ୍ନ ମହଲରେ ନିନ୍ଦା



**ମାହାଙ୍ଗା,୩।୩ (ସଂଚାର ବ୍ୟୁରୋ):** ଆସନ୍ତା ଫାଲଗୁନ ଶୁକ୍ଳ ଚତୁର୍ଦ୍ଦଶୀ ଫେବୃଆରୀ ୧୩ ତାରିଖ ଗୁରୁବାର ଅନୁଷ୍ଠିତ ହେବାକୁ ଯାଉଥିବାପୁରାଣ ପ୍ରସିଦ୍ଧ ଓଳକଣା ମେଳଣ କିପରି ଶାନ୍ତି ଶୃଂଖଳାର ସହିତ ପରିଚାଳିତ ହେବ ସେଥିପାଇଁ ଓଳକଣା ମେଳଣ ଠାକୁର ବାଡିଆ ସତ୍ତ୍ୱାଧିକାରୀ ମୁଖ୍ୟ ସମନ୍ୱୟ କମିଟି ଏବଂ ପ୍ରଶାସନିକ ଅଧିକାରୀ ମାନଙ୍କ ପ୍ରାକ୍ ପ୍ରସ୍ତୁତି ବୈଠକ ବିଦୂରଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ଠାକୁର ବାଡିଆ, କେନ୍ଦ୍ରାପଡ଼ା ଓ ସାଲେପୁର ଏସଡିପିଓ ଭଦ୍ରେଶ୍ୱର ଓ ଡେରାବିଶ ଥାନାଧିକାରୀ, ଡେରାବିଶ ମଣ୍ଡଳ ଉନ୍ନୟନ ଅଧିକାରିଣୀ, ସ୍ଥାନୀୟ ଭଦ୍ର ବ୍ୟକ୍ତିଗଣ, ଏଣ୍ଡର ଓ ହଳଦିଆ ପଞ୍ଚାୟତର ସରପଞ୍ଚ ଯୋଗଦେଇ ମେଳଣ ପରିଚାଳନା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ସର୍ବ ସମ୍ମତି ପ୍ରସ୍ତାବମାନ ଗ୍ରହଣ କରାଯାଇଛି। ଡିଜେର ପ୍ରଚଣ୍ଡ ଶବ୍ଦ ଦ୍ୱାରା ଶବ୍ଦ ପ୍ରଦୂଷଣ ଏବଂ ବୟସ୍କ ବ୍ୟକ୍ତି, ଶିଶୁ ମାନଙ୍କ ଜୀବନ ପ୍ରତି

### ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି

ବିପଦ ଥିବା ଯୋଗୁଁ ବିମାନ ସଙ୍ଗେ ମେଳଣକୁ ଡିଜେ ବାଜାକୁ ନ ଆଣିବା ପାଇଁ ପରାମର୍ଶ ଦିଆଯାଇ ସମ୍ପୂର୍ଣ୍ଣ ବାରଣ କରାଯାଇଛି।

ଏକ ଧାର୍ମିକ ଏବଂ ଆଧ୍ୟାତ୍ମିକତା କାର୍ଯ୍ୟକ୍ରମର ପ୍ରସ୍ତୁତି ପାଇଁ ମହାପୁରୁଷଙ୍କ ମନ୍ଦିର ବେଢ଼ାରେ ଆଲୋଚନା ହେଉଥିବା ବେଳେ ପୁଲିସ ପ୍ରଶାସନିକ ଅଧିକାରୀମାନେ ଚେୟାରରେ ବସି ଥିବାବେଳେ ଠାକୁରବାଡିର ପ୍ରତିନିଧିମାନେ ତଳେ ବସିଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି ଘଟଣାକୁ ନେଇ ଓଡିଶା ପୁଲିସର ବ୍ରିଟିଶ ଠାଣିକୁ ସବୁ ମହଲରେ ନାପସନ୍ଦ କରାଯାଇଛି। ବିଭିନ୍ନ ମହଲରେ ନିନ୍ଦା ପ୍ରକାଶ ପାଇଥିବା ବେଳେ ଏହାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

# ବୈତରଣୀରୁ ଅଲିଭ ରିଡଲେ ଉଦ୍ଧାର



**ରାଜନଗର,୩।୩ (ସଂଚାର ବ୍ୟୁରୋ):** ବୈତରଣୀ ନଦୀରୁ ଆଜି ବିରଳ ସାମୁଦ୍ରିକ କଇଁଛ ଅଲିଭରିଡଲେକୁ ଉଦ୍ଧାର କରାଯାଇଛି। ଉଦ୍ଧାର କଇଁଛକୁ ବାବୁବାଲି ନିକଟରେ ସମୁଦ୍ରରେ ଛାଡି ଦିଆଯାଇଛି। ସୂଚନା ମୁତାବକ ବିରଳ ସାମୁଦ୍ରିକ କଇଁଛ ଅଲିଭରିଡଲେ ଭିତରକନିକ ନିକଟରେ ପ୍ରବାହିତ ବୈତରଣୀ ନଦୀର ଜୁଆରରେ ପଳାଇ ଆସି ନଳିତାପାଟିଆ ପାଳରେ ଚାଲୁଥିବା ଲୋକେ ଦେଖିଥିଲେ। ଏ ନେଇ ବନ ବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ଡିଏଫଓଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଡିଏଫଓ ସୁଦର୍ଶନ ଗୋପୀନାଥ ଯାଦବଙ୍କ ନିର୍ଦ୍ଦେଶ କ୍ରମେ ଉଦ୍ଧାର ଅଲିଭରିଡଲେ କଇଁଛ କୁ ବାବୁବାଲି ନିକଟ ସମୁଦ୍ରରେ ଛାଡି ଦିଆଯାଇଛି।

# ଗହୀରମଥାରୁ ଟ୍ରଲର ଜବତ, ୧୦ ମତ୍ସ୍ୟଜୀବୀ ଗିରଫ



**ରାଜନଗର,୩।୩ (ସଂଚାର ବ୍ୟୁରୋ):** ବିରଳ ଅଲିଭରିଡଲେ କଇଁଛଙ୍କ ଏକ୍ତୁଡିଶାଳ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧାଅଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ ଗୋଟିଏ ଟ୍ରଲର ଜବତ କରିବା ସହିତ ଜବତ ଟ୍ରଲରରେ ଥିବା ୧୦ଜଣ ମତ୍ସ୍ୟଜୀବୀକୁ ଗିରଫ କରିଛି। ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ବନ ବିଭାଗର ପାଟ୍ରୋଲିଂ ଟିମ ଗଭୀର ସମୁଦ୍ରରେ ବିରଳ ଅଲିଭରିଡଲେ କଇଁଛଙ୍କୁ ସୁରକ୍ଷା ଦେବା ପାଇଁ ପଇଁତରା ମାରୁଥିବା ବେଳେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ଏକକୁଳା ନିକଟରେ ସୁସ୍ମିତା-୨ ନାମକ ଟ୍ରଲର ବେଆଇନ ଭାବେ ମାଛ ମାରୁଥିବା ଦେଖିଥିଲେ। ସୁସ୍ମିତା-୨ ଟ୍ରଲରକୁ ଗୋଡାଇ ଜବତ କରିବା ସହିତ ଜବତ ଟ୍ରଲରରେ ଥିବା ଗୌରହରି ମଣ୍ଡଳ, ଗୁରୁପଦ ଭୂୟାଁ, ସୁଶାନ୍ତ ଗୋଛାୟତ, ଗୁଣନିଧି ମଣ୍ଡଳ, ନିଶିକାନ୍ତ ମଣ୍ଡଳ, ଦୀପକ ଢାଲି, ଅଶିନୀ ମଣ୍ଡଳ, ପ୍ରଦୀପ ମଣ୍ଡଳ, ସତ୍ୟବ୍ରତ ମଣ୍ଡଳ, ଅଚିନ୍ତ କଳା ପ୍ରମୁଖ ୧୦ ଜଣଙ୍କୁ ଗିରଫ କରିଥିଲେ। ଜବତ ଟ୍ରଲରରୁ ୨୫ କୁଇଣ୍ଟାଲ ମାଛ, ୧ଟି ଜିପିଏସ, ୩ଟି ଭିଏଚଏଫ, ୧ଟି ଫିସଫାଇଣ୍ଡର, ୧୫ଟି ଜାଲ ଓ ଦୁଇଟି ମୋବାଇଲ ଜବତ କରାଯାଇଛି। ଗିରଫ ମତ୍ସ୍ୟଜୀବୀଙ୍କୁ ବନ୍ୟପ୍ରାଣୀ ଆଇନ ୧୯୭୨ରେ ମୋକଦମା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ମତ୍ସ୍ୟଜୀବମାନେ କେନ୍ଦ୍ରାପଡା ଜିଲ୍ଲା ତାଳଚୁଆ ମେରାଇନ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି।

# ମହଙ୍ଗା ପଡ଼ିଲା ଧାନ କିଣାରେ ଅନିୟମିତତା

### ସମ୍ପାଦକଙ୍କୁ ବଦଳି ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

### ଏତଲା ଦେବାକୁ ନୋଡାଲ ଅଫିସରଙ୍କୁ ସୁପାରିଶ

**ମହାକାଳପଡ଼ା,୩।୩ (ସଂଚାର ବ୍ୟୁରୋ):** ରଡିଆ ପ୍ରାଥମିକ ସେବା ସମବାୟ ସମିତିର ସମ୍ପାଦକ ସୁରେଶ ଚନ୍ଦ୍ର ରାଉତଙ୍କୁ ଚାଷୀମାନଙ୍କ ଧାନ କିଣାରେ ଅନିୟମିତତା କରିବା ମହଙ୍ଗା ପଡିଛି। ଚାଷୀମାନଙ୍କ ଅଭିଯୋଗ ଆଧାରରେ ଅନିୟମିତତା ହୋଇଥିବା ଅଧିକାରୀଙ୍କ ରିପୋର୍ଟ ପରେ ସମ୍ପାଦକଙ୍କୁ ନିଲମ୍ବନ କରିବାକୁ ଜିଲ୍ଲାପାଳ ସୋସାଇଟିର ସଭାପତି ଓ ପରିଚାଳନା କମିଟିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତତସହିତ ସମବାୟ ନିୟମ କାନୁନ ଉଲଙ୍ଘନ କରି ଚାଷୀଙ୍କ ସ୍ୱାର୍ଥରେ ହାନି ପହଞ୍ଚାଇଥିବାରୁ ତାଙ୍କ ନାମରେ ନିକଟସ୍ଥ ଥାନାରେ ଏତଲା ଦେବାକୁ ନୋଡାଲ ଅଫିସରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।



କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ରଡିଆ ସେବା ସମବାୟ ସମିତି ସମ୍ପାଦକ ସେବା ଯୋଗାଇବାକୁ ମୋଟା ଅଙ୍କର ଦରମା ନେଉଥିବା ସୁରେଶ ଚାଷୀମାନଙ୍କୁ ଅସହଯୋଗ କରୁଥିଲେ। ଯେଉଁଥିପାଇଁ ଚାଷୀମାନଙ୍କୁ ବେଶ୍ ସମସ୍ୟା ଭୋଗିବାକୁ ପଡୁଥିଲା। ଚଳିତ ବର୍ଷ ଧାନ କିଣିବା ପାଇଁ ସରକାରଙ୍କ ତରଫରୁ ସେବା ସମବାୟ ସମିତିକୁ ୮୭୫୦ କୁଇଣ୍ଟାଲ ଟାର୍ଗେଟ ଆସିଥିଲା। ହେଲେ ସେବା ସମବାୟ ସମିତିର ସମ୍ପାଦକଙ୍କ ମନମାନି ପାଇଁ ଅସାଧୁ ଉପାୟରେ ଅଯୋଗ୍ୟ ଚାଷୀଙ୍କୁ କାଗଜ କଲମରେ ଧାନ କିଣାଇ ଟାର୍ଗେଟ ପୂରଣ କରାଯାଇଛି ବୋଲି ଚାଷୀମାନେ ଅଭିଯୋଗ ଆଣିଥିଲେ। ଧାନକିଣା ତଥ୍ୟରେ ମିଛ ଚାଷୀ ଓ ମିଛ ପ୍ରମାଣପତ୍ର ଦେଇ କାଗଜ କଲମରେ ହଜାର ହଜାର କୁଇଣ୍ଟାଲ ଧାନ କିଣାଯିବା ଭଳି ସଙ୍ଗିନୀ ଅଭିଯୋଗ ମଧ୍ୟ ସମ୍ପାଦକଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। କିଛି ଚାଷୀଙ୍କ ଟୋକନ ଅବଧି ଶେଷ ହେବା ସତ୍ତ୍ୱେ ମଧ୍ୟ ଧାନ ଉଠୁନଥିଲା। ଯାହାକୁ ବିରୋଧ କରି ଚାଷୀମାନେ ସୋମବାର ଦିନ ସୋସାଇଟି ବାହାରେ ନାରାବାଜି କରିଥିଲେ।

ଏନେଇ ସୂଚନା ପାଇ ଉଚ୍ଚ ଅଧିକାରୀମାନେ ସେବା ସମବାୟ ସମିତିରେ ପହଞ୍ଚି ଚାଷୀମାନଙ୍କ ପାଖରୁ ଅଭିଯୋଗ ଗ୍ରହଣ କରିବା ସହିତ ବ୍ୟବସ୍ଥାରେ ସୁଧାର ଆଣିବାକୁ ପ୍ରତିଶ୍ରୁତି ଦେଇଥିଲେ। ସମ୍ପାଦକ ସୁରେଶ ଚନ୍ଦ୍ର ରାଉତ ଧାନ କିଣାରେ ବ୍ୟାପକ ଅନିୟମିତତା, ପରିଚାଳନା ତ୍ରୁଟି କରିଥିବା ତଥ୍ୟ ମିଳିବା ପରେ ଘଟଣାକୁ ଗୁରୁତର ସହ ନେଇଛନ୍ତି ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ହୋଇଥିବା ଚିଠି ନମ୍ବର ୮୦୬ରେ ଓଡ଼ିଶା କର୍ପୋରେଟିଭ ସୋସାଇଟି ଓ ରେଜିଷ୍ଟର କର୍ପୋରେଟିଭ ସୋସାଇଟି ନିୟମ ଉଲଙ୍ଘନ କରିଥିବା ଦର୍ଶାଇ ତାଙ୍କୁ ତୁରନ୍ତ ନିଲମ୍ବନ କରିବାକୁ ସମବାୟ ସମିତି ସଭାପତି ଓ ପରିଚାଳନା କମିଟିଙ୍କୁ ଚିଠି କରିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲାପାଳ। ଏଥିସହିତ ନିକଟସ୍ଥ ଥାନାରେ ସୁରେଶଙ୍କ ନାମରେ ଏତଲା ଦେବାକୁ ସୋସାଇଟିର ନୋଡାଲ ଅଫିସରଙ୍କୁ ଚିଠିରେ ଉଲ୍ଲେଖ କରାଯାଇଛି।



# ମଣ୍ଡିରେ ଧାନ ବିକିପାରୁ ନାହାନ୍ତି ଚାଷୀ

**କେନ୍ଦ୍ରାପଡ଼ା,୩।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା କୋରୋ ମଣ୍ଡିରେ ପଞ୍ଜିକୃତ ଚାଷୀମାନେ ସେମାନଙ୍କର ଧାନ ବିକ୍ରି କରିପାରୁ ନଥିବା ଅତିରିକ୍ତ ଉପ ଜିଲ୍ଲାପାଳ ଅଶୋକ କୁମାର ଦାସଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ପ୍ରାୟ ମଣ୍ଡିରେ ଶତାଧିକ ଚାଷୀ ପ୍ରତିବର୍ଷ ଏହି ମଣ୍ଡିରେ ଧାନ ବିକ୍ରି କରି ଆସୁଛନ୍ତି। କିନ୍ତୁ ଚଳିତ ବର୍ଷ ଏମାନେ ଟୋକାନ ପାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଧାନ ଦେଇପାରି ନଥିବାରୁ ଏହି ଚାଷୀମାନେ ନିରାଶ ହୋଇ ଯାଇଛନ୍ତି । ଚାଷୀମାନେ ବାରମ୍ବାର ମଣ୍ଡିକୁ ଗଲେ ମଧ୍ୟ ମଣ୍ଡି ସଂପାଦକ ଟାର୍ଗେଟ ନଥିବାରୁ ଧାନ ବିକ୍ରି କରାଯାଇ ପାରିବ ନାହିଁ ବୋଲି କହିବାରୁ ଏହି ଚାଷୀମାନେ ଅତିରିକ୍ତ ଉପ ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ ସେମାନଙ୍କ ଧାନ ସେଠାରେ ବିକ୍ରି କରେଇବା ପାଇଁ ନିର୍ଦ୍ଦେଶ ଦେବାକୁ ଲିଖିତ ଦାବି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ବସନ୍ତ କୁମାର ଜେନା, ସୁବ୍ରତ କୁମାର ସାମଲ, ନୃସିଂହ ଚରଣ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା

# ଜବତ ହେଲା ୫ ବାଲି ବୋଝେଇ ହାଇୱା

**୨ଲକ୍ଷ ୮୭ ହଜାର ଟଙ୍କା ଜରିମାନା**



**କେନ୍ଦ୍ରାପଡ଼ା,୩।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ଗହଳିପୂର୍ଣ୍ଣ ସ୍ଥାନରେ ବାରମ୍ବାର ଭାରିଯାନ ଚଳାଚଳ ଯୋଗୁଁ ଦୁର୍ଘଟଣା ଜନିତ ମୃତ୍ୟୁ ହେବାପରେ ଜିଲ୍ଲା ପ୍ରଶାସନ କଟକଣା ଲାଗୁ କରିଛନ୍ତି । କିନ୍ତୁ ଜିଲ୍ଲାପାଳ ଜାରିକରିଥିବା ନିର୍ଦ୍ଦେଶ ନାମରେ ଉଲ୍ଲେଖ ଥିଲା ଯେ ସକାଳ ୭ରୁ ରାତ୍ର ୯ଟା ପର୍ଯ୍ୟନ୍ତ କୌଣସି ଭାରିଯାନ ଚଳାଚଳ କରିପାରିବ ନାହିଁ । ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନ ଫେବୃଆରୀ ୨୫ରୁ ମାର୍ଚ୍ଚ ୨୪ ତାରିଖ ପର୍ଯ୍ୟନ୍ତ କଟକଣା ଜାରି କରିଛନ୍ତି । ଏହି ନିର୍ଦ୍ଦେଶକୁ କିଛି ଗାଡ଼ି ଏହାକୁ ବେଖାତିର କରୁଛନ୍ତି ।ଯାହା ଫଳରେ ସୋମବାର ବାଲି ଗୋଡି ନେଇ ଯାଉଥିବା ୫ଟି ହାଇୱାକୁ ସାନ୍ତସାହି ପୋଲ ନିକଟରୁ ଜବତ କରାଯାଇଛି । ଜିଲ୍ଲା ପରିବହନ ଅଧିକାରୀ ଧିରେନ ନାୟକ ଓ ଟାଉନ ଥାନା ଅଧିକାରୀ ଦିଲିପ କୁମାର ସାହୁ ସୋମବାର ଦିନ ବାଲି ବୋଝେଇ ଟ୍ରକ ସହର ଭିତରକୁ ପ୍ରବେଶ କରୁଥିବାର ଜାଣିପାରି ୫ଗୋଟି ହାଇୱାକୁ ଜବତ କରି ୨ଲକ୍ଷ ୮୭ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି । ପ୍ରକାଶ ଥାଉକି ଭାରିଯାନ ସହରକୁ ପ୍ରବେଶ ଦ୍ୱାରା ଦୁର୍ଘଟଣା ଘଟି ବହୁ ଜୀବନ ହାନୀ ଘଟୁଥିବା ଓ ଟ୍ରାଫିକ ସମସ୍ୟା ଯୋଗୁ ଜିଲ୍ଲପାଳ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି ।

# ସଡ଼କ ଦୁର୍ଘଟଣାରେ ଯୁବକ ମୃତ

**ରାଜନଗର,୩।୩ (ସଂଚାର ବ୍ୟୁରୋ):** ରାଜନଗର ଗାଁର ପର୍ଶୁରାମ ମଳିକଙ୍କର ଗତକାଲି ରାତିରେ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୩୫ ବର୍ଷ ହୋଇଥିଲା। ଗତକାଲି ରାଜନଗର ଗାଁରେ ବିବାହ ଭୋଜି ପରେ ବିଳମ୍ବିତ ରାତ୍ରିରେ ମୋଟର ସାଇକେଲ ଯୋଗେ ମହୁଲିଆ ପଂଚାୟତ ରାଜଗଡ଼ ଗାଁରେ ଚାଲିଥିବା ଯାତ୍ରା ଦେଖିବାକୁ ଯାଇଥିଲେ। ଯିବା ବେଳେ ବାଘତେଁଲା ମଶାଣି ନିକଟରେ ତାଙ୍କ ମୋଟର ସାଇକେଲ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ମୋଟର ସାଇକେଲ ଗୋଟିଏ ସ୍ଥାନରେ ପଡ଼ିଥିବା ବେଳେ ରାସ୍ତା ତଳକୁ ପର୍ଶୁରାମ ଛିଟିକି ପଡ଼ିଥିଲେ। ମୁଣ୍ଡ ଓ ମୁହଁରେ ଗୁରୁତର ଆଘାତ ଲାଗିଥିଲା। ରାତିରେ ଏହି ଦୁର୍ଘଟଣା ଘଟିଥିବାରୁ କେହି ଏ ସମ୍ପର୍କରେ ଜାଣିପାରିନଥିଲେ। ସକାଳେ ଲୋକ ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେବା ସହ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ରାଜନଗରରେ ଶୋକର ଛାୟା ଖେଳାଇଦେଇଛି। ପର୍ଶୁରାମ ପ୍ରାଇଭେଟ ଗାଡି ଚଳାଇ ପରିବାର ପ୍ରତି ପୋଷଣ କରନ୍ତି। ତାଙ୍କର ଦୁଇ ଝିଅ ଓ ଗୋଟିଏ ପୁଅ ଅଛନ୍ତି, ବଡ ଝିଅର ବୟସ ୧୦ ବର୍ଷ।



# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃ ସମ୍ମିଳନୀ ଓ ବାର୍ଷିକ ଉତ୍ସବ

**ଗରଦପୁର,୩।୩ (ସଂଚାର ବ୍ୟୁରୋ):** ଗରଦପୁର ବ୍ଲକ ଅଧିନ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ହରିଦାସପୁର ଠାରେ ଶନିବାର ଦିନ ମାତୃସମ୍ମିଳନି ଓ ବାର୍ଷିକ ଉତ୍ସବ ମହା ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ନିମନ୍ତ୍ରିତ ଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଗରଦପୁର ବ୍ଲକ୍ ଶିକ୍ଷା ଅଧିକାରୀ ମନୋରଞ୍ଜନ ପଟ୍ଟନାୟକ ଏବଂ ଗତିକୃଷ୍ଣ ଦାସ, ପଞ୍ଚାୟତ ନାଗଣି ହାଇ ସ୍କୁଲର ବରିଷ୍ଠ ଶିକ୍ଷକ ଦେବେନ୍ଦ୍ର ପଣ୍ଡା, ହରିଦାସପୁର ଶ୍ରୀଜଗନ୍ନାଥ ଆଶ୍ରମର ସନ୍ଥ ବାବା ସାତ୍ୟଭାନୁ ମହାରାଜ। ସଭା କାର୍ଯ୍ୟ ଆରମ୍ଭ ପୂର୍ବରୁ ନିମନ୍ତ୍ରିତ ଅତିଥିମାନେ ବେଦ ମନ୍ତ୍ର ପଠନ ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅତିଥି ମାନଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ପ୍ରଦାନ କରିସାରିବା ପରେ ଆରମ୍ଭ ହୋଇଥିଲା ମାତୃ ସମ୍ମିଳନି ଓ ବାର୍ଷିକ ଉତ୍ସବ। ଅତିଥି ଦେବେନ୍ଦ୍ର ପଣ୍ଡା ୨୦୨୦ ମସିହା ର ଶିକ୍ଷାନୀତିକୁ ଗ୍ରହଣ କରିବା ସହ ପିଲାଙ୍କୁ ମୋବାଇଲ ଠାରୁ ଦୂରରେ ରଖି ପିଲାଙ୍କ ପ୍ରତି ଯତ୍ନବାନ ହେବାପାଇଁ ଉପଦେଶ ଦେଇଥିଲେ । ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ପଟ୍ଟନାୟକ ବକ୍ତବ୍ୟରେ ଚାରୋଟି କଥା ମାନିବାକୁ କହିଥିଲେ ଯେ ନାରୀଙ୍କୁ ସମ୍ମାନ ଜଣେଇବା, ଠିକ୍ ଭୋକ ସମୟରେ ଖାଦ୍ୟ ପେୟ କରିବା,ବ୍ରହ୍ମ ମୁହୂର୍ତ୍ତରୁ ଉଠି ପରିଶ୍ରମ କରିବା ପାଇଁ ପିଲାମାନଙ୍କୁ ଉପଦେଶ ଦେଇଥିଲେ। ମାଆ ପିଲାଙ୍କୁ ମଣିଷ କରିବାରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବହନ କରିଥାଆନ୍ତି ତେଣୁ ମାଆ ମାନେ ହିଁ ପିଲାଙ୍କ ପ୍ରତି ଯତ୍ନବାନ ହେବା ସହ ଉତ୍ତମ ସଂସ୍କାର ଶିକ୍ଷା ଦେବା ନିହାତି ଜରୁରୀ ବୋଲି ଅନ୍ୟତମ ସମ୍ମାନିତ ଅତିଥି ଶିକ୍ଷା ଅଧିକାରୀ ଗତିକୃଷ୍ଣ ଦାସ ନିଜ ବକ୍ତବ୍ୟରେ କହିଥିଲେ। ବାବା ସତ୍ୟଭାନୁ ଅଭିଭାବକ ମାନଙ୍କୁ ଏବଂ ପିଲାମାନଙ୍କୁ ଗୀତା, ଭାଗବତ ପଢ଼ିବା ସହ ଆଧ୍ୟାତ୍ମିକତା ଜ୍ଞାନ ଗ୍ରହଣ କରିବା ପାଇଁ ଉପଦେଶ ଦେଇଥିଲେ । କାର୍ଯ୍ୟକ୍ରମର ଶେଷରେ ଓଡ଼ିଶୀ,ଦେଶାତ୍ମକ, ଭକ୍ତିଭରା ଭଜନରେ ଛାତ୍ର ଛାତ୍ରୀମାନେ ନୃତ୍ୟ ପରିବେଷଣ କରିବା ସହ ଏକକ ଅଭିନୟ କରି ସଭିଙ୍କ ସମ୍ମୁଖରେ ମୁଖ୍ୟ ଆକର୍ଷଣ ହୋଇଥିଲେ।



### ଛାତ୍ରୀ ମୃତ୍ୟୁ ଘଟଣା

# ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେଲା ଉତ୍କଳମଣି ଯୁବକ ସଂଘ

**କେନ୍ଦ୍ରାପଡ଼ା,୩।୩ (ସଂଚାର ବ୍ୟୁରୋ):** ଅଧ୍ୟାପକଙ୍କର ଅସଦାଚରଣ ପାଇଁ ଜଣେ ଯୁକ୍ତ ୨ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଏନେଇ ଘଟଣାକୁ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି ଉତ୍କଳମଣି ଯୁବକ ସଂଘ। ପରିବାରକୁ ୧୦ ଲକ୍ଷ କ୍ଷତିପୂରଣ ସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଙ୍ଘ ତରଫରୁ ଦାବି କରାଯାଇଛି। କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଗ୍ରାମୀଣ ଥାନା ଅନ୍ତର୍ଗତ ମୂଳଗାଇଁ ଗ୍ରାମର ଲକ୍ଷ୍ମିପ୍ରିୟା ନାୟକଙ୍କ ଝିଅ ସୌମ୍ୟା ସାସ୍ୱତି ନାୟକ ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟରେ ଯୁକ୍ତ ୨ ବାଣିଜ୍ୟ ବିଭାଗର ଛାତ୍ରୀ ଥିଲେ। ଗତ ୧୯ ଫେବୃଆରୀରେ ତାଙ୍କର ଫାଇନାଲ ପରୀକ୍ଷା ଥିଲା। ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବା ପୂର୍ବରୁ କପି ଯାଞ୍ଚ୍ କରିବା ଆଳରେ ପରୀକ୍ଷା ଦାୟିତ୍ୱରେ ଥିବା ଜଣେ ଅଧ୍ୟାପକ ସୌମ୍ୟାଶ୍ରୀଙ୍କ ଶରୀରର ସମ୍ବେଦନଶୀଳ ସ୍ଥାନରେ ହାତ ମାରିଥିଲେ। ଛାତ୍ରୀ ଜଣକ ଏହାକୁ ବିରୋଧ କରିବାରୁ ଅଧ୍ୟାପକ ଜଣଙ୍କ ପରୀକ୍ଷାରେ ଏକ୍ସପେଲ କରିବା ସହ ଘଟଣା ବିଷୟରେ କାହାକୁ ନକହିବାକୁ ତାଗିଦ୍ କରିଥିଲେ। ଏହାକୁ ନେଇ ୨୪ ଫେବୃଆରୀରେ ସୌମ୍ୟାଶ୍ରୀ ଘରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏ ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଉତ୍କଳମଣି ଯୁବକ ସଂଘ ତରଫରୁ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# ଧୂପ ନିଆଁରେ ଜଳିଗଲା ଦୁଇ ବଖରା



**ରାଜନଗର,୩।୩ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ କଣ୍ଡିରା ପଂଚାୟତ ପଦ୍ମନାଭପୁର ଗାଁର ପଂଚାନନ ବିଶ୍ୱାଳଙ୍କ ଘର ଧୂପ ନିଆଁରେ ଜଳି ଯାଇଛି। ଆଜି ସନ୍ଧ୍ୟାରେ ପଂଚାନନଙ୍କ ପତ୍ନୀ ଘରେ ଧୂପ ଦେଇଥିଲେ। ହଟାତ ଘର ଜଳୁଥିବା ଲୋକେ ଦେଖିଥିଲେ। ଗ୍ରାମବାସୀ ନିଆଁ ଲିଭାଇବାକୁ ଉଦ୍ୟମ କରି ମଧ୍ୟ ନିଆଁକୁ ଆୟତ୍ତ କରିପାରିନଥିଲେ। ଅଗ୍ନିଶମ ବାହିନୀ ପହଞ୍ଚିବା ବେଳକୁ ୨ ବଖରା ଘର ପୋଡି ପାଉଁଶ ହେବା ସହିତ ସମସ୍ତ ଆସବାସପତ୍ର ପୋଡି ପାଉଁଶ ହୋଯାଇଛି।

# ଜାଲରେ ଶାର୍କ ମାଛ, ଦାମ୍ ଲକ୍ଷେ



**ବାଲେଶ୍ୱର,୩।୩(ସଂଚାର ବ୍ୟୁରୋ):** ଦୀଘା ନଦୀ ମୁହାଣରେ ଥିବା ମତ୍ସ୍ୟ ସମ୍ପଦ ନିଲାମ କେନ୍ଦ୍ରରେ ମାଛକୁ ବିକ୍ରି କରାଯାଇଥିଲା। ଏକ ଲକ୍ଷ ଟଙ୍କାରେ ମାଛଟିକୁ ବିକ୍ରି କରାଯାଇଥିଲା। ତେବେ ଉକ୍ତ ଶାର୍କଟିକୁ ଦେଖିବା ସକାଶେ ସେଠାରେ ଲୋକଙ୍କ ଭିଡ଼ ଜମିଥିଲା। ଏହି ମାଛ ବିକି ଉକ୍ତ ମତ୍ସ୍ୟଜୀବୀ ଜଣଙ୍କ ଲକ୍ଷପତି ହୋଇଛନ୍ତି। ଓଡ଼ିଶା ସୀମାନ୍ତବର୍ତ୍ତୀ ପଡ଼ୋଶୀ ପଶ୍ଚିମବଙ୍ଗର କାଁଥିର ପେଟୁଆଘାଟ ମତ୍ସ୍ୟ ବନ୍ଦରରେ ଏହି ଶାର୍କ ମାଛଟି ମତ୍ସ୍ୟଜୀବୀଙ୍କ ଜାଲରେ ଧରାପଡ଼ିଛି। ଏହାର ଓଜନ ୨ କ୍ୱିଣ୍ଟାଲ୍‌ରୁ ବି ଅଧିକ ବୋଲି ଜଣାପଡ଼ିଛି। ପଶ୍ଚିମବଙ୍ଗର କାଁଥିର ପେଟୁଆଘାଟ ମତ୍ସ୍ୟ ବନ୍ଦରରେ ମତ୍ସ୍ୟଜୀବୀମାନେ ମାଛ ମାରିବାକୁ ଯାଇଥିଲେ। ମତ୍ସ୍ୟଜୀବୀଙ୍କ ଜାଲରେ ଉକ୍ତ ଶାର୍କ ମାଛଟି ଧରାପଡ଼ିଥିଲା । ମତ୍ସ୍ୟଜୀବୀମାନେ ମାଛଟିକୁ ଦେଖି ତାଜୁବ୍ ହୋଇଯାଇଥିଲେ। ପରେ ଦୀଘା ନଦୀ ମୁହାଣରେ ଥିବା ମତ୍ସ୍ୟ ସମ୍ପଦ ନିଲାମ କେନ୍ଦ୍ରରେ ସେମାନେ ମାଛକୁ ବିକ୍ରି କରିଥିଲେ।

# ଅତ୍ୟଧିକ ଋଣଭାରରୁ ଆତ୍ମହତ୍ୟା

● ଚକ୍ଷୁଦାନ କଲେ ପରିବାର



**ଗଞ୍ଜାମ,୩।୩(ସଂଚାର ବ୍ୟୁରୋ):** ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ ନୀଳାଦ୍ରିପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଋଣ ଭାର ସହି ନ ପାରି ସେହି ଗ୍ରାମର ବିଦେଶୀ ଦଳେଇ (୫୦) ଗତ ଶିବରାତ୍ରିରେ ବିଷ ପିଇଦେଇଥିଲେ। ପରିବାର ଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଭର୍ତ୍ତି ହେବାର ଦୁଇ ଦିନ ପରେ ଚିକିତ୍ସାଧୀନ ଅବସ୍ଥାରେ ବିଦେଶୀଙ୍କର ମୃତ୍ୟୁ ଘଟିଥିଲା। ତେବେ ବିଦେଶୀଙ୍କ ମୃତ୍ୟୁ ପରେ ପରିବାର ଲୋକେ ମେଡିକାଲକୁ ତାଙ୍କର ଦୁଇଟି ଚକ୍ଷୁ ଦାନ କରିଥିବା ଜଣାପଡ଼ିଛି। ମୃତ ବିଦେଶୀଙ୍କର ୪ଟି ପୁଅ ଓ ଗୋଟିଏ ଝିଅ ଥିବା ବେଳେ ଝିଅ ବିବାହ କରିସାରିଛନ୍ତି। ତେବେ ଝିଅ ବାହାଘର ସମୟରେ ସେ ବିଭିନ୍ନ ଗ୍ରୁପରୁ ଋଣ ଆଣିଥିଲେ। କିନ୍ତୁ ଉକ୍ତ ଟଙ୍କା ଶୁଝିବାରେ ସକ୍ଷମ ହୋଇପାରୁନଥିବାରୁ ମାନସିକ ଭାରସାମ୍ୟ ହରାଇ ସେ ଆତ୍ମହତ୍ୟା କରିଥିଲେ। ତେବେ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଅର୍ଥ ଲଗାଣକାରୀ ସଂସ୍ଥା ବିଭିନ୍ନ ଗ୍ରାମରେ ପହଞ୍ଚି ବିଭିନ୍ନ ପ୍ରଲୋଭନ ଦେଖାଇ ଋଣ ଦେଉଥିଲେ ହେଁ ପରବର୍ତ୍ତୀ ସମୟରେ ଋଣଗ୍ରହୀତାମାନଙ୍କୁ ଶୋଷୁଥିବା ଅଭିଯୋଗ ହୋଇଆସୁଛି। ଫଳରେ ଲୋକଲଜ୍ଜା ସହି ନ ପାରି ଅନେକ ଋଣଗ୍ରହୀତା ଆତ୍ମହତ୍ୟା ବାଟ ବାଛିନେବାକୁ ପଛାଉନାହାନ୍ତି। ତେବେ ଏହିସବୁ ସଂସ୍ଥା ବିରୋଧରେ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବା ସକାଶେ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଛାତ୍ରୀଙ୍କୁ ଦଣ୍ଡର ପ୍ରତିବାଦ, ସ୍କୁଲରେ ତାଲା

● ଗ୍ରାମବାସୀଙ୍କ ଆନ୍ଦୋଳନ ଯୋଗୁଁ ଖରାରେ ପାଠପଢ଼ା

**ବୌଦ୍ଧ,୩।୩:(ଅଜିତ କୁମାର ବାରିକ ):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତୁକୁଲୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଚ୍ଚି ପ୍ରଧାନ ଦୁଇ ଜଣ ଛାତ୍ରୀଙ୍କୁ ଦଣ୍ଡ ଦେଇଥିବାକୁ ନେଇ ଗ୍ରାମବାସୀ ବୌଦ୍ଧ ଜିଲା ଶିକ୍ଷାଧିକାରୀ ଓ ହରଭଙ୍ଗା ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ମାତ୍ର ଘଟଣାକୁ ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ହରଭଙ୍ଗା ବ୍ଲକ ଶିକ୍ଷାଧିକାରୀ ସମ୍ପୃକ୍ତ ଘଟଣାକୁ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଆଜି ଗ୍ରାମବାସୀ ସ୍କୁଲ ଫାଟକରେ ତାଲା ପକାଇବା ସହ ଆନ୍ଦୋଳନ କରିଛନ୍ତି। ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ କହିଛନ୍ତି। ତେବେ ଗ୍ରାମବାସୀଙ୍କ ଆନ୍ଦୋଳନ ଯୋଗୁଁ ଛାତ୍ରଛାତ୍ରୀମାନେ ବାଧ୍ୟ ହୋଇ ଖରାରେ ଗଛତଳେ ପାଠ ପଢ଼ୁଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଘଟଣାସ୍ଥଳରେ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ୩ ଜଣ ସିଆରସିସିଙ୍କ ସହ ଏଡିଇଓ ପହଞ୍ଚି ସମସ୍ୟାର ସମାଧାନ ପାଇଁ ଆନ୍ଦୋଳନ କରୁଥିବା ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ରିପୋର୍ଟ କରିବା ସହ ସ୍କୁଲରୁ ଅନ୍ୟତ୍ର ବଦଳି କରାଯିବ ବୋଲି ଏଡିଇଓ ପ୍ରତିଶ୍ରୁତି ଦେଇଛନ୍ତି।

● କଳିଙ୍ଗ ହର୍ବାଲ ମେଳାରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

# ପାରମ୍ପରିକ ଚିକିତ୍ସାକୁ ପ୍ରୋତ୍ସାହିତ କରୁଛନ୍ତି ସରକାର



**କେନ୍ଦୁଝର,୩।୩(ସଂଚାର ବ୍ୟୁରୋ):** ଆୟୁର୍ବେଦ ଏକ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ବିଜ୍ଞାନ। ଆୟୁର୍ବେଦରେ ଉପଯୁକ୍ତ ଉପଚାର ସହ ସନ୍ତୁଳିତ ଆହାର ଓ ଜୀବନଶୈଳୀ ଦ୍ୱାରା ଆରୋଗ୍ୟ ଲାଭ କରାଯାଇପାରିବ। ମାନବ ଶରୀର ୫ଟି ମୌଳିକ ତତ୍ତ୍ୱ ଯଥା ଆକାଶ, ବାୟୁ, ଅଗ୍ନି, ଜଳ ଓ ପୃଥିବୀ ସହିତ ଆତ୍ମାର ସଂଯୋଗରେ ଗଢ଼ା। ଏହା ପ୍ରକୃତି ଓ ଶରୀର ସହ ସମନ୍ୱୟ ରକ୍ଷାକରି ଜୀବନର ମାନକୁ ବୃଦ୍ଧି କରୁଥିବାରୁ ଏହାକୁ ସମଗ୍ର ବିଶ୍ୱ ଏକ ଉତ୍ତମ ଚିକିତ୍ସା ପଦ୍ଧତି ଭାବେ ଗ୍ରହଣ କରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝରର କାଳୀପଡ଼ିଆଠାରେ ଆୟୋଜିତ ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳାର ଚତୁର୍ଥ ସନ୍ଧ୍ୟାରେ ଯୋଗଦେଇ ନିଜ ଅଭିଭାଷଣରେ ଉଲ୍ଲେଖ କରିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ଭାରତୀୟ ସଂସ୍କୃତି ଏବଂ ପରମ୍ପରା ସହ ଆୟୁର୍ବେଦର ସମ୍ପର୍କକୁ ଅବତାରଣା କରିବାକୁ ଯାଇ ସ୍ନାନପୂର୍ଣ୍ଣିମା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଜ୍ୱର ହୋଇଥାଏ। ମହାପ୍ରଭୁ ଚେରମୂଳି ଖାଇ ଜ୍ୱରରୁ ଉପଶମ ପାଇଥାନ୍ତି। ଏପରିକି ରାମାୟଣର ଲକ୍ଷ୍ମଣଙ୍କ ଆରୋଗ୍ୟ ଲାଭ ପାଇଁ ବିଶଲ୍ୟାକରଣୀର ଉପଯୋଗର କିମ୍ବଦନ୍ତୀକୁ ବଖାଣିଥିଲେ। ଏଥିସହ ରାଜ୍ୟ ସରକାର ଆୟୁର୍ବେଦ ଏବଂ ପାରମ୍ପରିକ ଔଷଧୀୟ ଚିକିତ୍ସାକୁ ପ୍ରୋତ୍ସାହିତ କରିବା ପାଇଁ ଗବେଷଣାରେ ଅଧିକ ନିବେଶ କରୁଥିବା ସେ କହିଥିଲେ। ଏପରିକି ଔଷଧୀୟ ଉଦ୍ଭିଦ ଚାଷରେ ସ୍ଥାନୀୟ ଚାଷୀମାନଙ୍କୁ ସହାୟତା ପ୍ରଦାନ କରି ଆୟୁର୍ବେଦିକ ସ୍ୱାସ୍ଥ୍ୟସେବା ସୁବିଧା ପାଇଁ ଭିତ୍ତିଭୂମି ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ଡିଆଇଜି ବ୍ରିଜେଶ କୁମାର ରାଏ, ଜିଲାପାଳ ବିଶାଲ ସିଂହ, ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର ଏବଂ ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡି ଉପସ୍ଥିତ ଥିଲେ। ଏହି ଅବସରରେ ବନ ବିଭାଗର ଏକ ୱେବ୍‌ସାଇଟ୍ ମଧ୍ୟ ଉନ୍ମୋଚିତ ହୋଇଛି।

● ସାନ ସିନା ଦାନ ତା’ ମହାନ୍

# ଦୁଇ ଜଣଙ୍କୁ ପୁନର୍ଜନ୍ମ ଦେଲା ଜନ୍ମେଶ



**ଭୁବନେଶ୍ୱର,୩।୩(ସଂଚାର ବ୍ୟୁରୋ):** ସାନ ସିନା, ଦାନ ତା ମହାନ। ନିଜେ ଏ ଦୁନିଆରୁ ବିଦାୟ ନେଇଗଲା ସତ, ହେଲେ ପ୍ରତିବଦଳରେ ଆଉ ଦୁଇ ଜଣଙ୍କୁ ନୂତନ ଜନ୍ମ ଦେଇଗଲା ସିଏ। ଆମେ ଏଠାରେ ଯାହା କଥା କହୁଛି, ସେ ହେଉଛି ରାଉରକେଲାର ଜନ୍ମେଶ। ଏବେ ସମସ୍ତଙ୍କ ମୁହଁରେ ତା’ର ପ୍ରଶଂସା ଆଉ ତାଙ୍କ ପରିବାରର ନିଷ୍ପତ୍ତିକୁ ସବୁ ମହଲରୁ ସ୍ୱାଗତ କରାଯିବା ସହ ଏହାକୁ ଅନନ୍ୟ ବୋଲି କୁହାଯାଉଛି। ବର୍ଷକର ଶିଶୁ ଜନ୍ମେଶର ମୃତ୍ୟୁ ପରେ ତା’ର ୨ଟି କିଡନୀ, ଗୋଟିଏ ଲିଭର୍ ପରିବାର ଲୋକେ ଦାନ କରିଛନ୍ତି। କିଡନୀ ଦୁଇଟି ସ୍ଥାନୀୟ ଏମ୍ସରେ ସୁରକ୍ଷିତ ଭାବେ ରହିଥିବାବେଳେ ଲିଭରକୁ ଦିଲ୍ଲୀ ଏମ୍ସକୁ ପଠାଯାଇଛି। ରାଉରକେଲାର ଅଶୋକ ଲେଙ୍କା ଓ ପ୍ରତିଭା ନାୟକଙ୍କ ବର୍ଷକର ପୁଅ ଜନ୍ମେଶ ଶାରୀରିକ ଅସୁସ୍ଥତା କାରଣରୁ ଏଠାକାର ଏମ୍ସରେ ଚିକିତ୍ସିତ ହେଉଥିଲା। ତେବେ ଚିକିତ୍ସା ପରେ ତା’ର ବ୍ରେନ ଡେଡ୍ ହୋଇଯାଇଥିବା ନେଇ ଡାକ୍ତର ଘୋଷଣା କରିଥିଲେ। ପରିବାର ଲୋକେ ଏଥିରେ ଭାଙ୍ଗିପଡ଼ିଥିଲେ ହେଁ ନିଜ ପୁଅର ଅଙ୍ଗଦାନ କରି ଅନ୍ୟ ଜୀବନ ବଞ୍ଚାଇବାକୁ ଉଚିତ ମଣିଥିଲେ ପିତାମାତା। ଏହାପରେ ସେମାନଙ୍କ ନିଷ୍ପତ୍ତି କ୍ରମେ ଜନ୍ମେଶର ଅଙ୍ଗଦାନ କରାଯାଇଛି। ଏଥିସହ ରାଜ୍ୟ ସରକାରଙ୍କ ନିୟମ ମୁତାବକ ପୁଲିସ ପକ୍ଷରୁ ଜନ୍ମେଶକୁ ଗାର୍ଡ ଅଫ ଅନର୍ ପ୍ରଦାନ କରାଯାଇଛି। ଏପରି ଏକ ଘଟଣା ଏବେ ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ସମସ୍ତେ ଜନ୍ମେଶ ମାତ୍ର ବର୍ଷକରେ ସଂସାର ଛାଡ଼ିଥିଲେ ମଧ୍ୟ ସବୁଦିନ ପାଇଁ ଅମର ହୋଇଗଲା ବୋଲି ମତ ପ୍ରକାଶ ପାଉଛି।

ଅନୁପ୍ରବେଶ ନେଇ ରାଜସ୍ୱ ମନ୍ତ୍ରୀଙ୍କ ବୟାନ

# ନିର୍ବିବାଦରେ ହେବ ସୀମା ଚିହ୍ନଟ



**ଭୁବନେଶ୍ୱର,୩।୩(ସଂଚାର ବ୍ୟୁରୋ):** ବାଲେଶ୍ୱର ଉଦୟପୁର ଏବଂ ସହାବାଜିପୁରରେ ପଶ୍ଚିମବଙ୍ଗ ସରକାରର ରାଜସ୍ୱ ମନ୍ତ୍ରୀଙ୍କ ଅନୁପ୍ରବେଶ ପ୍ରସଙ୍ଗରେ ଓଡ଼ିଶା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କଡ଼ା ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାର ସୀମାକୁ ନେଇ ଛତିଶଗଡ଼, ଝାଡଖଣ୍ଡ ଏବଂ ପଶ୍ଚିମବଙ୍ଗ ସହ ବିବାଦ ରହିଛି। ଏନେଇ ଜିଲ୍ଲା ଗସ୍ତ କରି ସେ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଛତିଶଗଡ଼ ଓ ଝାଡଖଣ୍ଡ ସହ ବିଶେଷ କିଛି ସମସ୍ୟା ନାହିଁ। କିନ୍ତୁ ଆଶ୍ଚର୍ଯ୍ୟର କଥା ଓଡ଼ିଶା ଗଠନକୁ ଆଉ କିଛି ବର୍ଷ ପରେ ଶହେ ବର୍ଷ ପୂରିବ, କିନ୍ତୁ ଆଜିପର୍ଯ୍ୟନ୍ତ ବାଲେଶ୍ୱରରେ ସୀମା ଚିହ୍ନଟ ହୋଇନାହିଁ। କିନ୍ତୁ ସୀମା ଚିହ୍ନଟ ହୋଇନଥିଲେ ମଧ୍ୟ ପଶ୍ଚିମବଙ୍ଗ ସରକାର ନିଜର ସୀମା ଜାଣିବା ଉଚିତ। ନଚେତ୍ ଆଗାମୀ ଦିନରେ ଓଡ଼ିଶା ସରକାର ମମତା ସରକାରକୁ ପାଠ ପଢ଼ାଇ ସଠିକ୍ ରାସ୍ତାକୁ ଆଣିବେ। ଏହି ଘଟଣାରେ ସେ ନିୟମିତ ଭାବେ ପଶ୍ଚିମବଙ୍ଗ ସରକାରଙ୍କ ରାଜସ୍ୱ ବିଭାଗ ସମ୍ପର୍କରେ ଅଛନ୍ତି। ଅନେକ ଓଡ଼ିଆ ଅଧିକାରୀ ମଧ୍ୟ ସେଠାରେ କାମ କରୁଛନ୍ତି। ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଭିତରେ ସୀମା ଚିହ୍ନଟ ହେବ। ପଶ୍ଚିମବଙ୍ଗ ରାଜସ୍ୱ ଅଧିକାରୀଙ୍କ ସହ ଓଡ଼ିଶାର ରାଜସ୍ୱ ଅଧିକାରୀ କ୍ଷେତ୍ର ପରିଦର୍ଶନ କରି ଅତିଶୀଘ୍ର ସୀମା ଚିହ୍ନଟ କରିବେ। ଏ ସରକାର ବିନା ବିବାଦରେ ସୀମା ଚିହ୍ନଟ ନେଇ ରହିଥିବା ସମସ୍ୟାର ସମାଧାନ କରିବ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି।

ଏଥିସହ ଶ୍ରୀ ପୂଜାରୀ ପଶ୍ଚିମବଙ୍ଗ ସରକାରକୁ ଏକ ଅସଭ୍ୟ ସରକାର ବୋଲି କହିଛନ୍ତି। ତାଙ୍କ କହିବା କଥା ଯେ ପଶ୍ଚିମବଙ୍ଗ ଦେଶର ବିଭିନ୍ନ ସ୍ଥାନରେ ନାନାଦି ସମସ୍ୟା ସୃଷ୍ଟି କରିଚାଲିଛି। ଓଡ଼ିଶା ସରକାରଙ୍କୁ ହଇରାଣ କରିବା ପାଇଁ ଆଳୁ ସମସ୍ୟା ସୃଷ୍ଟି କରୁଛି। ପଶ୍ଚିମବଙ୍ଗ ସରକାର ମଧ୍ୟ ଅନୁପ୍ରବେଶକୁ ପ୍ରୋତ୍ସାହିତ କରୁଛନ୍ତି। ନୂଆ ନାଗରିକତା ଆଇନକୁ ଲାଗୁ କରିବାକୁ ସେଠାକାର ମୁଖ୍ୟମନ୍ତ୍ରୀ ମନା କଲେ। ତା’ଛଡ଼ା ପଶ୍ଚିମବଙ୍ଗବାସୀଙ୍କୁ ଆୟୁଷ୍ମାନ ଯୋଜନାରୁ ବି ବଞ୍ଚିତ କରିଛନ୍ତି। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏହା ଏକ ଦୁର୍ଭାଗ୍ୟ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି।

# ରକ୍ତ କୋଷିକା ଉପାଦାନ ସଂଗ୍ରହ ଉପରେ ଗୁରୁତ୍ୱ ଦେବାକୁ ଦାବି

**ଭୁବନେଶ୍ୱର,୩।୩(ସଂଚାର ବ୍ୟୁରୋ):** ଗୋଟିଏ ରକ୍ତ ଦାନ ତିନି ଜଣଙ୍କ ଜୀବନ ବଞ୍ଚେଇ ପାରେ ଯାହାକି ରକ୍ତ କୋଷିକା ଉପାଦାନ ସଂଗ୍ରହ ଦ୍ୱାରା ସମ୍ଭବ ହୋଇପାରୁଛି। ତେବେ ରାଜ୍ୟ ର ରାଜଧାନୀ ର ପ୍ରମୁଖ ସରକାରୀ ଡାକ୍ତରଖାନା ଏବଂ ମେଡିକାଲ କଲେଜ ରେ ଅବସ୍ଥିତ କ୍ୟାପିଟାଲ ରକ୍ତ କେନ୍ଦ୍ର ରେ ଏହି ସୁବିଧାରୁ ଅନେକ ଲୋକ ବଞ୍ଚିତ ହେଉଛନ୍ତି କାହିଁକି ? ଆବଶ୍ୟକତା ସମୟରେ ରକ୍ତ ଯୋଗାଡ଼ କରିବାରେ ଏବେ ବି ଓଡ଼ିଶା ସ୍ୱୟଂ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ । ସରକାରୀ , ବେସରକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଭିନ୍ନ ସମୟରେ ରକ୍ତ ଦାନ ଶିବିର ଆୟୋଜନ କରିବା, ଆବଶ୍ୟକ ସ୍ଥଳେ ସିଧାସଳଖ ରକ୍ତ ମଧ ଦାନ କରିଥାନ୍ତି। ତଥାପି ମଧ ଆବଶ୍ୟକ ସମୟରେ ରକ୍ତ ବଦଳ ରେ ରକ୍ତ ନ୍ୟାୟରେ ରୋଗୀ ଙ୍କ ସମ୍ପର୍କୀୟ ମାନେ ରକ୍ତ ଦାନ କରିଥାନ୍ତି। ଆଜି ଓଡ଼ିଶା ରକ୍ତଦାତା ମହାସଂଘ ତରଫରୁ



ସମ୍ପାଦକ ତ୍ରିଲୋଚନ ଦାଶ, ରାଜ୍ୟ ସଂଯୋଜକ ସନ୍ତୋଷ କୁମାର ମହାନ୍ତି, କୋଷାଧ୍ୟକ୍ଷ ରାଜେଶ ନାୟକ ଓ ଅନ୍ୟ ସଦସ୍ୟ ମାନେ ତିନି ଦଫା ସମ୍ମିଳିତ ଏକ ଦାବି ପତ୍ର କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ପଣ୍ଡା ଓ ରାଜ୍ୟ ରକ୍ତଦାନ ପରିଷଦ ର ନିର୍ଦ୍ଦେଶକଙ୍କୁ ଭେଟି ତିନି ଦଫା ସମ୍ମିଳିତ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ପ୍ରମୁଖ ଦାବି ମଧରେ କ୍ୟାପିଟାଲ ବ୍ଲଡ଼ ବ୍ୟାଙ୍କରେ ଶହେ ପ୍ରତିଶତ ରକ୍ତ କମ୍ପୋନେଣ୍ଟ କରିବା , ରକ୍ତ ଭଣ୍ଡାରରେ ସ୍ୱେଚ୍ଛାକୃତ ଶିବିର ବଢେଇ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା, ଆଗାମୀ ଗ୍ରୀଷ୍ମ ପ୍ରବାହ ରେ କିପରି ରକ୍ତଦାନ ବୃଦ୍ଧି ହୋଇପାରିବ ଏ ନେଇ ଆଲୋଚନା କରା ଯାଇଥିଲା । ସାରା ରାଜ୍ୟରେ ଥିବା ବ୍ଲଡ଼ ସେଣ୍ଟର୍ ରେ ଯଦି ଶହେ ପ୍ରତିଶତ ରକ୍ତ କଣିକା ଉପାଦାନ ସଂଗୃହିତ ହୋଇ ପାରୁଛି ତାହେଲେ କ୍ୟାପିଟାଲ ହସ୍ପିଟାଲରେ କାହିଁକି ପ୍ରତିଦିନ ମାତ୍ର ୨୦ / ୨୫ ହେଉଛି ବୋଲି ସମ୍ପାଦକ ତ୍ରିଲୋଚନ ଦାଶ ପ୍ରଶ୍ନ କରି ଥିଲେ । ଏହା ଦ୍ୱାରା ଅନେକ ଲୋକ ହଇରାଣ ହେବା ସହିତ ଆଗକୁ ସମସ୍ୟା ସୃଷ୍ଟି ହେବ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି। ଆଗକୁ ଖରା ର ପ୍ରକୋପ ବୃଦ୍ଧି ସମୟ ରେ ଯଦି କ୍ୟାପିଟାଲ ବ୍ଲଡ ସେଣ୍ଟର୍ ଯଦି କର୍ମଚାରୀ ଅଭାବ ରୁ ରକ୍ତଦାନ ଶିବିର ଆୟୋଜନ ରେ ସମସ୍ୟା ସୃଷ୍ଟି ହୁଏ ତାହେଲେ ଅନେକ ସମସ୍ୟା ଉପୁଜି ପାରେ ଚିନ୍ତା ପ୍ରକଟ କରିଛନ୍ତି । କ୍ୟାପିଟାଲ ନିର୍ଦ୍ଦେଶକ ଆଗାମୀ ଦିନରେ ଏହି ଦିଗରେ ପଦେକ୍ଷପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ରାଜ୍ୟ ସଂଯୋଜକ ସନ୍ତୋଷ କୁମାର ମହାନ୍ତି କହିଛନ୍ତି ଯେ ଆଗାମୀ କିଛି ଦିନ ରେ ଯଦି ଦାବି ଗୁଡିକକୁ ପୂର୍ଣ୍ଣ ନକରାଯାଏ ତାହେଲେ ଓଡ଼ିଶା ରକ୍ତଦାତା ମହାସଂଘ ଆଗାମୀ ଦିନ ରେ ଆନ୍ଦୋଳନ ଆରମ୍ଭ କରିବା ବୋଲି ଜଣାଇଛନ୍ତି।

ଦେବାଶିଷଙ୍କୁ ଭକ୍ତଙ୍କ ତାଗିଦ୍

# ଦଳୀୟ ଆଦର୍ଶକୁ ବଳୀ ଦିଅନି



**ଭୁବନେଶ୍ୱର,୩।୩(ସଂଚାର ବ୍ୟୁରୋ):** ବ୍ୟକ୍ତିଗତ ସମ୍ପର୍କ ଥାଇପାରେ ମାତ୍ର ପ୍ରଶଂସା କରିପାରିବେନି। ପାର୍ଟି ଲାଇନରୁ ବାହାରି ଗଣମାଧ୍ୟମରେ କେହି କିଛି କହିପାରିବେନି। ଦଳର ଆଭିମୁଖ୍ୟ ବାହାରକୁ ଯାଇ କେହି କହିପାରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ଓଡ଼ିଶା ପିସିସିର ନୂଆ ସଭାପତି ଭକ୍ତ ଚରଣ ଦାସ। ପାର୍ଟି ସବୁବେଳେ ବଡ଼। ଦଳର ଆଭିମୁଖ୍ୟ ସବୁଠାରୁ ଆଗରେ। ତା ପରେ ବ୍ୟକ୍ତିଗତ ସଂପର୍କ ଓ ଫାଇଦା। ଆଜି ଏହି ଲାଇନରେ ନିଜର କଡ଼ା ମନ୍ତବ୍ୟ ଦେଇ, ନିଜ ଦଳର ନେତାଙ୍କୁ କଡ଼ା ଇଙ୍ଗିତ ଦେଇଛନ୍ତି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ନୂଆ ସଭାପତି ଭକ୍ତ ଚରଣ ଦାସ। ସେ କହିଛନ୍ତି, କୌଣସି ଜାଗାରେ କିଛି କହିବା ଆଗରୁ ପ୍ରଥମେ ବୁଝିନିଅ ସେହି ନିର୍ଦ୍ଦିଷ୍ଟ ଘଟଣାରେ ଦଳର ଆଭିମୁଖ୍ୟ କ’ଣ। କାରଣ ଦଳର ନେତା ଯାହା କହିବେ, ତାହା ଦଳ ଆଭିମୁଖ୍ୟ ବୋଲି ଧରିନିଆ ଯିବ। ସେଥିପାଇଁ କୌଣସି ଜାଗାରେ ବ୍ୟକ୍ତିଗତ ସଂପର୍କ ପାଇଁ ଦଳୀୟ ଆଦର୍ଶକୁ ବଳି ଦିଅନି ବୋଲି ଭକ୍ତ କହିଛନ୍ତି। କିଟ୍ ପ୍ରସଙ୍ଗରେ କଂଗ୍ରେସ ନେତା ଦେବାଶିଷ ପଟ୍ଟନାୟକଙ୍କୁ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଛାଟ। ଦେବାଶିଷଙ୍କୁ ତାଗିଦ କରିଥିବା କହିଲେ ପିସିସି ସଭାପତି ଭକ୍ତ ଦାସ। ବ୍ୟକ୍ତିଗତ ସମ୍ପର୍କ ଥାଇପାରେ, ମାତ୍ର ପ୍ରଶଂସା କରିପାରିବେନି। ଦଳର ଆଭିମୁଖ୍ୟ ବାହାରକୁ ଯାଇ କେହି କହିପାରିବେ ନାହିଁ ବୋଲି କହିଛନ୍ତି ଭକ୍ତ ଦାସ। ଗତ ୨୨ ତାରିଖରେ କିଟ୍ ଛାତ୍ରୀ ମୃତ୍ୟୁକୁ ନେଇ ରାଜରାସ୍ତାରେ ଆନ୍ଦୋଳନ କରିଥିଲା କଂଗ୍ରେସ। ଅନ୍ୟପଟେ କିଟ୍ ପାଇଁ ଓକିଲାତି କରିଥିଲେ କଂଗ୍ରେସ ନେତା ଦେବାଶିଷ ପଟ୍ଟନାୟକ। କଂଗ୍ରେସ ସଭାପତି ଭାବେ ଭକ୍ତ ଦାସ ଦାୟିତ୍ୱ ନେବା ପରେ ପୁରୀକୁ ଭୁବନେଶ୍ୱରରୁ ପଦଯାତ୍ରା କରିଥିଲେ। ଏହି ପଦଯାତ୍ରା କମିଟିର ମୁଖ୍ୟ ଭାବେ ଦେବାଶିଷ ପଟ୍ଟନାୟକଙ୍କୁ ନିଯୁକ୍ତି ଦେଇଥିଲେ। କିନ୍ତୁ କିଟରେ ନେପାଳୀ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ସେ ଦେବାଶିଷଙ୍କୁ ଛାଡ଼ି ନାହାଁନ୍ତି। ସୂଚନାଯୋଗ୍ୟ ଯେ ନେପାଳୀ ଛାତ୍ରଛାତ୍ରୀଙ୍କୁ ମାଡ଼ ଘଟଣାରେ ଦେବାଶିଷ କିଟ୍ ପାଇଁ ଓକିଲାତି କରିଥିଲେ। ପଦଯାତ୍ରା ସମୟରେ ଗଣମାଧ୍ୟମ ଏହି ଘଟଣାକୁ ଅତିରଞ୍ଜିତ କରୁଛି ବୋଲି କହିଲେ। ପୂର୍ବତନ ବାଙ୍କୀ ବିଧାୟକ ଦେବାଶିଷଙ୍କ ପତ୍ନୀ ଇପସିତା ଶତପଥୀ କିଟ୍‌ରେ ଦୀର୍ଘ ବର୍ଷ ଧରି ମ୍ୟାନେଜମେଣ୍ଟ ପ୍ରଫେସର ଭାବେ କାର୍ଯ୍ୟ କରୁଛନ୍ତି ଓ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଉଚ୍ଚସ୍ତରୀୟ କମିଟି ମଧ୍ୟ ତାଙ୍କୁ ପଚରାଉଚରା କରିଛନ୍ତି।

# ପ୍ରାଚୀ ନଦୀର ଉଦ୍ଧାର ପାଇଁ ପ୍ରସ୍ତାବ ଦେଲେ ଅପରାଜିତା



**ଭୁବନେଶ୍ୱର,୩।୩(ସଂଚାର ବ୍ୟୁରୋ):** ପୁଣି ଏକ ମାସ ପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଭେଟିଲେ ଭୁବନେଶ୍ୱର ସାଂସଦ ଅପରାଜିତ ଷଡଙ୍ଗୀ। ପୂର୍ବ ଦାବିଗୁଡ଼ିକୁ ମୁଖ୍ୟମନ୍ତ୍ରୀ ଗୁରୁତର ସହ ନେଇ କାର୍ଯ୍ୟ ତ୍ୱରାନ୍ୱିତ କରାଇଥିବାରୁ ଧନ୍ୟବାଦ୍ ଦେବାସହ ଆଉ କିଛି ଲୋକାଭିମୁଖୀ କାର୍ଯ୍ୟ ପାଇଁ ଦାବି ଜଣାଇଛନ୍ତି ଭୁବନେଶ୍ୱର ସାଂସଦ । ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ବିକାଶ ପାଇଁ ପୂର୍ବରୁ ଦଶଟି ଦାବୀ ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିଲେ ଅପରାଜିତା। ସେସବୁ କାମ ଆଗେଇ ଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି ସାଂସଦ। ଏହା ସହ ଆଉ ଦୁଇଟି ପ୍ରସ୍ତାବ ମଧ୍ୟ ଦେଇଛନ୍ତି। ଭୁବନେଶ୍ୱର ସାଂସଦ ପ୍ରାଚୀ ନଦୀର ଉଦ୍ଧାର ପାଇଁ ଦାବି କରିଛନ୍ତି। ବାଲିଅନ୍ତାରୁ ଅସ୍ତରଙ୍ଗ ପର୍ଯ୍ୟନ୍ତ ବ୍ୟାପ୍ତ ଅଞ୍ଚଳର ବିକାଶ କରାଗଲେ ୩ ଜିଲ୍ଲାର ୫୦ ଲକ୍ଷ ଲୋକ ଉପକୃତ ହେବେ। ସେହିଭଳି ଖୋର୍ଦ୍ଧା, ବେଗୁନିଆ, ଜଟଣୀ, ପୁରୀ, ଡେଲାଙ୍ଗର ୩୭ଟି ଗାଁର ଲୋକଙ୍କ ଏକରଜାତ ଜମି ପ୍ରଭୁ ଜଗନ୍ନାଥଙ୍କ ନାଁ ରେ ଅଛି। ଏହିସବୁ ଜମି ମାଲିକଙ୍କ ଜମି ତାଙ୍କ ନାଁ ରେ କରିବାକୁ ସେ ଦାବି କରିଛନ୍ତି।

# ହତ୍ୟା ପରେ ଯୁବକଙ୍କୁ ଫିଙ୍ଗିଦେଇଗଲେ ଦୁର୍ବୃତ୍ତ

**ମୋହନା,୩।୩(ସଂଚାର ବ୍ୟୁରୋ):** କୋହ ସମ୍ଭାଳି ହେଉନି କି ଆଖିର ଲୁହ ବୋଲ ମାନୁନି। କାନ୍ଦବୋବାଳିରେ ଗାଁ ଦାଣ୍ଡ ଫାଟିପଡୁଛି। ଧୈର୍ଯ୍ୟହରା ହୋଇପଡ଼ିଛନ୍ତି ପରିବାର ଲୋକେ। ଏପଟେ ରାସ୍ତାଟା ସାରା ଜମିଛି ସ୍ଥାନୀୟ ଲୋକଙ୍କ ଭିଡ଼। କାରଣ ପରିବାରର ପୋଷିଲା ପୁଅକୁ କେହି ଅତି ବୀଭତ୍ସ ଭାବେ ହତ୍ୟା କରି ରାସ୍ତା କଡ଼ରେ ଫିଙ୍ଗିଦେଇ ଚାଲିଯାଇଛି। ସମସ୍ତଙ୍କ ମନରେ ଏଇ ଗୋଟିଏ ପ୍ରଶ୍ନ କିଏ ଓ କାହିଁକି ପରିବାର ପାଇଁ ଏତେ ବଡ଼ ଦୁଃଖଦ ଖବରର କାରଣ ହେଲା ? ଏତେ ବଡ ଦୁଃଖ ଦେଲା ଦଇବ ଯାହା ସହିବା ଅସମ୍ଭବ। ପରିବାର ପ୍ରତିପୋଷଣ କରୁଥିବା ଯୁବକ ଜଣକ ଘରୁ ବାହାରିକି କାମକୁ ଗଲେ, ହେଲେ ଆଉ ଘରକୁ ଫେରିଲେନି । ଏଭଳି ଏକ ଲୋମଟାଙ୍କୁରା ହତ୍ୟାକାଣ୍ଡ ପରେ ସଭିଏଁ ଆତଙ୍କିତ । ମୃତକ ଜଣଙ୍କ ଗଜପତି ଜିଲ୍ଲା ଅଡବା ଥାନା ତୁଆବାଡ଼ି ଗାଁର ୪୫ ବର୍ଷୀୟ ତିରିସା ମୁଠାମାଝୀ ବୋଲି ଜଣାପଡ଼ିଛି। ମୃତଦେହଟି ଗାଁଠାରୁ ୩ କିମି ଦୂରବର୍ତ୍ତୀ କଟାମା ଗାଁ ନିକଟରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଛି। ମୃତଦେହ ନିକଟରେ ତାଙ୍କ ବାଇକ ପଡ଼ିଥିବା ବେଳେ ଏନେଇ

**ପୁଲିସ୍‌ର ନିଷ୍କ୍ରିୟତାକୁ ଦାୟୀ କଲେ ସ୍ଥାନୀୟ ଲୋକେ**

ଖବର ପାଇ ଅଡ଼ବା ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ହତ୍ୟା ପଛର କାରଣ ନେଇ କିଛି ବି ଜଣାପଡ଼ିନାହିଁ। ତା’ଛଡ଼ା ପୁଲିସ୍‌କୁ ମଧ୍ୟ ଏନେଇ କୌଣସି ସୁରାକ୍ ମିଳିପାରିନଥିବା ଜଣାପଡ଼ିଛି। ପରିବାର ଲୋକଙ୍କ କହିବା ଅନୁଯାୟୀ, ଗତକାଲି ତିରିଶା ମୁଠାମାଝୀ କୌଣସି କାମରେ ନିଜ ବାଇକରେ ପାଣିଗଣ୍ଡା ଯାଇଥିଲେ। ତେବେ ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ଘରକୁ ନଫେରିବାରୁ ପରିବାର ଲୋକ ବହୁ ଖୋଜା ଖୋଜି କରିଥିଲେ । ହେଲେ ଆଜି ସକାଳେ କଟାମା ଗାଁ ନିକଟରେ ତାଙ୍କ ବାଇକ ପାଖରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ପଡ଼ିଥିବା ଲୋକେ ଦେଖି ପରିବାରକୁ ଖବର ଦେଇଥିଲେ। ତେବେ ମୃତ ତିରିସା ଗତ ଯୋଜନାରେ ୱାର୍ଡ ମେମ୍ବର ଥିଲେ। ଏଥିସହ ଗତ ବର୍ଷ ସିମନ ମାଝୀ ହତ୍ୟା ଘଟଣାରେ ସେ ସାକ୍ଷୀ ଥିଲେ। ତେଣୁ ପୂର୍ବ ଶତ୍ରୁତାରୁ ହିଁ ତାଙ୍କୁ କେହି ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ହତ୍ୟା ପରେ ତାଙ୍କ ନିଜ ବାଇକରେ ମୃତଦେହକୁ ବାନ୍ଧି ଘୋଷାଡ଼ି ଘୋଷାଡ଼ି ଆଣି ଗାଁ ଠାରୁ ପ୍ରାୟ ୩ କିଲୋମିଟର କଟାମା ଗାଁ ନିକଟରେ ଫିଙ୍ଗି ଦେଇଛନ୍ତି ଦୁର୍ବୃତ୍ତ । ସେପଟେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ପାଣିଗଣ୍ଡାରେ ରାସ୍ତା ଅବରୋଧ କରିଛନ୍ତି ଲୋକେ। ରାସ୍ତା ଅବରୋଧ ଯୋଗୁଁ ଅଡ଼ବା- ବ୍ରାହ୍ମଣିଗାଁ ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଛି। ଏପଟେ ପ୍ଲାକାର୍ଡରେ କେଉଁଠି ଲେଖା ଯାଇଛି ମୋ ଭାଇକୁ ନ୍ୟାୟ ଦରକାର ତ ଆଉ କେଉଁଠି ହତ୍ୟାକାରୀକୁ ଧରିବାକୁ ଦାବି ହୋଇଛି।

ସୂଚନାଯୋଗ୍ୟ ଯେ ଗତ ଏକ ବର୍ଷ ମଧ୍ୟରେ ସ୍ଥାନୀୟ ଅଞ୍ଚଳରେ ୩ଟି ହତ୍ୟାକାଣ୍ଡ ଘଟିସାରିଛି। ଏହି ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତମାନଙ୍କୁ ଧରିବାରେ ପୁଲିସ୍ ବିଫଳ ହୋଇଥିବା ଯୋଗୁଁ କେତେକ ଅଭିଯୁକ୍ତ ନିର୍ଭୟରେ ବୁଲି ଗୋଟିଏ ପରେ ଗୋଟିଏ ହତ୍ୟାକାଣ୍ଡ ଘଟାଉଥିବା ଅଭିଯୋଗ ହେଉଛି। ପୁଲିସର ନିଷ୍କ୍ରିୟତା ଯୋଗୁଁ ସ୍ଥାନୀୟ ଅଞ୍ଚଳର ଲୋକେ ଭୟଭୀତ ଅବସ୍ଥାରେ ଜୀବନ କାଟୁଥିବା କୁହାଯାଉଛି।

# ପୂର୍ବ ଶତ୍ରୁତାରୁ ଜିମ୍ ମାଲିକଙ୍କ ଝିଅକୁ ଆକ୍ରମଣ !



**ଭୁବନେଶ୍ୱର,୩।୩(ସଂଚାର ବ୍ୟୁରୋ):** ରାଜଧାନୀରେ ପ୍ରତିଦିନ କିଛି ନା କିଛି ଅଘଟଣ ଘଟୁଥିବା ବେଳେ କେତେକ କ୍ଷେତ୍ରରେ ପୁଲିସ୍ ପାଇଁ ଏହାର ସମାଧାନ ମୁଣ୍ଡାବିନ୍ଧାର କାରଣ ହେଉଛି। ତେବେ ଇତିମଧ୍ୟରେ ଏଠାରେ ଏକ ଘଟଣା ବେଶ୍ ଚର୍ଚ୍ଚାରେ ରହିଛି। ଘଟଣାଟି ହେଉଛି ଘର ମାଲିକଙ୍କ ଝିଅ ଓ ଜ୍ୱାଇଁଙ୍କ ସହ ଜିମ୍ ମାଲିକଙ୍କ ବିବାଦ। ଏହି ବିବାଦ ଏବେ ଏବେ ସୀମା ଟପିଛି। ଅଭିଯୋଗ ଅନୁଯାୟୀ, କୁଆଡ଼େ ପ୍ରଥମେ ଜିମରେ ବେଆଇନ ଭାବେ ପ୍ରବେଶ କରି ମାଲିକଙ୍କ ଝିଅ ଓ ଜ୍ୱାଇଁ ତାଲା ପକାଇଥିଲେ। ଏପରିକି ଜିମ୍ ମାଲିକଙ୍କ ଝିଅକୁ ଜୀବନରେ ମାରିଦେବାକୁ ମଧ୍ୟ ସେମାନେ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି।

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବତୀଙ୍କୁ ଗାଡ଼ି ମଡ଼ାଇ ହତ୍ୟା ପାଇଁ ଉଦ୍ୟମ ହୋଇଥିବା ଭଳି ସାଙ୍ଘାତିକ ଅଭିଯୋଗ ଆସିଛି। ଏନେଇ ସ୍ଥାନୀୟ ସହିଦନଗର ଥାନାରେ ଉକ୍ତ ଯୁବତୀ ଏତଲା ଦେଇଛନ୍ତି। ସୂଚନାନୁସାରେ ସହିଦ ନଗର ମହର୍ଷି କଲେଜ ରୋଡରେ ଉକ୍ତ ଯୁବତୀ ଜଣଙ୍କ ତାଙ୍କ ସ୍କୁଟିରେ ଯାଉଥିବା ସମୟରେ ଜଣେ ଯୁବକ ପ୍ରଥମେ ଉଦ୍ଦେଶ୍ୟମୂଳକ ଭାବେ ତାଙ୍କ ସ୍କୁଟିକୁ ଧକ୍କା ଦେଇ ଫେରାର ହୋଇଯାଇଥିଲେ।

ଏହି ଦୁର୍ଘଟଣାରେ ତଳେ ପଡ଼ିଯିବାରୁ ଯୁବତୀଙ୍କ ହାତ ଭାଙ୍ଗିଯାଇଥିଲା। ସେ ଯନ୍ତ୍ରଣାରେ ଛଟପଟ ହୋଇ ପରିବାର ଲୋକଙ୍କୁ ଫୋନ୍ କରି ଜଣାଇବା ସହ ରାସ୍ତା କଡ଼ରେ ଅପେକ୍ଷା କରିଥିଲେ। କିନ୍ତୁ ଏହି ସମୟରେ ତାଙ୍କ ପାଖରେ ଆଉ ଦୁଇ ଜଣ ଯୁବକ ପହଞ୍ଚିବା ସହ ତାଙ୍କ ଫଟୋ ଉଠାଇବା ଆରମ୍ଭ କରିଥିଲେ। ଏଥିସହ ସେମାନେ ବିଲଡିଂ ମାଲିକଙ୍କ ଝିଅ ଓ ଜ୍ୱାଇଁଙ୍କ ନାଁ ନେଇ ତାଙ୍କୁ ଧମକ ମଧ୍ୟ ଦେଇଥିଲେ। ସେମାନେ କହିଥିଲେ ଯେ ଆଜି ସ୍କୁଟି ମାଡ଼ ହୋଇଛି। କଥା ନ ମାନିଲେ ଆଗାମୀ ଦିନରେ ସିଧା ଟ୍ରକ୍ ଚଢ଼ାଇ ଜୀବନରେ ମାରିଦେବେ ବୋଲି ସେମାନେ ଧମକ ଦେଇଥିଲେ। ଏହାପରେ ସେମାନେ ସେଠାରୁ ପଳାଇଯାଇଥିଲେ ବୋଲି ଯୁବତୀ ଜଣଙ୍କ ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ। ଅଭିଯୋଗ ପାଇବା ପରେ ପୁଲିସ୍ ସମ୍ପୃକ୍ତ ଦୁଇ ଯୁବକଙ୍କୁ ସିସିଟିଭିରେ ଖୋଜି ବାହାର କରିବା ସହ ଥାନାକୁ ଡାକି ପଚରାଉଚରା କରିବା ସହ ଏନେଇ ଅଧିକ ତଦନ୍ତ ଚଳାଇଛି। ଉକ୍ତ ଯୁବତୀଙ୍କ ବାପା ବଡ଼ଗଡ଼ ଅଞ୍ଚଳରେ ଏକ ଜିମ୍ ଚଳାଉଥିବା ବେଳେ ପୂର୍ବରୁ ଏହି ଜିମ୍ ଚାଲିଥିବା କୋଠାର ମାଲିକଙ୍କ ଝିଅ ଓ ଜ୍ୱାଇଁ ସହ ଭଡ଼ା ଟଙ୍କାକୁ ନେଇ ତାଙ୍କର ପାଟିତୁଣ୍ଡ ହୋଇଥିଲା। ଏହାପରେ ବଡ଼ଗଡ଼ ଥାନାରେ ଅଭିଯୋଗ ହେବା ପରେ ତଦନ୍ତ ଚାଲିଥିବାବେଳେ ଏହି ଘଟଣାକୁ ନେଇ ଜିମ୍ ମାଲିକଙ୍କ ଝିଅଙ୍କୁ ଜାଣିଶୁଣି ଗାଡ଼ି ଦୁର୍ଘଟଣା କରି ମାରିବାକୁ ଚେଷ୍ଟା କରୁଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ କୋଠାର ମାଲିକଙ୍କ ସହ ଜିମ୍ ମାଲିକ ୧୦ ବର୍ଷର ଏଗ୍ରିମେଣ୍ଟ କରିଥିବାବେଳେ ଇତି ମଧ୍ୟରେ ୫ ବର୍ଷ ବିତିଯାଇଛି। କିନ୍ତୁ ଏଗ୍ରିମେଣ୍ଟ୍‌କୁ ଆହୁରି ୫ ବର୍ଷ ବାକି ଥିବା ବେଳେ ଏବେ କ’ଣ ପାଇଁ ବିବାଦ ଘନୀଭୂତ ହୋଇଛି, ତାହାକୁ ନେଇ ବିଭିନ୍ନ ପ୍ରଶ୍ନ ମୁଣ୍ଡ ଟେକିଛି। କୋଠା ମାଲିକଙ୍କ ଝିଅ ଓ ଜ୍ୱାଇଁଙ୍କ ବିରୋଧରେ ହୋଇଥିବା ସାଙ୍ଘାତିକ ଅଭିଯୋଗରେ କେତେ ସତ୍ୟତା ରହିଛି ତା’ ତଦନ୍ତ ଶେଷହେବା ପରେ ଜଣାପଡ଼ିବ। କିନ୍ତୁ ଏପରି ଏକ ସମ୍ବେଦନଶୀଳ ଘଟଣାରେ ପୁଲିସ୍ ଉପଯୁକ୍ତ ତଦନ୍ତ କରିବା ସହ ଖୁବ୍ ଶୀଘ୍ର ଅଭିଯୋଗର ସତ୍ୟତା ପ୍ରକାଶ କରିବାକୁ ଦାବି ହେଉଛି।

ଜୀବନ ଅମୃତ ଅନୁଚିନ୍ତା

ସତ୍କର୍ମର ଫଳ ବୃଥା ଯିବନି- ମନୁଷ୍ୟ ଯାହା ବି କର୍ମ କରେ ତାହାର ଫଳାଫଳ ତାକୁ ହିଁ ମିଳିଥାଏ। ଏହାକୁ କେହି ଚୋରି କରିପାରିବ ନାହିଁ। ସତ୍କର୍ମ କେବେ ବି ବୃଥା ଯିବନି। ଏହାର ପୁରସ୍କାର ଦିନେ ନା ଦିନେ ମିଳିବ।

SANCHAR
ସଂଚାର

୪ ମଙ୍ଗଳବାର ୪ ମାର୍ଚ୍ଚ ୨୦୨୫, ଭୁବନେଶ୍ୱର
Tuesday 4 March 2025 Bhubaneswar

# ମତଦାତା ପରିପକ୍ୱ ହେଉଛନ୍ତି

ଭାରତୀୟ ରାଜନୀତିର ଅଙ୍କ ବଦଳୁଛି। ଭୋଟ ବ୍ୟାଙ୍କ ସୃଷ୍ଟି କରି ନିର୍ବାଚନରେ ବିଜୟ ହାସଲ ସମ୍ଭବ ତାହା ନିକଟରେ ଅନୁଷ୍ଠିତ ବିଭିନ୍ନ ରାଜ୍ୟ ବିଧାନସଭା ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହୋଇଛି। ପୂର୍ବରୁ କେବଳ ଧାର୍ମିକ ସଂଖ୍ୟାଲଘୁ ଗୋଷ୍ଠୀ ବା ଆଦିବାସୀ/ଦଳିତ ଭୋଟ ବ୍ୟାଙ୍କ ନିର୍ବାଚନରେ ନିର୍ଣ୍ଣାୟକ ସାବ୍ୟସ୍ତ ହେଉଥିଲା। ଏହି ଆଧାରରେ କଂଗ୍ରେସ ଦୀର୍ଘ ବର୍ଷ ଧରି ଦେଶରେ ଶାସନ କ୍ଷମତା ଆକ୍ତିଆର କରି ରଖିଥିଲା। ଏବେ କଂଗ୍ରେସର ଏହି ଭୋଟ ବ୍ୟାଙ୍କ ଦୁର୍ବଳ ହୋଇଯାଇଛି। ଏହା ସହିତ ନୂଆ ଭୋଟ ବ୍ୟାଙ୍କ ସୃଷ୍ଟି ହୋଇଛି। ଏଥିରେ ପ୍ରମୁଖ ଭୂମିକା ନେଉଛନ୍ତି ମହିଳା ଭୋଟର। ମହିଳାଙ୍କ ସମର୍ଥନ ଯୋଗୁ ମହାରାଷ୍ଟ୍ରରେ ମହାଯୁତି ଏବଂ ଝାଡ଼ଖଣ୍ଡରେ ଜେଏମଏମ ବିଜୟୀ ହେଲା। ଜାତି, ଧର୍ମ ବା ଲିଙ୍ଗ ଆଧାରରେ ଏହି ଭୋଟ ବ୍ୟାଙ୍କ ସୃଷ୍ଟି କରାଯାଉଛି। ଅନେକ ଦଳ ମହିଳାମାନଙ୍କୁ ପ୍ରଲୋଭିତ ବା ପ୍ରଭାବିତ କରି ସେମାନଙ୍କ ଭୋଟ ହାତେଇବାରେ ସଫଳ ହେଉଛନ୍ତି। ଅତୀତରେ ଓଡ଼ିଶାରେ ବିଜେଡି ମହିଳା ଭୋଟ ବ୍ୟାଙ୍କ ସୃଷ୍ଟି କରି ଅନେକ ବର୍ଷ କ୍ଷମତାରେ ରହିଲା। ଏବେ ବିଜେପି ସେହି ନୀତି ଆପଣାଇଛି। ମହିଳାମାନେ ମିଳିତ ଭାବେ ଯାହାକୁ ଭୋଟ ଦେବେ ସେ ନିର୍ବାଚନୀ ସଫଳତା ପାଇବା ସ୍ୱାଭାବିକ। ଗତ କିଛି ବର୍ଷ ହେବ ନିର୍ବାଚନରେ ମହିଳାଙ୍କ ମତଦାନ ହାର ଅଧିକ ରହୁଥିବା ଦେଖାଯାଉଛି। ମହାରାଷ୍ଟ୍ରରେ ବିଜେପି ନେତୃତ୍ୱାଧିନ ମହାଯୁତିର ବିଜୟ ପଛରେ ଏହା ଏକ ବଡ଼ କାରଣ ହିସାବରେ ବିଶେଷଜ୍ଞ ସ୍ୱୀକାର କରିଛନ୍ତି। ମହିଳାମାନେ ଏଥର ବହୁ ସଂଖ୍ୟାରେ ଆସି ମତଦାନ କରିବା ଦ୍ୱାରା ସବୁ ଆକଳନ ଭୁଲ ପ୍ରମାଣିତ ହେଲା ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ, ନିର୍ବାଚନ ପୂର୍ବରୁ ସିନ୍ଦେ ସରକାର ମହିଳାଙ୍କ ସମର୍ଥନ ପାଇବାକୁ ଲାଗି ବହୁତ ଯୋଜନା କାର୍ଯ୍ୟକାରୀ କରିବା ଦ୍ୱାରା ମହିଳାମାନେ ବହୁ ସଂଖ୍ୟାରେ ଆସି ବିଜେପି ମେଣ୍ଟ ସପକ୍ଷରେ ଭୋଟ ଦେଲେ। ଠିକ ସେହିପରି ଝାଡ଼ଖଣ୍ଡରେ ଆଦିବାସୀ ମହିଳା ମାନେ ଜେଏମଏମ ନେତୃତ୍ୱାଧିନ ମେଣ୍ଟ ସପକ୍ଷରେ ଭୋଟ ଦେବା ଫଳରେ ସେଠାରେ ଏନଡିଏ ପରାଜିତ ହେଲା। ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ପତ୍ନୀ କଳ୍ପନା ସୋରେନ ଥିଲେ ଏହି ନିର୍ବାଚନରେ ମୁଖ୍ୟ ଆକର୍ଷଣ। ତାଙ୍କୁ ଦେଖିବା ପାଇଁ ଦୂରଦୂରାନ୍ତରୁ ଆଦିବାସୀ ମହିଳାମାନେ ନିର୍ବାଚନୀ ସଭାରେ ଭିଡ଼ ଜମାଉଥିଲେ। ସେମାନେ ମିଳିତ ଭାବେ ଜେଏମଏମ ମେଣ୍ଟକୁ ସମର୍ଥନ କରିବା ଫଳରେ ସବୁ ପ୍ରକାର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଇଣ୍ଡିଆ ବ୍ଲକ ସେଠାରେ ବିଜୟୀ ହେଲା। ନଚେତ ହେମନ୍ତ ସରକାରଙ୍କ ବିରୋଧରେ ଯେଉଁ ଦୁର୍ନୀତି ଅଭିଯୋଗ ରହିଥିଲା ସେଥିରେ ଏହି ଦଳ ପରାଜିତ ହେବା ସୁନିଶ୍ଚିତ ଥିଲା। କହିବା ବାହୁଲ୍ୟ ଯେ, ଗତ ଲୋକସଭା ନିର୍ବାଚନରେ ଉଭୟ ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡରେ ଗତ ଲୋକସଭା ନିର୍ବାଚନରେ ବିପରୀତ ଫଳାଫଳ ଦେଖିବାକୁ ମିଳିଥିଲା। ମାତ୍ର ୫ ମାସ ବ୍ୟବଧାନରେ ଜନମତ ବଦଳିଗଲା। ଏହା ପୂର୍ବରୁ ଲୋକସଭା ନିର୍ବାଚନରେ ଉତ୍ତର ପ୍ରଦେଶରେ କଂଗ୍ରେସ-ସମାଜବାଦୀ ପାର୍ଟୀ ମେଣ୍ଟ ସପକ୍ଷରେ ଜନମତ ଯାଇଥିଲା। ଏହାର କାରଣ ମଧ ଥିଲା ମହିଳା ଭୋଟ। କଂଗ୍ରେସ-ସପା ମେଣ୍ଟ ଏହି ନିର୍ବାଚନରେ ଭଲ ପ୍ରଦର୍ଶନ କରିବାର ମୁଖ୍ୟ କାରଣ ଥିଲା ମହିଳା ଭୋଟରଙ୍କୁ ଆକୃଷ୍ଟ କରିବା ନିମନ୍ତେ ଲୋଭନୀୟ ପ୍ରତିଶ୍ରୁତି। ନଚେତ ଉତ୍ତରପ୍ରଦେଶରେ ବିଜେପି ଖରାପ ପ୍ରଦର୍ଶନ କରିବାର କିଛି କାରଣ ନଥିଲା। ଅନ୍ୟ ସବୁ ରାଜ୍ୟରେ ଏଭଳି ଭାବେ ମହିଳା ଭୋଟରମାନେ ନିର୍ଣ୍ଣାୟକ ହେଉଛନ୍ତି। ଏହା ଏକ ବଡ଼ ରାଜନୈତିକ କୋ÷ଶଳ ହୋଇଛି। ମହାରାଷ୍ଟ୍ରରେ ସିନ୍ଦେଙ୍କ ସରକାର ଠାକରେ ସରକାରଠାରୁ ଭଲ ପ୍ରଦର୍ଶନ କରିଛି। ତେଣୁ ଜନମତ ସରକାର ସପକ୍ଷରେ ଯାଇଛି। ଚଳିତ ନିର୍ବାଚନରେ ମହାରାଷ୍ଟ୍ରବାସୀ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧିନ ଶିବସେନାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଜନତାଙ୍କ ସହ ଯିଏ ପ୍ରତାରଣା କରିବ ତାକୁ ଏଭଳି ପରିଣତିର ସମ୍ମୁଖୀନ ହେବାକୁ ପଡ଼ିବ। ସେହିପରି ଶରଦ ପାୱାରଙ୍କ ଏନସିପି ମଧ ଚଳିତ ନିର୍ବାଚନରେ ପରାଜିତ ହୋଇଛି। ଲୋକେ ଅଜିତ ପାୱାରଙ୍କ ଗୋଷ୍ଠୀକୁ ସ୍ୱୀକୃତି ପ୍ରଦାନ କରିଛନ୍। ଅବଶ୍ୟ ଅଜିତ ପାୱାରଙ୍କ ନେତୃତ୍ୱାଧିନ ଏନସିପି ସଫଳ ହେବାର ମୁଖ୍ୟ କାରଣ ହେଲା ବିଜେପି ବା ଏନଡିଏ ସପକ୍ଷରେ ଜନମତ। ଲୋକେ ଏନଡିଏ ସପକ୍ଷରେ ବା ବିଜେପି ସପକ୍ଷରେ ରାୟ ଦେଇଛନ୍ତି। ଯିଏ ବିଜେପି ସହ ରହିଛି ସେ ବିଜୟୀ ହୋଇଛି। ମହାରାଷ୍ଟ୍ର ଭଳି ଦିଲ୍ଲୀ ବିଧାନସଭା ନିର୍ବାଚନ ଫଳାଫଳ ମଧ ବିଜେପି ସପକ୍ଷରେ ଯାଇଛି। ସେଠାରେ ଆପର ଦୁର୍ନୀତି ବିରୋଧରେ ଜନମତ ଯାଇଛି। ବିଜେପିର ବିକାଶ ପ୍ରତିଶ୍ରୁତି ଦିଲ୍ଲୀ ଭୋଟରମାନଙ୍କୁ ପ୍ରଭାବିତ କରିଛି। ସବୁଦିନ ଲୋକଙ୍କୁ ଅନ୍ଧାରରେ ରଖାଯାଇପାରିବନି। କେଜରିୱାଲଙ୍କ ଛଳନା, ମିଛ ପ୍ରତିଶ୍ରୁତି ବିପକ୍ଷରେ ଜନମତ ଯାଇଛି। ତେଣୁ ସବୁ ବେଳେ ଭୋଟ ବ୍ୟାଙ୍କ ରାଜନୀତି କାମ ଦେବନି। ଏହା ସହିତ ବିକାଶ ଏବଂ ସ୍ୱଚ୍ଛତା ମଧ ଆବଶ୍ୟକ। ଦିଲ୍ଲୀ, ହରିୟାନା, ମହାରାଷ୍ଟ୍ରରେ ଜନମତକୁ ପ୍ରଭାବିତ କରିବା ପାଇଁ ସବୁ ରାଜନୈତିକ ଦଳ ବିଭିନ୍ନ ରଣକୋ÷ଶଳ ପ୍ରୟୋଗ କଲେ। କିନ୍ତୁ ନିର୍ବାଚନୀ ରଣକୋ÷ଶଳର କିଛି ମୂଲ୍ୟ ନାହିଁ, ଯଦି ବିକାଶ ଏବଂ ସ୍ୱଚ୍ଛତା ନାହିଁ। ଭାରତୀୟ ରାଜନୀତିରେ ଧିରେ ଧିରେ ପରିବର୍ତ୍ତନ ଆସୁଛି। ଲୋକେ ପରିପକ୍ୱ ହେଉଛନ୍ତି। ଆଳୁ, ପିଆଜର ଦର ସାମୟିକ ଭାବେ ବୃଦ୍ଧି ପାଇଲେ ଲୋକେ ଏଥିରେ ପ୍ରଭାବିତ ହେଉ ନାହାଁନ୍ତି। ସେମାନେ ବୁଝିଲେଣି ଯେ, ଏହା ଏକ ସାମୟିକ ପରିସ୍ଥିତି। ଏଥିପାଇଁ ସରକାରଙ୍କୁ ଦାୟୀ କରାଯାଇପାରିବ ନାହିଁ। ଡାଲି, ତେଲ, ଲୁଣର ସଂସାର ଅପେକ୍ଷା ଦେଶର ସୁରକ୍ଷା, ସାମୁହିକ ବିକାଶ ଏବଂ ରାଷ୍ଟ୍ରୀୟ ଏକତା ବଡ଼ କଥା। ଏହାକୁ କେହି ଜନତାଙ୍କ ଆଖିରୁ ଚୋରାଇ ନେଇପାରିବେ ନାହିଁ। ଅତୀତରେ ଲୋକଙ୍କୁ ନେତାମାନେ ଏଭଳି ଅନେକ ବାଜେ ପ୍ରସଙ୍ଗରେ ପ୍ରଭାବିତ କରୁଥିଲେ। ୧୯୭୯ରେ ଜନତା ପାର୍ଟୀର ବିଭାଜନ ଫଳରେ ସରକାର ଭାଙ୍ଗିଗଲା ଏବଂ ମଧବର୍ତ୍ତୀକାଳୀନ ନିର୍ବାଚନ ହେଲା। ଏଥିପାଇଁ ଲୋକେ ଚରଣ ସିଂହଙ୍କୁ ଦାୟୀ କରନ୍ତି ଯାହା ଯଥାର୍ଥ। କିନ୍ତୁ ଇନ୍ଦିରା ଗାନ୍ଧି ସମର୍ଥନ ପ୍ରତିଶ୍ରୁତି ଦେଇ ମାତ୍ର ତିନିଦିନରେ ସମର୍ଥନ ପ୍ରତ୍ୟାହାର କରିବା ଫଳରେ ଚରଣ ସିଂହ ସରକାର ଭାଙ୍ଗିଗଲା ଏବଂ ଦେଶରେ ନିର୍ବାଚନର ବୋଝ ପଡ଼ିଲା। ଇନ୍ଦିରାଙ୍କ ପ୍ରତାରଣା ଯୋଗୁ ଦେଶ ଉପରେ ଏକ ମଧବର୍ତ୍ତୀକାଳୀନ ନିର୍ବାଚନର ବୋଝ ପଡ଼ିଲା, ଏହାକୁ କେହି ବୁଝିଲେ ନାହିଁ। କିନ୍ତୁ ଏବେ ପରିସ୍ଥିତି ବଦଳିଛି। ଲୋକେ ସବୁ କଥା ବୁଝୁଛନ୍ତି, ପଢୁଛନ୍ତି, ଅନୁଭବ କରୁଛନ୍ତି। ଗଣମାଧମ ଯୋଗୁ ଲୋକେ ସଚେତନ ହେଲେଣି। ଲୋକେ ଶିକ୍ଷିତ ହେଉଛନ୍ତି। ସେମାନଙ୍କୁ କେହି ବୋକା ବନାଇ ପାରିବେ ନାହିଁ କିମ୍ବା କେହି କାହାର ସ୍ଥାୟୀ ଭୋଟ ବ୍ୟାଙ୍କ ହୋଇପାରିବେ ନାହିଁ।

## ସମ୍ପାଦକଙ୍କୁ ପତ୍ର

### ବିମାନ ସେବା ସମ୍ପ୍ରସାରଣ

**ମହାଶୟ,**

କେନ୍ଦ୍ର ସରକାରଙ୍କ ଉଡ଼ାନ ଯୋଜନା ଅନୁଯାୟୀ ରାଜ୍ୟର କେତେକ ଛୋଟ ସହରରେ ବିମାନ ବନ୍ଦର ପ୍ରତିଷ୍ଠା ହୋଇଛି। ରାଉରକେଲା, ବ୍ରହ୍ମପୁର, ଜୟପୁର, ଝାରସୁଗୁଡ଼ା ଆଦି ସହରରେ ଏହିସବୁ ବିମାନ ବନ୍ଦର ପ୍ରତିଷ୍ଠା ହୋଇଛି। ଫଳରେ ଭୁବନେଶ୍ୱର ସହ ପଶ୍ଚିମ, ଦକ୍ଷିଣ ଓଡ଼ିଶା ସହିତ ବିମାନ ସଂଯୋଗ ହୋଇପାରିଛି। ଏହି ଯୋଜନା ତତ୍କାଳ ଲାଭଜନକ ହୋଇନପାରେ। କିନ୍ତୁ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଉତ୍ତର ଓଡ଼ିଶାରେ ମଧ ଏଭଳି ବିମାନ ବନ୍ଦର ପ୍ରତିଷ୍ଠାର ଆବଶ୍ୟକତା ରହିଛି। ବାରିପଦା ସହରରେ ଏପରି ଏକ ବିମାନ ବନ୍ଦର ପ୍ରତିଷ୍ଠା ଯୋଜନା ରହିଛି ଯାହାକୁ ଶୀଘ୍ର କାର୍ଯ୍ୟକାରୀ କରାଯିବା ଉଚିତ। ଏହା ବ୍ୟତିତ ପୁରୀରେ ପ୍ରସ୍ତାବିତ ନୂତନ ବିମାନ ବନ୍ଦର ପ୍ରତିଷ୍ଠା କାର୍ଯ୍ୟ ତ୍ୱରାନ୍ୱିତ ହେବା ଉଚିତ। ରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ବିକାଶ ନିମନ୍ତେ ଏହା ଜରୁରୀ।

**ଶଙ୍କର ମହାପାତ୍ର, ଶହୀଦନଗର ଭୁବନେଶ୍ୱର**

# ଗ୍ରାମାଞ୍ଚଳ ବିକାଶରେ ପଞ୍ଚାୟତରାଜ



**କିଶୋର ଚନ୍ଦ୍ର ବେହେରା**

ଭାରତୀୟ ଗଣତାନ୍ତ୍ରିକ ଶାସନ ହେଉଛି ରାଷ୍ଟ୍ରସଂଘୀୟ ଶାସନ। କ୍ଷମତା ବିକେନ୍ଦ୍ରୀକରଣ ଏଠାକାର ଶାସନର ଅନ୍ୟ ଏକ ଦିଗ ଅଟେ। ଶାସନର ସର୍ବନିମ୍ନ ସ୍ତର ଅଥବା ତୃଣମୂଳ ସ୍ତରରେ ଗଣତନ୍ତ୍ର ପ୍ରତିଷ୍ଠା କରୁଥିବାରୁ ସ୍ଥାନୀୟ ଶାସନ ବ୍ୟବସ୍ଥାକୁ ତୃଣମୂଳ ଗଣତନ୍ତ୍ର ମଧ କୁହାଯାଇଥାଏ। କ୍ଷମତା ବିକେନ୍ଦ୍ରୀକରଣ ମାଧମରେ କେନ୍ଦ୍ର ସରକାର ଓ ସ୍ଥାନୀୟ ସରକାର ମଧରେ ସୁସମ୍ପର୍କ ସୃଷ୍ଟି ହୋଇଥାଏ। ଆଞ୍ଚଳିକ ସୁବିଧା ସୁଯୋଗ, ଉନ୍ନୟନ ଓ ସ୍ଥାନୀୟ ଲୋକମାନଙ୍କୁ ଶାସନର ସୁବିଧା ଦେବାପାଇଁ ସ୍ୱାୟତ ଶାସନ ବ୍ୟବସ୍ଥା ରହିଛି। ଏହି ବ୍ୟବସ୍ଥା ଦ୍ୱାରା ଜନସାଧାରଣମାନେ ନିଜର ନିର୍ଦ୍ଦିଷ୍ଟ ଓ ସୀମିତ ପରିସର ମଧରେ ଶାସନରେ ଅଂଶ ଗ୍ରହଣ କରିବା ସହ ମୌଳିକ ସମସ୍ୟାର ସମାଧାନ କରିବା ପାଇଁ ପ୍ରଚେଷ୍ଟା ଜାରି ରଖିଥାନ୍ତି। ଯାହାଫଳରେ କି ସରକାରଙ୍କ ବ୍ୟୟ ସଙ୍କୋଚିତ ହୋଇଥାଏ ଏବଂ ସାଧାରଣ ନାଗରିକ ମଧ ଆର୍ଥିକ ବ୍ୟୟବହୁଳ ଓ ଅଯଥା ସମୟ ଅପଚୟରୁ ମୁକ୍ତି ପାଇଥାଏ। ସାମାଜିକ ନ୍ୟାୟ ଓ ଦକ୍ଷ ସେବା ପ୍ରଦାନ ସହିତ ସମାବେଶୀ ବିକାଶକୁ ସୁନିଶ୍ଚିତ କରିବା ପାଇଁ ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକର ସଶକ୍ତୀକରଣ ଓ ଉତ୍ତରଦାୟିତ୍ୱର ଲକ୍ଷ୍ୟ ଉପରେ କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରାଳୟ କାର୍ଯ୍ୟ କରୁଛି। ଏକ ସୁଦୃଢ଼ ସ୍ଥାନୀୟ ସ୍ୱୟଂଶାସନ ହିଁ ଗ୍ରାମୀଣ ଭାରତର ଆତ୍ମନିର୍ଭରଶୀଳତାର ପ୍ରତିବଦ୍ଧତାକୁ ସୁଦୃଢ଼ କରିପାରିବ ଏବଂ ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ପରିବର୍ତ୍ତନକୁ ପ୍ରୋତ୍ସାହନ ଦେଇ ଗ୍ରାମୀଣ ଜୀବନକୁ ରୂପାନ୍ତରିତ କରିପାରିବ। ମହାତ୍ମାଗାନ୍ଧୀଙ୍କ ଗ୍ରାମ ସ୍‌ବରାଜ ଚିନ୍ତାଧାରା ସ୍ୱାଧୀନତାର ଦୀର୍ଘ ୪୫ ବର୍ଷ ପରେ ୭୩ତମ ସମ୍ବିଧାନ ସଂଶୋଧନ ବିଧେୟକ ରୂପରେ ୧୯୯୨ ମସିହା ଡ଼ିସେମ୍ବର ୨୨ ତାରିଖରେ ଲୋକସଭାରେ ଗୃହୀତ ହେଲାପରେ ୧୯୯୩ ମସିହା ଏପ୍ରିଲ ୨୦ ତାରିଖରେ ତତ୍କାଳୀନ ରାଷ୍ଟ୍ରପତି ଡଃ ଶଙ୍କର ଦୟାଲ ଶର୍ମାଙ୍କ ସ୍ୱୀକୃତି ଲାଭ କଲାପରେ ଆଇନରେ ପରିଣତ ହୋଇଥିଲା। ଏହି ଦିନକୁ ମନେ ପକାଇବା ପାଇଁ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଘୋଷଣା କ୍ରମେ ୨୦୧୦ ମସିହାରୁ ଏପ୍ରିଲ ୨୪କୁ ପ୍ରତିବର୍ଷ ସାରା ଦେଶରେ ପାଳନ କରୁଛି ପଞ୍ଚାୟତିରାଜ ଦିବସ। ଏଠାରେ ଏକ ସାଧାରଣ ପ୍ରଶ୍ନ ଉଠେ ସାରା ଦେଶ ଏପ୍ରିଲ ୨୪କୁ ପଞ୍ଚାୟତରାଜ ଦିବସ ଭାବେ ପାଳନ କରୁଥିବାବେଳେ ଓଡ଼ିଶାରେ ମାର୍ଚ୍ଚ ୫ ତାରିଖକୁ କାହିଁକି ପାଳନ କରାଯାଇଥାଏ ? ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବୀରପୁତ୍ର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ପାଳିତ ହୁଏ ପଞ୍ଚାୟତିରାଜ ଦିବସ। ଏହିଦିନ ରାଜ୍ୟର ସମସ୍ତ ପଞ୍ଚାୟତରେ ଏହାକୁ ଧୁମଧାମରେ ପାଳନ କରାଯାଇଥାଏ। ବର୍ତ୍ତମାନ ଗ୍ରାମାଞ୍ଚଳରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥାର ପ୍ରମୁଖ ମାଧମ ସାଜିଛି ପଞ୍ଚାୟତିରାଜ ବ୍ୟବସ୍ଥା। ୧୯୯୨ ମସିହାରେ ଯେତେବେଳେ ଜାତୀୟ ସ୍ତରରେ ପଞ୍ଚାୟତିରାଜ ବ୍ୟବସ୍ଥା କାର୍ଯ୍ୟକ୍ଷମ କରାଗଲା ସେତେବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ ବିଜୁ ପଟ୍ଟନାୟକ। ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥା ଲାଗୁ କରିବାରେ ସେ ଥିଲେ ସୂତ୍ରଧର। ଗାଁ ର ବିକାଶକୁ ବିଜୁବାବୁ ସବୁବେଳେ ଅଗ୍ରାଧିକାର ଦେଉଥିଲେ। କ୍ଷମତା ବିକେନ୍ଦ୍ରୀକରଣ ଦ୍ୱାରା ସୁଶାସନ ପ୍ରତିଷ୍ଠା ସମ୍ଭବ ବୋଲି ବୁଝିଥିଲେ ବିଜୁବାବୁ। ଓଡ଼ିଶାର ୧୩ ଜିଲ୍ଲାକୁ ବିଭାଜନ କରି ୩୦ ଜିଲ୍ଲା କରିବା ପାଇଁ ପଦକ୍ଷେପ ନେଇଥିଲେ ବିଜୁ ପଟ୍ଟନାୟକ।ଗାଁର ବିକାଶରେ ରାଜ୍ୟର ବିକାଶ। ଏକଥାକୁ ବୁଝିଥିଲେ ବିଜୁବାବୁ। ଯେପର୍ଯ୍ୟନ୍ତ ପଞ୍ଚାୟତଗୁଡିକୁ ଆର୍ଥିକ କ୍ଷମତା ପ୍ରଦାନ କରା ନ ଯିବ, ସେପର୍ଯ୍ୟନ୍ତ ପଞ୍ଚାୟତିରାଜ ବ୍ୟବସ୍ଥାର ଲକ୍ଷ୍ୟ ପୂରଣ ହୋଇପାରିବନି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ସ୍‌ବୟାତ ଶାସନ ବ୍ୟବସ୍ଥାରେ ମହିଳାଙ୍କ ଯୋଗଦାନକୁ ଗୁରୁତ୍ୱ ଦେଉଥିଲେ ବିଜୁବାବୁ। ୩୩ ପ୍ରତିଶତ ସ୍ଥାନ ମହିଳାଙ୍କ ପାଇଁ ସଂରକ୍ଷଣ କରିବାକୁ ସେ ସମୟରେ ଐତିହାସିକ ନିଷ୍ପତ୍ତି ନେଇଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ। ପ୍ରଥମ ଥର ପାଇଁ ୨୮ହଜାରରୁ ଅଧିକ ମହିଳା ତ୍ରିସ୍ତରୀୟ ବ୍ୟବସ୍ଥାକୁ ନିର୍ବାଚିତ ହୋଇଥିଲେ। ଶିଳ୍ପ ବିକାଶ ହେଉ ବା ଭିତ୍ତିଭୂମି, ଗରିବ ଲୋକଙ୍କ କଲ୍ୟାଣ ହେଉ ବା ମା' ମାନଙ୍କ ସଶକ୍ତିକରଣ ସବୁକ୍ଷେତ୍ରରେ ସେ ଜଣେ ଦୂରଦ୍ରଷ୍ଟା ପରି କାମ କରିଯାଇଛନ୍ତି। କୃଷିରୁ ଶିଳ୍ପ, ଶିକ୍ଷାରୁ ସଶକ୍ତିକରଣ ସବୁକ୍ଷେତ୍ରରେ ତାଙ୍କର ବିପୁଳ ଅବଦାନ ରହିଛି। ଘଟଣା କ୍ରମରେ ଦୈନିକ ଦିନ ମଜୁରିଆଙ୍କ ପାରିଶ୍ରମିକ ବୃଦ୍ଧି ଏକ ଯୁଗାନ୍ତକାରୀ ପଦକ୍ଷେପ। ମୁଖ୍ୟମନ୍ତ୍ରୀତ୍ୱ ସମୟରେ ବର୍ଷା ଦିନେ କୋରାପୁଟରୁ ଗସ୍ତକ୍ରମ ସାରି କଳାହାଣ୍ଡି ଅଭିମୁଖେ ଯାତ୍ରା କରୁଥିଲୁ। ସେତେବେଳେ ଧାନ ରୁଆ ଓ ବେଉଷଣ କାର୍ଯ୍ୟ ଚାଲୁଥିଲା ଦେଖି ସେ ଗାଡ଼ି ଅଟକାଇ ଓହ୍ଲାଇ ଥିଲେ ଏବଂ ରୁଆ ବେଉଷଣରେ ବ୍ୟସ୍ତଥିବା ଚାଷୀ ଓ ଶ୍ରମଜୀବୀ ପୁରୁଷ, ମହିଳାମାନେ ତାଙ୍କ ପାଖକୁ ଦୌଡ଼ି ଆସିଥିଲେ। ସେମାନଙ୍କୁ ତାଙ୍କ ସମସ୍ୟା ବାବଦରେ ପଚାରିଥିଲେ ଓ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ମଜୁରି ବୃଦ୍ଧି କରିବା ପାଇଁ ଦାବି କରିଥିଲେ। ସେଠାରୁ ଫେରି ତା' ପରଦିନ ବିଧାନସଭା ଅଧିବେସନରେ ସେ କାହାସହିତ ପରାମର୍ଶ ନକରି ସର୍ବନିମ୍ନ ମଜୁରିକୁ ପରିବର୍ତ୍ତନ କରିଥିଲେ।



ତ୍ରିସ୍ତରୀୟ ଢାଞ୍ଚା ଯାହାକି ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଏବଂ ଜିଲ୍ଲା ସ୍ତରରେ ଜିଲ୍ଲାପରିଷଦ ସ୍ଥାପନା କରାଯାଇଛି। ଗ୍ରାମ୍ୟ ସ୍ତରରେ ଗ୍ରାମସଭାର ପ୍ରତିଷ୍ଠା କରାଯାଇ ପ୍ରତି ୫ ବର୍ଷରେ ପଞ୍ଚାୟତସ୍ତରୀୟ ନିର୍ବାଚନ ବିଧିବଦ୍ଧ ଭାବେ କରାଯାଉଥିବାରୁ ଗ୍ରାମାଞ୍ଚଳର ପ୍ରତ୍ୟେକ ନାଗରିକମାନେ ସ୍ଥାନୀୟ ଶାସନ କ୍ଷେତ୍ରରେ ପ୍ରତ୍ୟକ୍ଷ ଭାବେ ଅଂଶଗ୍ରହଣ କରିପାରୁଛନ୍ତି। ସ୍ଥାନୀୟ ଶାସନ କଳ ବିଶେଷ ଭାବରେ ରାଜ୍ୟରେ ଶାସନ ଓ ବିଧାନ ସଭା ନିର୍ବାଚନ କ୍ଷେତ୍ରରେ ପ୍ରଭାବ ପକାଇଥାଏ। ଯେହେତୁ ଏହି ସ୍ଥାନୀୟ ଅନୁଷ୍ଠାନଗୁଡିକ ଲୋକଙ୍କ ପାଇଁ ନିକଟତର, ତେଣୁ ସେମାନଙ୍କର ସହଜ ପ୍ରବେଶ ଥାଏ ଓ ସେମାନେ ବ୍ୟକ୍ତିଗତ ଉଦ୍ୟମ ଓ ନିଜର ହସ୍ତକ୍ଷେପ ଦ୍ୱାରା ଆବଶ୍ୟକ ସମାଧାନ କରିବାକୁ ଚେଷ୍ଟା କରନ୍ତି। ମହିଳାମାନେ ସବୁଠାରୁ ବେଶୀ ସୁବିଧା ପାଆନ୍ତି। ସ୍ଥାନ ସଂରକ୍ଷଣ ଯୋଗୁଁ ଅଧିକ ସଂଖ୍ୟାରେ ମହିଳା ଏହି ଅନୁଷ୍ଠାନ ପରିଚାଳନାରେ ଅଂଶ ଗ୍ରହଣ କରନ୍ତି। ମହିଳାମାନଙ୍କୁ ଅଧିକ କ୍ଷମତା ଦେଇ ନିଜର ଦକ୍ଷତା ପ୍ରଦର୍ଶନର ସୁଯୋଗ ପ୍ରଦାନ କରିବା ପାଇଁ ଏହା ଏକ ଉତ୍ତମ ବାଟ। ଅନ୍ୟ ପକ୍ଷରେ ଏହି ସ୍ଥାନୀୟ ସ୍ୱାୟତ ଶାସନ ଅନୁଷ୍ଠାନଗୁଡିକ ଅନେକ ବାଧାର ସମ୍ମୁଖୀନ ହୋଇଥାଏ। ଏହା ଲୋକମାନଙ୍କର ନିକଟତର ହୋଇଥିବାରୁ, ଏହି ଅନୁଷ୍ଠାନଗୁଡିକ ଲୋକମାନନକର ଆଶା ଆକାଂକ୍ଷାକୁ ବହୁତ ବଢାଇ ଦିଏ, ଯାହା ପୂରଣ କରିବା ପାଇଁ ସମ୍ଭବ ହୁଏ ନାହିଁ। ଏହି ପରିସ୍ଥିତି ବହୁ ସମୟରେ କଳହ ଓ ମତପାର୍ଥକ୍ୟ ସୃଷ୍ଟି କରେ। ଏହି ରାଜନୈତିକ ପଦ୍ଧତିର ଗୁଣାତ୍ମକ ଯୋଗଦାନ କେତେକ କାରଣ ଯୋଗୁଁ ସମ୍ଭବ ନୁହେଁ। ସେଗୁଡିକ ହେଉଛି ଦାରିଦ୍ର୍ୟ, ନିରପେକ୍ଷତା, ସାମାଜିକ ଅସମତା ଏବଂ ରାଜନୀତିକୁ ଅପରାଧିକରଣ ପ୍ରଭୃତି। ଜାତିପ୍ରଥା, ସାମ୍ପ୍ରଦାୟିକତା ମଧ ସମସ୍ୟା ସୃଷ୍ଟି କରେ। କ୍ରମବର୍ଦ୍ଧିଷ୍ଣୁଦୁର୍ନୀତି, ବେନିୟମକାର୍ଯ୍ୟ ସ୍ଥାନୀୟ ଅନୁଷ୍ଠାନର ଦକ୍ଷତାର ସହ କାର୍ଯ୍ୟକରିବାରେ ପ୍ରଧାନ ବାଧକ। ଯେଉଁ ରାଜ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥା ଯେତେ ସୁଦୃଢ, ସେ ରାଜ୍ୟର ଶାସନ କଳ ସେତିକି କ୍ଷମତାଶାଳୀ ଓ ନିରପେକ୍ଷ।

**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, ଜିଲ୍ଲା: କୋରାପୁଟ**
**ମୋବାଇଲ୍: ୯୪୩୭୯୫୫୫୬୮**

# କାନ ଏବଂ ଶ୍ରବଣ ସୁରକ୍ଷା ଓ ଆଜିର ଆହ୍ୱାନ



**ନାରାୟଣ ଚନ୍ଦ୍ର ବିଶ୍ୱାଳ**

'ମାନସିକତା ପରିବର୍ତ୍ତନଃ ସମସ୍ତଙ୍କ ପାଇଁ କାନ ଏବଂ ଶ୍ରବଣ ଯତ୍ନକୁ ବାସ୍ତବତାରେ ପରିଣତ କରିବାକୁ ନିଜକୁ ସଶକ୍ତ କର।' ଶ୍ରବଣେନ୍ଦ୍ରିୟ ଆମ ଶରୀରର ଏକ ଅତି ସୂକ୍ଷ୍ମ ଏବଂ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯାହାଦ୍ୱାରା ଆମେ ଶୁଣିବା ସହ ମୁଣ୍ଡର ସ୍ଥିରତା ବଜାୟ ରଖିଥାଏ। ଶୁଣିବା ଏବଂ କଥା କହିବା ଅଙ୍ଗାଙ୍ଗିଭାବେ ମଧ ଜଡ଼ିତ। ପିଲାବେଳରୁ ସାଧାରଣତଃ ୫୦%ରୁ ଉଦ୍ଧ୍ୱର୍ ସ୍ନାୟୁଗତ ଶ୍ରବଣ ହାନି ଥିଲେ ପିଲା କଥା କହିବା ଶିଖିପାରେ ନାହିଁ। ତା'ଠାରୁ କମ ଶ୍ରବଣ ହାନି ଥିଲେ ମଧ ପିଲା ଡ଼େରିରେ କହିବା ସହ ପାଟି ଲଗାଇ କହେ। ଏହାଛଡ଼ା ଯେ କୌଣସି ପ୍ରକାରର ଏବଂ ଯେ କୌଣସି ମାତ୍ରାର ଶ୍ରବଣ ହାନି ହେଲେ ମଧ ପିଲା ବେଳେ ଏହା ଶିଶୁର ମସ୍ତିଷ୍କ ପ୍ରଗତିରେ ବ୍ୟାଘାତ ଘଟାଇଥାଏ। ସ୍କୁଲ ପଢ଼ା ପଢ଼ିରେ ମଧ ବ୍ୟାଘାତ ଘଟେ। ବୟସ୍କ ମାନଙ୍କର ଶ୍ରବଣ ହାନି ହେଲେ ମଧ ଉଚ୍ଚାରଣଗତ ସମସ୍ୟା ହେବା ସଙ୍ଗେ ସଙ୍ଗେ ଡିମେନସିଆ ଭଳି ସ୍ନାୟୁଗତ ସମସ୍ୟା ଦେଖାଦେଇଥାଏ। କାନ ସମସ୍ୟା ହେଲେ ଶୁଣିବା ଅସୁବିଧା ହେବା ସଙ୍ଗେ ସଙ୍ଗେ ସ୍ଥଳ ବିଶେଷରେ କାନରେ ଅସ୍ୱାଭାବିକ ଶବ୍ଦ ହେବା, ମୁଣ୍ଡ ବୁଲାଇବା, କାନ କୁଣ୍ଡାଇ ହେବା, କାନ ବିନ୍ଧିବା, ବାନ୍ତି ଲାଗିବା ଅଥବା ବାନ୍ତି ହେବା, କାନ ଗରମ ଲାଗିବା ଭଳି ଲକ୍ଷଣମାନ ଦେଖାଦିଏ। ବିଭିନ୍ନ କାରଣରୁ ବିଭିନ୍ନ ପ୍ରକାରର ଶ୍ରବଣ ହାନି ପ୍ରକଟିତ ହୋଇଥାଏ। ଆଜି ଏହି ଆଲେଖ୍ୟରେ ବ୍ୟକ୍ତିର ଜୀବନ ଶୈଳୀରେ ପରିବର୍ତ୍ତନ କରି କିଭଳି ଶ୍ରବଣ ହାନି ରୋକାଯାଇପାରିବ ସେ ସମ୍ବନ୍ଧରେ ଚର୍ଚ୍ଚା କରିବା।

ସର୍ଦ୍ଦି ଅଥବା ଭୂତାଣୁ ସଂକ୍ରମଣ ହେଉଛି ଶ୍ରବଣ ହାନିର ଏକ ମୁଖ୍ୟ କାରଣ। ଜୀବନଶୈଳୀ ପରିବର୍ତ୍ତନ କରି କିଭଳି ଏହାକୁ ରୋକାଯାଇ ପାରିବ ଆସନ୍ତୁ ସେ ବିଷୟରେ ସମ୍ୟକ ଆଲୋଚନା କରିବା। ପ୍ରଥମେ ମା'କ୍ଷୀର ଖାଇବା ବେଳେ ଶିଶୁକୁ ୪୫ ଡିଗ୍ରୀ କୋଣରେ ଧରି ଖାଇବାକୁ ଦିଅନ୍ତୁ। ରାତିରେ ଖାଇବା ସମୟରେ ଶିଶୁ ଶୋଇପଡ଼ିଲେ ଦୁଇ ତିନି ସେକେଣ୍ଡ ପାଇଁ ତା ନାକକୁ ଚାପି ଧରନ୍ତୁ। ଏହାଦ୍ୱାରା ପାଟିରେ ବଳକା କ୍ଷୀର ନରହି ପେଟକୁ ଚାଲିଯାଏ ନଚେତ ଏହି କ୍ଷୀର ପାଟିରେ ରାତି ସାରା ରହି ଗଲା ସଂକ୍ରମଣ କରି କାନକୁ ପ୍ରଭାବିତ କରେ। ଫଳରେ କାନରୁ ପାଣି ବା ପୂଜ ଦିଏ। ଏହାଛଡ଼ା ମୁଖଗହ୍ୱର ସଂକ୍ରମଣରୁ ବର୍ତ୍ତିବା ପାଇଁ ଶିଶୁର ଦୁଇ ବର୍ଷ ପରେ ନିୟମିତ ରାତିରେ ବ୍ରସ କରାନ୍ତୁ। ଥଣ୍ଡା ଜିନିଷ ଖାଇବାକୁ ବାରଣ କରନ୍ତୁ। ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ବ୍ୟବହାର କରନ୍ତୁ ନାହିଁ। ରାତି ଶୋଇବା ବେଳେ କାନରେ ପଙ୍ଖା ପବନ ନ ବାଜିବା ପାଇଁ ତୁଳାବିଣ୍ଡା ଦିଅନ୍ତୁ ବା ଦୁଇ କାନକୁ କପଡ଼ାରେ ଘୋଡ଼ାଇ ରଖନ୍ତୁ। ଏହି କପଡାଟି ସମ୍ପୂର୍ଣ୍ଣ ବିଶୋଧିତ ହୋଇଥିବା ବାଞ୍ଛନୀୟ। ଗାଧୋଇବା ବେଳେ କାନରେ ପାଣି ପଶିଗଲେ ତୁଳା କାଠିରେ ପୋଛି ଦିଅନ୍ତୁ ନଚେତ ଫଙ୍ଗସ୍ ସଂକ୍ରମଣ ହୋଇପାରେ। ଧୂଳିଧୂଆଁ ଠାରୁ ଦୂରେଇ ରୁହନ୍ତୁ। ମନେ ରଖନ୍ତୁ ବିଡ଼ି ସିଗାରେଟ ଟାଣୁଥିବା ବ୍ୟକ୍ତି ଏବଂ ତାଙ୍କ ସଂସର୍ଗ ରହୁଥିବା ସମସ୍ତେ ପ୍ରଭାବିତ ହେବାର ସମ୍ଭାବନା ଅଛି।

ଏହାଛଡ଼ା କାନର ସ୍ନାୟୁ ଦୋଷରୁ ରକ୍ଷା ପାଇବା ପାଇଁ ସାଧାରଣ ଜନତା ଖାଦ୍ୟପେୟରେ ସାବଧାନତା ଆଚରଣ କରିବା ବିଧେୟ। ଅଧିକମାତ୍ରା ଲୁଣ ଏବଂ ଲୁଣି ଖାଦ୍ୟ ଶରୀର ଏବଂ କାନ ପାଇଁ କ୍ଷତିକାରକ। ବର୍ତ୍ତମାନ ଖରାଦିନ ଆସିଲାଣି, ଆମ ଓଡ଼ିଆଙ୍କର ଅତି ପ୍ରିୟ ଓ ଋତୁଜନିତ ଖାଦ୍ୟ ପଖାଳ ପ୍ରତି ଅନେକଙ୍କର ଦୁର୍ବଳତା ରହିଥାଏ ତେବେ ଖରାଦିନେ ପଖାଳ ତୋରାଣି ଏବଂ ଲୁଣି ଆଚାରକୁ ଜଗନ୍ତୁ। ସେହିପରି ଏକାଥରେ ଦୁଇଗ୍ଲାସ (୬୦୦ ମି.ଲି.)ରୁ ଅଧିକ ପାଣି ପିଇବା ଉଚିତ ନୁହେଁ। ନିକୋଟିନ ଆଲକୋହଲ, ଟବାକୋ ମଧ କାନକୁ କ୍ଷତି ପହଞ୍ଚାଇଥାଏ। ରାତି ଅନିଦ୍ରା, ଅତ୍ୟଧିକ ଦୁଶ୍ଚିନ୍ତା, ବ୍ଲଡ଼ପ୍ରେସର, ମଧୁମେହ, ଥାଇରଏଡ଼ ରୋଗ, ଅତ୍ୟଧିକ ମୋବାଇଲ ବ୍ୟବହାର, ତୀବ୍ର ଶବ୍ଦ ମଧ କାନର ସ୍ନାୟୁକୁ ଖରାପ କରେ। ଅତ୍ୟଧିକ ଶବ୍ଦରୁ କାନକୁ ରକ୍ଷା କରିବା ପାଇଁ ଆତସବାଜି ଓ ଡିଜେ ଆଦି କର୍କଶ ଶବ୍ଦ ଠାରୁ ଦୂରେଇ ରହିବା ବିଧେୟ। କାରଖାନା ଶ୍ରମିକମାନେ କାର୍ଯ୍ୟସ୍ଥଳୀରେ କାନରେ ଇଅର ପ୍ଲଗ ଦେଇ କାମ କରିବା ଉଚିତ। ମୋବାଇଲ ଫୋନ ବ୍ୟବହାରକାରୀମାନେ ଯେତେ ଦୂର ସମ୍ଭବ ବ୍ଲୁଟୁଥ ବ୍ୟବହାର କମ କରିବା ଉଚିତ। ସବୁଠାରୁ ଭଲ ଲାଉଡ ସ୍ପିକର ଦେଇ ମୋବାଇଲରେ କଥା ହେବା।

ଏହାଛଡ଼ା ସମୁଦ୍ରରେ ଗାଧୋଇବାବେଳେ ଅଥବା ଗଭୀର ପାଣିରେ ବୁଡ଼ ମାରିବା ସମୟରେ କାନରେ ଇୟର ପ୍ଲଗ ଦେବା ବିଧେୟ। ନଚେତ ସମୁଦ୍ର ବାଲି କାନରେ ପଶି ଯିବାର ସମ୍ଭାବନା ଅଛି। ଗଭୀର ପାଣିକୁ ଗଲେ କାନର ପରଦା ଫାଟିଯିବାର ଯଥେଷ୍ଟ ସମ୍ଭାବନା। ହୋଲିରେ ପିଚକାରୀ ଖେଳିବା ବେଳେ ମଧ ଇୟର ପ୍ଲଗ ଦେବା ଆବଶ୍ୟକ। କାରଣ ବେଳେ ବେଳେ ପିଚକାରୀ ରଙ୍ଗ ପାଣି ପରଦାକୁ କଣା କରିଦେଇପାରେ। ଆହୁରି ମଧ ଫ୍ଲାଇଟରେ ଗଲାବେଳେ ପାଟିରେ ଚକୋଲେଟ ବା ଅନ୍ୟ କିଛି ରଖି ବାରମ୍ବାର ଛେପ ଢୋକିବା ଉଚିତ। ନଚେତ ବାୟୁର ବଦଳୁଥିବା ପ୍ରେସର ଯୋଗୁଁ କାନ ବିନ୍ଧିବା ସଙ୍ଗେ ସଙ୍ଗେ ବେଳେ ବେଳେ ପରଦା କଣା ମଧ ହୋଇଯାଇପାରେ। ଏହି ଢୋକିବା କେବଳ ଉଡାଜାହାଜ ଉପରକୁ ଉଠିବା ଏବଂ ଓହ୍ଲାଇବା ସମୟ ପାଇଁ। ଏହିଠାରେ କହି ରଖିବା ଉଚିତ ଯେ ଏସବୁ ସତ୍ତ୍ୱେ ଆମେ ସମସ୍ତେ କାନର ଯତ୍ନ ପାଇଁ ସପ୍ତାହରେ ଥରଟିଏ ରେକ୍ଟିଫାଏଡ଼ ସ୍ପିରିଟରେ ତୁଳାକାଠି ବୁଡ଼ାଇ କାନକୁ ପୋଛି ନେବା ଉଚିତ।

ଆମ ଶ୍ରବଣ ଶକ୍ତିର ସୁରକ୍ଷା ଆମର ଦାୟିତ୍ୱ। ଆମେ ସଚେତନ ହେବା ସଙ୍ଗେ ସଙ୍ଗେ ଅନ୍ୟ ମାନଙ୍କୁ ସଚେତନ କରାଇବା ଏହି ଦିବସର ଲକ୍ଷ୍ୟ ହେବା ଉଚିତ। ଆଜି ବିଶ୍ୱ ଶ୍ରବଣ ଦିବସ ଯାହାକି ପ୍ରତି ବର୍ଷ ମାର୍ଚ୍ଚ ତିନି ତାରିଖରେ ପଡ଼ିଥାଏ। ଏହି ଅବସରରେ ମଙ୍ଗଳାବାଗ କାଠଗୋଲା ରୋଡ଼ସ୍ଥିତ ମେଟ୍ରୋ ମନୋରମା କମ୍ପ୍ଲେକ୍ସରେ ଅବସ୍ଥିତ "ଧ୍ୱନୀ' ବାକ୍ ଶ୍ରବଣ କେନ୍ଦ୍ର ପକ୍ଷରୁ ମାଗଣାରେ କର୍ଣ୍ଣ ଜନିତ ସମସ୍ତ ପରୀକ୍ଷା ଆନୁସଙ୍ଗିକ ପରାମର୍ଶ, ସହାୟତା ଯୋଗାଇ ଦିଆଯିବାର ବ୍ୟବସ୍ଥା ହୋଇଛି, ଏହାସହ ଶବ୍ଦ ପ୍ରତିରୋଧକ ଇୟର ପ୍ଲଗ ମଧ ନିଃଶୁଳ୍କ ଦିଆଯିବ। ଓଡ଼ିଶାରେ "ଧ୍ୱନୀ' ବାକଶ୍ରବଣ କେନ୍ଦ୍ର ଏକମାତ୍ର ଅନୁଷ୍ଠାନ ଯାହାକି କର୍ଣ୍ଣ-ନାସା-ଗଳା ରୋଗ ସମ୍ବନ୍ଧୀୟ ଏବଂ ସ୍ୱତନ୍ତ୍ର ଭାବେ ବାକଶ୍ରବଣ ପ୍ରଶିକ୍ଷଣ, ନିଦାନ ଓ ଉଚ୍ଚ ଗବେଷଣା କାର୍ଯ୍ୟକ୍ରମ ସହ ବର୍ଷର ନିୟମିତ ବ୍ୟବଧାନରେ ବିଭିନ୍ନ ନିଃଶୁଳ୍କ ସେବା ବ୍ୟବସ୍ଥା ଜାରି ରଖିଥାଏ। ଚଳିତ ବର୍ଷର ଶିବିରକୁ ଅନୁଷ୍ଠାନର କାର୍ଯ୍ୟ ନିର୍ବାହୀ କାଞ୍ଚନବାଳା ବିଶ୍ୱାଳ ଓ ଅଡ଼ିଓଲୋଜିଷ୍ଟ ଶୁଭଶ୍ରୀ ମହାନ୍ତି ପରିଚାଳନା କରିବେ। ସୂଚନାଥାଉକି ମୋବାଇଲ ଓ ବ୍ଲୁଟୁଥ୍‌ର ବହୁଳ ବ୍ୟବହାର ହେଉଛି ଏହାର ପ୍ରମୁଖ କାରଣ। ଏଠାରେ ସୂଚାଇ ପାରୁକି ପ୍ରଥମ ବିଶ୍ୱ ଶ୍ରବଣ ଦିବସ (ୱାର୍ଲଡ଼ ହିୟରିଂ ଡେ) ଡବ୍ଲ୍ୟୁଏଚ୍‌ଓ ଦ୍ୱାରା ୨୦୦୭ ମସିହାରୁ ଆରମ୍ଭ ହୋଇଥିଲା। ୨୦୧୬ ମସିହା ପର୍ଯ୍ୟନ୍ତ ଏହି ଦିବସଟିକୁ ଅନ୍ତର୍ଜାତୀୟ କର୍ଣ୍ଣଯତ୍ନ ଦିବସ (ଇଣ୍ଟର ନ୍ୟାସନାଲ ଇୟର କେୟାର ଡେ) ହିସାବରେ ପାଳନ କରାଯାଉଥିଲା। ପ୍ରତି ବର୍ଷ ପରି ଚଳିତ ବର୍ଷର ଯେଉଁ ସ୍ଲୋଗାନଟି ରହିଛି ତାହା ହେଉଛି ""ମାନସିକତା ପରିବର୍ତ୍ତନ : ସମସ୍ତଙ୍କ ପାଇଁ କାନ ଏବଂ ଶ୍ରବଣ ଯତ୍ନକୁ ବାସ୍ତବତାରେ ପରିଣତ କରିବାକୁ ନିଜକୁ ସଶକ୍ତ କର।" ମାର୍ଚ୍ଚ ୩ (୩.୩) ପ୍ରତୀକାତ୍ମକ ଭାବରେ ଜଣଙ୍କର ଦୁଇଟି କାନକୁ ବୁଝାଇଥାଏ। ଏହାକୁ ଆଧାର କରି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏହି ଦିବସକୁ ଏକ ମହାନ କାର୍ଯ୍ୟ ପାଇଁ ଉତ୍ସର୍ଗ କରିଛି। ଏହି ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଲା ବିଶ୍ୱରେ ଶ୍ରବଣ ସମସ୍ୟାକୁ ପ୍ରତିରୋଧ କରିବା ସଙ୍ଗେ ସଙ୍ଗେ ଜନ ସମାଜକୁ କାନର ଯତ୍ନ ନେବାରେ ବ୍ରତୀ କରିବା। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଏକ ହିସାବ ଅନୁଯାୟୀ ବିଶ୍ୱରେ ପ୍ରାୟ ୩୬କୋଟି ଲୋକ ଶ୍ରବଣହାନୀରେ ପୀଡିତ। ଯାହା ଏକ ପ୍ରକାର ବିକଳାଙ୍ଗତା ସୃଷ୍ଟି କରିଥାଏ। ପ୍ରାୟ ୧୦୦ କୋଟିରୁ ଅଧିକ ୧୨ରୁ ୩୫ ବର୍ଷୀୟ ଯୁବକ ଯୁବତୀ ମଧ ବିଭିନ୍ନ ଜାତିର ତୀବ୍ର ଶବ୍ଦ ଏବଂ ମୋବାଇଲ ଭଳି ରେଡ଼ିଏସନର ପ୍ରଭାବରେ ଅଳ୍ପ ବହୁତ ପ୍ରଭାବିତ ହୋଇଥାନ୍ତି। ତେଣୁ ଏଥିରୁ ବୁଝିବାକୁ ହେବ ଯେ ସମଗ୍ର ଜନସଂଖ୍ୟାର ପ୍ରାୟ ଶତକଡ଼ା ୬ ଭାଗ ଲୋକ ବଧୀରତାର ଶିକାର ହୋଇଥାନ୍ତି। ଏହି ଅବସରରେ ସାଧାରଣ ନାଗରିକଟିଏ ଯାବତ ଜୀବନ ଶୁଣିବା ପାଇଁ କାନର କିଛି ଅସୁବିଧା ଥାଉ ବା ନଥାଉ ଶ୍ରବଣ ପରୀକ୍ଷା ବା ଅଡ଼ିଓ ମେଟ୍ରିକ କରାଇନେବା ଉଚିତ। ଏଥିପାଇଁ ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ତରଫରୁ ଏହି ଦିନ ମାଗଣା ଶ୍ରବଣ ପରୀକ୍ଷାମାନ କରାଯାଉଛି। ଏଠାରେ କହିରଖିବା ଉଚିତ ଯେ କାନର କେତେକ ବିଶେଷ ଲକ୍ଷଣ ଥିଲେ ଜଣେ ନିଶ୍ଚିନ୍ତ ଭାବରେ ଶ୍ରବଣ ପରୀକ୍ଷା କରାଇନେବା ବାଞ୍ଛନୀୟ।

**ବାକଶ୍ରବଣ ବିଶେଷଜ୍ଞ 'ଧ୍ୱନୀ', ମେଟ୍ରୋପ୍ଲାଜା, କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ, ମୋବାଇଲ୍: ୯୪୩୮୨୭୬୭୬୦**

# ବହୁଜାଣ ସର୍ବଜାଣ ଅଜାଣ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**



ପ୍ରତ୍ୟେକ ଗୁରୁ ବହୁଜାଣ, ଭଗବାନ ସର୍ବଜାଣ ଯେ ବିଦ୍ୟାର୍ଜନ କରିନାହିଁ କୌଣସି ବିଷୟରେ ଅନୁଭବ ବା ସଙ୍ଗତ ନାହିଁ ପୁଣି ଜାଣିବା ପାଇଁ ସ୍ପୃହା ନାହିଁ ସେ ହେଉଛନ୍ତି ଅଜାଣ। ମର୍ତ୍ତ୍ୟରେ ଦେବାଦେବୀ ଗାଦି ପୀଠସ୍ଥାନ ଗୁରୁ ଆସ୍ଥାନ ବୃକ୍ଷ ପୂଜା କରାହେଉଛି। ଭକ୍ତିରେ ଯେ ପୂଜା କରୁଛନ୍ତି ସେ ବୁଝନ୍ତି ଏସବୁ ସର୍ବଜାଣ ମାତ୍ର ବ୍ୟକ୍ତିଟିର ଭଲ ଓ ମନ୍ଦ ଚକ୍ରରେ ଯେତେବେଳେ ମନ୍ଦ ବ୍ୟଥିତ କରୁଛି କଷ୍ଟ ଦେଉଛି ସେତେବେଳେ ଏମାନଙ୍କ ପାଖକୁ ଯାଇ ମନର ବେଦନା ବ୍ୟକ୍ତ କରୁଛି। ମନ୍ଦ ନିବାରଣ ଉପାୟ ପାଇଁ ଆବେଦନ ନିବେଦନ କରୁଛନ୍ତି। ସର୍ବଜାଣ ସଜା ମୌନମୁଦ୍ରାରେ ହେଲେ ଶାସ୍ତ୍ରରୁ ଗୁରୁ ମୁଖରୁ ଲୋକଙ୍କାତ ଭଗବାନ ସବୁ ଶୁଣନ୍ତି ଦେବତା ସବୁ ଶୁଣନ୍ତି ଜାଣନ୍ତି ଅତଏବ ସେ ମାଲିକ ବା ମାଲିକାଣୀ ଯୋଗୁଁ ମୁଖ ଫିଟିଲେ ଦୁଃଖୀ ପାଇ ପାରେ ଏ ପାଇଁ ତାଙ୍କ ପାଖରେ ଦରଖାସ୍ତ ଗୁହାରୀ ଆଦି। ଦେବତା, ପଥର କାଠ, ଧାତୁ ମାଟି ବା କାଗଜଚିତ୍ର ଏସବୁ ସ୍ଥିର ଏଠାରୁ ଏକ ଭକ୍ତି ମିଳେ ସ୍ଥିରୋଭାବ। ଯାହା ଧୈର୍ଯ୍ୟ ଧରି ଏଇ ଧୈର୍ଯ୍ୟରେ ରହିଲେ ସମୁଦ୍ର ଲହଡି ମାଡି ଆସୁଥିବା ସମୟ ପୁନଃ ଫେରସ୍ତ ଚାଲିଯାଇପାରେ ବା କଷ୍ଟ ଉଭେଇ ଯାଇପାରେ। ବହୁଜାଣ ଗୁରୁମାନେ ଗୁରୁଜନମାନେ ଶିକ୍ଷକମାନେ ସର୍ବଦା ସହାୟତା ସତର ମାତ୍ର ଜୀବନରେ କିଛି କିଛି ପର୍ଯ୍ୟାୟ ଅଛି, ସେ ପର୍ଯ୍ୟାୟରେ ପଡ଼ିବା ପାଇଁ ତା ଆଗରୁ ଗୁରୁ ଗୁରୁଜନ ଶିକ୍ଷକମାନେ କିଛି ଶିକ୍ଷା ସାଧନା ଶିକ୍ଷା ଦେଇ ଅଭ୍ୟସ୍ତ କରାନ୍ତି। ତାପରେ ଆସେ ପରୀକ୍ଷା ବେଳ ସେ ଅଭ୍ୟସ୍ତ ଜ୍ଞାନ ଅନୁଭୂତିରେ ସେ ପରୀକ୍ଷକକୁ ମୁକାବିଲା କରି ପାରି ହେବାକୁ ପଡ଼େ। ଯଦି ଉତ୍ତୀର୍ଣ୍ଣ କେହି ନଲେଖା ତେବେ ସେ ପର୍ଯ୍ୟାୟ ସେଠାରେ ଅଧା ରହିଯାଏ। ଅପୂର୍ଣ୍ଣ ଶିକ୍ଷା ରହିଯାଏ। ପ୍ରୟାସ କରିଥାନ୍ତି, କେହି ଅଳ୍ପବସ୍ତ୍ର କେହି ଉଲ୍ଲଗ୍ନ ଦିଗାମ୍ବର ବି ହୋଇଥାନ୍ତି। କେହି କୁମ୍ଭୀପଟ ବସ୍ତ୍ର କୌପୀନ ମାରିଥାନ୍ତି। ବଡ଼ ବଡ଼ ନିର୍ମାଣ କୋଠା ତାଙ୍କୁ ବିଷୟ ବିଷରେ ପକାଇଥାଏ। ଏଥିରୁ ବଞ୍ଚିତ ହେବା ପାଇଁ ସେ ଚେଷ୍ଟା ଜାହିର କରିଥାନ୍ତି। ହେଲେ ସଂସାରୀ ଚେଲା ସଙ୍ଗ ତାଙ୍କୁ ଏପରି ମାୟାରେ ପକାଇଥାଏ। ମାଧୁକରୀ ଜୀବନ ସଂକଳ୍ପ ତାଙ୍କର ଚେଲା ଗୁଡ଼ିଏଙ୍କ ଦ୍ୱାରା ରଦ୍ଧ ହୋଇଯାଏ।

ଇନ୍ଦ୍ରିୟ ନିୟନ୍ତ୍ରଣରେ ମହାରାଜରୁ ସେମାନେ ବିଷୟ ବିଷ ଭୋଜ ମହାରାଜ ଡାକରେ ଆସିଥାନ୍ତି। ଗାଡ଼ି ଜାତି, ପୋଷାକ ଭେକ ସବୁ ସନ୍ନ୍ୟାସୀ ତେଜ୍ୟା କରି ପୁନଃ ସେଥିରେ ପଡ଼ନ୍ତି। ଭେକ କହିଲେ ସମ୍ପ୍ରଦାୟ ସନ୍ନ୍ୟାସୀ ଗୁରୁ ପଟ୍ଟାର ଦତ୍ତ ପୋଷାକ ବସ୍ତ୍ର ମାଳା ତିଳକାଦି ଧାରଣ। ଜ୍ୟୋତିଷରେ ଅଛି ସକୁନ। ଏହା ଦେଖିଲେ ଗମନକାରୀ ବାସକାରୀ ସମସ୍ତେ ସତର୍କ ରହିବା କଥା। ବାଘଟିଏ ଘାସ ଖାଇଲେ ବିରାଡ଼ି ଟିଏ ବୈଷ୍ଣବ ହୋଇଯିବା ପରି ମାଛ, ମାଂସ ବର୍ଜନ କରି ଜୀବନ ଧାରଣ କରୁଥିବା ଦେଖାଗଲେ ଘରେ ବିଲୁଆ କୁକୁର ସର୍ପ ପ୍ରବେଶ କଲେ, ଜଳ ହଠାତ ବିକୃତ ହେଲେ, ଗୋରୁ ମାନେ ରାତ୍ରୀରେ ଗୁହାଳରେ ବୋବାଇଲେ ଏପରି ସନ୍ନ୍ୟାସୀ ସହିତ ନାରୀଟିଏ ବାସ କଲେ ସନ୍ନ୍ୟାସୀ ଲୋଭାସକ୍ତ ହୋଇ ଅର୍ଥାଦି ଚାହିଁଲେ ଜାଣିବ ଅମଙ୍ଗଳ ଆସିଗଲାଣି। ଅଜାଣ ସର୍ବଜାଣ ହେବା ଦେଖାଗଲେ ଅପଶକୁନରେ ଆସିଥାଏ। କ୍ରୋଧାକ୍ତ, ଅତିକାମାସକ୍ତ ମନୁଷ୍ୟର ବୃଦ୍ଧି କୋପକାରୀ ଏପରିକି ଅପମୃତ୍ୟୁକାରୀ ହୋଇଥାନ୍ତି। ବହୁଜାଣ ସମ୍ପୂର୍ଣ୍ଣ ସର୍ବଜାଣ ହେବା ମୁସ୍କିଲ କେବଳ ଏକ ବିଷୟରେ ଜାଣ ହୋଇ ବହୁଜାଣ ହୋଇଥାନ୍ତି। ସଂସାରରେ ଅନେକ ବିଦ୍ୟା କରିଗରୀ ଜ୍ଞାନ ଅନେକ ଜୀବନ ଧାରଣର ଅବଲମ୍ବନ। ଅନେକ ସୁଖର ଉତ୍ସ, ଅନେକ ଦୁଃଖ ନିବାରଣ ଦିଗ ଅନେକଙ୍କୁ ଦୁଃଖରେ ପଡ଼ିବା ଦିଗ ଅନେକ, ଏସବୁରେ କେହି ସମ୍ପୂର୍ଣ୍ଣ ସର୍ବଜାଣ ନାହାଁନ୍ତି। ପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରଙ୍କ ନିର୍ମାଣ କିଏ କରିଛି ଏ ପାଇଁ ପ୍ରମାଣ ଖୋଜ ପରେ ସାକ୍ଷୀ ଦରକାରରେ ପ୍ରଥମେ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀର କୁରୁମ, ଏହାପରେ କଳ୍ପବଟର କାକ, ତାପରେ ହିମାଳୟର ନାଡ଼ୀ ଜଙ୍ଘବକଙ୍କୁ ପଚାରିବାକୁ ପଡ଼ିଥିଲା। ଏଥିରୁ ଜଣାପଡୁଛିସମୟ ଓ ବ୍ୟକ୍ତିତ୍ୱ ଜାଣିବା ଅନୁଭୂତିରେ ଅଭ୍ୟସ୍ତ ରହିଥାନ୍ତି। ଦୁଃଖ ଓ ଶୋକ ଭୋଗିବାକୁ ଚେଷ୍ଟା କରି କେହି ସଂସାର ତ୍ୟାଗୀ ହୋଇଥାନ୍ତି ପ୍ରକୃତରେ ପ୍ରକୃତି କିନ୍ତୁ ଏହାର ଦିଗର ବହୁ ଉତ୍ସକୁ ନିବାରଣକୁ ଚେଷ୍ଟା ଦେଇଥିବାବେଳେ କ୍ଷୁଧା ତୃଷ୍ଣା, ନିଦ୍ରା, ଖରା, ବର୍ଷା ଭୋଗିବାକୁ ସମ୍ପୂର୍ଣ୍ଣ ଛାଡ଼ କରାଇ ନଥାନ୍ତି। ଭୋକ ପାଇଁ ଭିକ୍ଷାବୃତ୍ତି ସନ୍ନ୍ୟାସୀମାନେ କରନ୍ତି, ତେବେ ସମସ୍ତଙ୍କ ପରି ଉତ୍ତମ ସ୍ୱାଦିଷ୍ଟ ଭୋଜନରେ ଇଚ୍ଛା। ଅଦ୍ୟମ୍ୟ ବାସନା ତାଙ୍କର ନିୟନ୍ତ୍ରିତ। ତୃଷ୍ଣା ପାଇଁ ସମସ୍ତେ ଶୁଦ୍ଧ ପାନୀୟ ଖୋଜରେ ଅଛନ୍ତି ମିନେରାଲ ଜଳ ଜୀବାଣୁ ଶୂନ୍ୟ ଜଳ ପାଇଁ ଯନ୍ତ୍ରପାତି ଲଗାଇ ଫିଲଟର ଲଗାଇ ପିଇବା ପାଣି ପିଉଛନ୍ତି। ହେଲେ ନଦୀ ଜଳ ଝରଣା ଜଳ କୂପ ଜଳ ଏମାନେ ସଂଗ୍ରହ କରି ପିଇଥାନ୍ତି। ତେବେ ପଶୁପରି ଯେକୌଣସି କର୍ଦ୍ଦମାକ୍ତ ଜଳ ଗ୍ରହଣ କରନ୍ତି ନାହିଁ। ନିଦ୍ରାରେ ସନ୍ନ୍ୟାସୀମାନେ ବଶୀଭୂତ ନୁହଁନ୍ତି। ମାତ୍ର ଶୟନ ସ୍ଥାନ ହିଂସ୍ରପଶୁ ସରୀସୃପା ଦି ରହିତ ସ୍ଥାନ ବାଛି ଶୟନ ସ୍ଥାନ କରିଥାନ୍ତି। ଖରାବର୍ଷାରୁ ସମସ୍ତଙ୍କ ପରି ରକ୍ଷା ପାଇଁ ଗଛମୂଳ ବା କୁଟୀର ନିର୍ମାଣ କରି ଶୟନବାସ ସ୍ଥାନ ବାଛିଥାନ୍ତି। ଦେହର ବାହ୍ୟଜ୍ଞାନ ପ୍ରତି ଯତ୍ନ ନେବା ଆସ୍ତେ ଆସ୍ତେ ଛାଡ଼ନ୍ତି ହେଲେ ସ୍ନାନ ଶୌଚ ଛାଡ଼ନ୍ତି ନାହିଁ। ନାପିତ ଆବଶ୍ୟକ ନାହିଁ ବା ଖୁଦ ବସ ଦରକାର। ବସ୍ତ୍ର ସଫାକାରୀ ଧୋବାରୁ ମଧ ବଞ୍ଚିତ ହେବାକୁ।

**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ମୋବାଇଲ୍: ୯୪୩୭୦୩୧୨୫୩**

## ରଣବୀର ଆହ୍ଲାବାଦିଆଙ୍କୁ ଆଶ୍ୱସ୍ତି
# ଶାଳିନତା ରକ୍ଷା କରିବା ସର୍ତ୍ତରେ ଶୋ' କରିବାକୁ ଅନୁମତି ଦେଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୩।୩:** ୟୁ-ଟ୍ୟୁବର ରଣବୀର ଆହ୍ଲାବାଦିଆଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି । ରଣବୀରଙ୍କୁ ସୁପ୍ରିମକୋର୍ଟ ଗୋଟିଏ ସର୍ତ୍ତରେ 'ଦି ରଣବୀର ଶୋ' ପୁଣି ଆରମ୍ଭ କରିବାକୁ ଅନୁମତି ଦେଇଛନ୍ତି । ଏହା ସହିତ ସୁପ୍ରିମକୋର୍ଟ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ରଣବୀରଙ୍କ ଟ୍ରିପ ଉପରେ ରୋକ ଲଗାଇ ଗୌହାଟୀରେ ଯାଞ୍ଚରେ ସାମିଲ ହେବାକୁ ନିର୍ଦ୍ଦେଶ ଦେଇଛନ୍ତି । ନିଜ ଶୋ'ରେ ଶାଳିନତା ରକ୍ଷା କରିବା ସର୍ତ୍ତରେ 'ଦି ରଣବୀର ଶୋ'ର ପ୍ରସାରଣ ପୁଣି ଆରମ୍ଭ କରିବାକୁ ଅନୁମତି ଦେଇଛନ୍ତି । ଏହାସହିତ ତେବେ ସୁପ୍ରିମକୋର୍ଟ ରଣବୀରଙ୍କ ବିଦେଶ ଯାତ୍ରା ଅନୁମତି ଦେବାକୁ ମନା କରିଦେଇଛନ୍ତି । କୋର୍ଟ କହିଛନ୍ତି, ମାମଲାର ଯାଞ୍ଚରେ ସାମିଲ ହେବା ପରେ ଯାଇ ଏ ବାବଦରେ ଅନୁମତି ମିଳିପାରେ । ଏହା ସହିତ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ସୋସିଆଲ ମିଡିଆକୁ ନିୟନ୍ତ୍ରିତ କରିବା ପାଇଁ ଗାଇଡଲାଇନ ପ୍ରସ୍ତୁତ କରିବାକୁ କହିଛନ୍ତି । ତେବେ ଏଥିପାଇଁ ସବୁ ପରାମର୍ଶ ନେବାକୁ ମଧ କୁହାଯାଇଛି । 'ଇଣ୍ଡିଆଜ ଗଟ ଲାଟେଣ୍ଟ' ମାମଲାରେ ଚାଲିଥିବା ମକଦ୍ଦମାରେ ୟୁ-ଟ୍ୟୁବର ଓ ପଡକାଷ୍ଟର ରଣବୀର ଆହ୍ଲାବାଦିଆ ସୁପ୍ରିମକୋର୍ଟରେ ଏକ ଆବେଦନ କରିଥିଲେ । ଏଥିରେ ରଣବୀର କୋର୍ଟଙ୍କ



ଆଦେଶର ଗୋଟିଏ ଅଂଶକୁ ହଟାଇବାକୁ ନିବେଦନ କରିଥିଲେ, ଯେଉଁଥିରେ ତାଙ୍କୁ ତାଙ୍କର ଶୋ' ପ୍ରସାରଣ କରିବାକୁ ରୋକ ଯାଇଥିଲା । ତେବେ ରଣବୀରଙ୍କ ଓକିଲ ତାଙ୍କର ୨୮୦ ଜଣ କର୍ମଚାରୀ ଥିବା ଓ ଏହା ସେମାନଙ୍କ ଜୀବିକା ବୋଲି କହିଥିଲେ । ପୂର୍ବରୁ ରଣବୀର କୋର୍ଟଙ୍କୁ ଅନୁରୋଧ କରି କହିଥିଲେ କି, ତାହା ତାଙ୍କର ଆୟର ଏକମାତ୍ର ମାଧ୍ୟମ । ଏଥିପାଇଁ ତାଙ୍କୁ ଶୋ ଅପଲୋଡ କରିବାକୁ ଅନୁମତି ଦିଆଯାଉ । ତେବେ ସୁପ୍ରିମକୋର୍ଟ ବିବାଦ ମଧ୍ୟରେ ଆଜି କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରି ଏହି ଆଦେଶ ଦେଇଛନ୍ତି । କୋର୍ଟ କେନ୍ଦ୍ରଙ୍କୁ ଅନଲାଇନ ସାମଗ୍ରୀଗୁଡ଼ିକୁ ରେଗୁଲେଟ କରିବାକୁ କହିଛନ୍ତି ।

## ଆମେରିକା ସହ ମିନେରାଲ ଡିଲ୍ ପାଇଁ ୟୁକ୍ରେନ ପ୍ରସ୍ତୁତ

**ନୂଆଦିଲ୍ଲୀ,୩।୩:** ଆମେରିକା ସହ ମିନେରାଲ ଡିଲ୍ ପାଇଁ ୟୁକ୍ରେନ ରାଜି। ଲଣ୍ଡନ ସମ୍ମିଳନୀରେ ଅବସରରେ ଏହା କହିଛନ୍ତି ଜେଲେନସ୍କି । ସେ କହିଛନ୍ତି ଆମେରିକା ସହ ଖଣି ଡିଲ୍ ପାଇଁ ଆମେ ପ୍ରସ୍ତୁତ । ଆମେରିକା ମଧ ଅନୁରୂପ ଭାବେ ପ୍ରସ୍ତୁତ ବୋଲି ମୁଁ ଆଶା କରୁଛି । କାରଣ ଏହା ଏକ ଦ୍ୱିପାକ୍ଷିକ କାର୍ଯ୍ୟ । ଦୁଇ ଦିନ ପୂର୍ବରୁ ଟ୍ରମ୍ପଙ୍କ ସହ ଯୁକ୍ତିତର୍କ ପରେ ହ୍ୱାଇଟ ହାଉସରୁ ବିଦା ହୋଇଥିଲେ ଜେଲେନସ୍କି । ଖଣି ରାଜିନାମାରେ ସ୍ୱାକ୍ଷର କରିବାକୁ ଯାଇଥିଲେ ଜେଲେନସ୍କି । କିନ୍ତୁ ଓଭାଲ ଅଫିସରେ ଟ୍ରମ୍ପଙ୍କ ସହ ତାଙ୍କର ବାକ ଯୁଦ୍ଧ ହୋଇଥିଲା । ଫଳରେ ଡିଲ୍ ହେବା ପରିବର୍ତ୍ତେ ସେ ହ୍ୱାଇଟ ହାଉସରୁ ବିଦା ହୋଇଥିଲେ । ସେଠାରୁ ସେ ଲଣ୍ଡନ ଆସିଥିଲେ । ଅନ୍ୟପଟେ ପୂର୍ବରୁ ଆମେରିକା ଦେଇଥିବା ସହାୟତା ପାଇଁ ଜେଲେନସ୍କି ଆମେରିକାକୁ କୃତଜ୍ଞତା ଜଣାଇଛନ୍ତି । ଏକ ଭିଡିଓ ବାର୍ତ୍ତାରେ କୃତଜ୍ଞତା ଜଣାଇଛନ୍ତି । ଓଭାଲ ଅଫିସରେ ବାକ୍ ଯୁଦ୍ଧ ପରେ ଉପରାଷ୍ଟ୍ରପତି ଜେଡି ଭାନ୍ସ କହିଥିଲେ ଏହା ଟ୍ରମ୍ପଙ୍କ ପ୍ରତି ଅସମ୍ମାନ। ଜେଲେନସ୍କିଙ୍କୁ ଅକୃତଜ୍ଞ କହିଥିଲେ ।



## ମାଛ ନେଲା ଯୁବକଙ୍କ ଜୀବନ, କେରଳର ଆଲାପୁଝା ଜିଲ୍ଲାରେ ଅଘଟଣ

**କେରଳ,୩।୩:** ମାଛ ଧରୁଥିବା ବେଳେ ଚାଲିଗଲା ଯୁବକଙ୍କ ଜୀବନ । କେରଳର ଆଲାପୁଝା ଜିଲ୍ଲାରେ ମାଛ ଧରିବା ସମୟରେ ଏପରି ଅଘଟଣ ଘଟିଛି । ମାଛ ଧରିବା ସମୟରେ ବ୍ୟକ୍ତି ଜଣକ ପୂର୍ବରୁ ଧରିଥିବା ମାଛକୁ ପାଟିରେ ଧରିଥିଲେ ଯାହାଫଳରେ ମାଛଟି ଗଳା ଭିତରେ ଫସିଯାଇଥିଲା, ଘଟଣାସ୍ଥଳରେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି । ପୋଲିସ ଅଧିକାରୀଙ୍କ ସୂତ୍ରରୁ ଏହି ଖବର ଜାଣିବାକୁ ମିଳିଛି । ବର୍ତ୍ତମାନ ପୋଲିସ ତଦନ୍ତ ଜାରି ରହିଛି । ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍ଏସ୍ଏସ୍)ର ୧୯୪ ଧାରା ଅନୁଯାୟୀ ମାମଲା ରୁଜୁ କରାଯାଇଛି। ପ୍ରାପ୍ତ ସୂଚନାନୁଯାୟୀ , ଆଲାପୁଝା ନିକଟରେ ଥିବା କୟାମକୁଲମର ଧାନବିଲରେ ମାଛ ଧରିବାକୁ ଯାଇ ଉକ୍ତ ଯୁବଙ୍କ ସହ ଏମିତି କିଛି ଅଘଟଣ ଘଟିଥିଲା । ଯାହାଦ୍ୱାରା ଯୁବକଙ୍କର ମୃତ୍ୟୁ ଘଟିଛି । ଏଭଳି ଅଘଟଣ ସ୍ଥାନୀୟ ଅଂଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ପୋଲିସ ସୂଚନା ଅନୁଯାୟୀ, ମୃତ ଯୁବକ ଜଣକ ହେଲେ ପୁଥୁପଲ୍ଲୀର ବାସିନ୍ଦା ଆଦର୍ଶ ଓରଫ ଉନ୍ନି । ଯୁବକଙ୍କ ବୟସ ୨୫ ବର୍ଷ । ଅପରାହ୍ନରେ ଏହି ଅଘଟଣ ଘଟିଥିବା ଜଣାଯାଇଛି।

## ଫେସ୍‌ବୁକ୍‌ରେ ବନ୍ଧୁତା ଓ ଝଗଡ଼ା ମୋବାଇଲ୍ ଚାର୍ଜରରେ ତଣ୍ଟି ଚିପି ହତ୍ୟା

● ହିମାନୀ ହତ୍ୟାକାଣ୍ଡରେ ବଡ଼ ଖୁଲାସା



**ନୂଆଦିଲ୍ଲୀ,୩।୩:** ହରିୟାଣାର ରୋହତକରେ କଂଗ୍ରେସ ନେତ୍ରୀ ହିମାନୀ ନରୱାଲଙ୍କ ହତ୍ୟା ମାମଲାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ସଚିନକୁ ଦିଲ୍ଲୀରୁ ଗିରଫ କରିଛି। ଜେରାରେ ସଚିନ ଅନେକ ଆଶ୍ଚର୍ଯ୍ୟଜନକ ଖୁଲାସା କରିଛି। ଏଥିରେ ଏହି ହତ୍ୟାକାଣ୍ଡର ପୂରା କାହାଣୀ ସାମନାକୁ ଆସିଛି । ହିମାନୀଙ୍କୁ ତଣ୍ଟି ଚିପି ହତ୍ୟା କରିବା ପରେ ତାଙ୍କ ମୃତ ଦେହକୁ ସୁଟ୍‌କେସରେ ଭର୍ତ୍ତି କରି ସାମ୍ପଲା ଅଞ୍ଚଳରେ ଫୋପାଡ଼ି ଦେଇଥିଲା । ପୋଲିସ ସୂଚନା ଅନୁସାରେ ଅଭିଯୁକ୍ତ ସଚିନ ପୂର୍ବରୁ ବିବାହିତ ଏବଂ ତାର ୨ଟି ସନ୍ତାନ ଅଛନ୍ତି । ପୋଲିସ କହିବା ଅନୁସାରେ ସଚିନ ଓ ହିମାନୀଙ୍କ ମଧରେ ଫେସବୁକରୁ ବନ୍ଧୁତା ଆରମ୍ଭ ହୋଇଥିଲା । ସଚିନ ପ୍ରାୟ ସମୟରେ ହିମାନୀଙ୍କ ଘରକୁ ଯିବା ଆସିବା କରୁଥିଲା । ଫେବୃଆରୀ ୨୭ ରାତି ୯ଟାରେ ହିମାନୀଙ୍କ ଘରେ ପହଞ୍ଚିଥିଲା ଓ ସାରା ରାତି ସେଠାରେ ରହିଥିଲା। ଏହାର ପରଦିନ ଫେବୃଆରୀ ୨୮ରେ ଦୁହିଁଙ୍କ ମଧରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା । ଝଗଡ଼ା ଏତେ ଅଧିକ ହୋଇଥିଲା ଯେ ହିମାନୀଙ୍କୁ ଚୁନିରେ ବାନ୍ଧି ଦେଇଥିଲା ସଚିନ। ଏହାପରେ ମୋବାଇଲ୍ ଚାର୍ଜରରେ ତଣ୍ଟିକୁ ଚିପି ହତ୍ୟା କରିଥିଲା । ଝଗଡ଼ା ବେଳେ ସଚିନର ହାତରେ ବି ଆଘାତ ଲାଗିଥିଲା, ହିମାନୀଙ୍କ ଶୋଇବା ଖଟରେ ରକ୍ତ ପଡ଼ିଥିଲା । ହତ୍ୟାପରେ ସଚିନ ବେଡ୍‌ର କଭର୍ ବଦଳାଇଥିଲା ଏବଂ ହିମାନୀଙ୍କ ସହ ସୁଟ୍‌କେସରେ ରଖିଥିଲା । ଏହାପରେ ହିମାନୀଙ୍କ ସୁନା ମୁଦି, ସୁନା ଚେନ୍, ମୋବାଇଲ୍, ଲାପଟପ୍, ଅନ୍ୟ ଅଳଙ୍କାର ଓ ସ୍କୁଟି ଧରି ନିଜ ଗାଁ ବାହାଦୂରଗଡ଼ ଚାଲିଯାଇଥିଲା । ସେହି ଦିନ ରାତି ୧୦ଟାରେ ପୁଣି ଥରେ ସେ ହିମାନୀଙ୍କ ଘରକୁ ଆସିଥିଲା। ହିମାନୀଙ୍କ ସ୍କୁଟିକୁ ଘର ବାହାରେ ରଖି ଏକ ଅଟୋ ଭଡ଼ା କରିଥିଲା । ସୁଟ୍‌କେସରେ ଶବକୁ ରଖି ସେ ରାତି ପ୍ରାୟ ୧୦-୧୧ଟା ମଧରେ ସାମ୍ପଲା ଅଞ୍ଚଳରେ ପହଞ୍ଚିଥିଲା । ସେଠାରେ ସୁଟ୍‌କେସକୁ ଫୋପାଡ଼ି ବସରେ ଫେରାର୍ ହୋଇଯାଇଥିଲା । ମାର୍ଚ୍ଚ ୧ରେ ସାମ୍ପଲା ବସ୍ ଷ୍ଟାଣ୍ଡ ନିକଟରେ ସୁଟ୍‌କେସ୍‌ରେ ହିମାନୀଙ୍କ ଶବ ମିଳିବା ପରେ ପୋଲିସ ଏସଆଇଟି ଗଠନ କରିଥିଲା ।



# ଆଇଟି ବାବା ଦେଲେ ଆତ୍ମହତ୍ୟା ଧମକ
## ପୁଲିସ ପହଞ୍ଚିବାରୁ କହିଲେ- ଗଞ୍ଜେଇର ପ୍ରଭାବ

**ଜୟପୁର,୩।୩:** ମହାକୁମ୍ଭ ମେଳାରେ ସାମାଜିକ ଗଣମାଧମରେ ଛାଇ ଯାଇଥିବା ଆଇଆଇଟି ବାବା ଅର୍ଥାତ ଅଭୟ ସିଂ ପୁଣି ଚର୍ଚ୍ଚାରେ। କିନ୍ତୁ ଏଥର ଚର୍ଚ୍ଚାରେ ରହିବାର କାରଣ ଭିନ୍ନ ରହିଛି। ବାବା ଆତ୍ମହତ୍ୟା କରିବା ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏହାକୁ ଆଧାର କରି ଜୟପୁର ପୋଲିସ ଅଭୟ ସିଂଙ୍କୁ ଅଟକ ରଖିଥିଲେ। ଏପରିକି ଅଭୟ ସିଂଙ୍କ ନିକଟରୁ ଗଞ୍ଜେଇ ଜବତ ହୋଇଥିବା କୁହାଯାଉଛି। ଏହି ବିଷୟରେ ଆଇଆଇଟି ବାବା କହିଛନ୍ତି ଯେ, ବର୍ତ୍ତମାନ ତିନି ଚାରୋଟି ଫେକ୍ ନ୍ୟୁଜ୍ ଚାଲୁଛି। ତାହା ଭିତରୁ ଏହା ବି ଏକ ମିଥ୍ୟା ଖବର। ପୋଲିସ ଅଧିକାରୀ ମୋତେ ତୁରନ୍ତ ଛାଡ଼ି ଦେଇଥିଲେ। ଖବର ପ୍ରକାଶିତ ହୋଇଥିଲା ଯେ, ଜୟପୁର ପୋଲିସ ତାଙ୍କ ଲୋକେସନ ଟ୍ରେସ କରି ଜୟପୁରର ରିଦ୍ଧି ସିଦ୍ଧି ଅଞ୍ଚଳର ଏକ ହୋଟେଲରୁ ଅଭୟ ସିଂଙ୍କୁ ଗିରଫ କରିଥିଲା। ଆଇଆଇଟି ବାବାଙ୍କ ପାଖରେ ଗଞ୍ଜେଇ ଓ କିଛି ଅନ୍ୟ ନିଶା ଦ୍ରବ୍ୟ ମିଳିଥିବା କୁହାଯାଉଛି। ପୋଲିସ ପଚରାଉଚୁରା ସମୟରେ ସେ ଗଞ୍ଜେଇ ସେବନ କରିଥିବା ଏବଂ ନିଶାରେ ଥିବା କହିଥିଲେ। ଏହା ପରେ ତାଙ୍କ ବିରୋଧରେ ନାର୍କୋଟିକ୍ସ ଡ୍ରଗ୍ସ ଆଣ୍ଡ ସାଇକୋଟ୍ରୋପିକ ସବଷ୍ଟାନ୍ସ ଆକ୍ଟ ଆଧାରରେ ମାମଲା ରୁଜୁ କରାଯାଇଥିଲା। ଏହି ଘଟଣା ଉପରେ ଅଭୟ ସିଂ କହିଛନ୍ତି ଯେ, ତୁରନ୍ତ ମୋତେ ଜାମିନ ମିଳିଥିଲା। ମୁଁ ପାଲେସକୁ କଣ କହିଥିଲି କିଛି ଜାଣିନି। ମୋ ନିକଟରୁ ୧.୫୦ ଗ୍ରାମ ଗଞ୍ଜେଇ ଜବତ ହୋଇଥିଲା। ତେବେ କିଛି ସମୟ ଜେରା ପରେ ମୋତେ ପୋଲିସ ଛାଡି ଦେଇଥିବା ଆଇଆଇଟି ବାବା କହିଛନ୍ତି। ସୂଚନାଯୋଗ୍ୟ, ଅଭୟ ସିଂ ଆଇଆଇଟି ବମ୍ବେରୁ ସ୍ନାତକରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପୋଲିସ ଅଭୟ ସିଂଙ୍କୁ କିଛି ସମୟ ଅଟକ ରଖିବା ପରେ ଛାଡ଼ି ଦେଇଛି କାରଣ ତାଙ୍କ ନିକଟରେ ଜବତ ଗଞ୍ଜେଇର ପରିମାଣ ଆଇନ ଅନୁସାରେ ସୀମା ଭିତରେ ଥିଲା। ପୋଲିସରୁ ମୁକୁଳିବା ପରେ ସାମ୍ବାଦିକଙ୍କ ସହ ଆଲୋଚନା ବେଳେ ଅଭୟ ସିଂ କହିଛନ୍ତି, ମୋତେ ପୋଲିସ ଅଟକ ରଖିଥିବା ଖବର ମଧ ମିଛ। ମୋ ନିକଟରୁ କିଛି ଗଞ୍ଜେଇ ମିଳିବାରୁ ପୋଲିସ ମୋତେ ପଚରା ଉଚୁରା କରିବା ପରେ ତୁରନ୍ତ ଛାଡ଼ି ଦେଇଥିଲା।

## ହିମାଚଳ: ଆଇଟିବିପି ଯବାନଙ୍କ କ୍ୟାମ୍ପ ନିକଟରେ ହିମସ୍ଖଳନ

● କ୍ୟାମ୍ପ ଠାରୁ ମାତ୍ର ୨୦୦ ମିଟର ଦୂରରେ ଅଟକିଲା ହିମଖଣ୍ଡ



**ସିମଲା,୩।୩:** ହିମାଚଳ ପ୍ରଦେଶ ଲାହୋଲ ସ୍ପିତି ଘାଟିରେ ବଡ଼ ହିମସ୍ଖଳନ । ଏହି ହିମସ୍ଖଳନ ଆଇଟିବିପି କ୍ୟାମ୍ପ ଠାରୁ ମାତ୍ର ୨୦୦ ମିଟର ଦୂରରେ ରହିଯାଇଛି । ଫଳରେ କ୍ୟାମ୍ପ ନଷ୍ଟ ହେବା ସହିତ ଯବାନଙ୍କ ଜୀବନ ବଞ୍ଚିଯାଇଛି । ସ୍ପିତି ଘାଟିରେ ଥିବା ଗ୍ୟୁ ଗାଁ ନିକଟରେ ହିମସ୍ଖଳନ ହୋଇଛି। ଏଠାରେ ଆଇଟିବିପି ଯବାନଙ୍କ ସ୍ଥାୟୀ କ୍ୟାମ୍ପ ରହିଛି । ଏଠାରେ ଅଚାନକ ପାହାଡ ଉପରୁ ହିମସ୍ଖଳନ ହୋଇଥିଲା । ହିମସ୍ଖଳନ ଦେଖି ସମସ୍ତେ ଭୟଭୀତ ହୋଇଯାଇଥିଲେ। ଲୋକମାନେ ଏଣେତେଣେ ଦୌଡିଥିଲେ । କିନ୍ତୁ ହିମଖଣ୍ଡ ଆଇଟିବିପି କ୍ୟାମ୍ପ ଠାରୁ ମାତ୍ର ୨୦୦ ମିଟର ଦୂରରେ ରହିଯାଇଥିଲା । ଫଳରେ କ୍ୟାମ୍ପ ସହିତ ଯବାନ ବଡ଼ ଅଘଟଣରୁ ଅଳ୍ପକେ ରକ୍ଷା ପାଇଥିଲେ । ସେହିପରି ଶନିବାର ଦିନ ଏକ ଲାହୋଲ ଘାଟିରେ ଏମ ହିମସ୍ଖଳନ ହୋଇଥିଲା । ହିମଖଣ୍ଡ ଚନ୍ଦ୍ରଭାଗା ନଦୀରେ ପଡିଥିଲା । ରବିବାର ଦିନ ମଧ୍ୟ ଏକ ହିମସ୍ଖଳନ ରୋହତାଙ୍ଗ ସୁଡଙ୍ଗ ନିକଟରେ ହୋଇଥିଲା । କିନ୍ତୁ ଘଟଣାରେ କିଛି କ୍ଷୟକ୍ଷତି ହୋଇନାହିଁ । କିଛିଦିନ ପୂର୍ବରୁ ସ୍ପିତି ଘାଟିରେ ଡଜନରୁ ଅଧିକ ହିମସ୍ଖଳନ ହୋଇଥିଲା । ୪ ରୁ ୫ ଫୁଟ ବରଫ ପଡିବା ଯୋଗୁଁ ରାସ୍ତା ବନ୍ଦ ହୋଇଥିଲା । କିନ୍ତୁ ଘଟଣାରେ କାହାର କିଛି କ୍ଷତି ହୋଇନଥିଲା । ସୂଚନାଯୋଗ୍ୟ, ଶୁକ୍ରବାର ବଦ୍ରିନାଥ ନିକଟସ୍ଥ ମାଣା ଗାଁରେ ହିମସ୍ଖଳନ ଯୋଗୁ ୫୪ ଜଣ ଶ୍ରମିକ ବରଫ ଅତଡା ତଳେ ପୋତି ହୋଇଯାଇଥିଲେ । ଶନିବାର ଉଦ୍ଧାର କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ଦୁର୍ଘଟଣାରେ ପୋତିହୋଇ ପଡିଥିବା ୫୦ ଜଣ ଶ୍ରମିକ ଉଦ୍ଧାର ହୋଇଥିଲେ । ଉଦ୍ଧାର ଶ୍ରମିକଙ୍କ ମଧ୍ୟରୁ ୪ ଜଣଙ୍କର ଚିକିତ୍ସା କାଳରେ ମୃତ୍ୟୁ ହୋଇଥିଲା । ରବିବାର ଆଉ ୪ ଜଣଙ୍କ ଶବ ଉଦ୍ଧାର ହେବା ପରେ ମୋଟ ମୃତ୍ୟୁ ସଂଖ୍ୟା ୮କୁ ପହଞ୍ଚିଛି । ଏହି ଉଦ୍ଧାର ଅଭିଯାନରେ ଆଇଟିବିପି, ଏନଡିଆରଏଫ ଓ ସେନା ଅଂଶଗ୍ରହଣ କରିଥିଲେ। ଏହା ଛଡା ବାୟୁସେନା ହେଲିକପ୍ଟର ମଧ୍ୟ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିଲା ।

## ପୁତୁରା ଆକାଶଙ୍କ ବିରୋଧ ମାୟାବତୀଙ୍କ ଆକ୍ସନ
# ପଦରୁ ହଟାଇବାର ୨୪ ଘଣ୍ଟା ଭିତରେ କଲେ ବହିଷ୍କାର

**ନୂଆଦିଲ୍ଲୀ:** ବିଏସ୍‌ପି ସୁପ୍ରିମୋ ମାୟାବତୀ ନିଜ ପୁତୁରା ଆକାଶ ଆନନ୍ଦଙ୍କ ବିରୋଧରେ ଆଉ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ସବୁ ପଦରୁ ହଟାଇବା ପରେ ଏବେ ତାଙ୍କୁ ପାର୍ଟିରୁ ହିଁ ବାହାର କରିଛନ୍ତି। ଏହି କାର୍ଯ୍ୟାନୁଷ୍ଠାନକୁ ନେଇ ବିଏସ୍‌ପି ମୁଖ୍ୟ କହିଛନ୍ତି ଯେ ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ଆନ୍ଦୋଳନ ହିତରେ ଓ କାଶୀରାମ ଜୀଙ୍କ ଅନୁଶାସନ ପରମ୍ପରାକୁ ପାଳନ କରି ଆକାଶ ଆନନ୍ଦଙ୍କୁ ତାଙ୍କ ଶ୍ୱଶୁରଙ୍କ ପରି ପାର୍ଟିରୁ ବହିଷ୍କାର କରାଯାଇଛି ।ଆକାଶଙ୍କୁ ପାର୍ଟିରୁ ବାହାର କରିବା ଘୋଷଣା କରି ମାୟାବତୀ କହିଛନ୍ତି, 'ବିଏସ୍‌ପି ବୈଠକରେ ଗତକାଲି ଆକାଶଙ୍କୁ ପାର୍ଟି ହିତଠୁ ଅଧିକ ନିଜର ବହିଷ୍କୃତ ଶ୍ୱଶୁର ଅଶୋକ ସିଦ୍ଧାର୍ଥଙ୍କ ପ୍ରଭାବରେ ରହିବା କାରଣରୁ ଜାତୀୟ ସଂଯୋଜକ ସମେତ ସବୁ ଦାୟିତ୍ୱରୁ ମୁକ୍ତ କରାଯାଇଥିଲା । ଏଥିପାଇଁ ସେ ପ୍ରାୟଶ୍ଚିତ କରି ନିଜ ପରିପକ୍ୱତା ଦେଖାଇବାର ଥିଲା।' ମାୟାବତୀ ଏକ୍ସରେ ଲେଖିଛନ୍ତି, 'ପରିପକ୍ୱତା ଦେଖାଇବା ପରିବର୍ତ୍ତେ ଆକାଶ ଯେଉଁ ପ୍ରତିକ୍ରିୟା ଦେଇଛନ୍ତି, ତାହା ତାଙ୍କର ଅନୁତାପ ଓ ରାଜନୈତିକ ପରପକ୍ୱତା ନୁହେଁ ବରଂ ତାଙ୍କ ଶ୍ୱଶୁରଙ୍କ ପ୍ରଭାବରେ ସ୍ୱାର୍ଥୀ, ଅହଂକାରୀ ଓ ଅଣ-ମେସିନାରୀ ଅଟେ । ଏହାଠାରୁ ବିରତ ରହିବା ପାଇଁ ପାର୍ଟିର ସମସ୍ତ ଲୋକଙ୍କୁ ପରାମର୍ଶ ଦେବା ସହ



ଦଣ୍ଡିତ କରୁଛି ।' ପୁତୁରା ଆକାଶ ଆନନ୍ଦଙ୍କୁ ନେଇ ମାୟାବତୀଙ୍କ ଏହି ଆକ୍ସନ ସମସ୍ତଙ୍କୁ ଚକିତ କରିଛି । ପୂର୍ବରୁ ବି ୨୦୨୪ ସାଧାରଣ ନିର୍ବାଚନ ବେଳେ ଆକାଶ ଆନନ୍ଦଙ୍କୁ ପାର୍ଟିର ସବୁ ଦାୟିତ୍ୱରୁ ମୁକ୍ତ କରିଥିଲେ । ପରେ ତାଙ୍କୁ ପୁଣି ଥରେ ଦଳର ଦାୟିତ୍ୱ ଦେଇଥିଲେ । କୌତୁହଳର ବିଷୟ ଏହା ଯେ ଆକାଶ ଆନନ୍ଦଙ୍କୁ ମାୟାବତୀ ପାର୍ଟିରୁ ବାହାର କରିଛନ୍ତି, କିନ୍ତୁ ତାଙ୍କ ବାପା ଅର୍ଥାତ୍ ଆନନ୍ଦ କୁମାରଙ୍କୁ ଜାତୀୟ ସଂଯୋଜକ ନିଯୁକ୍ତ କରିଛନ୍ତି । ଏହାସହ ରାମଜୀ ଗୌତମଙ୍କୁ ବି ରାଷ୍ଟ୍ରୀୟ ସଂଯୋଜକ ଦାୟିତ୍ୱ ଦେଉଛନ୍ତି ।

## ବିଲେଇର ଶବ ସହ ଦୁଇ ଦିନ, ତା'ପରେ ମହିଳାଙ୍କ ଆତ୍ମହତ୍ୟା

**ଲକ୍ଷ୍ନୌ:** ପୋଷା ବିଲେଇର ମୃତ୍ୟୁ ପରେ ଆତ୍ମହତ୍ୟା କରିଦେଲେ ମହିଳା । ବିଲେଇର ଶବକୁ ପାଖରେ ଦୁଇ ଦିନ ରଖିଥିଲେ । ବିଲେଇଟି ପୁଣି ଥରେ ଜୀବିତ ହୋଇଯିବ ବୋଲି ସେ ଆଶା ରଖିଥିଲେ । କିନ୍ତୁ ବିଲେଇ ଆଉ ଉଠିନଥିଲା ଏବଂ ମହିଳାଙ୍କ ଆଶା ମଉଳି ଯାଇଥିଲା । ନିରାଶ ହୋଇ ଶେଷରେ ଚରମ ନିଷ୍ପତ୍ତି ନେଇଥିଲେ ମହିଳା । ଉତ୍ତର ପ୍ରଦେଶର ଆମରୋହା ଜିଲ୍ଲାର ଜଣେ ମହିଳା ତାଙ୍କ ପୋଷା ବିଲେଇର ମୃତ୍ୟୁରେ ଦୁଃଖୀ ହୋଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ୩୨ ବର୍ଷୀୟା ପୂଜା ଅମରୋହାର ହସନପୁରରେ ରହୁଥିଲେ। ସେ ଆଠ ବର୍ଷ ପୂର୍ବରୁ ଦିଲ୍ଲୀର ଜଣେ ଯୁବକଙ୍କୁ ବିବାହ କରିଥିଲେ, କିନ୍ତୁ ଦୁଇ ବର୍ଷ ପରେ ବିବାହ ବିଚ୍ଛେଦ ହୋଇଥିଲା । ସେବେଠାରୁ ପୂଜା ତାଙ୍କ ମା' ଗଜରା ଦେବୀଙ୍କ ସହିତ ତାଙ୍କ ପୈତୃକ ଘରେ ରହୁଥିଲେ । ନିସଙ୍ଗତାରୁ ମୁକୁଳିବା ଲାଗି ପୂଜା ଏକ ପୋଷା ବିଲେଇକୁ ନିଜ ପାଖରେ ରଖିଥିଲେ । ବିଲେଇଟି ଗୁରୁବାର ଦିନ ମରିଯାଇଥିଲା । ତାଙ୍କ ମାଆ ବିଲେଇର ଶବକୁ ପୋତିବାକୁ ପୂଜାଙ୍କୁ କହିଥିଲେ କିନ୍ତୁ ସେ ମନା କରିଥିଲେ । ଏହା ସହ ବିଲେଇର ଶବକୁ ନିଜ ପାଖରେ ଦୁଇ ଦିନ ରଖିଥିଲେ ।

# ଗ୍ରେନେଡ୍ ସହିତ ଗିରଫ ହେଲା ସନ୍ଦିଗ୍ଧ ଆତଙ୍କବାଦୀ



ଟାର୍ଗେଟରେ ଥିଲା ରାମ ମନ୍ଦିର

**ନୂଆଦିଲ୍ଲୀ,୩।୩:** ଗୁଜୁରାଟ ଏଟିଏସ, କେନ୍ଦ୍ରୀୟ ଏଜେନ୍ସି ଏବଂ ଫରିଦାବାଦ ଏସଟିଏଫ ସହଯୋଗରେ, ହରିୟାଣାର ଫରିଦାବାଦରୁ ଜଣେ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ଗିରଫ କରିଛି। ଆତଙ୍କୀ ନିକଟରୁ ଦୁଇଟି ହ୍ୟାଣ୍ଡ ଗ୍ରେନେଡ୍ ଏବଂ କିଛି ମୌଳିକ ସାମଗ୍ରୀ ଜବତ କରିଛି। ସୂତ୍ର ଅନୁଯାୟୀ, ରାମ ମନ୍ଦିର ତାଙ୍କ ଟାର୍ଗେଟରେ ଥିଲା। ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ୧୯ ବର୍ଷୀୟ ଅବଦୁଲ ରେହମାନ ଭାବରେ ଚିହ୍ନଟ କରାଯାଇଛି, ଯିଏ ଉତ୍ତର ପ୍ରଦେଶର ବାସିନ୍ଦା। ସୂଚନା ଅନୁଯାୟୀ, ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ରବିବାର ଗିରଫ କରାଯାଇଥିଲା, ଏବଂ ଗ୍ରେନେଡ୍ ଉଦ୍ଧାର ପରେ ଫରିଦାବାଦରେ ଅକାମି କରାଯାଇଥିଲା। ଗୁଜରାଟ ଏଟିଏସ ସନ୍ଦିଗ୍ଧଙ୍କୁ ସେମାନଙ୍କ ସହିତ ଗୁଜରାଟ ନେଇଯାଇଛନ୍ତି। ସୂତ୍ର ଅନୁଯାୟୀ, ଗୁଜରାଟ ଏଟିଏସ୍‌ର ଅପରେସନ୍ ଏବେ ବି ଜାରି ରହିଛି। ଅତିରିକ୍ତ ସୂଚନା ପାଇଁ ଗୁଜୁରାଟ ଏଟିଏସ୍ ରେହମାନକୁ ପଚରାଉଚରା କରୁଛି। ବର୍ଷ ବର୍ଷ ଧରି ଆଇନଗତ ଲଢ଼େଇ ପରେ ନିର୍ମାଣ ହୋଇଛି ରାମ ମନ୍ଦିର ଉଲ୍ଲେଖଯୋଗ୍ୟ, ଦୀର୍ଘ ଆଇନଗତ ଲଢ଼େଇ ପରେ ଜାନୁଆରୀ ୨୨, ୨୦୨୪ ରେ ଅଯୋଧାର ଜନ୍ମଭୂମିରେ ରାମ ମନ୍ଦିର ପବିତ୍ର କରାଯାଇଥିଲା। ପ୍ରଧାନମନ୍ତ୍ରୀ ମୋଦି ପବିତ୍ର ସମାରୋହ କରିଥିଲେ। ସେହି ସମୟଠାରୁ ମନ୍ଦିରରେ ଅଭୂତପୂର୍ବ ଭିଡ଼ ଦେଖିବାକୁ ମିଳିଛି। ମହାକୁମ୍ଭ ସମୟରେ ମନ୍ଦିରରେ ପାଦ ଦେବାର ସଂଖ୍ୟା ବୃଦ୍ଧି ପାଇଛି ସମ୍ପ୍ରତି, ପ୍ରୟାଗରାଜ ମହାକୁମ୍ଭ ସମୟରେ ପବିତ୍ର ତ୍ରିବେଣୀ ସଙ୍ଗମରେ ପବିତ୍ର ବୁଡ଼ ପକାଇବା ପରେ ଲୋକମାନେ ଅଯୋଧା ଅଭିମୁଖେ ଯିବା ଆରମ୍ଭ କରିବାରୁ ଭକ୍ତଙ୍କ ସଂଖ୍ୟା ଆଶ୍ଚର୍ଯ୍ୟଜନକ ଭାବରେ ବୃଦ୍ଧି ପାଇଥିଲା। ପ୍ରତିଷ୍ଠା ପରଠାରୁ, ରାମ ମନ୍ଦିରରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରାଯାଇଛି। ଯେକୌଣସି ଅପ୍ରୀତିକର ଘଟଣାର ମୁକାବିଲା ପାଇଁ କଡ଼ା ପ୍ରୋଟୋକଲ୍ ରଖାଯାଇଛି।

# 'ସ୍କୁଲକୁ ଛାତ୍ରଛାତ୍ରୀ ସ୍ମାର୍ଟଫୋନ୍ ଆଣିବା ସମ୍ପୂର୍ଣ୍ଣ ବ୍ୟାନ୍ ଅସମ୍ଭବ'

● ଗାଇଡଲାଇନ ଜାରି କଲେ ଦିଲ୍ଲୀ ହାଇକୋର୍ଟ

**ନୂଆଦିଲ୍ଲୀ,୩।୩:** ବିଦ୍ୟାଳୟରେ ପାଠପଢ଼ା ସମୟରେ ଛାତ୍ରଛାତ୍ରୀମାନେ ମୋବାଇଲ୍ ବ୍ୟବହାର କରିବା ଏକ ବଡ଼ ସମସ୍ୟା ଉଭା ହୋଇଛି । ସ୍କୁଲରେ ଫୋନ୍ ବ୍ୟବହାର କରିବା ବ୍ୟାନ ଥିଲା । ହେଲେ ଦିଲ୍ଲୀ ହାଇକୋର୍ଟ ଏହା ଉପରେ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି । ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ମାର୍ଟ ଫୋନ୍ ବ୍ୟବହାର ଉପରେ ସମ୍ପୂର୍ଣ୍ଣ ବ୍ୟାନ୍ ଲଗାଇବା ଅବାଞ୍ଛନୀୟ । ମାତ୍ର ଶିକ୍ଷା ବିଭାଗ ଏହା ଉପରେ ପୂର୍ବରୁ ପ୍ରତିବନ୍ଧକ ଲଗାଇଛି। ଶୁକ୍ରବାର ଦିଲ୍ଲୀ ହାଇକୋର୍ଟରେ ଏହି ମାମଲାର ଶୁଣାଣି ହୋଇଥିଲା । ଜଷ୍ଟିସ୍ ଅନୁପ ଜୟରାମ ଭବାନୀଙ୍କ ଜଣିକିଆ ଖଣ୍ଡପୀଠ ଏହା ଉପରେ ଏକ ଗାଇଡଲାଇନ ଜାରି କରିଛନ୍ତି । ସେ କହିଛନ୍ତି, ସ୍କୁଲରେ ସ୍ମାର୍ଟଫୋନ୍ ଅପବ୍ୟବହାର ଛାତ୍ରଛାତ୍ରୀମାନଙ୍କ ପାଠପଢ଼ାକୁ ପ୍ରଭାବିତ କରୁଛି। ହେଲେ ସ୍ମାର୍ଟ ଫୋନ ଦ୍ୱାରା କିଛି ମାତ୍ରାରେ ଲାଭଦାୟକ ଉଦ୍ଦେଶ୍ୟ ମଧ ରହିଛି । ଯେଉଁଥିରେ ବାପା-ମାଆ ଏବଂ ପିଲାଙ୍କ ମଧରେ ସମନ୍ୱୟ ମଧ ସାମିଲ୍ ରହିଛି । ଯାହା ଛାତ୍ରଛାତ୍ରୀଙ୍କୁ ସୁରକ୍ଷା ମଧ ଦେଉଛି । ତେଣୁ ସ୍କୁଲରେ ପିଲା ସ୍ମାର୍ଟ ଫୋନ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଠିକ୍ ନୁହେଁ । ୨୦୨୩ ଅଗଷ୍ଟ ମାସରେ ଶିକ୍ଷା ନିର୍ଦ୍ଦେଶାଳୟ ଏକ ଗାଇଡଲାଇନ ଜାରି କରି ଦିଲ୍ଲୀର ସମସ୍ତ ସ୍କୁଲ ପରିସର ଓ ଶ୍ରେଣୀ ଗୃହରେ ମୋବାଇଲ ଫୋନ୍ ବ୍ୟାନ କରିଥିଲେ। ମାତ୍ର ଦିଲ୍ଲୀ ହାଇକୋର୍ଟ କହିଛନ୍ତି, ଏହି ଗାଇଡଲାଇନରେ ସ୍କୁଲରେ ସ୍ମାର୍ଟଫୋନ୍ ଅପବ୍ୟବହାର ରୋକିବାକୁ ବ୍ୟାପକ ନିର୍ଦ୍ଦେଶ ଦିଆଯାଇଛି । ନିଜ ରାୟରେ କୋର୍ଟ ସ୍ପଷ୍ଟ ଭାବେ କହିଛନ୍ତି, ସ୍ମାର୍ଟ ଫୋନ୍ ପିଲଙ୍କୁ ସୁରକ୍ଷା ଦେଉଥିବାରୁ ଏହାକୁ ସମ୍ପୂର୍ଣ୍ଣ ଭାବେ ବ୍ୟାନ କରିବା ଠିକ୍ ନୁହେଁ। କିନ୍ତୁ ପିଲାଙ୍କ ମାତ୍ରାଧିକ ବ୍ୟବହାର ଉପରେ ଦୃଷ୍ଟି ଦେବା ଜରୁରୀ ।

## ଏଲନ ମସ୍କଙ୍କ ଚତୁର୍ଦ୍ଦଶ ସନ୍ତାନ



**ମୁମ୍ବାଇ,୩।୩;** ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଏଲନ ମସ୍କ। ଏବେ ସେ ପୁଣି ଥରେ ବାପା ହୋଇଛନ୍ତି। ୧୪ ସନ୍ତାନର ବାପା ହୋଇ ଭିନ୍ନ ରେକର୍ଡ ସୃଷ୍ଟି କରିଛନ୍ତି ମସ୍କ। ଶିଶୁର ଜନ୍ମ ବିଷୟରେ ସୂଚନା ତାଙ୍କ ପାର୍ଟନର ଶିବନ ଜିଲିସ ଇନଷ୍ଟାଗ୍ରାମରେ ପୋଷ୍ଟରେ ଦେଇଛନ୍ତି। ଯାହାକୁ ମସ୍କ ମଧ ନିଶ୍ଚିତ କରିଛନ୍ତି। ସେମାନେ ଏହି ପିଲାଟିର ନାମ ସେଲଡନ ଲାଇକର୍ଗସ ରଖିଛନ୍ତି। ସେଥିରେ ସେ ଲେଖିଛନ୍ତି ମସ୍କଙ୍କ ସହ କଥାବାର୍ତ୍ତା କରିବା ପରେ ସନ୍ତାନ ବିଷୟରେ ସାର୍ବଜନୀନ କରିବାକୁ ନିଷ୍ପତ୍ତି ନେଇଥିଲେ । କିନ୍ତୁ ପୁତ୍ର ସନ୍ତାନର ଜନ୍ମ କେବେ ହୋଇଛି ତାହା ସେ ପ୍ରକାଶ କରିନାହାନ୍ତି । ପୂର୍ବରୁ ଶିୱାନ ଓ ମସ୍କଙ୍କର ୩ ସନ୍ତାନ ଅଛନ୍ତି। ସେମାନଙ୍କ ମଧରେ ଦୁଇଜଣ ଯମଜ ସନ୍ତାନ ଷ୍ଟ୍ରାଇଡର ଓ ଏଜ୍ୟୋର ଏବଂ ଏକ କନ୍ୟା ସନ୍ତାନ ଅର୍କାଡିଆ ଅଛନ୍ତି । ୨୦୨୧ ନଭେମ୍ବରରେ ମସ୍କ ଓ ଶିୱାନ ସେମାନଙ୍କ ଘରେ ଯମଜ ସନ୍ତାନ ଜନ୍ମ ନେଇଥିବା ସମ୍ପର୍କରେ ସୂଚନା ଦେଇଥିଲେ ।

## ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ବଢ଼ିଲା ବିବାଦ
# ତୋରଖମ କ୍ରସିଂରେ ଉଭୟ ପକ୍ଷରୁ ଆଖିବୁଜା ଗୁଳିମାଡ଼

**ନୂଆଦିଲ୍ଲୀ,୩।୩:** ସୋମବାର ଏକ ପ୍ରମୁଖ ସୀମା ପାର ସ୍ଥାନରେ ପାକିସ୍ତାନୀ ଏବଂ ଆଫଗାନ ସେନା ମଧରେ ଗୁଳି ବିନିମୟ ହୋଇଥିଲା। ଦୁଇ ପଡ଼ୋଶୀ ଦେଶ ମଧରେ ବିବାଦ ଯୋଗୁଁ ଏହି ସ୍ଥାନଟି ଗୋଟିଏ ସପ୍ତାହରୁ ଅଧିକ ସମୟ ଧରି ବନ୍ଦ ରହିଛି। ଗୁଳିବିନିମୟରେ ତୋରଖାମ କ୍ରସିଂର ଉଭୟ ପାର୍ଶ୍ୱରେ କୌଣସି ମୃତାହତର ରିପୋର୍ଟ ନାହିଁ। ସୀମା ଖୋଲିବା ଏବଂ ଶାନ୍ତି ଫେରାଇ ଆଣିବା ପାଇଁ ରବିବାର ଉଭୟ ଦେଶର ଅଧିକାରୀମାନେ ଏକ ବୈଠକ କରିଥିଲେ କିନ୍ତୁ ସମସ୍ୟାର କୌଣସି ସମାଧାନ ମିଳିପାରି ନାହିଁ। ଆଫଗାନିସ୍ତାନ ଦ୍ୱାରା ସେଠାରେ ଏକ ନୂଆ ସୀମା ପାର ନିର୍ମାଣକୁ ପାକିସ୍ତାନ ବିରୋଧ କରିବାରୁ ଏହି କ୍ରସିଂକୁ ୧୧ ଦିନ ପାଇଁ ବନ୍ଦ ରଖାଯାଇଛି।



# ପଥଚାରୀଙ୍କ ଉପରେ କାର୍ ମଡ଼ାଇଦେବାରୁ ଜଣେ ମୃତ

**ମାନ୍‌ହେଇମ୍,୩।୩:** ଜର୍ମାନୀର ମାନହେଇମ୍ ସହରରେ ଜଣେ ଡ୍ରାଇଭର ପଥଚାରୀମାନଙ୍କ ଉପରେ କାର୍ ମଡ଼ାଇଦେବାରୁ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଛନ୍ତି। କଳାରଙ୍ଗର ଏସ୍‌ୟୁଭିଟି ଦ୍ରୁତ ବେଗରେ ଶପିଂ ଷ୍ଟ୍ରିଟ୍‌ର ଜନଗହଳି ମଧକୁ ପଶିଆସିବା ସହ ବହୁ ଲୋକଙ୍କ ଧକ୍କା ଦେଇଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ପୋଲିସ ଜଣକୁ ଗିରଫ କରିଥିବାବେଳେ ଏହି ଘଟଣାରେ ଅନ୍ୟ କେହି ସମ୍ପୃକ୍ତ ଥିବା ନେଇ ତଦନ୍ତ ଚଳାଇଛି। ଗତବର୍ଷ ଡିସେମ୍ବରରେ ମାଗଡେବର୍ଗରେ ଏବଂ ଗତ ମାସରେ ମ୍ୟୁନିକ୍‌ରେ ଅନୁରୂପ ଭାବେ ଲୋକଙ୍କ ଉପରେ ଗାଡ଼ି ମଡ଼ାଇ ଦିଆଯାଇଥିଲା। ସୋମବାର ମାନ୍‌ହେଇମ୍‌ରେ ଦୁର୍ଘଟଣା ପରେ ସୁରକ୍ଷା ବଢ଼ାଇ ଦିଆଯାଇଛି।

## ୟୁପିର ମହିଳାଙ୍କୁ ୟୁଏଇରେ ମିଳିଲା ଫାଶୀ, ୪ମାସର ଶିଶୁକୁ ହତ୍ୟା କରିବାର ଥିଲା ଅଭିଯୋଗ

**ନୂଆଦିଲ୍ଲୀ,୩।୩:** ୟୁଏଇର ରାଜଧାନୀ ଆବୁଧାବୀରେ ୪ ମାସର ଶିଶୁକୁ କଥିତ ହତ୍ୟା ମାମଲାରେ ଉତ୍ତର ପ୍ରଦେଶର ମହିଳାଙ୍କୁ ମିଳିଲା ଫାଶି। ୟୁପିର ଶହଜାଦି ଖାନ୍‌ଙ୍କୁ ୧୫ ଫେବୃଆରୀରେ ଫାଶୀ ଦିଆଯାଇଛି। ଝିଅର ଜୀବନ ରକ୍ଷା ପାଇଁ ଦିଲ୍ଲୀ ହାଇକୋର୍ଟ ଆବେଦନ କରିଥିବା ମହିଳାଙ୍କ ବାପାଙ୍କୁ ବୈଦେଶିକ ମନ୍ତ୍ରଣାଳୟ ସୂଚନା ଦେଇଛି। ଘଟଣା ସମ୍ପର୍କରେ ସୂଚନା ମିଳିବା ପରେ ଜଷ୍ଟିସ୍ ସଚିନ ଦତ୍ତ ଏହାକୁ ଖୁବ୍ ଦୁର୍ଭାଗ୍ୟପୂର୍ଣ୍ଣ ବୋଲି କହିଛନ୍ତି। ବାନ୍ଦା ଜିଲ୍ଲାର ୩୩ ବର୍ଷୀୟ ମହିଳାଙ୍କ ଉପରେ ୪ ମାସର ଶିଶୁକୁ ହତ୍ୟା କରିବା ଅଭିଯୋଗରେ ଅବୁଧାବୀରେ ଫାଶୀ ଦଣ୍ଡ ଦିଆଯାଇଛି। ଆଡିସନାଲ ସଲିସିଟର ଜେନେରାଲ ଚେତନ ଶର୍ମା କୋର୍ଟଙ୍କୁ କହିଛନ୍ତି, ମହିଳାଙ୍କୁ ୧୫ ଫେବୃଆରୀରେ ଫାଶୀ ଦିଆଯାଇଥିଲା। ତାଙ୍କର ଅନ୍ତିମ ସଂସ୍କାର ୫ ମାର୍ଚ୍ଚରେ ହେବ। ସରକାରଙ୍କ ପକ୍ଷରୁ ଏହି ସୂଚନା ଶେହଜାଦିଙ୍କ ବାପାଙ୍କୁ ଜଣାଇ ଦିଆଯାଇଛି। ଶହଜାଦି ଖାନ୍‌ଙ୍କୁ ୧୦ ଫେବୃଆରୀ ୨୦୨୩ ରେ ଆବୁଧାବୀ ପୋଲିସକୁ ହସ୍ତାନ୍ତର କରାଯାଇଥିଲା।

# ବ୍ଲକ୍ ସ୍ତରରେ ଷ୍ଟାଡିୟମ୍ ସମ୍ବନ୍ଧୀୟ ମାଷ୍ଟର୍ ପ୍ଲାନ୍‌ର ସମୀକ୍ଷା



**ଭୁବନେଶ୍ୱର,୩।୩(ସଂଚାର ବ୍ୟୁରୋ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆଜି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ କ୍ରୀଡ଼ା ଓ ଯୁବସେବା ବିଭାଗର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ଆଗାମୀ ଦିନରେ ବ୍ଲକ ସ୍ତରରେ ନିର୍ମାଣ ହେବାକୁ ଥିବା ଷ୍ଟାଡିୟମ ସମ୍ବନ୍ଧୀୟ ମାଷ୍ଟର ପ୍ଲାନର ସମୀକ୍ଷା କରିବା ସହିତ ତୃଣମୂଳ ସ୍ତରରେ କିପରି କ୍ରୀଡ଼ାର ବିକାଶ କରାଯାଇପାରିବ ସେ ସମ୍ବନ୍ଧରେ ସବିସ୍ତୃତ ଆଲୋଚନା କରିଥିଲେ। ସେ କହିଛନ୍ତି ଯେ, ବ୍ଲକସ୍ତରରେ ଷ୍ଟାଡିୟମ ନିର୍ମାଣ ପାଇଁ ୪୧୨୪ କୋଟି ଟଙ୍କାର ବ୍ୟୟ ଅଟକଳ ରହିଛି। ଓଡ଼ିଶାର ପ୍ରତିଟି ବ୍ଲକରେ, ପ୍ରତିଟି ଗାଁରେ ଯେପରି କ୍ରୀଡ଼ା ପ୍ରତିଭାର ବିକାଶ ହୋଇପାରିବ ସେ ଲକ୍ଷ୍ୟ ନେଇ ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ ପାଇଁ ଯୋଜନା କରାଯାଇଛି। ବିକଶିତ ଓଡ଼ିଶା ଗଠନ ପାଇଁ ଓଡ଼ିଶାରେ କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କର ସାମଗ୍ରିକ ବିକାଶ କରିବା ହେଉଛି ଆମର ପ୍ରାଥମିକତା। ତୃଣମୂଳସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ପାଇଁ ସିଏମ-ଟ୍ରଫି ପ୍ରତିଯୋଗିତାର ଆୟୋଜନ ମଧ୍ୟ କରାଯାଇଛି। ନିକଟ ଅତୀତରେ କଳିଙ୍ଗ ଷ୍ଟାଡିୟମରେ ଏଫଆଇଏଚ ହକି ପ୍ରୋ ଲିଗ ଭଳି ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ ମଧ୍ୟ ସଫଳ ଭାବରେ କରାଯାଇଛି। ଚଳିତ ବର୍ଷ ନ୍ୟାସନାଲ ଗେମ୍ସରେ ଓଡ଼ିଶାର କ୍ରୀଡ଼ାବିତମାନେ ଭଲ ପ୍ରଦର୍ଶନ କରିବା ସହିତ ନ୍ୟାସନାଲ ଗେମ୍ସରେ ଓଡ଼ିଶା ସର୍ବଭାରତୀୟ ସ୍ତରରେ ଶ୍ରେଷ୍ଠ ୧୫ଟି ରାଜ୍ୟ ମଧ୍ୟରେ ସ୍ଥାନିତ ହୋଇଛି। ଆଗାମୀ ଦିନରେ ଓଡ଼ିଶାର କ୍ରୀଡ଼ାବିତମାନେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଆୟୋଜିତ ହେଉଥିବା କ୍ରୀଡ଼ା ପ୍ରତିଯୋଗିତାରେ ପଦକ ଜିତି ଯେପରି ଓଡ଼ିଶା ପାଇଁ ସୁନାମ ଅର୍ଜନ କରିବେ ତାହା ଲକ୍ଷ୍ୟ ରହିଛି ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି। ଏଥିସହ କ୍ରୀଡ଼ା ଭିତ୍ତିଭୂମିର ବିକାଶ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ କ୍ରୀଡ଼ାମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ବିଭାଗୀୟ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



# ଅକ୍ଷରଙ୍କ ପାଦ ଛୁଇଁଲେ ବିରାଟ

**ନୂଆଦିଲ୍ଲୀ, ୩।୩:** ରବିବାର ଦିନ, ଭାରତ ନ୍ୟୁଜିଲ୍ୟାଣ୍ଡକୁ ୪୪ ରନରେ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଭାରତୀୟ ଦଳ ୫୦ ଓଭରରେ ୯ ୱିକେଟ୍ ହରାଇ ୨୪୯ ରନ୍ କରିଥିଲା। ଜବାବରେ, ମିଚେଲ ସାଣ୍ଟନରଙ୍କ ନେତୃତ୍ୱାଧୀନ ନ୍ୟୁଜିଲାଣ୍ଡ ଦଳ ୨୦୫ ରନରେ ଅଲଆଉଟ ହୋଇଯାଇଥିଲା। ପ୍ରକୃତରେ, କିୱି ଇନିଂସ ଆରମ୍ଭରୁ ହିଁ କେନ୍ ୱିଲିୟମ୍ସନ୍ ଭାରତ ଏବଂ ବିଜୟ ମଧରେ ଦୃଢ଼ ଭାବରେ ଛିଡା ହୋଇଥିଲେ। କିନ୍ତୁ ଅକ୍ଷର ପଟେଲ ତାଙ୍କ ସ୍ପେଲର ଶେଷ ବଲରେ କେନ ୱିଲିୟମସନଙ୍କୁ ଆଉଟ୍ କରିଥିଲେ। କେନ୍ ୱିଲିୟମସନ୍ ଅକ୍ଷର ପଟେଲଙ୍କ ବୋଲିଂରେ ୱିକେଟକିପର କେଏଲ ରାହୁଲଙ୍କ ଦ୍ୱାରା ଷ୍ଟମ୍ପଆଉଟ୍ ହୋଇଥିଲେ।

କେନ୍ ୱିଲିୟମସନ୍ ୮୧ ରନ୍ ର ଏକ ଭଲ ଇନିଂସ ଖେଳିଥିଲେ। ଅକ୍ଷର ପଟେଲ କେନ୍ ୱିଲିୟମସନ୍‌ଙ୍କୁ ଆଉଟ୍ କରିବା ପରେ ଏକ ସ୍ମରଣୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ପ୍ରକୃତରେ, ବିରାଟ କୋହଲି ଅକ୍ଷର ପଟେଲଙ୍କ ପାଦ ଛୁଇଁଥିଲେ। ବିରାଟ କୋହଲି ଅକ୍ଷର ପଟେଲଙ୍କୁ ୱିକେଟ୍ ନେବା ପାଇଁ ଏହିପରି ଅଭିନନ୍ଦନ ଜଣାଇଥିଲେ। ତଥାପି, ବିରାଟ କୋହଲି ଏବଂ ଅକ୍ଷର ପଟେଲଙ୍କ ଭିଡିଓ ସୋସିଆଲ ମିଡିଆରେ ଅଧିକ ଭାଇରାଲ ହେବାରେ ଲାଗିଛି। ଏହା ବ୍ୟତୀତ, ସୋସିଆଲ ମିଡିଆ ବ୍ୟବହାରକାରୀମାନେ ନିରନ୍ତର ନିଜର ପ୍ରତିକ୍ରିୟା ଦେଉଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷରେ ପ୍ରଥମେ ବ୍ୟାଟିଂ କରି ଭାରତୀୟ ଦଳ ୨ ୱିକେଟ୍ ବିନିମୟରେ ୨୪୯ ରନ୍ କରିଥିଲା। ଭାରତ ପକ୍ଷରୁ ଶ୍ରେୟସ ଆୟର ସର୍ବାଧିକ ୭୯ ରନ କରିଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ୪୫ ରନର ଇନିଂସ ଖେଳିଥିଲେ। ଯେତେବେଳେ ଅଲରାଉଣ୍ଡର ଅକ୍ଷର ପଟେଲ ୪୨ ରନର ଅବଦାନ ରଖିଥିଲେ। ଜବାବରେ, ନ୍ୟୁଜିଲାଣ୍ଡର ଇନିଂସ ୪୫.୩ ଓଭରରେ ୨୦୫ ରନରେ ଅଲଆଉଟ୍ ହୋଇଯାଇଥିଲା। ଏହିପରି, ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଭାରତୀୟ ଦଳ ୪୪ ରନରେ ମ୍ୟାଚ୍ ଜିତିଲା। ଭାରତ ପକ୍ଷରୁ ସ୍ପିନର ବରୁଣ ଚକ୍ରବର୍ତ୍ତୀ ସର୍ବାଧିକ ୫ଟି ୱିକେଟ୍ ନେଇଥିଲେ। ବରୁଣ ଚକ୍ରବର୍ତ୍ତୀ ୧୦ ଓଭରରେ ୪୨ ରନ ଦେଇ ୫ ଜଣ ବ୍ୟାଟସମ୍ୟାନଙ୍କୁ ଆଉଟ କରିଥିଲେ। କୁଲଦୀପ ଯାଦବଙ୍କୁ ୨ଟି ସଫଳତା ମିଳିଥିଲା। ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ ଏବଂ ରବିନ୍ଦ୍ର ଜାଡେଜା ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

# ଅଜିଙ୍କ୍ୟ ରାହାଣେ କେକେଆରର ନୂଆ ଅଧିନାୟକ



**କୋଲକାତା, ୩।୩:** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୫ସିଜିନର ଠିକ୍ ପୂର୍ବରୁ, କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଫ୍ରାଞ୍ଚାଇଜ୍ ଏକ ବଡ଼ ଘୋଷଣା କରିଛି। କ୍ରିକେଟର ଆଜିଙ୍କ୍ୟ ରାହାଣେଙ୍କୁ ଦଳର ନୂତନ ଅଧିନାୟକ ଭାବରେ ନିଯୁକ୍ତ କରିଛି କେକେଆର। ଏହା ସହ ଭେଙ୍କଟେଶ ଆୟରଙ୍କୁ ଉପ-ଅଧିନାୟକ ଦାୟିତ୍ୱ ଦିଆଯାଇଛି। ଆଜିଙ୍କ୍ୟ ରାହାଣେ ଟି-୨୦ରେ କେକେଆରର ୯ମ ଅଧିନାୟକ। ତାଙ୍କ ପୂର୍ବରୁ ସୌରଭ ଗାଙ୍ଗୁଲି (୨୭ ମ୍ୟାଚ୍), ବ୍ରେଣ୍ଡନ ମ୍ୟାକ୍କୁଲ (୧୩ ମ୍ୟାଚ୍), ଗୌତମ ଗମ୍ଭୀର (୧୨୨ ମ୍ୟାଚ୍), ଜ୍ୟାକ୍ସ କାଲିସ (୨ ମ୍ୟାଚ୍), ଦିନେଶ କାର୍ତ୍ତିକ (୩୭ ମ୍ୟାଚ୍), ଇଓନ ମାର୍ଗନ (୨୪ ମ୍ୟାଚ୍), ଶ୍ରେୟସ ଅୟର (୨୯ ମ୍ୟାଚ୍) ଏବଂ ନୀତିଶ ରାଣା (୧୪ ମ୍ୟାଚ୍) ଅଧିନାୟକତ୍ୱ କରିସାରିଛନ୍ତି। ଆଜିଙ୍କ୍ୟ

## ଭେଙ୍କଟେଶ ଆୟର ଉପ ଅଧିନାୟକ

ରାହାଣେ ଗତ ସିଜିନରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସକେ) ଦଳ ପାଇଁ ଖେଳିଥିଲେ। ଏହା ପରେ ସିଏସକେ ତାଙ୍କୁ ମୁକ୍ତ କରିଥିଲା। ଆଇପିଏଲ-୨୦୨୫ର ମେଗା ନିଲାମରେ, କୋଲକାତା ରାହାଣେଙ୍କୁ ବେସ୍ ପ୍ରାଇସରେ କିଣିଥିଲା। ତାଙ୍କର ବେସ୍ ପ୍ରାଇସ୍ ଥିଲା ୧.୫୦ କୋଟି ଟଙ୍କା।

ଅନ୍ୟପକ୍ଷରେ, ଭେଙ୍କଟେଶ ଅୟରଙ୍କୁ ଫ୍ରାଞ୍ଚାଇଜ୍ ଗତଥର ମୁକ୍ତ କରିଥିଲା। କିନ୍ତୁ ମେଗା ନିଲାମରେ ତାଙ୍କୁ ପୁଣି ଥରେ କିଣିଥିଲା କେକେଆର। ଭେଙ୍କଟେଶଙ୍କୁ କିଣିବା ପାଇଁ କେକେଆର ୨୩.୭୫ କୋଟି ଟଙ୍କା ଖର୍ଚ୍ଚ କରିଥିଲା। ବର୍ତ୍ତମାନ, ଭେଙ୍କଟେଶ ଦଳର ସବୁଠାରୁ ମହଙ୍ଗା ଖେଳାଳି।

### ଏମ୍‌ସିଏଲ୍‌ର କୋଲ୍ ଇଣ୍ଡିଆ ଭୁବନେଶ୍ୱର ହାଫ୍ ମାରଥାନ୍

# ମହିଳାରେ ଲିଲି, ପୁରୁଷରେ ପ୍ରିନ୍ସ ବିଜେତା

**ଭୁବନେଶ୍ୱର, ୩।୩:** କୋଲ୍ ଇଣ୍ଡିଆର ୫୦ ବର୍ଷ ପୂର୍ତ୍ତି ଅବସରରେ ମହାନଦୀ କୋଲଫିଲ୍ଡ଼ସ ଲିମିଟେଡ୍ (ଏମ୍‌ସିଏଲ୍) ପକ୍ଷରୁ 'କୋଲ ଇଣ୍ଡିଆ ଭୁବନେଶ୍ୱର ହାଫ୍ ମାରାଥନ' ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆୟୋଜିତ ହୋଇଯାଇଛି। ଏଥିରେ




୨୧ କିମି ହାଫ୍ ମାରାଥନ, ୧୦ କିମି ରନ୍, ୫ କିମି ଏବଂ ୧.୫ କିମି ଫନ୍ ରନ୍ ବର୍ଗରେ ବିଭିନ୍ନ ବୟସ ବର୍ଗର ୫ ହଜାରରୁ ଅଧିକ ମାରାଥନ ଧାବକ ଏବଂ ଉତ୍ସାହୀ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଯାହାର ପୁରସ୍କାର ରାଶି ୪୫.୩୪ ଲକ୍ଷ ଟଙ୍କା ରଖାଯାଇଥିଲା। ପଶ୍ଚିମବଙ୍ଗର ଲିଲି ଦାଶ ଓ ଉତ୍ତରପ୍ରଦେଶରୁ ପ୍ରିନ୍ସ କୁମାର ଯଥାକ୍ରମେ ମହିଳା ଓ ପୁରୁଷ ବର୍ଗରେ ବିଜେତା ହୋଇଥିଲେ। କ୍ରୀଡ଼ା ଓ ଯୁବ ସେବା ବିଭାଗ ସହଯୋଗରେ ଆୟୋଜିତ ଏହି ମାରଥନ୍‌ର ବିଭିନ୍ନ ବର୍ଗ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଲିମ୍ପିକ୍ସ ପଦକ ବିଜୟିନୀ ବ୍ୟାଡମିଣ୍ଟନ୍ ତାରକା ସାଇନା ନେହୱାଲ୍ କାର୍ଯ୍ୟକ୍ରମର ବ୍ରାଣ୍ଡ୍ ଆମ୍ବାସାଡର୍ ଭାବେ ଯୋଗ ଦେଇଥିବାବେଳେ ସେ ମୁଖ୍ୟ ଆକର୍ଷଣରେ ରହିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ମୁଖ୍ୟ ସଚିବ ମନୋଜ ଆହୁଜା, କୋଲ ଇଣ୍ଡିଆ ଅଧକ୍ଷ ପି ଏମ୍ ପ୍ରସାଦ, ଏମ୍‌ସିଏଲ୍ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ଯୋଗ ଦେଇଥିଲେ। ଏକ ସୁସ୍ଥ ଜୀବନଶୈଳୀର ଗୁରୁତ୍ୱକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟ ନେଇ ଏହି ମାରାଥନ ଆୟୋଜିତ ହୋଇଥିଲା।

# ରୋହିତ ଶର୍ମାଙ୍କୁ 'ମୋଟା' କହି ଫସିଲେ କଂଗ୍ରେସ ନେତ୍ରୀ ଶାମା ମହମ୍ମଦ

**ନୂଆଦିଲ୍ଲୀ,୩।୩:** ଚମ୍ପିଆନ୍ସ ଟ୍ରଫିରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତର ବିଜୟ ଯାତ୍ରା ଜାରି ରହିଛି। ଏହା ଭିତରେ କଂଗ୍ରେସ ନେତ୍ରୀ ଭାରତୀୟ କ୍ୟାପେଟନ୍ ରୋହିତ ଶର୍ମାଙ୍କ ବିରୋଧରେ ଦେଇଛନ୍ତି ବିବାଦୀୟ ବୟାନ। ସେ ରୋହିତାଙ୍କୁ ମୋଟା ବୋଲି କହିଛନ୍ତି। ଏହା ସହ ତାଙ୍କ କ୍ୟାପଟେନ୍‌ସିପ୍ ଉପରେ ମଧ ପ୍ରଶ୍ନ ଉଠାଇଛନ୍ତି। ଆଇସିସି ଅର୍ଥାତ ଇଣ୍ଟର ନ୍ୟାସନାଲ କ୍ରିକେଟ କାଉନସିଲ୍ ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ରୋହିତଙ୍କ କ୍ୟାପଟେନ୍‌ସିପ୍‌ରେ ସବୁ ମ୍ୟାଚ୍ ଜିତିଛି। କଂଗ୍ରେସ ମୁଖପାତ୍ର ଡକ୍ଟର ଶାମା ମହମ୍ମଦ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି, ରୋହିତ ଶର୍ମାଙ୍କୁ ଜଣେ ଖେଳାଳି ଭାବରେ ଖୁବ୍ ମୋଟା। ତାଙ୍କୁ ଓଜନ କମ୍ କରିବା ଦରକାର। ଏହା ସହ ଭାରତୀୟ ଟିମ୍‌ର ଏପର୍ଯ୍ୟନ୍ତର ସବୁଠାରୁ ନିରାଶଜନକ କ୍ୟାପଟେନ୍ ଅଛନ୍ତି।' ଅନ୍ୟ ଏକ ପୋଷ୍ଟରେ ସେ କହିଛନ୍ତି, ଗାଙ୍ଗୁଲି, ତେନ୍ଦୁଲକର, ଦ୍ରାବିଡ୍, ଧୋନି, କୋହଲି, କପିଲ ଦେବ, ଶାସ୍ତ୍ରୀଙ୍କ ଭଳି ପୂର୍ବତନ ଖେଳାଳିଙ୍କ ତୁଳନାରେ ତାଙ୍କ ଭିତରେ ଏଭଳି କ'ଣ ବିଶ୍ୱସ୍ତରୀୟ ରହିଛି ? ସେ ଜଣେ ଆଭରେଜ୍ କ୍ୟାପଟେନ୍ ସହ ଆଭରେଜ୍ ଖେଳାଳି। ତାଙ୍କ ଭାରତର କ୍ୟାପଟେନ୍ ହେବାର ସୌଭାଗ୍ୟ ମିଳିଛି।' ବିଜେପି ଏହି ପ୍ରସଙ୍ଗରେ କଂଗ୍ରେସକୁ ଦୃଢ଼ ଭାବରେ ଘେରି ରହିଛି। ବିଜେପି ମହିଳା ନେତ୍ରୀ ରାଧିକା ଖେଡ଼ା ଲେଖିଛନ୍ତି ଯେ, କଂଗ୍ରେସ ପ୍ରବକ୍ତାଙ୍କ ଦ୍ୱାରା ରୋହିତ ଶର୍ମାଙ୍କ ବଡି ସେମିଂ କରିବା ଦୁଃସାହସ । କଂଗ୍ରେସ ଦଶନ୍ଧି ଧରି ଖେଳାଳିମାନଙ୍କ ଅପମାନ କରିଆସିଛି। ରାଧିକା ଆହୁରି ଲେଖିଛନ୍ତି ଯେ,ରୋହିତ ଶର୍ମା ବିଶ୍ୱ କପ ବିଜେତା କ୍ୟାପ୍ଟେନ। । ଆପଣଙ୍କ ନେତା ରାହୁଲ ଗାନ୍ଧୀ ନିଜର ହିଁ ପାର୍ଟିକୁ ନିଜ ଅଧିନାୟକତ୍ୱରେ ପରିଚାଳନା କରିପାରୁନାହାନ୍ତି। ବିଜେପି ନେତା ପ୍ରଦୀପ ଭଣ୍ଡାରୀ ଏହି ପ୍ରସଙ୍ଗରେ କହିଛନ୍ତି ଯେ କଂଗ୍ରେସ ଦଳ ଏହି ବାର୍ତ୍ତା ଦେବାକୁ






ଚାହୁଁଛି ଯେ ଦେଶ ପାଇଁ ଭଲ କରୁଥିବା ପ୍ରତ୍ୟେକ ଦେଶପ୍ରେମୀଙ୍କୁ କଂଗ୍ରେସ ବିରୋଧ କରିବ। ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ଦେଶ ପାଇଁ ଭଲ ପ୍ରଦର୍ଶନ କରିଛନ୍ତି ଏବଂ ନ୍ୟୁଜିଲ୍ୟାଣ୍ଡ ଦଳକୁ ପରାସ୍ତ କରିଛନ୍ତି, ଏହି କଥାରେ ସେମାନଙ୍କର ସମସ୍ୟା ଅଛି। ଏହା କଂଗ୍ରେସର ଦେଶପ୍ରେମ ଉପରେ ପ୍ରଶ୍ନ ଉଠାଉଛି। ଯେଉଁମାନେ ଭାରତକୁ ସମର୍ଥନ କରନ୍ତି, ଦେଶପ୍ରେମୀ ଏବଂ ଦେଶ ପାଇଁ ଭଲ କାମ କରନ୍ତି କଂଗ୍ରେସ ଦଳ ସେମାନଙ୍କୁ ବିରୋଧ କରିବ। ଦେଶ ବିରୋଧିଙ୍କୁ କଂଗ୍ରେସ ସମର୍ଥନ କରିବ।

ଏହି ସମ୍ପୂର୍ଣ୍ଣ ପ୍ରସଙ୍ଗରେ ସ୍ପଷ୍ଟୀକରଣ ଦେଇ ଶାମା ମହମ୍ମଦ କହିଛନ୍ତି ଯେ ଏହା ଖେଳାଳିଙ୍କ ଫିଟନେସ୍ ସମ୍ବନ୍ଧୀୟ ଏକ ସାଧାରଣ ଟ୍ୱିଟ୍ ଥିଲା। ତାହା ବଡି ସେମିଂ ନଥିଲା। ମୁଁ ବିଶ୍ୱାସ କରେ ଯେ ଖେଳାଳି ଫିଟ୍ ହେବା ଉଚିତ। ମୁଁ ଭାବୁଥିଲି ତାଙ୍କର ଓଜନ ଟିକେ ଅଧିକ ଥିଲା। ତେଣୁ ମୁଁ ଏହା ବିଷୟରେ ଟ୍ୱିଟ୍ କରିଥିଲି। କିନ୍ତୁ କୌଣସି କାରଣ ବିନା ଏହାକୁ ଅଯଥାରେ ବିବାଦୀୟ କରି ଦିଆଯାଉଛି। ଯେତେବେଳେ ମୁଁ ରୋହିତ ଶର୍ମାଙ୍କୁ ଅନ୍ୟ ଅଧିନାୟକଙ୍କ ସହ ତୁଳନା କରିବି, ମୁଁ ଏହା କହିବି। ମୋର ଏହା କହିବାର ଅଧିକାର ଅଛି। ଏହା ହେଉଛି ଗଣତନ୍ତ୍ର। ରୋହିତାଙ୍କ ବଡି ଶେମିଂ ବୟାନକୁ ନେଇ ବିବାଦ ପରେ ଏବେ ଶାମା ମହମ୍ମଦ ନିଜର ଟ୍ୱିଟ୍ ଡିଲିଟ୍ କରିଛନ୍ତି। କଂଗ୍ରେସ ମୁଖପାତ୍ର ପବନ ଖେଡା କହିଛନ୍ତି, ପାର୍ଟିର ରାଷ୍ଟ୍ରୀୟ ମୁଖପାତ୍ର ଡକ୍ଟର ଶାମା ମହମ୍ମଦ ଜଣେ କ୍ରିକେଟରଙ୍କୁ ଏଭଳି ମନ୍ତବ୍ୟ ଦେବା ପାର୍ଟିର ଚିନ୍ତାଧାରାକୁ ଦର୍ଶାଉ ନାହିଁ। ତାଙ୍କୁ ସୋସିଆଲ ମିଡିଆର ପୋଷ୍ଟକୁ ଡିଲିଟି କରିବାକୁ କୁହାଯାଇଛି। ଏହାଛଡା ଭବିଷ୍ୟତ ରେ ଏଭଳି ନକରିବାକୁ ମଧ ପରାମର୍ଶ ଦିଆଯାଇଛି।

ସେପଟେ ଏହି ବିବାଦରେ ମୁହଁ ଖୋଲିଛନ୍ତି ଟିଏମ୍‌ସି ସାଂସଦ ସୌଗାତ ରୟ। ସେ କହିଛନ୍ତି, ଶାମା ଯାହା କହିଛନ୍ତି ତାହା ସମ୍ପୂର୍ଣ୍ଣ ଠିକ୍। ସେ ରାଜନେତ୍ରୀ ହିସାବରେ ନୁହେଁ ଜଣେ ଦର୍ଶକ ହିସାବରେ କହିଛନ୍ତି। ରୋହିତ ନିଜ ଓଜନକୁ ନେଇ ଧ୍ୟାନ ଦେଉ ନାହାନ୍ତି। ଜସପ୍ରୀତ ବୁମରାହ ଓ ଶ୍ରେୟସ୍ ଆୟରଙ୍କ ଭଳି ଖେଳାଳି ଫିଟ୍ ଅଛନ୍ତି। ତାଙ୍କୁ କ୍ୟାପଟେନ୍ ହେବା ଦରକାର, ରୋହିତଙ୍କୁ ଟିମ୍‌ରେ ସ୍ଥାନ ମିଳିବା ଉଚିତ ନୁହେଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅଭିଯୋଗ...

ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରିମଣ୍ଡଳର ୭ ଜଣ ସଦସ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣୁଥିଲେ। କେବଳ ଚିକିତ୍ସା ସହାୟତା ନୁହେଁ, ଅନ୍ୟାନ୍ୟ ବିଭିନ୍ନ ସମସ୍ୟା ନେଇ ମଧ୍ୟ ଅଭିଯୋଗ ଆସିଥିଲା। ସମସ୍ତଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ଶୁଣି ଆବଶ୍ୟକ ସ୍ଥଳେ ଟେଲିଫୋନ୍ ଜରିଆରେ ମନ୍ତ୍ରିମଣ୍ଡଳର ସଦସ୍ୟ ଓ ଉପସ୍ଥିତ ବରିଷ୍ଠ ସଚିବସ୍ତରୀୟ ଅଧିକାରୀମାନେ ସମ୍ପୃକ୍ତ କର୍ତ୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଅଭିଯୋଗ ପ୍ରକୋଷ୍ଠରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ, ପାନୀୟଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଏଥିସହ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ ପରିଚାଳନା କରିଥିଲେ।

### ୪୦ ଡିଗ୍ରୀ...

ତେଣୁ ପ୍ରବଳ ଖରା ସମୟରେ କାମ ନଥିଲେ ବାହାରକୁ ନ ବାହାରିବା ସକାଶେ ପରାମର୍ଶ ଦିଆଯାଇଛି। ଆଜି ରାଜ୍ୟର ୫ଟି ସହରରେ ତାପମାତ୍ରା ୩୮ଡିଗ୍ରୀ ଉପରେ ରହିଥିବା ରେକର୍ଡ କରାଯାଇଛି। ସେହି ସହରଗୁଡ଼ିକ ମଧ୍ୟରେ ଝାରସୁଗୁଡ଼ା ଓ ପାରଳାଖେମୁଣ୍ଡି ସାମିଲ୍ ଥିବା ବେଳେ ଉଭୟ ସହର ଆଜିର ଉତ୍ତପ୍ତତମ ସହର ରହିଛନ୍ତି। କାରଣ ଉଭୟ ସହରରେ ଆଜିର ତାପମାତ୍ରା ୩୮.୬ ଡିଗ୍ରୀ ଲେଖାଏଁ ରହିଥିଲା। ଏହାଛଡ଼ା ବଲାଙ୍ଗୀରରେ ତାପମାତ୍ରା ୩୮.୪ ଡିଗ୍ରୀ ରହିଥିବା ବେଳେ ଅନ୍ୟ ଦୁଇ ସହର ମଧ୍ୟରେ ବୌଦ୍ଧ ଓ ଟିଟିଲାଗଡ଼ ରହିଛି ଯେଉଁଠାରେ ୩୮ ଡିଗ୍ରୀ ଲେଖାଏଁ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ସମ୍ବଲପୁର ସମେତ ୫ଟି ସହରର ତାପମାତ୍ରା ୩୭ ଡିଗ୍ରୀ ବା ତଦୁର୍ଦ୍ଧ୍ୱ ରହିଛି। ସମ୍ବଲପୁରରେ ତାପମାତ୍ରା ୩୭.୮ ରହିଥିବା ବେଳେ ସୁନ୍ଦରଗଡ଼ରେ ୩୭.୩ ଡିଗ୍ରୀ, ହୀରାକୁଦ ଓ ଅନୁଗୁଳରେ ୩୭.୧ ଡିଗ୍ରୀ ଲେଖାଏଁ ଏବଂ ଭବାନୀପାଟଣାରେ ୩୭ ଡିଗ୍ରୀ ତାପମାତ୍ରା ରହିଥିବା ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ଜାରି ସୂଚନାରୁ ଜଣାପଡ଼ିଛି।

### ଇଓଡବ୍ଲ୍ୟୁ...

ଆଜି ପୂର୍ବାହ୍ନ ୧୧ଟାରୁ ତାଙ୍କୁ ଜେରା କରାଯାଇଥିଲା। ମାମଲାରେ ସୋସାଇଟିର ପୂର୍ବତନ ସଭାପତି ମାନସ ରଞ୍ଜନ ବାରିକ ଓ ସମ୍ପାଦକ ଉତ୍କଳ ଦାସଙ୍କୁ ଗତ ୯ ତାରିଖରେ ଗିରଫ କରାଯାଇଥିଲା। ପରେ ରିମାଣ୍ଡରେ ଆଣି ଉଭୟଙ୍କୁ ପଚରାଉଚରାରୁ ମିଳିଥିଲା ଅନେକ ଚାଞ୍ଚଲ୍ୟକର ତଥ୍ୟ। ଆଉ ତା'ରି ଆଧାରରେ ଇଓଡବ୍ଲ୍ୟୁ ରାଜାଙ୍କୁ ଆଜି ଜେରା କରିଛି। ଅନ୍ୟପକ୍ଷରେ ଗିରଫଦାରୀ ଏଡ଼ାଇବାକୁ ରାଜା ହାଇକୋର୍ଟରୁ ଆଗୁଆ ଜାମିନ ପାଇଛନ୍ତି ଓ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତଦନ୍ତକାରୀ ଅଫିସରଙ୍କ ନିକଟରେ ହାଜର ହୋଇଥିବା କହିଛନ୍ତି ତାଙ୍କ ଓକିଲ। କେନ୍ଦୁଝରର ବିଜେଡିର ଏହି କ୍ଷମତାଶାଳୀ ନେତାଙ୍କ ସହ ଥିବା ତତ୍କାଳୀନ ବିଜେଡି ପାୱାରସେଣ୍ଟରର ଟପ୍ ଲିଡର କ୍ରୀତଦାସଙ୍କ ଫଟୋଗୁଡ଼ିକୁ ଦେଖିଲେ ରାଜାଙ୍କର ବିଜେଡିରେ ଭଲ ପତିଆରା ରହିଥିଲା ତାହା ସ୍ପଷ୍ଟ ଅନୁମେୟ। ସବୁବେଳେ କ୍ରୀତଦାସଙ୍କ ପାଖେ ପାଖେ ରହୁଥିଲେ ରାଜା। ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ ଟ୍ରାନ୍ସପୋର୍ଟ କୋଅପରିଟିଭ୍ ସୋସାଇଟି ଗତ ୨୦୦୬ରେ ଗଠିତ ହେବା ପରଠାରୁ କେନ୍ଦୁଝରର ଶୁଆକାଟିରେ ଖଣିଜ ପଦାର୍ଥ ଲୋଡ଼ିଂ କାମ କରିଆସୁଛି। ଏହି ସମବାୟ ସମିତି ଗଠନର ଏକମାତ୍ର ଉଦ୍ଦେଶ୍ୟ ଥିଲା ଲୁହାପଥର ଖଣି ଉତ୍ତୋଳନରେ ସ୍ଥାନୀୟ ଶ୍ରମିକ ନିଯୁକ୍ତି ସହ ଆଇରନ୍ ଓର୍ ପରିବହନ ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବା। କିନ୍ତୁ ଲୋକଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ କରିବା ତ ଦୂରର କଥା, ବରଂ କ୍ରୀତଦାସଙ୍କ ହାତବାରିସୀ ସାଜିଥିବା ରାଜାଙ୍କ ଜରିଆରେ ଏଇଠୁ ଲୁଟ୍ ହେଉଥିଲା କୋଟି କୋଟି ଟଙ୍କା। ଅଭିଯୋଗ ହେଉଛି ଶ୍ରମିକଙ୍କ ଟଙ୍କା ଆସୁଥିଲା କ୍ରୀତଦାସଙ୍କ ପକେଟକୁ । ଜାଲ କାଗଜପତ୍ର ପ୍ରସ୍ତୁତ କରି ଶ୍ରମିକଙ୍କ ଅର୍ଥ ବାଟମାରଣାଠାରୁ ଆରମ୍ଭ କରି ଇପିଏଫ୍‌ଓ ଟଙ୍କା ଖାଇଯିବା ଭଳି ସଙ୍ଗିନ ଅଭିଯୋଗ ବି ଉଠିଛି। ହେଲେ ତାହାକୁ ଚାପି ଦିଆଯାଇଥିବାର ଅଭିଯୋଗ କରିଛନ୍ତି କେନ୍ଦୁଝରର ସ୍ଥାନୀୟ ବିଜେପି ନେତା। କ୍ରୀତଦାସଙ୍କ ସହ ମିଶି କେନ୍ଦୁଝରରେ ଆଖିବୁଜା ଖଣି ଲୁଟ ହେଉଥିବା ଏବେ ଧିରେ ଧିରେ ଧରାପଡୁଛି। ଚର୍ଚ୍ଚା ହେଉଛି ରାଜାଙ୍କ ଜରିଆରେ କ୍ରୀତଦାସଙ୍କୁ ଘେରିବ କ୍ରାଇମବ୍ରାଞ୍ଚ।

### 'ବିକଶିତ ଭାରତ'ର...

ଆତ୍ମନିର୍ଭର, ଅଭିନବ ଏବଂ ଜ୍ଞାନଭିତ୍ତିକ ହେବାକୁ ପଡ଼ିବ। ଆମ ଶିକ୍ଷା ଡିଗ୍ରୀଠାରୁ ଉର୍ଦ୍ଧ୍ୱରେ ରହିବା ଦରକାର। ଏଥିପାଇଁ ଥିଙ୍କର, ଇନୋଭେଟର, ସମାଧାନ ପ୍ରଦାନ କରୁଥିବା ବ୍ୟକ୍ତିବିଶେଷ ଓ ନିଯୁକ୍ତିଦାତା ସୃଷ୍ଟି କରିବାକୁ ହେବ। ତେଣୁ ଜାତୀୟ ଶିକ୍ଷା ନୀତି-୨୦୨୦କୁ ଅକ୍ଷରେ ଅକ୍ଷରେ କାର୍ଯ୍ୟକାରୀ କରିବା ନିହାତି ଜରୁରୀ। ଜାତୀୟ ଶିକ୍ଷା ନୀତିକୁ ବାସ୍ତବ ଓ ଦୀର୍ଘସ୍ଥାୟୀ ପ୍ରଭାବୀକୁ ସୁନିଶ୍ଚିତ କରିବା ପାଇଁ ଆମକୁ ଅନୁଷ୍ଠାନିକ ସ୍ତରରୁ ଉପରକୁ ଉଠିବାକୁ ପଡିବ। ଆମର ଶୈକ୍ଷିକ ଶକ୍ତିକୁ ଉନ୍ନତ କରିବାକୁ ହେବ। ଆମର ନୀତିଗୁଡ଼ିକୁ ସୁଦୃଢ଼ କରିବା ସହ ତୃଣମୂଳ ସ୍ତରରେ ଯେପରି ଏହାର ପ୍ରଭାବ ପଡିପାରିବ, ସେ ଦିଗରେ ସାମୂହିକ ଉଦ୍ୟମ କରିବାକୁ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

### ରଥଯାତ୍ରା ପାଇଁ...

ଜିଲ୍ଲାପାଳ । ଗତବର୍ଷ ରଥଯାତ୍ରାରେ ହୋଇଥିବା ତ୍ରୁଟି ବିଚ୍ୟୁତି ଓ ସମସ୍ୟାକୁ ସୁଧାରି ସମସ୍ତ ବିଭାଗ ନିଜ ନିଜ ପ୍ରସ୍ତୁତି ଓ ଆକ୍ସନ ପ୍ଲାନ୍ ଚୂଡାନ୍ତ କରିବାକୁ ପୁରୀ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଷୟ ତୃତୀୟା ଠାରୁ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ନୀତି କାନ୍ତି, ଜନଗହଳି ନିୟନ୍ତ୍ରଣ, ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ଓ ପରିମଳ ସହ ସୁରକ୍ଷା ଓ ଆଇନଶୃଙ୍ଖଳା ନେଇ ଆଜିର ଏହି ପ୍ରସ୍ତୁତି ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ସେହିପରି ପ୍ରଚଣ୍ଡ ରୌଦ୍ରତାପ ଓ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପର୍ଯ୍ୟପ୍ତ ଜଳ ସିଞ୍ଚନ, ପାନୀୟ ଜଳ ଯୋଗାଣ, ଷ୍ଟାଣ୍ଡ ପୋଷ୍ଟ ପ୍ରସ୍ତୁତ ପ୍ରସ୍ତୁତ ରଖିବାକୁ ଜନସ୍ୱାସ୍ଥ୍ୟ ବିଭାଗ ଏବଂ ପୌରପାଳିକାକୁ ନିର୍ଦ୍ଦେଶ ଦିଆଯାଇଛି।

ଶ୍ରୀମନ୍ଦିର ଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ, ବଡ଼ଦାଣ୍ଡ ସମେତ ଏହାକୁ ସଂଯୋଗ କରୁଥିବା ରାସ୍ତାଗୁଡିକର ଆବଶ୍ୟକୀୟ ମରାମତି, ଡ୍ରେନ୍ ସଫେଇ ନେଇ ପୌରପାଳିକାକୁ ନିର୍ଦ୍ଦେଶ ଦିଆଯାଇଛି। ସେପଟେ ରଥଯାତ୍ରା ସମୟରେ ପ୍ରବଳ ଭକ୍ତଙ୍କ ସମାଗମ ହେବା ଆଶଙ୍କା ଥିବାରୁ ଜନଗହଳି ନିୟନ୍ତ୍ରଣ, ଟ୍ରାଫିକ ସୁପରିଚାଳନା, ଦର୍ଶନ ଓ ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥା ଉପରେ ମଧ୍ୟ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଉଥିବା ଏସପି କହିଛନ୍ତି। ଚଳିତ ବର୍ଷ ଭିଡ଼ ନିୟନ୍ତ୍ରଣ ଓ ଟ୍ରାଫିକ ସୁପରିଚାଳନା ପାଇଁ ସ୍ୱତନ୍ତ୍ର ଏଆଇ କ୍ୟାମେରା ବ୍ୟବହାର କରାଯିବ ବୋଲି ଏସପି ସୂଚନା ଦେଇଛନ୍ତି। ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ଏହି ବୈଠକରେ ଏସପି ବିନୀତ ଅଗ୍ରୱାଲଙ୍କ ସହ ଶ୍ରୀମନ୍ଦିର ପ୍ରଶାସନ ଓ ସମସ୍ତ ବିଭାଗର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।

### ଗର୍ଭପାତ ସଂକ୍ରାନ୍ତରେ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ୬ ମାସରେ ଏସଓପି ପ୍ରସ୍ତୁତି ନିର୍ଦ୍ଦେଶ



**ଭୁବନେଶ୍ୱର,୩।୩(ସଂଚାର ବ୍ୟୁରୋ):** ଗର୍ଭପାତ ସଂପର୍କରେ ଓଡ଼ିଶା ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ। ଗର୍ଭଧାରଣର ୨୪ ସପ୍ତାହ ଅତିକ୍ରମ କରିଥିଲେ ମଧ୍ୟ ଗର୍ଭପାତ ପାଇଁ ଅନୁମତି ଦେଇଛନ୍ତି। ଦୁଷ୍କର୍ମପୀଡ଼ିତା ଜଣେ ୧୩ ବର୍ଷୀୟା ଗର୍ଭବତୀ ନାବାଳିକାର ବାପାଙ୍କ ଆବେଦନର ଶୁଣାଣି କରି ଏନେଇ ଅନୁମତି ଦେଇଛନ୍ତି ହାଇକୋର୍ଟଙ୍କ ବିଚାରପତି ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ। ଏହା ସହ ୬ମାସ ମଧ୍ୟରେ ଗର୍ଭପାତ ସଂପର୍କିତ ଏସଓଏପି ପ୍ରସ୍ତୁତ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ଗର୍ଭବତୀ ନାବାଳିକା ଦୁଷ୍କର୍ମପୀଡ଼ିତାଙ୍କ ଗର୍ଭପାତ ନେଇ ଓଡ଼ିଶା ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ। ୧୩ବର୍ଷର ଦୁଷ୍କର୍ମ ପୀଡ଼ିତାଙ୍କ ଗର୍ଭପାତ ସଂପର୍କିତ ଆବେଦନର ଶୁଣାଣି କରିଛନ୍ତି ହାଇକୋର୍ଟ ବିଚାରପତି ସଞ୍ଜୀବ କୁମାର ପାଣିଗ୍ରାହୀ। ଅନୁସୂଚିତ ଜନଜାତି ବର୍ଗର ଏହି ନାବାଳିକାଙ୍କ ସହ ୨୦୨୪ ଅଗଷ୍ଟ ମାସରେ ବାରମ୍ବାର ଦୁଷ୍କର୍ମ ହୋଇଥିଲା। ଜି. ଉଦୟଗିରି ଥାନା ଅଞ୍ଚଳର ଏକ ଗାଁର ଦିନେଶ ପ୍ରଧାନ ନାମକ ଯୁବକ ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲା। ଏହାର କିଛି ଦିନ ପରେ ନାବାଳିକା ଜଣକ ଅସୁସ୍ଥ ହୋଇପଡ଼ିଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ତାଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲା। ସେତେବେଳେ ନାବାଳିକା ଜଣକ ୬ମାସର ଗର୍ଭବତୀ ଥିବା ଜଣାପଡ଼ିଥିଲା।

ଏନେଇ ନାବାଳିକଙ୍କ ବାପା ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଗର୍ଭପାତ କରାଇବାକୁ ଆବେଦନ କରିଥିଲେ। ଏମ୍‌ଟିପି ଆକ୍ଟ ୧୯୭୧ ଅନୁସାରେ ଗର୍ଭଧାରଣର ୨୪ ସପ୍ତାହରୁ କମ ସମୟରେ ଗର୍ଭପାତ କରାଯାଇପାରିବ। କିନ୍ତୁ ଏହି କ୍ଷେତ୍ରରେ ଗର୍ଭପାତର ସମୟ ସୀମା ଅତିକ୍ରମ କରିସାରିଥିଲା। ଡାକ୍ତରଖାନାର ରିପୋର୍ଟ ଅନୁସାରେ ନାବାଳିକା ଜଣକ ଦୁର୍ବଳ ଥିବା ସହ ସିକଲ ସେଲ ଆନେମିଆ ଓ ଏପିଲେପସୀରେ ପୀଡ଼ିତ ଥିଲେ। କମ ବୟସ ହୋଇଥିବା, ଦୁଷ୍କର୍ମ ପାଇଁ ସେ ମାନସିକ ଦୁଶ୍ଚିନ୍ତାରେ ଥିବା ଓ ସିକଲସେଲ ଆନେମିଆ ପୀଡ଼ିତ ଥିବାରୁ ଗର୍ଭପାତ ତାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବ ବୋଲି ମେଡିକାଲ ରିପୋର୍ଟରେ କୁହାଯାଇଥିଲା। ଆବେଦନର ଶୁଣାଣି କରି ଦୁଷ୍କର୍ମପୀଡ଼ିତା ନାବାଳିକାଙ୍କ ଗର୍ଭପାତ କରାଇବାକୁ ଅନୁମତି ପ୍ରଦାନ କରିଛନ୍ତି ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ। ଗର୍ଭଧାରଣର ୨୪ ସପ୍ତାହ ଅତିକ୍ରମ ହୋଇସାରିଥିଲେ ମଧ୍ୟ ଅନୁମତି ପ୍ରଦାନ କରାଯାଇଛି।

ଏଥିସହ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ଓଡ଼ିଶା ହାଇକୋର୍ଟ। ଗର୍ଭପାତ ସଂପର୍କିତ ମାମଲା ନେଇ ଏସଓପି ପ୍ରସ୍ତୁତି ଓ ଏହାର ପାଳନ କରିବାକୁ କୁହାଯାଇଛି। ସ୍ୱାସ୍ଥ୍ୟ ବିଭାଗ ବିଭିନ୍ନ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶରେ ଏସଓପି ଗଠନ କରିବ। ନିରାପଦ ଓ ସମୟ ମଧ୍ୟରେ ଗର୍ଭପାତ ପାଇଁ ଏସଓପିରେ ନିୟମାବଳୀ ରହିବ। ୬ ମାସ ମଧ୍ୟରେ ଏସଓପି ଚୂଡାନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପରେ ଏସଓପିକୁ କେନ୍ଦ୍ର ସରକାର ଓ ବିଭିନ୍ନ ରାଜ୍ୟମାନଙ୍କୁ ପଠାଯିବ। ଏଭଳି ମାମଲାରେ, ଡାକ୍ତରଖାନା, ଥାନା, କୋର୍ଟରେ ଶୁଣାଣି ଆଦିରେ ସମୟ ଲାଗୁଥିବାରୁ ଏହା ପୀଡିତାଙ୍କ ଉପରେ ପ୍ରଭାବ ପକାଇଥାଏ। ତେଣୁ ଏଥିପ୍ରତି ଧ୍ୟାନ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ଓଡ଼ିଶା ହାଇକୋର୍ଟ।

# ପୁରୁଣା ରାସ୍ତାରେ ଘଷାଯାଉଛି ପିଚୁ

## ରିଭାଇଜିଂ ଏଷ୍ଟିମେଟ ନ କରି ନିମ୍ନମାନର କାମକୁ ଅନୁମତି ଦେଉଛି କିଏ ?

**କାକଟପୁର/ଅସ୍ତରଙ୍ଗ, ୩।୩ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ ଅଧୀନ ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ଭର୍ଗୋରିଆ ସେତୁ ଠାରୁ ନଈପୁଅଁ ପର୍ଯ୍ୟନ୍ତ ଯାଉଥିବା ରାସ୍ତାରେ ଘଷାଯାଉଛି ପିଚୁ। ଗ୍ରାମ୍ୟ ଉନ୍ନୟନ ବିଭାଗରେ '୦'କାମ କରି ସରକାରୀ ଅର୍ଥ ଲୁଟିନେବାକୁ ଯୋଜନାବଦ୍ଧ ଷଡ଼ଯନ୍ତ୍ର ହୋଇଛି। ଅସ୍ତରଙ୍ଗ ଭର୍ଗୋରିଆ ସେତୁ ଠାରୁ ୨କିଲୋମିଟର ୧୦୦ମିଟର ବେଙ୍ଗୁନିଆବନ୍ଧ ପର୍ଯ୍ୟନ୍ତ ରାସ୍ତା ନିମ୍ନମାନର କାମ ହୋଇଛି ବୋଲି ସାଧାରଣ ଅଭିଯୋଗ ହେଉଛି। ସବୁଠୁ ବଡ଼ କଥା ହେଲା ରାସ୍ତା ନିର୍ମାଣ ପାଇଁ ଯେତିକି ଟଙ୍କା ଦିଆଯାଉଛି, ତାର ଚାରିଭାଗରୁ ଭାଗେ ଖର୍ଚ୍ଚ ହେଉନଥିବା ପରିଲିକ୍ଷିତ ହୋଇଛି। ରାସ୍ତା ନିର୍ମାଣରେ ଆଖି ବୁଜା ଦୁର୍ନୀତି ଘଟଣାରେ କାର୍ଯ୍ୟାନୁଷ୍ଠାନ ବଦଳରେ ଯନ୍ତ୍ରୀ ସିଧାସଳଖ କହୁଛନ୍ତି କାମ ଠିକ ଚାଲିଛି।



ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ଅସ୍ତରଙ୍ଗ ଭର୍ଗୋରିଆ ଠାରୁ ବେଙ୍ଗୁନିଆବନ୍ଧ ପର୍ଯ୍ୟନ୍ତ ୨କିମି ୧୦୦ମିଟର ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପିଚୁ ଉପରେ ଆଉ ଥରେ ପିଚୁ କରାଯାଉଛି। ଲୋକ ଦେଖାଣିଆ ରାସ୍ତାର ଦୁଇ ପାର୍ଶ୍ୱରୁ ଘାସ ସଫା କରିଥିବା ବେଳେ ଫାଟିଯାଇଥିବା ପିଚୁ ଡାଳିବା, ଖାଲରେ ଦାପ, ମେଟାଲ ପକାଇ ପୂରଣ କରିବା, ଖାଲ ସ୍ଥାନରେ ପ୍ରାଇମର କୋଟ, ଟ୍ୟାକ କୋଟ ପିଚୁ ଏସଟିବିସି ଫ୍ଲେବର ଫିନିସର ସହ ରାସ୍ତା ସାଇଡରେ ମାଟି ଫିଲିଂ ସେମିତି କିଛି କରାଯାଇନି। ରାସ୍ତାକୁ ସୁଦୃଢ଼ କରିବା ଓ ଉନ୍ନତ ମାନର କାମ ନିମନ୍ତେ ପିଚୁ ପ୍ଲାଣ୍ଟରୁ ହାଇଓ୍ୱା ମାଧ୍ୟମରେ ପିଚୁ ଆସୁଥିବା ବେଳେ ସକାଳୁ ଅସ୍ତରଙ୍ଗରେ ପହଂଚି ଘଣ୍ଟା ଘଣ୍ଟା ଥୁଆ ହୋଇ ପିଚୁ ଥଣ୍ଡା ହୋଇଯାଉଛି। କିନ୍ତୁ ପୁରୁଣା ରାସ୍ତାରେ ମରାମତି ନାଁରେ ପିଚୁ ଘଷା କାମ ସାରି ଦିଆଯାଉଥିବା ଅଭିଯୋଗ ହେଉଛି। ପୁରୁଣା ରାସ୍ତାରେ କେଉଁଠି ୫ଏମ୍‌ଏମ୍ ତ ଆଉ କେଉଁଠି ୬ରୁ ୭ଏମ୍‌ଏମ୍ ପିଚୁ କରି କାମ ସାରି ଦିଆଯାଉଥିବା ଦେଖିବାକୁ ମିଳୁଛି। ତେବେ ଏ ସମ୍ବନ୍ଧରେ ଯନ୍ତ୍ରୀ କହିଛନ୍ତି କାମ ସଠିକ ଚାଲିଛି। ଏହାର ସତ୍ୟତା ଯାଞ୍ଚ ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି।

# ପଞ୍ଚାୟତିରାଜ ଦିବସ ବର୍ଜନ କରିବେ ସାମ୍ବାଦିକ

**ବାଲିଅନ୍ତା, ୩।୩ (ସଂଚାର ବ୍ୟୁରୋ) :** ସାମ୍ବାଦିକତା ବୃତ୍ତି ଆଜି ସଙ୍କଟରେ।ନିମନ୍ତ୍ରଣ କରି ଜବରଦସ୍ତ ସଭା ଗୃହରୁ ବାହାର କରି ଦେବା କେତେ ଯୁକ୍ତିଯୁକ୍ତ ବୋଲି ନ୍ୟାୟ ପାଇବା ପାଇଁ ଗତ ଆଠ ଦିନ ଧରି ଧାରଣାରେ ବସିଥିବା ସାମ୍ବାଦିକମାନେ ଉତ୍ତର ଚାହିଁଛନ୍ତି। ଆନ୍ଦୋଳନକାରୀଙ୍କ ପାଇଁ ଆଜି ଏହା ସ୍ୱାଭିମାନ ଓ ସମ୍ମାନର ପ୍ରଶ୍ନ ହୋଇଛି। ଯେତେବେଳେ ଯିଏ ଯେପରି ଚାହିଁବ, ଜଣେ ସାମ୍ବାଦିକ ପ୍ରତି ସେପରି ବ୍ୟବହାର କରିପାରିବ କି? ଏହାର ଉତ୍ତର ଖୋଜୁଛନ୍ତି, ଧାରଣାରେ ବସିଥିବା ସାମ୍ବାଦିକମାନେ।

ଆଜି ପୂର୍ବାହ୍ନରେ ବାଲିଅନ୍ତା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ବାଲିପାଟଣା, ବାଲିଅନ୍ତା, ନିଆଳି, ଭୁବନେଶ୍ୱର ଅଞ୍ଚଳର ଶତାଧିକ ସାମ୍ବାଦିକ ଧାରଣାରେ ସାମିଲ ହୋଇଥିଲେ। ଧରଣି ପଞ୍ଚାୟତର ସରପଞ୍ଚ ଚନ୍ଦନ ମଲ୍ଲିକ ମଧ୍ୟ ଉପସ୍ଥିତ ରହି ନୈତିକ ସମର୍ଥନ ଜଣାଇଥିଲେ। ସମ୍ବାଦର କ୍ରୀଡା ସମ୍ପାଦକ ସାମ୍ବାଦିକ ସୁରେଶ ସ୍ୱାଇଁ ଏଠାରେ ଉପସ୍ଥିତ ରହି ଅଧ୍ୟକ୍ଷଙ୍କ ଏତାଦୃଶ ମନୋବୃତ୍ତିର ଦୃଢ଼ ନିନ୍ଦା କରିଥିଲେ। ଏକ ଆନୁଷ୍ଠାନିକ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା କି ଆଗାମୀ ପଞ୍ଚାୟତରାଜ ଦିବସକୁ ସାମ୍ବାଦିକମାନେ ବର୍ଜନ କରିବେ ଓ ଅନ୍ୟ ଦିନରେ ସମସ୍ତ ପ୍ରକାର ସରକାରୀ କାର୍ଯ୍ୟକ୍ରମରେ ଅସହଯୋଗ କରିବେ। ଜନସାଧାରଣଙ୍କ ସାମ୍ନାରେ ବର୍ତ୍ତମାନ ନିର୍ବାଚିତ ଜନପ୍ରତିନିଧି ମାନଙ୍କର ଅସଲ ରୂପ ଧରା ପଡ଼ି ଯାଇଛି। ସେମାନଙ୍କ ମନୋବୃତ୍ତିର ଦୃଢ଼ ନିନ୍ଦା କରାଯାଇଛି। ଆଜି ବୈଠକରେ ନିଷ୍ପତ୍ତି ହୋଇଛି ନ୍ୟାୟ ନମିଳିବା ପର୍ଯ୍ୟନ୍ତ ଧାରଣା ଅବ୍ୟାହତ ରହିବ।

ଅନ୍ୟ ମାନଙ୍କ ମଧ୍ୟରେ ପୀତବାସ ଦାଶ, ନିରଞ୍ଜନ ସେନାପତି, ସୂର୍ଯ୍ୟକାନ୍ତ ଭୋଳ, ବଟକୃଷ୍ଣ ମହାପାତ୍ର, ଗଙ୍ଗାଧର ଓଝା, ପ୍ରଭାତେଂଶୁ ସାମନ୍ତରାୟ, ଅରୁଣ ଶତପଥୀ, ପୂର୍ଣ୍ଣଚନ୍ଦ୍ର



ଜେନା, ଭୁବନେଶ୍ୱରର ପ୍ରଣବ ସାହୁ, ନିଆଳିର ମଧୁସ୍ମିତା ସାହୁ, ଅକ୍ଷୟ ସେନାପତି, ଗଗନ ଭୋଇ, ସୁକାନ୍ତ ସାହୁ, ଗାୟତ୍ରୀ ପ୍ରଧାନ ପ୍ରମୁଖଙ୍କ ସହିତ ଶତାଧିକ ବିଭିନ୍ନ ଅଞ୍ଚଳର ସାମ୍ବାଦିକ ଏଠାରେ ଉପସ୍ଥିତ ଥିଲେ। ଦିଲ୍ଲୀପ କୁମାର ଓଝା ସଭା ପରିଚାଳନା କରିଥିଲେ।

### ଗାଇଡାନ୍ସ ପବ୍ଲିକ ସ୍କୁଲର ବାର୍ଷିକ ମହୋତ୍ସବ

# ଶିଶୁର ସର୍ବାଙ୍ଗୀନ ଉନ୍ନତି ହିଁ ପ୍ରକୃତ ଶିକ୍ଷା

**ନୟାଗଡ଼, ୩।୩ (ସଂଚାର ବ୍ୟୁରୋ) :** ନୟାଗଡ଼ ସହରର ସର୍ବ ପୁରାତନ ପ୍ଲେ ସ୍କୁଲ ବଚପନ୍ ଓ ଗାଇଡାନ୍ସ ପବ୍ଲିକ ସ୍କୁଲ, ନୟାଗଡ଼ ର ବାର୍ଷିକ ମହୋତ୍ସବ ମେମୋରିଆ ୨୪-୨୫ ଦୁଇଦିନ ବ୍ୟାପୀ ମହା ଆଡ଼ମ୍ବରରେ ବାରମାସୀ ଦଣ୍ଡା କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମ ଦିବସରେ ଅବସର ପ୍ରାପ୍ତ ପ୍ରାଧ୍ୟାପକ ପ୍ରସନ୍ନ କୁମାର ବସନ୍ତିଆଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ପୌର ପରିଷଦର ଅଧ୍ୟକ୍ଷା ନିରୁପମା ଖଟେଇ ଏବଂ ଶରଣକୁଳ ମହାବିଦ୍ୟାଳୟ ର ପ୍ରାକ୍ତନ ଅଧକ୍ଷ ବିଜୟ କୁମାର ରଥ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ। ଶିଶୁର ସର୍ବାଙ୍ଗୀନ ଉନ୍ନତି ହିଁ ପ୍ରକୃତ ଶିକ୍ଷା ବୋଲି ଅତିଥି ମାନଙ୍କ ଆହ୍ୱାନ ଥିଲା। ଦ୍ୱିତୀୟ ଦିବସରେ ଅବସର ପ୍ରାପ୍ତ ପ୍ରାଧ୍ୟାପକ ଶ୍ରୀଯୁକ୍ତ ପ୍ରସନ୍ନ କୁମାର ବସନ୍ତିଆ ଙ୍କ ସଭାପତିତ୍ୱ ରେ ନୟାଗଡ଼ ଜିଲ୍ଲା ପରିଷଦର ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି ଏବଂ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ର ଦର୍ଶନ ବିଭାଗର ମୁଖ୍ୟ ତଥା ସ୍ୱର୍ଣ୍ଣ ପଦକ ପ୍ରାପ୍ତ ପ୍ରଫେସର ପ୍ରମୋଦ କୁମାର ଦାସ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଶିଶୁ ଏବଂ ଅଭିଭାବକ ମାନଙ୍କ ଉଦ୍ଦେଶ୍ୟରେ ବହୁ ମୂଲ୍ୟବାନ ବକ୍ତବ୍ୟ ରଖିଥିଲେ। ଶିଶୁର ରୁଚି ଅନୁଯାୟୀ ତାର ଭବିଷ୍ୟତ ଗଢ଼ିବା ଦରକାର ବୋଲି ଅତିଥି ମାନେ ବକ୍ତବ୍ୟ ରଖିଥିଲେ।

ପ୍ରଥମ ଦିବସ ପୂର୍ବ ପ୍ରାଥମିକ ( ପ୍ଲେ ଗ୍ରୁପ, ନର୍ସରୀ, ଏଲ କେ ଜି ଓ ୟୁକେଜି) ଶ୍ରେଣୀର ଶିଶୁ ମାନଙ୍କ ଦ୍ୱାରା ସୁନ୍ଦର ସୁନ୍ଦର ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା ଏବଂ ଦ୍ୱିତୀୟ ଦିବସରେ ପ୍ରାଥମିକ ( ପ୍ରଥମ ଠାରୁ ଷଷ୍ଠ) ଶ୍ରେଣୀ ଶିଶୁ ମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ବରିଷ୍ଠ ଶିକ୍ଷୟତ୍ରୀ ମଧୁମିତା ମିଶ୍ରଙ୍କ ରଚିତ ଓ ନିର୍ଦ୍ଦେଶିତ ସମାଜ ତଥା ଅଭିଭାବକଙ୍କୁ ବାର୍ତ୍ତା ଦେବା ପାଇଁ ଦୁଇଟି ଗୋଟି ନାଟକ " ଜିଦ୍ ଓର ହାର୍ ଏକ ସଫର୍" ଏବଂ " ସୁଭଦ୍ରା" ଛାତ୍ର ଓ ଛାତ୍ରୀ ମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଉଭୟ ଦିବସରେ ଅନ୍ୟତମ ଅତିଥି ଭାବେ ଅନୁଷ୍ଠାନ ର ପ୍ରାଣ ପ୍ରତିଷ୍ଠାତା ଅବିନାଶ ସାହୁ ମଞ୍ଚାସିନ ଥିଲେ। ଅନୁଷ୍ଠାନର ମୁଖ୍ୟ ସଂଯୋଜିକ କଳ୍ପନା ଭଦ୍ରଙ୍କ ସୂଚନା କ୍ରମେ ବର୍ଷର ସମସ୍ତ ପ୍ରତିଯୋଗୀତା ରେ ଉଭୟ ଦିବସ ରେ ପ୍ରାୟ ୩୦୦ ଜଣ ଛାତ୍ର ଛାତ୍ରୀଙ୍କୁ ୫୫୦ ରୁ ଅଧିକ ପୁରସ୍କାର ବିତରଣ କରାଯାଇଥିଲା।

### କଣାସ ବ୍ଲକରେ ପାନୀୟ ଜଳ ସମସ୍ୟା ଉତ୍କଟ

# ଗାତରୁ ଜଳ ସଂଗ୍ରହ କରୁଛନ୍ତି ଗ୍ରାମବାସୀ

**କଣାସ, ୩।୩ (ସଂଚାର ବ୍ୟୁରୋ) :** କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥିତ ହୋଇଥିବାରୁ ବର୍ଷସାରା ପାନୀୟ ଜଳ ସମସ୍ୟା ଲାଗି ରହୁଥିବାବେଳେ ଗ୍ରୀଷ୍ମ ଋତୁରେ ଏହା ଉଗ୍ରରୂପ ଧାରଣ କରେ। ଯାହାଫଳରେ ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନର ମୁଣ୍ଡବ୍ୟଥାର କାରଣ ହୋଇଥାଏ।

କଣାସ ବ୍ଲକରେ ପ୍ରବାହିତ ହେଉଥିବା କେତୋଟି ନଦୀରେ ପାଇପ ଜଳ ପ୍ରକଳ୍ପ ବସାଯାଇ ହାତଗଣତି କେତୋଟି ଗ୍ରାମକୁ ପାନୀୟଜଳ ଯୋଗାଣ କାର୍ଯ୍ୟକ୍ରମ ଚାଲିଛି। ପାଇପ ଯୋଗେ ଯୋଗାଇ ଦିଆଯାଉଥିବା ଜଳ ଅନେକ ଗ୍ରାମରେ ପହଁଚି ପାରିନଥିବାରୁ ଉକ୍ତ ଗ୍ରାମବାସୀମାନେ ନାହିଁନଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୁନାଖଳାଠାରେ ପାଇପଜଳ ପ୍ରକଳ୍ପ ବସାଯାଇ ସୁନାଖଳା, ଟାଙ୍ଗିଆ, ଭାଟପଡ଼ା, ବନ୍ଧମୁଣ୍ଡା, ସାହୁପଡ଼ା, ବେଙ୍ଗାଉଣ୍ଡି ଗ୍ରାମକୁ ଜଳ ଯୋଗାଣ ଚାଲିଥିବା ବେଳେ ରାସ୍ତାରେ ବିଭିନ୍ନ ଗ୍ରାମବାସୀମାନେ ମଟର ବସାଇ ପାଇପରୁ ଜଳ ସଂଗ୍ରହ କରୁଥିବାରୁ ଶେଷମୁଣ୍ଡରେ ଥିବା ଗ୍ରାମବାସୀମାନେ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ସେଥିପାଇଁ ସାହୁପଡ଼ା ଗ୍ରାମରେ ପାଇପ ଯାଇଥିବା ସ୍ଥାନରେ ଗାତ ଖୋଳି ଆଞ୍ଜୁଳା ଆଞ୍ଜୁଳା କରି ଜଳ ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି। ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀମାନେ ଦାବୀ କରିଛନ୍ତି।



## ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ, ଜଳିଗଲା ଆସବାବପତ୍ର

**ବାଲିଅନ୍ତା, ୩।୩ (ସଂଚାର ବ୍ୟୁରୋ) :** ବାଲିଅନ୍ତା ଥାନା ବେଣୁପୁର ପଞ୍ଚାୟତ ଅଧୀନ ବେଣୁପୁର ଚନ୍ଦନବସ୍ତ ଭୋଇ ସାହିରେ ଆଜି ପୂର୍ବାହ୍ନରେ ବିଦ୍ୟୁତ ସର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟି ଅଭୟ ଭୋଇ ନାମକ ଜଣେ ବ୍ୟକ୍ତିଙ୍କର ଆଜବେଷ୍ଟସ ଘର ସମେତ ପୋଷାକପତ୍ର, ଘରେ ସାଇତା ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଖବର ପାଇ ବାଲିଅନ୍ତା ଅଗ୍ନିଶମ ବାହିନୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହିତ ମିଶି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀଙ୍କ କହିବାନୁସାରେ ବିଦ୍ୟୁତ ସର୍ଟ ସର୍କିଟରୁ ଘରେ ନିଆଁ ଲାଗି ଯାଇଥିଲା।

## ଇନ୍ଦୁପୁର ଘେରି ଅଞ୍ଚଳକୁ ମୁଖ୍ୟମନ୍ତ୍ରୀ ବସ ସେବା ଚଳାଚଳ ପାଇଁ ଦାବି

**କେନ୍ଦ୍ରାପଡ଼ା, ୩।୩ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡା ଜିଲ୍ଲା ଇନ୍ଦୁପୁର ଅଞ୍ଚଳର ଧୂମାତ ପଞ୍ଚାୟତ ତଥା ଚାରିଗାଁ ଓ ନିକିରାଇର ଘେରି ଅଞ୍ଚଳକୁ ମୁଖ୍ୟମନ୍ତ୍ରୀ ବସ ସେବା ଯୋଗାଇ ଦେବାକୁ ସ୍ଥାନୀୟ ଅଞ୍ଚଳର ଅଧିବାସୀମାନେ ଦାବି କରିଛନ୍ତି। ଏନେଇ ଏକ ଲିଖିତ ଦାବିପତ୍ର ଜିଲ୍ଲାପାଳ ସ୍ମୃତି ରଞ୍ଜନଙ୍କୁ ପ୍ରଦାନ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରାଯାଇଛି। ମୁଖ୍ୟମନ୍ତ୍ରୀ ବସ ସେବା ଇନ୍ଦୁପୁର ଠାରୁ ଧୂମାତ ମାର୍ଗ ଦେଇ ଯାତାୟତ କରୁଥିବା ବେଳେ ଘେରି ଅଞ୍ଚଳର ଅନେକ ଗ୍ରାମ ଏଥିରୁ ବାଦ ପଡିଛି। ଉକ୍ତ ବସ ସେବାକୁ ଇନ୍ଦୁପୁର, ଧୂମାତ, ଚାରିଗାଁ, ଗଣ୍ଡସାହି, ନିକିରାଇ, ହନୁମନ୍ତପାଳ ପ୍ରଭୃତି ଅଞ୍ଚଳକୁ ଯାତାୟତ କଲେ ବହୁ ଲୋକ ଉପକୃତ ହୋଇ ପାରିବେ।

## ଜିଲ୍ଲା ବିକାଶ ସାମ୍ମୁଖ୍ୟ ପକ୍ଷରୁ ସାଂସଦଙ୍କୁ ସ୍ମାରକପତ୍ର

**କେନ୍ଦ୍ରାପଡ଼ା, ୩।୩ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡା ଜିଲ୍ଲା ବିକାଶ ସାମୁଖ୍ୟ ପକ୍ଷରୁ ଜିଲ୍ଲର ବିକାଶ ପାଇଁ କେନ୍ଦ୍ରାପଡା ସାଂସଦ ଏବଂ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ, ମହାକାଳପଡା ବିଧାୟକ ଡଃ. ଦୁର୍ଗାପ୍ରସନ୍ନ ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦୁଃଖ ଏବଂ ପରିତାପର ବିଷୟ ନିଜ ନିର୍ବାଚନ ମଣ୍ଡଳୀ ପାଇଁ ଏପର୍ଯ୍ୟନ୍ତ କେହି ଆଖି ଦୃଶିଆ ଗଠନ ମୂଳକ ପଦକ୍ଷେପ ଗ୍ରହଣ କରିନାହାଁନ୍ତି। ରାଜ୍ୟରେ ଆମ ଜିଲ୍ଲା ଅର୍ଥନୈତିକ ଦୃଷ୍ଟିକୋଣରୁ ୨୭ତମ ସ୍ଥାନରେ ସ୍ଥାନୀତ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ଶିଳ୍ପ, ପର୍ଯ୍ୟଟନ ଆଦି କ୍ଷେତ୍ରରେ କୌଣସି ଯୋଜନାବଦ୍ଧ କାର୍ଯ୍ୟ ହୋଇନାହିଁ। କେନ୍ଦ୍ରାପଡାରେ ମେଡିକାଲ୍ କଲେଜ ପ୍ରତିଷ୍ଠା, ବିଶ୍ୱ ବିଦ୍ୟାଳୟ, ଏବଂ ଜଜାଙ୍ଗଠାରେ କୃଷି ବିଶ୍ୱ ବିଦ୍ୟାଳୟର ଏକ କ୍ୟାମ୍ପସ୍ ପ୍ରତିଷ୍ଠା, ଚାଷ ପାଇଁ ଭୁତୁମୁଣ୍ଡାଇ ଠାରେ ମହାନଦୀ ଉପରେ ବ୍ୟାରେଜ୍ ନିର୍ମାଣ, ପର୍ଯ୍ୟଟନ ବିକାଶ ପାଇଁ ଭିତର କନିକା ଏବଂ ହୁକିଟୁଲାର ଉନ୍ନତି ସାଧନ କରିବା, ଜଳସେଚନ, ଜଳ ନିଷ୍କାସନ, ଗୋଦାମ ଗୃହର ପ୍ରତିଷ୍ଠା, ଶୀତଳ ଭଣ୍ଡାର ପ୍ରତିଷ୍ଠା, ଖାଦ୍ୟ ପ୍ରକ୍ରିୟା କରଣ ଶିଳ୍ପ, ଯାତାୟତର ସୁବିଧା ପାଇଁ ରେଲ୍ ଲାଇନ୍ ସଂପ୍ରସାରଣ ସହ ଯାତ୍ରୀବାହୀ ଟ୍ରେନ୍ ଭୁବନେଶ୍ୱର, ପୁରୀ ଏବଂ କଲିକତାକୁ ସଂପ୍ରସାରଣ କରିବା ଆଦି ଯୋଜନାବଦ୍ଧ ଖସଡା ପ୍ରସ୍ତୁତ କରି କାର୍ଯ୍ୟକାରୀ କରିବାକୁ ଜିଲ୍ଲା ବିକାଶ ସାମ୍ମୁଖ୍ୟ ତରଫରୁ ସଂପାଦକ ଅଧ୍ୟାପକ ଅଜୟ ସାମଲଙ୍କ ନେତୃତ୍ୱରେ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

# ନିଯୁକ୍ତି ଦୁର୍ନୀତିର ସିବିଆଇ ତଦନ୍ତ ଦାବି କରି ମୁଖ୍ୟମନ୍ତ୍ରୀଙ୍କୁ ଚିଠି

● ବିଧାନସଭାରେ ନିଯୁକ୍ତି ଦୁର୍ନୀତି ମାନିଲେ ହେଲେ ତଦନ୍ତ ପାଇଁ ତତ୍ପରତା ନାହିଁ କାହିଁକି ?

**ଭୁବନେଶ୍ୱର, ୩।୩ (ସଂଚାର ବ୍ୟୁରୋ) :** ଷ୍ଟୁଡେଣ୍ଟସ ଏଗେନେଷ୍ଟ କରପସନର ନିଯୁକ୍ତି ଦୁର୍ନୀତି ବିରୁଦ୍ଧରେ ବାରମ୍ବାର ଆନ୍ଦୋଳନ ପରେ ଫରେଷ୍ଟର, ଫରେଷ୍ଟଗାର୍ଡ଼ ପରୀକ୍ଷାରେ ଅନିୟମିତତା ଅନୁଭବ କରି ୩୩୭ଜଣ ପରୀକ୍ଷାର୍ଥୀଙ୍କୁ ତାଲିକାରୁ ବାଦ ଦେଇଛି ଓଏସଏସଏସସି। ଯେଉଁ ନର୍ମାଲାଇଜେସନ ଓ ପର୍ସେଣ୍ଟାଇଲ୍ ପଦ୍ଧତିରେ ମେଧା ତାଲିକା ପ୍ରସ୍ତୁତ ହୋଇଥିଲା ୩୩୭ଜଣ ବାଦ ପରେ "ସେହି ପ୍ରଣାଳୀରେ ପୁନର୍ବାର ନୂଆ ମେଧା ତାଲିକା ପ୍ରକାଶ ନକରି ପୁରୁଣା ମେଧା ତାଲିକା କିପରି ସିଦ୍ଧ" ବୋଲି ଓଏସ୍ଏସ୍ଏସ୍‌ସିକୁ ପ୍ରଶ୍ନ କରି ସରକାରକୁ ଘେରିଛି ସଂଗଠନ। ସରକାରଙ୍କ ପାଖରେ ସିସି ଟିଭି, ସର୍ଭର ସମେତ ସମସ୍ତ ବୈଷୟିକ ତଥ୍ୟ ଥିବାବେଳେ ଉଚ୍ଚସ୍ତରୀୟ ଯାଞ୍ଚ କମିଟି ଦ୍ୱାରା ଯାଞ୍ଚ କରିବାରେ ଅସୁବିଧା କେଉଁଠି ବୋଲି ପ୍ରଶ୍ନ କରିବା ସହ ଫରେଷ୍ଟର



ଫରେଷ୍ଟଗାର୍ଡ଼ ସହିତ ତମାମ ନିଯୁକ୍ତି ଦୁର୍ନୀତିର ସିବିଆଇ କିମ୍ବା ଜୁଡିସିଆଲ ତଦନ୍ତ ଦାବି କରି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ସଂଘ ଆବାହକ ବିଭୁତି ଭୂଷଣ ମହାପାତ୍ର।

ମୁଖ୍ୟମନ୍ତ୍ରୀ ନିଜେ ପବିତ୍ର ଗୃହରେ ଚାକିରୀ ବିକ୍ରି ମାନିଥିଲେ ମଧ୍ୟ ତଦନ୍ତ ପାଇଁ କାହିଁକି ତତ୍ପରତା ଦେଖାଉନାହାଁନ୍ତି ବୋଲି ପ୍ରଶ୍ନ କରିଛନ୍ତି। ନିଯୁକ୍ତି ଦୁର୍ନୀତି ସହିତ ନିଯୁକ୍ତି ପରୀକ୍ଷାରେ ବ୍ୟାପକ ଅନୀୟମିତତା ପ୍ରସଙ୍ଗ ଉଠାଇଛନ୍ତି ଶ୍ରୀ ମହାପାତ୍ର। ଆସନ୍ତା ମାର୍ଚ୍ଚ ୮/୯ ତାରିଖରେ ଓପିଏସ୍‌ସିର ଆସିଷ୍ଟାଣ୍ଟ ଏଗ୍ରୀକଲଚର ଅଫିସର, ଓପିଆର୍‌ବିର ଓଡ଼ିଶା ପୋଲିସ୍ ସବ୍‌ଇନସ୍‌ପେକ୍ଟର, ଆରପିଏଫ୍ କନେଷ୍ଟବଳ ସହିତ ଷ୍ଟେଟ୍ ବ୍ୟାଙ୍କ ପି.ଓ. ପରୀକ୍ଷା ଥିବାରୁ ଗୋଟିଏ ଦିନରେ ପରୀକ୍ଷାର୍ଥୀମାନେ ଚାରି ଚାରୋଟି ନିଯୁକ୍ତି ପରୀକ୍ଷା କିପରି ଦେବେ ବୋଲି ପ୍ରଶ୍ନ କରି ଓପିଏସ୍‌ସି, ଓପିଆରବି, ରେଲୱେ ଓ ଷ୍ଟେଟ୍‌ବ୍ୟାଙ୍କ ଆଦି ସଂସ୍ଥାମାନଙ୍କୁ ଅଡୁଆକୁ ଟାଣିଛନ୍ତି। ସରକାରୀ ସଂସ୍ଥାମାନଙ୍କର ସମନ୍ୱୟ ଅଭାବରୁ ଏଭଳି ଅନିୟମିତତା ହେଉଛି ଓ ପରୀକ୍ଷାର୍ଥୀମାନେ ମାନସିକ ନିର୍ଯ୍ୟାତନାର ଶିକାର ହେଉଛନ୍ତି ବୋଲି ଅଭିଯୋଗ ଆଣି ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କ ଉପରେ ବର୍ଷିବା ସହ ପରୀକ୍ଷା ତାରିଖ ପୁନଃନିର୍ଦ୍ଧାରଣ ପାଇଁ ଦାବି କରିଛନ୍ତି ଶ୍ରୀ ମହାପାତ୍ର।

## ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଛତୁ ଚାଷ ପାଇଁ ତାଲିମ୍

**ମାର୍ଶାଘାଇ, ୩।୩ (ସଂଚାର ବ୍ୟୁରୋ) :** ମାର୍ଶାଘାଇ ବ୍ଲକ ଦଣିପୁର ପଞ୍ଚାୟତ ବାଲଣା ଗ୍ରାମରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଆର୍.ସେ.ଟି ତରଫରୁ ମହିଳାମାନଙ୍କୁ ଛତୁଚାଷ ପ୍ରଶିକ୍ଷଣ ଶିବିର ରବିବାର ଉଦଘାଟିତ ହୋଇଛି। ଏହି ଶିବିର କୁ ବ୍ଲକ ମିଶନଶକ୍ତି ପ୍ରୋଗାମ କୋଡିନେଟର ଅଖିଳ କୁମାର ଆଚାର୍ଯ୍ୟ ଓ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ଆର୍.ସେ.ଟି ର ନିର୍ଦ୍ଦେଶକ ଶରତ ଚନ୍ଦ୍ର ଦାସ ପ୍ରଦୀପ ପ୍ରଜ୍ୱଳନ କରି ଶିବିରକୁ ଉଦଘାଟନ କରିଥିଲେ। ମାର୍ଶାଘାଇ ବ୍ଲକ ମିଶନ ଶକ୍ତି ପ୍ରୋଗ୍ରାମ କୋଡ଼ିନେଟର ଅଖିଳ କୁମାର ଆଚାର୍ଯ୍ୟ କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିବା ବେଳେ ପ୍ରଶିକ୍ଷକ ଭାବେ ଅକ୍ଷୟ କୁମାର ସ୍ୱାଇଁ ଯୋଗଦେଇ ବିଭିନ୍ନ କିସମର ଛତୁ ଚାଷ ଉପରେ ପ୍ରଶିକ୍ଷିତ କରିଥିଲେ। ଦଶ ଦିନ ବ୍ୟାପି ଏହି ପ୍ରଶିକ୍ଷଣ ଶିବିର ଚାଲୁ ରହି ଏଥିରେ ଛତୁ ଚାଷର ଥିଓରୀ ଏବଂ ପ୍ରାକ୍ଟିକାଲ ବିଷୟରେ ପ୍ରଶିକ୍ଷଣ ଦିଆଯିବ। ଛତୁ ଚାଷ ଏକ ଆର୍ଥିକ ସଶକ୍ତିକରଣ, ଲାଭଦାୟକ ଚାଷ। ଛତୁ ଚାଷ ମହିଳା ଚାଷୀ ମାନଙ୍କୁ ସ୍ୱାବଲମ୍ବୀ କରିବାର ଏକ ସଠିକ ମାର୍ଗ ବୋଲି ପ୍ରତିଷ୍ଠାନର ପ୍ରୋଗ୍ରାମ କୋଡିନେଟର ପ୍ରଭାତ କୁମାର ମହାନ୍ତି ନିଜ ବକ୍ତବ୍ୟରେ କହିଥିଲେ। ଦଣିପୁର ପଞ୍ଚାୟତ ଏମ୍.ବି.କେ ସସ୍ମିତା ଲେଙ୍କା ଙ୍କ ସ୍ୱୟଂ ସହାୟିକା ଗୋଷ୍ଠୀର ୩୫ ଜଣ ମହିଳା ଏହି କାର୍ଯ୍ୟକ୍ରମ ରେ ଯୋଗଦେଇଥିଲେ।

# ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳର ରେକର୍ଡ ସଂଖ୍ୟକ ମାଲ ପରିବହନ

**ଖୋର୍ଦ୍ଧା, ୩।୩ (ସଂଚାର ବ୍ୟୁରୋ) :** ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳ ୨୦୨୫ ଫେବୃଆରୀ ମାସରେ ପ୍ରତିଦିନ ହାରାହାରି ୧୩୦.୫ ରେକ୍ ଲୋଡିଙ୍ଗ୍ କରି ମାଲ ପରିବହନରେ ଏକ ଉଲ୍ଲେଖନୀୟ ପ୍ରଦର୍ଶନ ପଞ୍ଜିକରଣ କରିଛି। ରେଳମଣ୍ଡଳ ଗତ ମାର୍ଚ୍ଚ ୨୦୨୪ ରେ କରିଥିବା ତା ନିଜର ରେକର୍ଡ ଅତିକ୍ରମ କରିଛି, ଯାହା ପ୍ରତିଦିନ ହାରାହାରି ୧୨୮.୧ ରକ୍ ଥିଲା। ୨୦୨୫ ଫେବୃଆରୀ ମାସରେ, ଯଥା ୧ ଫେବୃଆରୀରୁ ୨୮ ଫେବୃଆରୀ ମଧ୍ୟରେ,



ଡିଭିଜନ୍, ବିଭିନ୍ନ ଲୋଡିଂ ପଏଣ୍ଟରୁ ସମୁଦାୟ ୩୬୫୫ ରେକ୍ ଲୋଡିଙ୍ଗ୍ କରିପାରିଛି।

ଫେବୃଆରୀ ମାସରେ ପାରାଦୀପ ଲୋଡିଂ ପଏଣ୍ଟ, ପ୍ରତିଦିନ ହାରାହାରି ୨୯.୧ ରେକ୍ ମାଲ ପରିବହନ କରି ସର୍ବଶ୍ରେଷ୍ଠ ଲୋଡିଙ୍ଗ୍ ରେକର୍ଡ ହାସିଲ କରିଛି। ଏହି ମାଲ ପରିବହନ ମାଇଲଖୁଣ୍ଟରେ ମୁଖ୍ୟ ଯୋଗଦାନ କାରୀମାନେ ଖୋର୍ଦ୍ଧାରୋଡ ମଣ୍ଡଳ ଅଧୀନରେ ଥିବା ପ୍ରମୁଖ ଲୋଡିଂ ପଏଣ୍ଟ ଯଥା ତାଳଚେର, ଧାମରା, ମେରାମଣ୍ଡଳି, ଯଖପୁରା, ସୁକିନ୍ଦା, କେରଜଙ୍ଗ, ନୟାଗଡ଼ ଇତ୍ୟାଦି। ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳର ସମସ୍ତ ଲୋଡିଂ ପଏଣ୍ଟରେ ସରକାରୀ କ୍ଷେତ୍ର ଏବଂ ଶିଳ୍ପ ସହିତ ସଠିକ୍ ଯୋଜନା ଏବଂ ସମନ୍ୱୟ ଏହି ଲକ୍ଷ୍ୟ ହାସଲ କରିବାରେ ବହୁ ସହାୟକ ହୋଇଛି। ମାଲ ପରିବହନରେ ଏହି ସଫଳତା ପାଇଁ, ମଣ୍ଡଳ ରେଳ ପ୍ରବନ୍ଧକ, ଶ୍ରୀ ଏଚ୍.ଏସ୍. ବାଜୱା, ସମସ୍ତଙ୍କୁ ପ୍ରଶଂସା କରିଛନ୍ତି। ସମଗ୍ର ଦେଶରେ ବିଭିନ୍ନ ପାୱାର ହାଉସ୍, ଉତ୍ପାଦନକାରୀ କମ୍ପାନୀ, ଉତ୍ପାଦନ ୟୁନିଟ୍ ଏବଂ ଶିଳ୍ପ ଗୁଡିକର ଚାହିଦା ପୂରଣ କରିବା ପାଇଁ ସମସ୍ତଙ୍କୁ ସମାନ ସମର୍ପଣ ଭାବନା ସହିତ କାମ କରିବାକୁ ପରାମର୍ଶ ଦେଇଛନ୍ତି।

### ଯୁଗ୍ମ ଜନ ଅଭିଯୋଗ ଶୁଣାଣି

# ୪୮ଟି ଅଭିଯୋଗ ପଞ୍ଜିକୃତ, ୨ଟିର ତତ୍କାଳ ଫଏସଲା



**ନାଉଗାଁ, ୩।୩ (ସଂଚାର ବ୍ୟୁରୋ) :** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଜ୍ୟୋତି ଫେଡରେସନ ସମ୍ମିଳନୀ କକ୍ଷରେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ଓ ନାଉଗାଁ ବ୍ଲକ ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ସମୁଦାୟ ୪୮ଟି ଅଭିଯୋଗ ପଂଜିକୃତ ହୋଇଥିଲା। ସେଥିମଧ୍ୟରୁ ଗ୍ରାମ୍ୟ ଓ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ ୧୦ଟି ଓ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୮ଟି ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରେସନ କାର୍ଡ ସମସ୍ୟା ସମ୍ପର୍କୀୟ ୬ଟି, ଆବାସ ଯୋଜନା ସମ୍ପର୍କୀୟ ୧ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୭ଟି, ପେନସନ ପାଇବା ପାଇଁ ୩ଟି, ପୋଲିସ ସହାୟତା ପାଇବା ପାଇଁ ୩ଟି ଏବଂ ଅନ୍ୟାନ୍ୟ ୬ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨ଟି ଅଭିଯୋଗ ତତ୍କାଳ ଫଏସଲା ହୋଇଥିବା ବେଳେ ଅନ୍ୟ ଅଭିଯୋଗ ଗୁଡିକର ସମାଧାନ କରାଯିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାଯାଇଛି। ଏହି ଶିବିରରେ ବ୍ଲକ ଅଧ୍ୟକ୍ଷା ତୃପ୍ତି ଲେଙ୍କାଙ୍କ ସହିତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଉନ୍ନୟନ ବିଭାଗ ଓ ଯନ୍ତ୍ରୀଙ୍କ ବିଭାଗରେ କର୍ମଚାରୀ କମ୍ ଥିବା ଓ ରହିଥିବା କର୍ମଚାରୀମାନେ ଠିକ ଭାବେ କାର୍ଯ୍ୟ କରୁ ନାହାନ୍ତି। ଯାହାଫଳରେ ଯେଉଁ ସବୁ ଉନ୍ନୟନ ମୂଳକ କାର୍ଯ୍ୟ କରାଯାଇଛି ଦୀର୍ଘ ଦିନ ହେବ ତାହାର ବିଲ ପ୍ରଦାନ କରାଯାଉନାହିଁ। ଏ ବିଷୟରେ ବାରମ୍ବାର ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନଥିବା ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ବଛାଳୋ ପଞ୍ଚାୟତ ସମିତି ସଭ୍ୟ ଚନ୍ଦନ ଲେଙ୍କା ଉକ୍ତ ପଞ୍ଚାୟତରେ ଅର୍ପଣ ରଥକୁ ନେଇ କାର୍ଯ୍ୟକ୍ରମ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାଙ୍କୁ ବିଲ ପ୍ରଦାନ କରାଯାଉନାହିଁ ବୋଲି ଅଭିଯୋଗ କରିଛନ୍ତି। ଡେରିକି ପଞ୍ଚାୟତର ଗଙ୍ଗଦା ଗ୍ରାମର ଜନୈକ ବ୍ୟକ୍ତିଙ୍କ ନିଜ ଘର ସମ୍ମୁଖ ଓ ପାଇଖାନା ଗୃହ ନିକଟକୁ ସରକାରୀ ଅନୁଦାନରେ ରାସ୍ତା ନିର୍ମାଣ ହେଉଥିବା ପ୍ରତିବାଦରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ତଦନ୍ତ କରାଯାଇନାହିଁ ବୋଲି ପ୍ରର୍ଶୁରାମ ଜେନା, ବିଷ୍ଣୁ ବେହେରା ଅଭିଯୋଗ କରିଥିଲେ। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ବିଡିଓ ଆଶୁତୋଷ ମିଶ୍ର, ତହସିଲଦାର ଅକ୍ଷୟ ବଡୁଙ୍କ ସହିତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଓ କ୍ଷେତ୍ର ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗ ଶୁଣାଣି କରିଥିଲେ।

# ଛାତ୍ରଛାତ୍ରୀଙ୍କୁ ଜୀବନର ସୂତ୍ର ଶିଖାଇଲେ ଆଶିଷ ବିଦ୍ୟାର୍ଥୀ

**ଭୁବନେଶ୍ୱର, ୩।୩ (ସଂଚାର ବ୍ୟୁରୋ) :** ପାଠପଢ଼ା ଶେଷ ହେବା ପରେ ପ୍ରକୃତ ଜୀବନ ଆରମ୍ଭ ହୋଇଥାଏ। ତେବେ ଜୀବନ ଯେଉଁ ପ୍ରତିବନ୍ଧକ ଗୁଡ଼ିକ ସମ୍ମୁଖରେ ଆଣି ରଖିବ ତୁମକୁ ତାହାର ସାମ୍ନା କରିବାକୁ ପଡ଼ିବ ବୋଲି ଛାତ୍ରଛାତ୍ରୀମାନଙ୍କୁ କହିଛନ୍ତି ବିଶିଷ୍ଟ ବଲିଉଡ୍ ଅଭିନେତା ତଥା ପ୍ରେରଣାଦାୟୀ ବକ୍ତା ଆଶିଷ ବିଦ୍ୟାର୍ଥୀ। ପାଠ୍ୟକ୍ରମରୁ ଶିକ୍ଷା କରିଥିବା ଜ୍ଞାନ ପ୍ରାୟତଃ ଜୀବନରେ ଆବଶ୍ୟକ ହୋଇ ନଥାଏ। ତେଣୁ ନିଜ ଭବିଷ୍ୟତ ନିଜେ ଗଢ଼ିବାକୁ ପଡ଼ିବ ବୋଲି ଶୁକ୍ରବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ପକ୍ଷରୁ ଆୟୋଜିତ ଦୁଇ ଦିନିଆ ବାର୍ଷିକ ସୋଆ ଏଚ୍‌ଆର୍ କନ୍‌କ୍ଲେଭ୍ 'ସୋଆ ପ୍ରୋକ୍ସିମା'ର ୬ଷ୍ଠ ସଂସ୍କରଣର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏହା କହିଛନ୍ତି ବିଦ୍ୟାର୍ଥୀ।

୧୧ଟି ବିଭିନ୍ନ ଭାଷାରେ ୩୫୦ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ଅଭିନୟ କରିସାରିଥିବା ବିଦ୍ୟାର୍ଥୀ କହିଛନ୍ତି





ଯେ ତୁମେ କେଉଁଠାରୁ ଆସିଛ ତାହା କିଛି ଫରକ ପକାଏ ନାହିଁ। କିନ୍ତୁ ତୁମେ କେଉଁ ଦିଗରେ ଗତି କରୁଛ ତାହା ଗୁରୁତ୍ୱ ରଖେ। "ଯଦି କେହି ବ୍ୟକ୍ତି ତୁମକୁ ଥଟ୍ଟା କରୁଛି ତେବେ ମନ ଦୁଃଖ କର ନାହିଁ। ବରଂ ନମ୍ର ରହି ନିଜକୁ ଅଧିକ ଦୃଢ଼ କର ଓ ତ୍ରୁଟିଗୁଡ଼ିକୁ ସୁଧାରିବାକୁ ଚେଷ୍ଟା କର" ବୋଲି ସେ କହିଥିଲେ।

ଟାଇମ୍‌ସ ନାଓ ସହଭାଗିତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୫୦୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଫ୍ୟାକଲ୍ଟି ଓ କର୍ପୋରେଟ ଜଗତର ନେତୃବୃନ୍ଦ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସୋଆ ଉପଦେଷ୍ଟା ମଣ୍ଡଳୀ ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ ନିଜର ବକ୍ତବ୍ୟ ପ୍ରଦାନ କରିଥିବା ବେଳେ କର୍ପୋରେଟ ରିଲେସନ୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଏନ୍‌ଗେଜ୍‌ମେଣ୍ଟ ନିର୍ଦ୍ଦେଶକ ରିପ୍ତୀ ରଞ୍ଜନ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଟାଟା କନ୍‌ସଲଟାନ୍ସି ସର୍ଭିସେସ୍‌ର ଡେଲିଭରି ସେଂଟର ହେଡ ବିଭୁ ପଣ୍ଡା ଏବଂ ଟିସିଏସ୍‌ର ଏକାଡେମିକ ଆଲାୟନ୍‌ସେସ୍ ଗ୍ରୁପ୍, ଇଣ୍ଡିଆ (ଇଷ୍ଟ)ର ଆଞ୍ଚଳିକ ମୁଖ୍ୟ ସୌଭିକ ଦାସ ମଧ୍ୟ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ୨୪ ଜଣ ବିଶିଷ୍ଟ ମାନବ ସମ୍ବଳ ନେତୃବୃନ୍ଦ ବକ୍ତବ୍ୟ ରଖିଥିବା ବେଳେ ୧୨ଟି ବିଭିନ୍ନ କର୍ମଶାଳା ଅନୁଷ୍ଠିତ ହୋଇଥିଲା।

କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ଷ୍ଟାଣ୍ଡ ଅପ୍ କମେଡିଆନ୍ ବିପୁଲ ଗୋୟଲଙ୍କର ପ୍ରଦର୍ଶନ ସୋଆ ଛାତ୍ରଛାତ୍ରୀଙ୍କୁ ବିମୋହିତ କରିଥିଲା। ଏହି ଅବସରରେ ସୋଆର ସବୁଠାରୁ ମହତ୍ୱପୂର୍ଣ୍ଣ କ୍ୟାମ୍ପସ୍ ପାର୍ଟନର ଭାବେ ଟାଟା କନ୍‌ସଲ୍ଟାନ୍‌ସି ସର୍ଭିସେସ୍ (ଟିସିଏସ୍)କୁ ମାନ୍ୟତା ପ୍ରଦାନ କରାଯାଇଥିଲା। ସେହିପରି ଏହି କାର୍ଯ୍ୟକ୍ରମରେ ସୋଆ ପକ୍ଷରୁ ୩୦ ଜଣ ମାନବ ସମ୍ବଳ ବିଶେଷଜ୍ଞଙ୍କୁ ଏହି କ୍ଷେତ୍ରରେ ନିଜର ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା।

# ଅନାଥ ଶିଶୁଙ୍କୁ ମିଳିବ ମାଗଣା ଶିକ୍ଷା



**ଝାରସୁଗୁଡ଼ା,୩।୩:** ଝାରସୁଗୁଡ଼ାରେ ଅନାଥ ଛୁଆଙ୍କ ଦାୟିତ୍ୱ ନେଇଛନ୍ତି ରାଜ୍ୟ ସରକାର। ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ଖୁବ୍‌ଶୀଘ୍ର ରାଜ୍ୟରେ ପୌଷ୍ୟ ସନ୍ତାନ ଯୋଜନା କାର୍ଯ୍ୟକାରୀ ହେବ ବୋଲି ମନ୍ତ୍ରୀ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା ବେଳେ କହିଛନ୍ତି। ଆଗାମୀ ଏପ୍ରିଲ ପହିଲାରୁ ମାଗଣାରେ ଅନାଥ ଶିଶୁଙ୍କୁ ଶିକ୍ଷାଦାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସିଏସ୍‌ଆର ପାଣ୍ଠି ବିନିଯୋଗରେ ଏହି ମାଗଣା ଶିକ୍ଷାଦାନ କରାଯିବ। ଏନେଇ ଜଲାପାଳଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇଛି। କମିଟିରେ ମହାନଦୀ କୋଲ୍ ଫିଲ୍‌ଡ (ଏମ୍‌ସିଏଲ୍) କର୍ତ୍ତୃପକ୍ଷ, ମହିଳା ଓ ଶିଶୁ ବିକାଶ ଅଧିକାରୀଙ୍କ ସହ ଜିଲା ଶିକ୍ଷା ଅଧିକାରୀ ରହିବେ। ଏହାକୁ ନେଇ ଏକ ଟ୍ରଷ୍ଟ ବୋର୍ଡ ଗଠନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

### ରାଜସ୍ଥାନରେ ବାହାଘର, ନିର୍ବାଚନମଣ୍ଡଳୀରେ ଜମିଲା ଭୋଜିଭାତର ଆସର

# ଉତ୍ସବମୁଖର ଦାଉଦପୁର: ଧର୍ମେନ୍ଦ୍ର ଓ ମୃଦୁଳାଙ୍କ ଆଶୀର୍ବାଦ ନେଲେ ନବଦମ୍ପତି



**ନିଶ୍ଚିନ୍ତକୋଇଲି,୩।୩(ସଂଚାର ବ୍ୟୁରୋ):** ମାହାଙ୍ଗା ନିର୍ବାଚନମଣ୍ଡଳୀର ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ବ୍ଲକ ଅଞ୍ଚଳର ଜନସାଧାରଣଙ୍କ ଦୁଃଖସୁଖର ସାଥୀ ହୋଇଆସିଥିବା ସ୍ୱାଧୀନ ବିଧାୟକ ଶାରଦା ପ୍ରସାଦ ପ୍ରଧାନ ରାଜସ୍ଥାନ ଜୟପୁରରେ ନିଜର ବୈବାହିକ ଜୀବନର ନୂଆ ଇନିଂସ୍ ଆରମ୍ଭ କରିଛନ୍ତି। ସେ ନୂଆକରି ଓଏଏସ୍ ପାଇଥିବା ସିପ୍ରା ପ୍ରିୟଦର୍ଶିନୀ ବଳଙ୍କୁ ତାଙ୍କ ଜୀବନ ସାଥୀ ରୂପେ ଗ୍ରହଣ କରିବା ସହ ଉଭୟ ପରିବାରବର୍ଗଙ୍କ ଗହଣରେ ବେଶ୍ ଧୂମ୍‌ଧାମରେ ସେମାନଙ୍କ ବିବାହ ସମ୍ପନ୍ନ ହୋଇଛି। ସାଂସାରିକ ଜୀବନକୁ ଛି କରିଦେଇଥିବା ଶ୍ରୀ ପ୍ରଧାନ ଶେଷରେ ବୈବାହିକ ଜୀବନରେ ଆବଦ୍ଧ ହେଲା ପରେ ତାଙ୍କ ମାହାଙ୍ଗା ବିକାଶ ପରିଷଦର କର୍ମକର୍ତ୍ତାଙ୍କ ଗହଣରେ ଖୁସିର ଲହରୀ ଖେଳିଯାଇଛି। ବିଧାୟକଙ୍କ ବିବାହ ସୁଦୂର ରାଜସ୍ଥାନରେ ଅନୁଷ୍ଠିତ ହୋଇଥିବା ବେଳେ ନିଶ୍ଚିନ୍ତକୋଇଲି ବ୍ଲକ ଦାଉଦପୁର ଗ୍ରାମପଞ୍ଚାୟତ ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ ନଇଁଗୁଆଁଠାରେ ସମାଜସେବୀ ବିଜୟ ଗୋପାଳ ବିଷୋୟୀ ଓ ଦିଲ୍ଲୀପ କୁମାର ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବିଧାୟକ ଓ ତାଙ୍କ ଧର୍ମପତ୍ନୀଙ୍କ ଏକ ବିରାଟ ବ୍ୟାନର ଲଗାଯାଇ ସେମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଯାଇ ଭୋଜିଭାତର ଆୟୋଜନ କରାଯାଇଥିଲା। ଏଥିରେ ଦାଉଦପୁର ପଞ୍ଚାୟତ ମାହାଙ୍ଗା ବିକାଶ ପରିଷଦର ଶତାଧିକ କର୍ମକର୍ତ୍ତା ଦୀପକ କୁମାର ଜେନା, କୃଷ୍ଣଚନ୍ଦ୍ର ମହାନ୍ତି, ମନମୋହନ ଦାସ, ସୂର୍ଯ୍ୟକାନ୍ତ ଜେନା, ଶୁଭେନ୍ଦୁ ଶେଖର ସ୍ୱାଇଁ, ଅଭିରାମ ଖଣ୍ଡୁଆଳ, ଯୋଗେନ୍ଦ୍ର ମଲ୍ଲିକ, ମହେନ୍ଦ୍ର ଦାସ, ସେକ୍ ମତରୁବ୍ ଅଲ୍ଲୀ, ଫକିର ଦାସ, ଭିକା ଭାଇ, କାହ୍ନୁ ମଲ୍ଲିକ, ଧିରେନ୍ ନାୟକ ଉପସ୍ଥିତ ରହି ଏହି ଖୁସିର ମୁହୂର୍ତ୍ତକୁ ବେଶ୍ ଆନନ୍ଦରେ ପାଳନ କରିଥିଲେ। ଅନ୍ୟପକ୍ଷରେ ବିବାହ ପରେ ନବଦମ୍ପତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ତାଙ୍କ ଧର୍ମପତ୍ନୀ ମୃଦୁଳା ଠାକୁର ପ୍ରଧାନଙ୍କୁ ଭେଟି ସେମାନଙ୍କ ଆଶୀର୍ବାଦ ନେଇଛନ୍ତି। ଶାରଦା ଓ ସିପ୍ରାଙ୍କୁ ଆଶୀର୍ବାଦ ଦେଇ ଧର୍ମେନ୍ଦ୍ର ଓ ମୃଦୁଳା ସେମାନଙ୍କ ସୁଖଦ ଦାମ୍ପତ୍ୟ ଜୀବନ କାମନା କରିଛନ୍ତି।

# ସେଣ୍ଟ୍ରିଂ ବାହାର କରିବା ବେଳେ ୨ ଶ୍ରମିକ ମୃତ



**ଆସିକା,୩।୩(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଆସିକା ଥାନା କର୍ପୁର ନୂଆଗାଁ ଗ୍ରାମରେ ଅଘଟଣ ଘଟିଛି। ଛାତ ସ୍ଲାବରୁ ସେଣ୍ଟ୍ରିଂ ବାହାର କରିବା ସମୟରେ ଲୁହା ରଡ ମାଟି ପଡ଼ି ଦୁଇ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତ ଦୁଇ ଶ୍ରମିକ ହେଲେ ଭେଟନଈ ଗ୍ରାମର ନିରଞ୍ଜନ ମହାନ୍ତି ଓ ବାଲିମାଳା ଗ୍ରାମର ଖାଦାଳ ସେଠୀ। ଉଭୟ କର୍ପୁର ନୂଆଗାଁରେ ଗୋଟିଏ ନିର୍ମାଣାଧୀନ ଘରୁ ଛାତର ସେଣ୍ଟ୍ରିଙ୍ଗ ବାହାର କରିବା ସମୟରେ ସେମାନଙ୍କ ଉପରେ ଲୁହାରଡ, ମାଟି ଓ ଅନ୍ୟାନ୍ୟ ସାମଗ୍ରୀ ପଡ଼ିଥିଲା। ଫଳରେ ଉଭୟ ଗୁରୁତର ହୋଇଥିଲେ। ଅବଶ୍ୟ ସ୍ଥାନୀୟ ଲୋକେ ଉଭୟଙ୍କୁ ଚିକିତ୍ସା ପାଇଁ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

# କ୍ରାଇମ୍‌ବ୍ରାଞ୍ଚ୍‌ରେ ହାଜର ହେଲେନି ଦୀପାଳି



**ଭୁବନେଶ୍ୱର,୩।୩(ସଂଚାର ବ୍ୟୁରୋ):** ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ ଆଜି କ୍ରାଇମବ୍ରାଞ୍ଚରେ ତାଙ୍କ ଝିଅ ତଥା ପୂର୍ବତନ ବିଧାୟିକା ଦୀପାଳି ଦାସ ହାଜର ହେବାର ଥିଲେ ହେଁ ସେ ଏଥିସକାଶେ ଅଧିକ ସମୟ ମାଗିଥିବା ଜଣାପଡ଼ିଛି। ଆଜି ହାଜର ନ ହେବା ସକାଶେ ସେ ବିଭାଗୀୟ ଅଧିକାରୀଙ୍କ ସହ ଫୋନରେ କଥା ହେବା ସହ ସମୟ ମାଗିଛନ୍ତି। ତା'ଛଡ଼ା ଅନ୍ୟ କୌଣସି ଦିନ ତାଙ୍କ ବୟାନ୍ ରେକର୍ଡ ପାଇଁ ମଧ୍ୟ ଦୀପାଳି ସମୟ ମାଗିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟ ପରିବର୍ତ୍ତେ ଝାରସୁଗୁଡ଼ାରେ ସେ ବୟାନ ଦେବେ ବୋଲି ମଧ୍ୟ କ୍ରାଇମ୍‌ବ୍ରାଞ୍ଚକୁ ଜଣାଇଛନ୍ତି। ଆଜି ମଧ୍ୟ ନବଙ୍କ ପୁଅ ବିଶାଳ ଦାସଙ୍କ ହାଜର ହେବାର ଥିଲେ ହେଁ ସେନେଇ କୌଣସି ସୂଚନା ମିଳିପାରିନାହିଁ। ଦୀପାଳି ଓ ବିଶାଳଙ୍କୁ ହାଜର ହେବା ସକାଶେ ନିକଟରେ କ୍ରାଇମବ୍ରାଞ୍ଚ ପକ୍ଷରୁ ନୋଟିସ୍ କରାଯାଇଥିଲା। ତେବେ ଦୀପାଳି କାହିଁକି କ୍ରାଇମବ୍ରାଞ୍ଚ ନିକଟରେ ହାଜର ହେଲେନି, କ'ଣ ପାଇଁ କ୍ରାଇମବ୍ରାଞ୍ଚ ଅଫିସ ପରିବର୍ତ୍ତେ ଝାରସୁଗୁଡ଼ାରେ ବୟାନ ଦେବାକୁ କହିଲେ, ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଦୀପାଳି କାହା ଚାପରେ ଏପରି କରିଛନ୍ତି ନା ବାସ୍ତବରେ କ୍ରାଇମ୍ ବ୍ରାଞ୍ଚ୍ କାର୍ଯ୍ୟାଳୟରେ ହାଜର ହେବା ଦିଗରେ ତାଙ୍କର କିଛି ସମସ୍ୟା ଥିଲା, ସେନେଇ ବିଭିନ୍ନ ଆଲୋଚନା ହେଉଛି। ସୂଚନାଯୋଗ୍ୟ ଯେ ପୂର୍ବରୁ ତାଙ୍କ ବାପାଙ୍କ ହତ୍ୟା ମାମଲାର ସିବିଆଇ ତଦନ୍ତ ପାଇଁ ଦୀପାଳି ଦାବି କରିଥିଲେ। ଏହି ପ୍ରସଙ୍ଗରେ ଲିଖିତ ଭାବେ ଦାବି ଜଣାଇଲେ ସରକାର ପଦକ୍ଷେପ ନେବେ ବୋଲି ସେତେବେଳେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସ୍ପଷ୍ଟ କରିଥିଲେ। ପରିବାର ସହ ଆଲୋଚନା ପରେ ଏନେଇ ନିଷ୍ପତ୍ତି ନେବେ ବୋଲି ସେତେବେଳେ ଦୀପାଳି କହିଥିଲେ।

● ପାରିବାରିକ ବିବାଦର କରୁଣ ପରିଣତି

# ସ୍ତ୍ରୀ ପୋଛିଲା ମଥା ସିନ୍ଦୂର

● ସ୍ୱାମୀକୁ ହତ୍ୟା କରି ଜଙ୍ଗଲରେ ପୋତିଦେଇଥିଲା




**ଯାଜପୁର,୩।୩(ସଂଚାର ବ୍ୟୁରୋ):** ବିବାହ କରିବା ପରେ ଝିଅଟିଏ ନିଜର ମଥା ସିନ୍ଦୂରକୁ ବଜ୍ର କରିବା ସକାଶେ ବାର ମାସରେ ତେର ଓଷା ପାଳିଥାଏ। ହାତରେ ପିନ୍ଧିଥିବା ଶଙ୍ଖାକୁ ଚିରସ୍ଥାୟୀ କରିବା ସକାଶେ ସେ ଆବଶ୍ୟକ ପଡ଼ିଲେ ନିଜ ଜୀବନ ଦେବାକୁ ବି ପଛାଇ ନଥାଏ। କିନ୍ତୁ ଆଜି ଯାଜପୁର ଜିଲ୍ଲାର ସୁକିନ୍ଦା ଥାନାଞ୍ଚଳରେ ଏପରି ଏକ ଅଘଟଣ ଘଟିଛି, ଯାହା ପ୍ରତିଟି ମହିଳାଙ୍କୁ ନିଶ୍ଚିତ ଭାବେ ଦୋହଲାଇଦେବ। କାରଣ ଯେଉଁ ଶଙ୍ଖା ଓ ସିନ୍ଦୂରକୁ ବଜାୟ ରଖିବା ସକାଶେ କିଛି ବି କରିବାକୁ ପଛାଉନଥିବା ପତ୍ନୀ ନିଜ ହାତରେ ମଥା ସିନ୍ଦୂରକୁ ପୋଛିଦେଇଛି। ଅର୍ଥାତ୍ ନିଜ ହାତରେ ସ୍ୱାମୀର ଜୀବନ ନେଇଛି ସେ। ଏପରିକି ସ୍ୱାମୀକୁ ହତ୍ୟା କରି ଜଙ୍ଗଲରେ ଗାତ ଖୋଳି ପୋତିଦେବାକୁ ସେ କୁଣ୍ଠାବୋଧ କରିନାହିଁ। ଅଧିକନ୍ତୁ ହତ୍ୟା ପରେ ଥାନାରେ ପହଞ୍ଚି ସେ ଆତ୍ମସମର୍ପଣ ମଧ୍ୟ କରିଛି। ଯାଜପୁର ସୁକିନ୍ଦା ଥାନା ଅନ୍ତର୍ଗତ ସଂସାଇଲୋ ପଞ୍ଚାୟତର ଡୁବିଖାଲ ଗାଁରେ ଏହି ଅମାନବୀୟ ଘଟଣା ଘଟିଛି। ମିଳିଥିବା ସୂଚନାନୁସାରେ, ପାରିବାରିକ ବିବାଦରୁ ସ୍ୱାମୀ ବାବୁଲି ମୁଣ୍ଡାଙ୍କୁ ସ୍ତ୍ରୀ ଦୂମାରୀ ମୁଣ୍ଡା ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏହାପରେ ଦୂମାରୀ ବାଡ଼ି ପଛପଟ ଜଙ୍ଗଲରେ ସ୍ୱାମୀ ବାବୁଲିଙ୍କ ମୃତଦେହକୁ ପୋତିଦେବା ପରେ ନିଜେ ସୁକିନ୍ଦା ଥାନାରେ ଆତ୍ମସମର୍ପଣ କରିଛନ୍ତି। ଏଥିସହ ପୁଲିସ୍ ନିକଟରେ ନିଜେ ହତ୍ୟାକାଣ୍ଡ ଘଟାଇଥିବା ଦୂମାରୀ ସ୍ୱୀକାର କରିଛନ୍ତି। ଏନେଇ ପୁଲିସ୍ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଏହି ଘଟଣାରେ ସ୍ଥାନୀୟ ସରପଞ୍ଚ ମଧ୍ୟ ସୁକିନ୍ଦା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ୍ ଦୂମାରୀଙ୍କୁ ଅଟକ ରଖି ତଦନ୍ତ କରୁଥିବାବେଳେ ଆଜି ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛି। ବାବୁଲିଙ୍କ ମୃତଦେହକୁ ଗାତରୁ ବାହାର କରି ଟିମ୍ ଯାଞ୍ଚ୍ କରିଥିବା ଜଣାପଡ଼ିଛି। ତେବେ ଏପରି ଏକ ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ଖେଳାଇଦେଇଛି।

# ରାସ୍ତାରେ ଜଳିଗଲା ଟ୍ରକ୍

● ବ୍ୟାପକ ବୈଦ୍ୟୁତିକ ସାମଗ୍ରୀ ନଷ୍ଟ



**ସମ୍ବଲପୁର,୩।୩(ସଂଚାର ବ୍ୟୁରୋ):** ସମ୍ବଲପୁର-ରେଢ଼ାଖୋଲ ୫୫ ନମ୍ବର ଜାତୀୟ ରାଜପଥରେ ଆଜି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସ୍ଥାନୀୟ ହାତିବାରୀ ଟୋଲ ପ୍ଲାଜା ନିକଟରେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକରେ ହଠାତ୍ ନିଆଁ ଲାଗିଯାଇଥିଲା। ଫଳରେ ତାହା ହୁତୁ ହୁତୁ ହୋଇ ଜଳିବାକୁ ଆରମ୍ଭ କରିଥିଲା। ଏନେଇ ସ୍ଥାନୀୟ ଲୋକେ ତୁରନ୍ତ ସ୍ଥାନୀୟ ଅଗ୍ନିଶମ କାର୍ଯ୍ୟାଳୟକୁ ଜଣାଇବା ପରେ ସେଠାରୁ ତୁରନ୍ତ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ସେତେବେଳକୁ ଉକ୍ତ ଟ୍ରକ୍‌ରେ ବୋଝେଇ ହୋଇଥିବା ବ୍ୟାପକ ମାତ୍ରାରେ ବୈଦ୍ୟୁତିକ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିଲା। ରାସ୍ତା କଡ଼ରେ ଜଳୁଥିବା ଟ୍ରକ୍ ଦୃଶ୍ୟ ସୋସିଆଲ୍ ମିଡିଆରେ ବ୍ୟାପକ ମାତ୍ରାରେ ଭାଇରାଲ ହୋଇଛି। ତେବେ କେଉଁ କାରଣରୁ ଏପରି ଅଘଟଣ ଘଟିଛି, ସେନେଇ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କିଛି ବି ଜଣାପଡ଼ିନାହିଁ। ତେବେ ଏହା ଶର୍ଟସର୍କିଟ ଯୋଗୁଁ ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି।

# ଖରାଦିନେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ନିର୍ଦ୍ଦେଶ

● ପିଏମ୍ ସୂର୍ଯ୍ୟଘର ଯୋଜନାରେ ଅଧିକ ଲୋକଙ୍କୁ ସାମିଲ କରିବାକୁ ଗୁରୁତ୍ୱ

● ସରକାରୀ କାର୍ଯ୍ୟାଳୟରେ ବିଦ୍ୟୁତ ଅପଚୟ ରୋକିବେ ବିଭାଗୀୟ ସଚିବ



**ଭୁବନେଶ୍ୱର,୩।୩(ସଂଚାର ବ୍ୟୁରୋ):** ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସଭା ଭବନଠାରେ ଶକ୍ତି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରିଛନ୍ତି । ଏହି ସମୀକ୍ଷା ବୈଠକରେ ଆଗାମୀ ଗ୍ରୀଷ୍ମଋତୁରେ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଏବଂ ପିଏମ୍ ସୂର୍ଯ୍ୟଘର ଯୋଜନାରେ ରାଜ୍ୟରେ ଅଧିକ ଲୋକଙ୍କୁ ସାମିଲ୍ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା । ବୈଠକରେ ଶକ୍ତି ବିଭାଗର ବଜେଟ୍ ଖର୍ଚ୍ଚ ଅତିକମରେ ୮୫ ପ୍ରତିଶତ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଖରାଦିନେ ସାଧାରଣତଃ ଓଭରଲୋଡିଂ ସମସ୍ୟା ଯୋଗୁଁ ବିଦ୍ୟୁତ୍ କାଟ ହୋଇଥାଏ। ଏହାକୁ ପ୍ରତିହତ କରିବା ପାଇଁ ଫିଡର ଓ ଟ୍ରାନ୍ସଫରମର୍ ଗୁଡ଼ିକୁ ଅପଗ୍ରେଡ୍ କରିବା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ। ବିଦ୍ୟୁତ୍ ଯୋଗାଣ କ୍ଷେତ୍ରରେ ଏକ ସୁଦୃଢ଼ ବ୍ୟାକ୍‌ଅପ୍ ବ୍ୟବସ୍ଥା ରଖିବା ପାଇଁ ମଧ୍ୟ ସେ କହିଥିଲେ । ପିକ୍ ସମୟର ଚାହିଦାକୁ ମେଣ୍ଟାଇବା ପାଇଁ ବିଭିନ୍ନ ଶକ୍ତି ଉତ୍ପାଦନକାରୀ କମ୍ପାନୀମାନଙ୍କ ସହିତ ଆଲୋଚନା କରି ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ଶକ୍ତି ଉପଲବ୍ଧ କରିବାକୁ ସେ ପରାମର୍ଶ ଦେଇଥିଲେ । ଆବଶ୍ୟକ ସ୍ଥଳେ କେନ୍ଦ୍ର ସରକାରଙ୍କ ସାହାଯ୍ୟ ନେବାପାଇଁ ମଧ୍ୟ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଉପଭୋକ୍ତାଙ୍କ ସୁବିଧା ପାଇଁ ବିଦ୍ୟୁତ୍ କାଟ ସମୟରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ବ୍ୟବସ୍ଥାକୁ ସଂପୂର୍ଣ୍ଣ ଭାବେ କ୍ରିୟାଶୀଳ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ । ଖରାଦିନ ପାଇଁ ରାଜ୍ୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ କାର୍ଯ୍ୟରତ ସମସ୍ତ ବିଦ୍ୟୁତ୍ ବିତରଣ କମ୍ପାନୀ ସଜାଗ ରହିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ ଅନାବଶ୍ୟକ ଭାବେ ହେଉଥିବା ବିଦ୍ୟୁତ୍ ଶକ୍ତିର ଅପଚୟକୁ ରୋକିବା ପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ସଚିବଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଆଗାମୀ ଦିନରେ ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ ସେନ୍‌ସରଯୁକ୍ତ ବିଦ୍ୟୁତ୍ ଉପକରଣ ବ୍ୟବହାର କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ । ଏହାଦ୍ୱାରା ଆମର ଶକ୍ତି ସଂରକ୍ଷଣ ହୋଇପାରିବ ବୋଲି ସେ କହିଥିଲେ । ପିଏମ୍ ସୂର୍ଯ୍ୟଘର ଯୋଜନାରେ ଅଧିକ ସଂଖ୍ୟକ ଲୋକଙ୍କୁ ସାମିଲ କରିବା ପାଇଁ ରାଜ୍ୟରେ ବ୍ୟାପକ ସୂଚନା ଅଭିଯାନ କରିବାକୁ ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ବୈଠକରେ ଉପ-ମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ ଦେବ, ଓପିଟିସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାସ୍କର ଜ୍ୟୋତି ଶର୍ମା, ରାଜ୍ୟର ଚାରୋଟି ଯାକ ବିଦ୍ୟୁତ ବିତରଣ କମ୍ପାନୀର ସିଇଓ ଏବଂ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଖାରବେଳ ଭବନ ତଦାରଖ ପାଇଁ ଗୃହ ଏବଂ ନଗର ଉନ୍ନୟନ ବିଭାଗକୁ ଦାୟିତ୍ୱ



**ଭୁବନେଶ୍ୱର,୩।୩(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ପକ୍ଷରୁ ଖାରବେଳ ଭବନରେ ଉପଲବ୍ଧ ସୁବିଧାଗୁଡ଼ିକର ସାମଗ୍ରିକ ତଦାରଖ ଓ ପରିଚାଳନା ପାଇଁ ଗୃହ ଏବଂ ନଗର ଉନ୍ନୟନ ବିଭାଗକୁ ନୋଡାଲ ବିଭାଗ ଭାବେ ମନୋନୀତ କରାଯାଇଛି। ଖାରବେଳ ଭବନରେ ଉପଲବ୍ଧ ଭିତ୍ତିଭୂମି ଓ ସୁବିଧାଗୁଡ଼ିକର ସମନ୍ୱିତ ତଦାରଖର ବର୍ଦ୍ଧିତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏପରି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ସମ୍ପ୍ରତି ଖାରବେଳ ଭବନ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ କେନ୍ଦ୍ର ଭାବେ କାର୍ଯ୍ୟ କରୁଛି। ସେଠାରେ ୧୧ଟି ସରକାରୀ ବିଭାଗ ଓ ୬୦୦ରୁ ଅଧିକ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ସେଠାରେ ଏକ ଅନୁକୂଳ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବା ପାଇଁ ପାର୍କିଂ, ଉଦ୍ୟାନ ଓ ପରିଷ୍କାର ପରିଚ୍ଛନ୍ନତା ସେବା ସମେତ ଅନେକ ଅତ୍ୟାବଶ୍ୟକୀୟ ସୁବିଧାର ବ୍ୟବସ୍ଥା ରହିଛି। ଏଥିସହ କର୍ମଚାରୀ ଓ ପରିଦର୍ଶକଙ୍କ ପାଇଁ ଆଗାମୀ ଦିନରେ ସୁବିଧାକୁ ଆହୁରି ବଢ଼ାଇବା ପାଇଁ ସରକାର ଏକ କ୍ୟାଣ୍ଟିନ୍ ଓ କ୍ରେଚ୍ ଭଳି ନୂତନ ବ୍ୟବସ୍ଥାର ବିକାଶ କଳ୍ପନା କରିଛନ୍ତି। ଏହି ସୁବିଧାଗୁଡ଼ିକର ରକ୍ଷଣାବେକ୍ଷଣ ଏବଂ ଉନ୍ନତି ପାଇଁ ଏକ ନିର୍ଦ୍ଦିଷ୍ଟ ଆଭିମୁଖ୍ୟର ଆବଶ୍ୟକତା ଦୃଷ୍ଟିରୁ ସରକାର ଖାରବେଳ ଭବନ ପରିସରରେ ସମସ୍ତ ଉପଲବ୍ଧ ସେବା ଏବଂ ଯୋଜନାବଦ୍ଧ ଭବିଷ୍ୟତ ବିକାଶର ତଦାରଖ କରିବାର ଦାୟିତ୍ୱ ଗୃହ ଏବଂ ନଗର ଉନ୍ନୟନ ବିଭାଗକୁ ଦେଇଛନ୍ତି।

# ଜଂଘରେ ଜଗନ୍ନାଥଙ୍କ ଟାଟୁ ମାମଲାରେ ୨ଗିରଫ

● ଜଗନ୍ନାଥପ୍ରେମୀଙ୍କ ବିକ୍ଷୋଭ

● ବଡ଼ଦାଣ୍ଡରେ ଆଣ୍ଠେଇକି କ୍ଷମା ମାଗିବାକୁ ଦାବି



**ଭୁବନେଶ୍ୱର,୩।୩(ସଂଚାର ବ୍ୟୁରୋ):** କୋଟି କୋଟି ଓଡ଼ିଆଙ୍କ ମଉଡ଼ମଣୀ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅପମାନିତ କରି ଶରୀରର ସମ୍ବେଦନଶୀଳ ସ୍ଥାନରେ ଟାଟୁ କରିଥିଲେ ଜନୈକା ବିଦେଶିନୀ। ତେବେ ଉକ୍ତ ଟାଟୁ ଫଟୋ ଓ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ ହେବା ପରେ ଏହାକୁ ନେଇ ବିଭିନ୍ନ ମହଲରେ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଥାନାରେ ପହଞ୍ଚିଛି ମାମଲା। ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି ନେଇ ସ୍ଥାନୀୟ ସହିଦ ନଗର ଥାନାରେ ଏକ ମାମଲା ରୁଜୁ କରାଯାଇଛି। ତା'ଛଡ଼ା ଥାନା ସମ୍ମୁଖରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ପୁଲିସ୍ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଟାଟୁ ବନାଇଥିବା ଆର୍ଟିଷ୍ଟ ଟାଟୁ ଆର୍ଟିଷ୍ଟ ତଥା ଦୋକାନ ମାଲିକ ରକି ଓରଫ ରକି ରଞ୍ଜନ ବିଷୋୟୀ ଏବଂ ତାଙ୍କ ସହଯୋଗୀ ଅଶ୍ୱିନୀ ପ୍ରଧାନ। ଧାର୍ମିକ ଭାବନା ପ୍ରତି କୁଠାରାଘାତ କରିଥିବା ଅଭିଯୋଗରେ ସେମାନଙ୍କୁ ଗିରଫ କରାଯାଇଛି। ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଧାରା ୨୯୯ ଓ ୧୯୬ରେ ମାମଲା ରୁଜୁ ହୋଇଛି। ଏହା ପୂର୍ବରୁ ଶ୍ରୀ ବିଷୋୟୀ ଏପରି ଏକ ଟାଟୁ କରିଥିବାରୁ ଭିଡିଓ ମାଧ୍ୟମରେ କ୍ଷମା ପ୍ରାର୍ଥନା ବି କରିଥିଲେ। ତା'ଛଡ଼ା ସମ୍ପୃକ୍ତ ବିଦେଶିନୀ ମଧ୍ୟ ଭିଡିଓ ବାର୍ତ୍ତାରେ କ୍ଷମା ମାଗିଛନ୍ତି। ଭିଡିଓ ବାର୍ତ୍ତାରେ ସମ୍ପୃକ୍ତ ବିଦେଶିନୀ ନିଜକୁ ପ୍ରଭୁ ଜଗନ୍ନାଥଙ୍କ ଭକ୍ତ କହିବା ସହ ଏପରି ଟାଟୁ କରାଇବା ପଛରେ କଦାପି ପ୍ରଭୁଙ୍କ ଅସମ୍ମାନ ଉଦ୍ଦେଶ୍ୟ ନଥିଲା। ତେବେ ଏପରି ଏକ ଭୁଲ୍ ପାଇଁ ସେ କ୍ଷମାପ୍ରାର୍ଥୀ ଓ ଏଥିପାଇଁ ସେ ଅନୁତପ୍ତ ବୋଲି କହିବା ସହ ଉକ୍ତ ବିଦେଶିନୀ ଜଣଙ୍କ ଖୁବ୍‌ଶୀଘ୍ର ଏହି ଟାଟୁକୁ ହଟାଇଦେବେ ବୋଲି କହିଥିଲେ। ସେହିପରି ଶ୍ରୀ ବିଷୋୟୀ ଭିଡିଓ ବାର୍ତ୍ତାରେ କହିଥିଲେ ଯେ ଷ୍ଟୁଡିଓରେ ଗୋଟିଏ ବଡ଼ ଭୁଲ ହୋଇଯାଇଛି। ଜଣେ ବିଦେଶିନୀ ଆସିଥିଲେ। ସେ ଜଗନ୍ନାଥଙ୍କୁ ବହୁତ ଭଲ ପାଆନ୍ତି ବୋଲି କହିଥିଲେ। କିନ୍ତୁ ଏନଜିଓରେ କାମ କରୁଥିବାରୁ ଟାଟୁ କରିବା ପାଇଁ ତାଙ୍କୁ ଅନୁମତି ନାହିଁ। ତେଣୁ ସମସ୍ତଙ୍କୁ ଲୁଚାଇ ରଖିବା ଉଦ୍ଦେଶ୍ୟରେ ସେ ସମ୍ବେଦନଶୀଳ ସ୍ଥାନରେ ଟାଟୁ କରିବାକୁ କହିଥିଲେ। ଏହାଦ୍ୱାରା ସେ ପ୍ରତିଦିନ ଠାକୁରଙ୍କ ଦର୍ଶନ କରିପାରିବେ ବୋଲି କହିଥିଲେ। ତାଙ୍କ ଦୋକାନର ଆର୍ଟିଷ୍ଟ ଏପରି କରିବାକୁ ମନା କରିଥିଲେ ହେଁ ମହିଳା ଜଣଙ୍କ ବାଧ୍ୟ କରିବାରୁ ଶେଷରେ ଏପରି ଟାଟୁ କରିଥିଲେ। କିନ୍ତୁ ସେ ମସ୍ତବଡ଼ ଭୁଲ୍ କରିଛନ୍ତି, ଯେଉଁଥିପାଇଁ ଦୋକାନ ମାଲିକ ଭାବେ ସେ କ୍ଷମା ପ୍ରାର୍ଥନା କରୁଛନ୍ତି ବୋଲି ଶ୍ରୀ ବିଷୋୟୀ କହିଥିଲେ। ଅନ୍ୟପକ୍ଷରେ ଜଗନ୍ନାଥପ୍ରେମୀ ଏହି ଘଟଣାକୁ ନିନ୍ଦା କରି ଆଜି ସହିଦନଗରସ୍ଥିତ ଟାଟୁ ଦୋକାନ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଶ୍ରୀମନ୍ଦିର ସମ୍ମୁଖରେ ଆଣ୍ଠେଇକି କ୍ଷମା ପ୍ରାର୍ଥନା କରିବାକୁ ଜଗନ୍ନାଥପ୍ରେମୀ ଦାବି କରିଥିଲେ। ସେମାନଙ୍କ ଅଭିଯୋଗ କ୍ରମେ ପୁଲିସ୍ ମାମଲା ରୁଜୁ କରିବା ସହ ଉପରୋକ୍ତ ଗିରଫଦାରୀ କରିଛି।

# କୌଶିକ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କ ଓଏସ୍‌ଡି



**ଭୁବନେଶ୍ୱର,୩।୩(ସଂଚାର ବ୍ୟୁରୋ):** କେନ୍ଦୁଝର ବାଂଶପାଳରେ ତହସିଲଦାର ଭାବେ ନିଯୁକ୍ତ ଥିବା ଓଏଏସ୍ ଅଧିକାରୀ କୌଶିକ ପଟ୍ଟନାୟକଙ୍କୁ ଆଜି ମୁଖ୍ୟମନ୍ତ୍ରୀଙ୍କ ଓଏସ୍‌ଡି ଭାବେ ନିଯୁକ୍ତି ଦିଆଯାଇଛି। ଏନେଇ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ଆଜି ୧୮ ଜଣ ଓଏଏସ୍ ଅଧିକାରୀଙ୍କ ବଦଳି ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଏଥିରେ କୌଶିକଙ୍କ ନାମ ଉଲ୍ଲେଖ ରହିଛି। କୌଶିକଙ୍କର ସାଧାରଣ ପ୍ରଶାସନ ବିଭାଗକୁ ବଦଳି କରାଯିବା ସହ ଉପରୋକ୍ତ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯାଇଛି। ପୂର୍ବରୁ କେନ୍ଦୁଝର ଏଡିଏମ ଥିବା ଆଲୋକ ପ୍ରଧାନଙ୍କୁ ବଦଳି କରାଯାଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଯୁଗ୍ମ ସଚିବ କେନ୍ଦୁଝର ଉପଜିଲ୍ଲାପାଳ ଥିବା ତ୍ରିଲୋଚନ ମହାନ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦିଆଯାଇସାରିଛି।

● ଉପଖଣ୍ଡ ଡାକ୍ତରଖାନାରେ ଅବ୍ୟବସ୍ଥା

# ପ୍ରତିବାଦରେ ଯୁବକଙ୍କ ଗଣଧାରଣା

**ନୀଳଗିରି,୩।୩(ସଂଚାର ବ୍ୟୁରୋ):** ଉପଖଣ୍ଡ ହସ୍ପିଟାଲରେ ନାହିଁ ମୌଳିକ ଚିକିତ୍ସା ସୁବିଧା। ଏଠାରେ ୪୯ ଡାକ୍ତରଙ୍କ ଆବଶ୍ୟକତା ରହିଛି, ହେଲେ ଏବେ କାମ କରୁଛନ୍ତି ମାତ୍ର ଦୁଇ ଜଣ। ଏମରଜେନ୍ସି ସମୟରେ ଡାକ୍ତରଙ୍କ ଦେଖା ମିଳୁନାହିଁ। ସମସ୍ତଙ୍କ ପାଇଁ ସମାନ ଔଷଧ ବି ଲେଖାଯାଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ହସ୍ପିଟାଲରେ ଏଭଳି ନାନାଦି ଅବ୍ୟବସ୍ଥା ଲାଗି ରହିଥିଲେ ମଧ୍ୟ ଏହାର ସମାଧାନ ପ୍ରତି କେହି ଦୃଷ୍ଟି ଦେଉନଥିବାରୁ ଏହା ପ୍ରତିବାଦରେ ଆଜି ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାନୀୟ ଅଞ୍ଚଳର ଯୁବକମାନେ ଗଣଧାରଣା ଦେଇଥିବା ଜଣାପଡ଼ିଛି। ସେମାନେ ଅଭିଯୋଗ କରିଛନ୍ତି ଯେ ହସ୍ପିଟାଲରେ ନର୍ସ, ଫାର୍ମାସିଷ୍ଟ, ଆଟେଣ୍ଡାଣ୍ଟ ଓ ଅନ୍ୟ କର୍ମଚାରୀ ପଦବୀ ମଧ୍ୟ ଦୀର୍ଘଦିନ ହେଲା ଖାଲି ପଡ଼ିଛି। ଫଳରେ ଦିନକୁ ଦିନ ଏଠାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ଯାଉଛି। ସାମାନ୍ୟ ରୋଗ ପାଇଁ ଏଠାରେ ରୋଗୀଙ୍କୁ ଅନ୍ୟତ୍ର ରେଫର କରାଯାଉଛି। ଡାକ୍ତରମାନଙ୍କ ସକାଶେ ସରକାରୀ ବାସଭବନର ସୁବିଧା ଥିଲେ ମଧ୍ୟ ସେମାନେ ସେଠାରେ ରାହୁନାହାନ୍ତି। ତେଣୁ ଏଠାକୁ ଆସୁଥିବା ରୋଗୀମାନେ ଯାବତୀୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏଭଳି ଅବ୍ୟବସ୍ଥାକୁ ଦୂର କରିବା ସହ ଉପଖଣ୍ଡ ଚିକିତ୍ସାଳୟରେ ଉନ୍ନତ ମାନର ରୋଗୀ ଚିକିତ୍ସା ଯୋଗାଇଦେବା ଦାବି ନେଇ ଗଣଧାରଣାରେ ବସିଥିବା ଯୁବକମାନଙ୍କ ସହ ବାଲେଶ୍ୱର ମେଡିକାଲ ଅଫିସର ଓ ନୀଳଗିରି ଏସଡିଏମଓ ଆଲୋଚନା କରିଛନ୍ତି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଯୁବକମାନେ ଧାରଣାରୁ ଓହରି ନଥିବା ଜଣାପଡ଼ିଛି।



● ପଞ୍ଚାୟତିରାଜ ଦିବସ ତାରିଖ ବଦଳିବା ପ୍ରସଙ୍ଗ

# ରାଜ୍ୟ ସରକାରଙ୍କ ଅସୂୟାଭାବର ପରିଚୟ: ବିଜେଡି



**ଭୁବନେଶ୍ୱର,୩।୩(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିନରେ ପାଳିତ ହେଉଥିବା ପଞ୍ଚାୟତିରାଜ ଦିବସକୁ ଏପ୍ରିଲ୍ ୨୪ ତାରିଖକୁ ଘୁଞ୍ଚାଇ ଦେବା ନିଷ୍ପତ୍ତିକୁ ବିଜେଡି ରାଜ୍ୟ ସରକାରଙ୍କ ଅସୂୟାଭାବ ବୋଲି କହିଛି। ଏଠଶରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର ଓ କାର୍ଯ୍ୟକ୍ରମ ରୂପାୟନ କମିଟି ଆବାହକ ସଞ୍ଜୟ କୁମାର ଦାସବର୍ମା ରାଜ୍ୟ ତଥା ଦେଶରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରତିଷ୍ଠାର ମୁଖ୍ୟ କର୍ଣ୍ଣଧାର ବିଜୁ ବାବୁ ଥିଲେ ବୋଲି କହିଛନ୍ତି। ଶ୍ରୀ ମିଶ୍ର କହିଛନ୍ତି ଯେ ଡଃ ବଳବନ୍ତ ରାୟ ମେହେଟ୍ଟା ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାର ଜନକ ହୋଇଥିବା ବେଳେ ଏହାର ସଫଳ ରୂପାୟନ କ୍ଷେତ୍ରରେ ବିଜୁବାବୁଙ୍କ ଅବଦାନ ଅତୁଳନୀୟ। ୧୯୬୧ରେ ମୁଖ୍ୟମନ୍ତ୍ରୀ ହେବା ପରେ ବିଜୁବାବୁ ପଞ୍ଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ ଗ୍ରାମାଞ୍ଚଳରେ ମାନବ ସମ୍ବଳ ଓ କୁଟୀର ଶିଳ୍ପର ବିକାଶ ଦିଗରେ କାର୍ଯ୍ୟ ଆରମ୍ଭ କରିଥିଲେ। ସେହିପରି ୧୯୯୦ରେ ଦ୍ୱିତୀୟ ପାଳିରେ ସେ ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ମୂଳଦୁଆ ପକାଇଥିଲେ। ତାଙ୍କ ଦୂରଦୃଷ୍ଟିସମ୍ପନ୍ନ ନିଷ୍ପତ୍ତି ଯୋଗୁଁ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ଏକ-ତୃତୀୟାଂଶ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ହୋଇପାରିଥିଲା। ଏହି ଅବଦାନ ପାଇଁ ବିଜୁବାବୁଙ୍କ ଜନ୍ମଦିନକୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରାଯାଇଆସୁଛି। କିନ୍ତୁ ବିଜୁବାବୁଙ୍କ ଭଳି ୩ଟି ଦେଶର ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରିଥିବା ରାଷ୍ଟ୍ରନୀତିଜ୍ଞଙ୍କ ଅବଦାନକୁ ସମ୍ମାନ ଦେବାକୁ କୁଣ୍ଠାବୋଧ କରି ବିଜେପି ସରକାର ଅସୂୟାଭାବର ପରିଚୟ ଦେଇଛି ବୋଲି ଶ୍ରୀ ମିଶ୍ର କହିଛନ୍ତି।

# ନୂଆ ଫର୍ମୁଲା-ବହୁ ରାସନକାର୍ଡ କଟିବ

**ଭୁବନେଶ୍ୱର,୩।୩:** ଅଧିକ ଉପାର୍ଜନ କରୁଥିବା ବ୍ୟକ୍ତି ବିଶେଷଙ୍କ ରାସନକାର୍ଡ କାଟିବାପାଇଁ ସରକାରଙ୍କ ପକ୍ଷରୁ ଯେଉଁ ଘୋଷଣା କରାଯାଇଛି ତାହା କାର୍ଯ୍ୟକାରୀ କରାଗଲେ ସଂଖ୍ୟାଧିକ ଶ୍ରମିକ ମାଗଣା ଚାଉଳ ପାଇବାରୁ ବଞ୍ଚିତ ହେବେ ଏବଂ ଏଥିଯୋଗୁଁ ସେମାନଙ୍କୁ ବିଏସକେୱାଇ ସମେତ ଅନ୍ୟାନ୍ୟ ସୁବିଧା ସୁଯୋଗ ମଧ୍ୟ ହରାଇବାକୁ ପଡିପାରେ ବୋଲି ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଅଭିଯୋଗ ହେଉଛି । ଏଠାରେ ଉଲ୍ଲେଖନୀୟ ଯେ ଗ୍ରାମାଞ୍ଚଳରେ ଯେଉଁମାନଙ୍କ ମାସିକ ହାରାହାରି ଆୟ ୧୦,୦୦୦ ଟଙ୍କା ଓ ସହରାଞ୍ଚଳରେ ୧୫,୦୦୦ ଟଙ୍କାରୁ ଅଧିକ ସେମାନେ ସ୍ୱେଚ୍ଛାକୃତ ଭାବେ ରାସନକାର୍ଡ ଫେରାଇ ଦେବାପାଇଁ ନିକଟରେ ଖାଦ୍ୟ ଓ ଯୋଗାଣମନ୍ତ୍ରୀ ବିବୃତ୍ତି ଜାରି କରିଛନ୍ତି । ଏହା କରାନଗଲେ ବିଧି ବ୍ୟବସ୍ଥା ଅନୁଯାୟୀ ରାସନକାର୍ଡ ତାଲିକାରୁ ସେମାନଙ୍କ ନାମ କାଟି ଦିଆଯିବ ବୋଲି ମଧ୍ୟ ଚେତାବାନୀ ଦିଆଯାଇଛି । ରାଜ୍ୟ ସରକାର ଗତ ମାର୍ଚ୍ଚ ୧୩ତାରିଖ ଓ ପରବର୍ତ୍ତୀ ସମୟରେ ଜୁଲାଇ ୧୦ତାରିଖରେ ଯେଉଁ ନିଷ୍ପତ୍ତି ନେଇଛନ୍ତି ତଦନୁଯାୟୀ ଅଣକୁଶଳୀ ଶ୍ରମିକମାନଙ୍କ ସର୍ବନିମ୍ନ ଦୈନିକ ମଜୁରୀ ୪୫୦ ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ ଅର୍ଦ୍ଧକୁଶଳୀ ଶ୍ରମିକଙ୍କର ଦୈନିକ ୫୦୦ଟଙ୍କା, କୁଶଳୀ ଶ୍ରମିକଙ୍କର ୫୫୦ ଟଙ୍କା ଓ ଅତି କୁଶଳୀ ଶ୍ରମିକମାନଙ୍କ ପାଇଁ ୬୦୦ ଟଙ୍କା କରି ଧାର୍ଯ୍ୟ କରାଯାଇଛି । ଏହି ହାରରେ ଜଣେ ଜଣେ ଶ୍ରମିକ ଯଦି ମାସ ସାରା କାମ ପାଆନ୍ତି ତେବେ ଅଣକୁଶଳୀଙ୍କ ଠାରୁ ଅତି କୁଶଳୀଙ୍କ ପର୍ଯ୍ୟନ୍ତ ବିଭିନ୍ନ ବର୍ଗର ଶ୍ରମିକମାନଙ୍କ ମାସିକ ଆୟ ପରିମାଣ ୧୦ହଜାର ଟଙ୍କାରୁ ଅଧିକ କରି ରହିବ । ଏମିତିକି କ୍ଷେତ୍ର ବିଶେଷରେ ଏହା ୧୫ ରୁ ୧୮ହଜାର ଟଙ୍କ ପର୍ଯ୍ୟନ୍ତ ହେବ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ପଡିକାର୍ଡ ଉପଭୋକ୍ତାଙ୍କ ପାଇଁ ଯେଉଁ ମାସିକ ଆୟ ସୀମା ଧାର୍ଯ୍ୟ କରିଛନ୍ତି ସେହି ଭିତ୍ତିରେ ଯଦି ରାସନକାର୍ଡରୁ ହିତାଧିକାରୀମାନଙ୍କ ନାମ କଟାଯାଏ ତେବେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କାମଧନ୍ଦା କରି କଷ୍ଟେ ମଷ୍ଟେ ଚଳୁଥିବା ଲକ୍ଷ ଲକ୍ଷ ଶ୍ରମିକଙ୍କ ନାମ ରାସନକାର୍ଡରୁ କଟିଯିବ । ଫଳରେ ସେମାନେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଓ ରାଜ୍ୟ ସରକାରଙ୍କ ଖାଦ୍ୟ ନିରାପତ୍ତା ଯୋଜନାରେ ଆଉ ମୁଣ୍ଡପିଛା ମାସିକ ୫ କିଲୋ କରି ମାଗଣା ଚାଉଳ ପାଇପାରିବେ ନାହିଁ । (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ବଢ଼ିଲା ସୁନା ଦର

ଦିନକୁ ଦିନ ନୂଆ ରେକର୍ଡ ଛୁଇଁ ଚାଲିଛି ସୁନା ଦର। କିନ୍ତୁ ଆଜି ସୁନା ମୂଲ୍ୟରେ କିଛି ପରିବର୍ତ୍ତନ ଆସିଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୬ ହଜାର ୬୨୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୭୯, ୪୦୦ ଟଙ୍କା ଛୁଇଁଛି। ସେହିପରି ଆଜି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନାଦର ୭୯ ହଜାର ୪୦୦ ଟଙ୍କା ରହିଥିବା ବେଳେ ୨୪ କ୍ୟାରେଟ୍ ସୁନାଦର ୮୬ ହଜାର ୬୨୦ ହୋଇଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୯,୪୦୦ ଟଙ୍କା ଓ ୮୬,୬୨୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୯, ୫୫୦ ଟଙ୍କା ଓ ୮୬, ୭୭୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୯,୪୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୬, ୬୨୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୯,୪୦୯ ଓ ୮୬,୬୨୦ ଟଙ୍କା ରହି..ଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୯୭,୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୩୯ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୯୬ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ବିଟ୍‌କଏନ୍‌ର ଚମକ କମିଲା: ମୂଲ୍ୟ ୭୮ ହଜାର ଡଲାରକୁ ହ୍ରାସ

**ମୁମ୍ବାଇ,୩।୩:** ଦେଶର ସବୁଠୁ ଚର୍ଚ୍ଚିତ କ୍ରିପ୍ଟୋକରେନ୍ସି ବିଟକଏନ ପୁଣି ଥରେ ଏହାର ଚମକ ହରାଇଛି। ଗତବର୍ଷ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପ ବିଜୟୀ ହେବା ଓ ଚଳିତ ବର୍ଷ ଶପଥ ଗ୍ରହଣ କରିବା ମଧ୍ୟରେ ଏହାର ଦାମ୍ ଦ୍ରୁତ ଗତିରେ ବୃଦ୍ଧି ପାଇ ୧ ଲକ୍ଷ କୋଟି ଡଲାରରୁ ଅଧିକ ହୋଇଥିଲା। କିନ୍ତୁ ବିଭିନ୍ନ ଦେଶ ଉପରେ ଶୁଳ୍କ ଲଗାଇବା ଲାଗି ଟ୍ରମ୍ପ ଆରମ୍ଭ କରିଥିବା ଅଭିଯାନ ବିଟ୍‌କଏନର ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦେଇଛି। ଗତ କିଛି ଦିନ ହେଲାଣି ଏହାର ମୂଲ୍ୟ ହ୍ରାସ ପାଉଛି। ବର୍ତ୍ତମାନ ବିଟକଏନର ଦାମ ୭୮,୨୨୬ ଡଲାର ରହିଛି। ଛଅ ସପ୍ତାହ ପୂର୍ବେ ବିଟକଏନର ଯାହା ଦାମ ଥିଲା, ସେଥିରେ ବର୍ତ୍ତମାନ ସୁଦ୍ଧା ୨୮ ପ୍ରତିଶତର ହ୍ରାସ ଘଟିଛି। କେବଳ ଫେବ୍ରୁଆରିରେ ଏହାର ମୂଲ୍ୟ ୧୮ ପ୍ରତିଶତ କମ ହୋଇଛି। ୨୦୨୨ ଜୁନ ପରଠାରୁ କୌଣସି ଗୋଟିଏ ମାସରେ ଏହାର ମୂଲ୍ୟରେ ତାହା ଥିଲା ସର୍ବବୃହତ ହ୍ରାସ। ଗତ ଗୁରୁବାର ଟ୍ରମ୍ପ କହିଥିଲେ ଯେ ମାର୍ଚ୍ଚ



୪ରୁ କାନାଡା ଓ ମେକ୍ସିକୋ ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗୁ କରାଯିବ। ଚୀନ ଉପରେ ଅତିରିକ୍ତ ୧୦ ପ୍ରତିଶତ ଶୁଳ୍କ ଲଗାଯିବ। ବାଣିଜ୍ୟକୁ ନେଇ ଟ୍ରମ୍ପ ଯେଉଁ ଉତ୍ତେଜନାମୂଳକ ସ୍ଥିତି ଆରମ୍ଭ କରିଛନ୍ତି, ତାହାର ପ୍ରଭାବରେ ଏସିଆଠାରୁ ଆରମ୍ଭ କରି ୟୁରୋପ ପର୍ଯ୍ୟନ୍ତ ଷ୍ଟକ ବଜାରଗୁଡ଼ିକ ପ୍ରଭାବିତ ହୋଇଛି। କ୍ରିପ୍ଟୋକରେନ୍ସି ଭଳି ଅନ୍ୟ ସମ୍ପତ୍ତିଗୁଡ଼ିକ ମଧ୍ୟ ପ୍ରଭାବିତ ହୋଇଛନ୍ତି। ବିଟକଏନ ନିବେଶକମାନେ ତାହା ବିକ୍ରି କରୁଛନ୍ତି। ବିକ୍ରିର ମାତ୍ରା ଆଶାଠାରୁ ଅଧିକ ହୋଇଛି। ଆମେରିକା ରାଷ୍ଟ୍ରପତି ନିର୍ବାଚନ ସମୟରେ ଟ୍ରମ୍ପ ବିଟକଏନ ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ସେ ନିର୍ବାଚନୀ ପାଣ୍ଠିକୁ ଡିଜିଟାଲ ମୁଦ୍ରା ଜରିଆରେ ସଂଗ୍ରହ କରିଥିଲେ। ରାଷ୍ଟ୍ରପତି ହେବା ପରେ କ୍ରିପ୍ଟୋକୁ ନେଇ ସ୍ୱତନ୍ତ୍ର ନୀତି ଆସିବ ବୋଲି ଆଶା କରାଯାଉଛି। କିନ୍ତୁ ସେ ଦିଗରେ କିଛି କାମ ହୋଇନାହିଁ। ଟ୍ରମ୍ପଙ୍କ ମୁହଁରୁ ଏଭଳି କିଛି ଶବ୍ଦ କିମ୍ବା ବାକ୍ୟ ବାହାରି ନାହିଁ, ଯାହା କ୍ରିପ୍ଟୋଦୁନିଆକୁ ଖୁସି କରିବ।

## ଶହେ ମେଧାବୀଙ୍କୁ ରିଲାଏନ୍ସ ଫାଉଣ୍ଡେଶନ୍ ପିଜିଏସ୍

ମୁମ୍ବାଇ,୩।୩: ରିଲାଏନ୍ସ ଫାଉଣ୍ଡେଶନ୍‌ର ବହୁ ପ୍ରତୀକ୍ଷିତ ପୋଷ୍ଟଗ୍ରାଜୁଏଟ୍ ସ୍କଲାରଶିପ୍ (ପିଜିଏସ ୨୦୨୪-୨୫) ର ଫଳାଫଳକୁ ନିକଟରେ ଘୋଷଣା କରାଯାଇଛି। ଏପରିକି ଇଞ୍ଜିନିୟରିଂ, ଟେକ୍ନୋଲୋଜି, ଶକ୍ତି ଏବଂ ଲାଇଫ ସାଇନ୍ସ ବିଷୟରେ ଅଧ୍ୟୟନ କରୁଥିବା ୧୦୦ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ଏହି ମେଧାବୃତ୍ତି ପ୍ରଦାନ କରାଯାଇଛି। ଚଳିତ ବର୍ଷ ଜାତୀୟ ବିଜ୍ଞାନ ଦିବସ ଅବସରରେ ଉକ୍ତ ବୃତ୍ତି ଫଳାଫଳକୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି, ଯାହା ବିଜ୍ଞାନ ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବା ଦିଗରେ ଫାଉଣ୍ଡେଶନର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଅପରପକ୍ଷରେ ଛାତ୍ରବୃତ୍ତି ଅଧୀନରେ ମନୋନୀତ ଛାତ୍ରୀଛାତ୍ରମାନଙ୍କୁ ୬ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା, ପରାମର୍ଶଦାତା, ଇଣ୍ଡଷ୍ଟ୍ରି ଏକ୍ସପୋଜର ଏବଂ ଗବେଷଣା ସୁଯୋଗ ପ୍ରଦାନ କରାଯିବ। ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି,ଦେଶର ପ୍ରତିଭାବାନ ବୈଜ୍ଞାନିକ, ଇଞ୍ଜିନିୟର୍ ଏବଂ ଅନୁସନ୍ଧାନକାରୀ ବା ଗବେଷକମାନଙ୍କୁ ସଶକ୍ତ କରିବା, ଯାହାଦ୍ୱାରା ସେମାନେ ଭାରତର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ କରିପାରିବେ। ଚଳିତ ବର୍ଷ ସାରା ଦେଶର ୪୪ ଟି ପ୍ରମୁଖ ଅନୁଷ୍ଠାନରୁ ଛାତ୍ରୀଛାତ୍ରୀ ଚୟନ କରାଯାଇଥିଲା। ଚୟନ ପ୍ରକ୍ରିୟାରେ ଛାତ୍ରୀଛାତ୍ରମାନଙ୍କ ଶିକ୍ଷାଗତ ଉତ୍କର୍ଷ, ନେତୃତ୍ୱ କ୍ଷମତା ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ଯୋଗଦାନ ଦିଗରେ ପ୍ରତିବଦ୍ଧତାକୁ ପ୍ରାଧାନ୍ୟ ଦିଆଯାଇଥିଲା। ଏପରିକି ୮ଟି ବିଭାଗର ଛାତ୍ରମାନଙ୍କୁ ଏହି ଛାତ୍ରବୃତ୍ତି ପ୍ରଦାନ କରାଯାଇଛି, ଯାହା ମଧ୍ୟରେ କମ୍ପ୍ୟୁଟର ସାଇନ୍ସ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ଲାଇଫ୍ ସାଇନ୍ସେସ୍, ଇଲେକ୍ଟ୍ରିକାଲ୍ ଏବଂ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂ, ମେକାନିକାଲ୍ ଇଞ୍ଜିନିୟରିଂ, ଅକ୍ଷୟ ଏବଂ ନୂତନ ଶକ୍ତି, କେମିକାଲ ଇଞ୍ଜିନିୟରିଂ, ଗଣିତ ଏବଂ କମ୍ପ୍ୟୁଟିଙ୍ଗ ଭଳି ବିଷୟ ସାମିଲ ରହିଛି। ଏ ସମ୍ପର୍କରେ ରିଲାଏନ୍ସ ଫାଉଣ୍ଡେଶନର ମୁଖପାତ୍ର କହିଛନ୍ତି, ଜାତୀୟ ବିଜ୍ଞାନ ଦିବସରେ ଆମେ ଜ୍ଞାନ ଏବଂ ନବସୃଜନର ଶକ୍ତିର ଉତ୍ସବ ପାଳନ କରୁଛୁ। ରିଲାଏନ୍ସ ଫାଉଣ୍ଡେଶନ ଯୁବ ପ୍ରତିଭାମାନଙ୍କୁ ସଶକ୍ତ କରିବାକୁ ପ୍ରତିବଦ୍ଧ ରହିଛୁ, ଯେଉଁମାନେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତର ଭବିଷ୍ୟତ ସ୍ଥିର କରିବେ। ଆମର ଛାତ୍ରବୃତ୍ତିଧାରୀମାନେ ଜିଜ୍ଞାସା ଏବଂ ଉତ୍କର୍ଷର ପ୍ରତୀକ ଏବଂ ସେମାନଙ୍କ ସଫଳତାରେ ଯୋଗଦାନ କରି ଆମେ ଗର୍ବିତ ଅଛୁ।

## ଆଇଆରସିଟିସି ଓ ଆଇଆରଏଫସିକୁ 'ନବରତ୍ନ'ର ମାନ୍ୟତା ପ୍ରଦାନ କଲେ ସରକାର

ନୂଆଦିଲ୍ଲୀ, ୩।୩: ସରକାର ସୋମବାର ରେଲୱେର ଦୁଇଟି ପବ୍ଲିକ ସେକ୍ଟରର କମ୍ପାନୀ, ଇଣ୍ଡିଆନ ରେଲୱେ କ୍ୟାଟରିଂ ଓ ଟୁରିଜିମ୍ କର୍ପୋରେସନ(ଆଇଆରସିଟିସି) ଏବଂ ଇଣ୍ଡିଆନ ରେଲୱେ ଫାଇନାନ୍ସ କର୍ପୋରେସନ (ଆଇଆରଏଫସି)କୁ ନବରତ୍ନ ମାନ୍ୟତା ପ୍ରଦାନ କରିଛନ୍ତି।

ଏହାସହ ଆଇଆରସିଟିସି ସେଣ୍ଟ୍ରାଲ ପବ୍ଲିକ୍ ସେକ୍ଟର ଏଣ୍ଟରପ୍ରାଇଜେସ୍ (ସିପିଏସଇଏସ)ରେ ୨୫ତମ ନବରତ୍ନ ହୋଇ ପାରିଛି। ଯାହାକି ଆଇଆରଏଫ୍‌ସି ଏବେ ୨୬ତମ ସ୍ଥାନରେ ଅଛି। ନୂଆ ମାନ୍ୟତା ଏହିସବୁ କମ୍ପାନୀଙ୍କୁ ଅଧିକ ଫାଇନାନ୍ସ ସ୍ୱାଧୀନତା ପ୍ରଦାନ କରିଥାଏ, ଯେଉଁଥିରେ ଏମାନେ ସରକାରଙ୍କ ଠାରୁ ବିନା ମଞ୍ଜୁରୀରେ ୧୦୦୦ କୋଟି ଟଙ୍କା ଯାଏ ନିବେଶ କରି ପାରିବେ। ଏହି ପଦକ୍ଷେପରେ ସେମାନଙ୍କ ଖୁବ୍ ଶୀଘ୍ର ବ୍ୟବସାୟିକ ନିଷ୍ପତ୍ତି ନେବା ଓ ଦକ୍ଷତାରେ ସୁଧାର ଆଣିବାରେ ସାହାଯ୍ୟର ଆଶା ରହିଛି। ଭାରତ ସରକାର ସିପିଏସଇକୁ ତାଙ୍କର ଫାଇନାନ୍ସ



କ୍ଷମତା ଓ ପରିଚାଳନାର ଦକ୍ଷତା ଆଧାରରେ ୩ଟି ଗ୍ରୁପରେ ବିଭାଜନ କରନ୍ତି —ମହାରତ୍ନ , ନବରତ୍ନ ଓ ମିନିରତ୍ନ। ନବରତ୍ନର ମାନ୍ୟତା ସେହି କମ୍ପାନୀଙ୍କୁ ଦିଆଯାଏ , ଯିଏ କିଛି ନିଶ୍ଚିତ ପ୍ରଦର୍ଶନ ଓ ଆର୍ଥିକ ମାନଦଣ୍ଡକୁ ପୂରା କରିଥାନ୍ତି , ଯେଉଁଥିରେ ତାଙ୍କୁ ନିବେଷ ଓ ବିସ୍ତାରରେ ନିଷ୍ପତ୍ତି ନେବାରେ ଅଧିକ ସ୍ୱାଧିନତା ମିଳିଥାଏ। ଏହି ମାନ୍ୟତାର ଉଦ୍ଦେଶ୍ୟ ପବ୍ଲିକ୍ ସେକ୍ଟରରେ କମ୍ପାନୀଙ୍କୁ ତାଙ୍କର ପରିଚାଳନାରେ ଅଧିକ ପ୍ରତିସ୍ପର୍ଦ୍ଧୀ ଓ ଆତ୍ମନିର୍ଭର କରିବା। ଆଇଆରସିଟିସିର ସ୍ଥାପନା ୧୯୯୯ରେ ହୋଇଥିଲା। ଏହା ରେଳ ମନ୍ତ୍ରଣାଳୟର ଅଧିନରେ କାମ କରିଥାଏ। ଏହା ଭାରତୀୟ ରେଲୱେ ପାଇଁ ଅନଲାଇନ୍ ଟିକେଟ୍ ବୁକିଂ , ଖାଦ୍ୟପେୟ ଓ ପର୍ଯ୍ୟଟନ ସେବା ଗୁଡ଼ିକୁ ସମ୍ଭାଳି ଥାଏ। ଆଇଆରଏଫସିର ସ୍ଥାପନା ୧୯୮୬ରେ ହୋଇଥିଲା ଏବଂ ଏହା ଭାରତୀୟ ରେଲୱେର ବିସ୍ତାର ଓ ଆଧୁନିକୀକରଣ ପ୍ରକଳ୍ପ ପାଇଁ ପାଣ୍ଠି ସଂଗ୍ରୟ ପାଇଁ ଦାୟୀ। ଏହା ଘରୋଇ ଓ ଅନ୍ତରାଷ୍ଟ୍ରୀୟ ବଜାର ଗୁଡ଼ିକରୁ ଉଧାର ନେଇ ରେଲୱେ କ୍ଷେତ୍ରର ବିକାଶକୁ ଆର୍ଥିକ ସହାୟତା କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଥାଏ। କିଛି ପ୍ରସିଦ୍ଧ କମ୍ପାନୀ ଯେଉଁମାନେ ପୂର୍ବରୁ ହିଁ ନବରତ୍ନର ମାନ୍ୟତା ପ୍ରାପ୍ତ,, ସେଥିରେ ଅଛନ୍ତି ମହାନଗର ଟେଲିଫୋନ ନିଗମ ଲିମିଟେଡ (ଏମଟିଏନଏଲ) ଓ ଟେଲିକମ ସର୍ଭିସ ପ୍ରୋଭାଇଡର ଆଣ୍ଡ ରେଲ୍ ବିକାଶ ନିଗମ ଲିମିଟେଡ୍ (ଆରଭିଏନଏଲ) , ଗୋଟିଏ ରେଲୱେ ଇନଫ୍ରାଷ୍ଟ୍ରକଚର କମ୍ପାନୀ।

# ମାଧବୀଙ୍କ ବିରୋଧରେ ଏତଲା ନିର୍ଦ୍ଦେଶ

**ମୁମ୍ବାଇ,୩।୩:** ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)ର ପୂର୍ବତନ ମୁଖ୍ୟ ମାଧବୀ ପୁରୀ ବୁଚ୍ ଓ ଅନ୍ୟ କିଛି ଅଧିକାରୀଙ୍କ ବିରୋଧରେ ଏତଲା ରୁଜୁ କରିବାକୁ ମୁମ୍ବାଇର ଏକ ସ୍ୱତନ୍ତ୍ର କୋର୍ଟ ଦୁର୍ନୀତି ନିବାରଣ ବ୍ୟୁରୋକୁ ନିର୍ଦ୍ଦେଶ ଦେଇଛନ୍ତି। ମାଧବୀ ବଡ଼ ଧରଣର ଆର୍ଥିକ ଠକେଇ, ନିୟାମକ ଉଲ୍ଲଂଘନ ଓ ଦୁର୍ନୀତିରେ ଲିପ୍ତ ଥିବା ଦର୍ଶାଇ ଜଣେ ସାମ୍ବାଦିକ ଦାଖଲ କରିଥିବା ମାମଲାର ଶୁଣାଣି କରି କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ମାଧବୀଙ୍କ ବିରୋଧରେ ଆସିଥିବା ଅଭିଯୋଗଗୁଡ଼ିକର ଉଚିତ ଓ ନିରପେକ୍ଷ ତଦନ୍ତ ଆବଶ୍ୟକ ଥିଲା। ଆଇନ ପ୍ରଣୟନ କରୁଥିବା ଏଜେନ୍ସି ଓ ସେବି ତରଫରୁ ଆବଶ୍ୟକ ପଦକ୍ଷେପ ନିଆଯାଇ ନ ଥିବାରୁ ବିଚାର ବିଭାଗକୁ ହସ୍ତକ୍ଷେପ କରିବାକୁ ପଡ଼ିଛି ବୋଲି କୋର୍ଟ କହିଛନ୍ତି। ମାଧବୀଙ୍କ ସହିତ ବିଏସ୍‌ଇର ଏମ୍‌ଡି ଓ ସିଇଓ ସୁନ୍ଦରରମଣ ରାମମୂର୍ତ୍ତି, ଅଧକ୍ଷ ପ୍ରମୋଦ ଅଗ୍ରୱାଲ, ସେବୀର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଅଶ୍ୱିନୀ ଭାଟିଆ, ଅନନ୍ତ ନାରାୟଣ ଜି ଓ କମଲେଶ ଚନ୍ଦ୍ର ଭାର୍ସନିଙ୍କ ବିରୋଧରେ ମଧ ଏତଲା ରୁଜୁ କରିବାକୁ କୋର୍ଟ କହିଛନ୍ତି। କୋର୍ଟଙ୍କ ସେହି ନିର୍ଦ୍ଦେଶକୁ ସେବି ଚ୍ୟାଲେଞ୍ଜ କରିବ ବୋଲି କହିଛି। ତଥ୍ୟ ଉପସ୍ଥାପନ କରିବା କିମ୍ବା ନିଜ ପକ୍ଷ ରଖିବା ଲାଗି କୋର୍ଟ କୌଣସି ନୋଟିସ୍ ଦେଇନାହାନ୍ତି। ଆବେଦନକାରୀ ଜଣେ ଅଭ୍ୟାସଗତ ବିବାଦ ସୃଷ୍ଟିକାରୀ ବୋଲି ସେବି କହିଛି।

### ଚ୍ୟାଲେଞ୍ଜ କରିବେ ସେବି, ବିଏସ୍‌ଇ

ବିଏସ୍‌ଇ ମଧ ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରିବ। ନିଜ ପଦରୁ ଅବ୍ୟାହତି ନେବାର କିଛି ଦିନ ପରେ ମାଧବୀଙ୍କୁ ଏଭଳି ଏକ ଝଟ୍‌କା ସାମ୍ନା କରିବାକୁ ପଡ଼ିଛି। ନିକଟରେ ତାଙ୍କ ସ୍ଥାନରେ ଅର୍ଥ ସଚିବ ତୁହିନକାନ୍ତ ପାଣ୍ଡେଙ୍କୁ ସେବି ମୁଖ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ମାଧବୀଙ୍କ ବିରୋଧରେ ଅଭିଯୋଗ ରହିଛି ଯେ ସେ ସେବିର ନେତୃତ୍ୱ ନେଉଥିବା ବେଳେ ନୀତି ନିୟମ ପାଳନରେ ବିଫଳ ହେଉଥିବା କମ୍ପାନିକୁ ଷ୍ଟକ୍ ବଜାରରେ ତାଲିକାଭୁକ୍ତ କରିବା ଲାଗି ଅନୁମତି ଦିଆଯାଉଥିଲା। ପରିଣାମ ସ୍ୱରୂପ ନିବେଶକଙ୍କୁ କ୍ଷତି ସହିବାକୁ ପଡୁଥିଲା। ସେବି ଓ କର୍ପୋରେଟ୍ ସଂସ୍ଥା ମଧ୍ୟରେ ଭିତିରିଆ ସମ୍ପର୍କ, ଇନ୍‌ସାଇଡର୍



ଟ୍ରେଡିଂ ଓ ସାର୍ବଜନୀନ ପାଣ୍ଠି ହଡ଼ପ ଭଳି ଅଭିଯୋଗ ତାଙ୍କ ନାମରେ ରହିଛି। ପୁଲିସ ଓ ନିୟାମକ ସଂସ୍ଥାକୁ ଜଣାଇବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିଲା। କୋର୍ଟ ତଦନ୍ତ ଉପରେ ନଜର ରଖିବେ ବୋଲି କହିଛନ୍ତି ଓ ୩୦ ଦିନ ମଧ୍ୟରେ ଷ୍ଟାଟସ୍ ରିପୋର୍ଟ ମାଗିଛନ୍ତି। ଗତବର୍ଷ ଆମେରକୀୟ ସଂସ୍ଥା ହିଣ୍ଡେନବର୍ଗ ରିସର୍ଚ୍ଚ ମାଧବୀ ଓ ତାଙ୍କ ସ୍ୱାମୀ ଧବଳ ଧୁଚ୍ଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଥିଲା। ଶିଳ୍ପପତି ଗୌତମ ଆଦାନୀଙ୍କ ସଂସ୍ଥା ଆଦାନୀ ଗ୍ରୁପ୍ ବିରୋଧରେ ସେବି ତଦନ୍ତ କରୁଥିବା ବେଳେ ସେହି ଆଦାନୀ ଗ୍ରୁପ୍‌ର ଏକ ସଂସ୍ଥାରେ ତାଙ୍କ ସ୍ୱାମୀଙ୍କ ନିବେଶ ଥିବା ଅଭିଯୋଗ ହୋଇଥିଲା। ତାଙ୍କ ବିରୋଧରେ ଅନେକ ଥର ଦ୍ୱେତ ସ୍ୱାର୍ଥ ଅଭିଯୋଗ ଆସିଥିଲା। ଅବଶ୍ୟ ସମସ୍ତ ଅଭିଯୋଗକୁ ସେ ଦୃଢ଼ ଭାବେ ଖଣ୍ଡନ କରିଥିଲେ। ମାଧବୀ ଥିଲେ ସେବିର ପ୍ରଥମ ମହିଳା ମୁଖ୍ୟ।

### ଅର୍ଥନୀତି ମାମଲାରେ ବଡ଼ ଝଟ୍‌କା

## ଦେଶର ଉତ୍ପାଦନ କ୍ଷେତ୍ରରେ ୧୪ ମାସ ମଧ୍ୟରେ ଘଟିଛି ସବୁଠାରୁ ବଡ଼ ହ୍ରାସ

**ନୂଆଦିଲ୍ଲୀ,୩।୩:** ଅର୍ଥନୀତି କ୍ଷେତ୍ରରେ ସରକାର ଏବଂ ଦେଶ ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ଏହାର କାରଣ ହେଉଛି ଉତ୍ପାଦନ କ୍ଷେତ୍ରର ପତନ। ଏହି କ୍ଷେତ୍ରରୁ ଯେଉଁ ତଥ୍ୟ ବାହାରିଛି ତାହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଏବଂ ଚିନ୍ତାଜନକମଧ। ଉତ୍ପାଦନ କ୍ଷେତ୍ର ଅର୍ଥାତ୍ ମାନ୍ୟୁଫାକ୍ଚରିଂଙ୍ଗର ସଂଖ୍ୟା ୧୪ ମାସର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ସୂଚନା ଅନୁଯାୟୀ, ଉତ୍ପାଦନ ହ୍ରାସ ଯୋଗୁଁ ଏହି କ୍ଷେତ୍ରରେ ହ୍ରାସ ଘଟିଛି। ତେବେ ଆସନ୍ତୁ ଜାଣିବା ଉତ୍ପାଦନ କ୍ଷେତ୍ରରେ କ'ଣ ସବୁ ହ୍ରାସ ଘଟିଛି। ନୂତନ ଚୁକ୍ତିନାମା ଏବଂ ଉତ୍ପାଦନ ଅଭିବୃଦ୍ଧିରେ ହ୍ରାସ ଯୋଗୁଁ ଫେବୃଆରୀରେ ଭାରତର ଉତ୍ପାଦନ କ୍ଷେତ୍ରର ଅଭିବୃଦ୍ଧି ୧୪ ମାସର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଋତୁକାଳୀନ ଭାବରେ ସଂଯୋଜିତ ଏଚ୍‌ଏସ୍‌ବିସି ପିଏମ୍‌ଆଇ ଫେବୃଆରୀରେ ୫୬.୩ ଥିବା ବେଳେ ଏହା ଜାନୁଆରୀର ୫୭.୭ ରୁ ହ୍ରାସ ପାଇଛି। ଏଚ୍‌ଏସ୍‌ବିସିର ମୁଖ୍ୟ ଭାରତୀୟ ଅର୍ଥନୀତିଜ୍ଞ ପ୍ରାଞ୍ଜୁଲ ଭଣ୍ଡାରୀ କହିଛନ୍ତି ଯେ ଯଦିଓ ଡିସେମ୍ବର ୨୦୨୩ ପରଠାରୁ ଉତ୍ପାଦନ ଅଭିବୃଦ୍ଧି ସବୁଠାରୁ ଦୁର୍ବଳ ସ୍ତରକୁ ହ୍ରାସ ପାଇଛି, ତଥାପି ଭାରତର ଉତ୍ପାଦନ କ୍ଷେତ୍ରରେ ସାମଗ୍ରିକ ଗତି ଫେବୃଆରୀରେ ବ୍ୟାପକ ଭାବରେ ସକାରାତ୍ମକ ରହିଛି। ସର୍ଭେରେ କୁହାଯାଇଛି ଯେ ଫେବୃଆରୀରେ ନୂତନ ରପ୍ତାନି ଅର୍ଡରଗୁଡ଼ିକ ପ୍ରବଳ ବୃଦ୍ଧି ପାଇଛି, କାରଣ ନିର୍ମାତାମାନେ ସେମାନଙ୍କ ସାମଗ୍ରୀର ଦୃଢ଼ ବିଶ୍ୱ ଚାହିଦାରୁ ଲାଭ ପାଇବା ଜାରି ରଖିଛନ୍ତି। ଚାକିରି କ୍ଷେତ୍ରରେ, ନିର୍ମାତାମାନେ ଫେବୃଆରୀ ମାସରେ ସେମାନଙ୍କର କାର୍ଯ୍ୟଶକ୍ତି ବୃଦ୍ଧି କରିବା ଜାରି ରଖିଛନ୍ତି।

## ୨୦୩୪ ସୁଦ୍ଧା ଖୁଚୁରା ବଜାର ଆକାର ୧୯୦ ଲକ୍ଷ କୋଟି ଆକଳନ



ଭୁବନେଶ୍ୱର,୩।୩: ଦେଶର ଖୁଚୁରା ବଜାରରେ ଅଭିବୃଦ୍ଧି ପରିଲକ୍ଷିତ ହେଉଥିବାବେଳେ ୨୦୩୪ ସୁଦ୍ଧା ଏହାର ଆକାର ୧୯୦ ଲକ୍ଷ କୋଟି ଟଙ୍କାରୁ ଅଧିକ ହେବ ବୋଲି ଆଶା କରାଯାଉଛି। ଦେଶରେ ବହୁ ସଂଖ୍ୟକ ଖୁଚୁରା ବ୍ୟବସାୟୀ ଏଥିରୁ ଉପକୃତ ହେବେ। ବୋଷ୍ଟନ କନ୍ସଲ୍ଟିଂ ଗ୍ରୁପ ଏବଂ ରିଟେଲର୍ସ ଆସୋସିଏଶନ ଅଫ ଇଣ୍ଡିଆ ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟରେ କୁହାଯାଇଛି ଯେ, ଦେଶର ବିଭିନ୍ନ ବର୍ଗର ଗ୍ରାହକଙ୍କ ଆବଶ୍ୟକତା ମଧ ଭିନ୍ନ ଏବଂ ଖୁଚୁରା ବ୍ୟବସାୟୀମାନେ ସେମାନଙ୍କୁ ଜାଣିବା ଏବଂ ବୁଝିବାର ସୁଯୋଗ ପାଇବେ। ଅନ୍ୟପଟେ 'ଓ୍ୱିନିଂ ଇନ୍ ଭାରତ ଆଣ୍ଡ୍ ଇଣ୍ଡିଆ: ଦ ରିଟେଲ କାଲେଡୋସ୍କୋପ' ଶୀର୍ଷକ ସହିତ ଏହି ରିପୋର୍ଟରେ ଦର୍ଶାଯାଇଛି ଯେ, ୨୦୧୪ ପର୍ଯ୍ୟନ୍ତ ଭାରତରେ ଖୁଚୁରା ବଜାରର ଆକାର ୩୫ ଲକ୍ଷ କୋଟି ଥିଲା, ଯାହା ୨୦୨୪ ସୁଦ୍ଧା ୮୨ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବ। ଗତ ଦଶନ୍ଧିରେ ୮.୯%ରୁ ଅଧିକ ବୃଦ୍ଧି ଘଟିଛି। ଏହା ପଛରେ ଦେଶର ଅଥର୍ନୈତିକ ଅଭିବୃଦ୍ଧି , ବୁଦ୍ଧିଜୀବୀ ଏବଂ ବିଭିନ୍ନ ବର୍ଗର ଗ୍ରାହକଙ୍କ ସଂଖ୍ୟା ବଢୁଛି। ରିପୋର୍ଟରେ କୁହାଯାଇଛି ଯେ କୋଭିଡ -୧୯ ମହାମାରୀ ବ୍ୟତୀତ ଭାରତର କଞ୍ଜପଶନ୍ ଗ୍ରୋଥ୍ ସମାନ ରହିଥିଲା ଏବଂ ବ୍ୟବହାରରେ ସର୍ବାଧିକ ଅଭିବୃଦ୍ଧି ୨୦୨୪ ରୁ ୨୦୩୪ ମଧ୍ୟରେ ଦେଖାଯିବ। ରିପୋର୍ଟରେ ଆହୁରି ମଧ କୁହାଯାଇଛି ଯେ ଭାରତର ଖୁଚୁରା ବଜାର ବୃହତ ଏବଂ ଦ୍ରୁତ ଗତିରେ ବଢୁଛି, ଯାହା ୨୦୩୪ ସୁଦ୍ଧା ୧୯୦ ଲକ୍ଷ କୋଟ ଟଙ୍କାରୁ ଅଧିକ ହେବ ବୋଲି ଆଶା କରାଯାଉଛ।

ରିପୋର୍ଟରେ ଏହା ମଧ ଉଲ୍ଲେଖ କରାଯାଇଛି ଯେ, ଯଦିଓ ଭାରତର ଅର୍ଥନୀତି ଦ୍ରୁତ ଗତିରେ ବଢୁଛି, ତଥାପି ଏହାର ଜନସଂଖ୍ୟାରେ ଅନେକ ବିରୋଧାଭାସ ଦେଖିବାକୁ ମିଳୁଛି। ଦ୍ରୁତ ଗତିରେ ବଢୁଥିବା ମଧବିତ୍ତ, ଧନୀକ ଶ୍ରେଣୀର ମାତ୍ର ମୂଲ୍ୟ ସଚେତନ ଗ୍ରାହକ, ୪୫ ବର୍ଷରୁ ଅଧିକ ବୟସ ବର୍ଗରେ ମଧ ଜନସଂଖ୍ୟା ବୃଦ୍ଧି ପରିଲକ୍ଷିତ ହେଉଛି। ଏହା ସହିତ ମହିଳା ଶ୍ରମିକଙ୍କ ବଢୁଥିବା ସଂଖ୍ୟା କ୍ରୟ ବଜାରକୁ ନୂଆ ରୂପ ଦେଉଛି।

## କୋଲ୍ ଇଣ୍ଡିଆର ୫୦ବର୍ଷ ପୂର୍ତ୍ତି ଉତ୍ସବ




ଭୁବନେଶ୍ୱର,୨।୩: କୋଲ୍ ଇଣ୍ଡିଆର ୫୦ବର୍ଷ ପୂର୍ତ୍ତି ଉତ୍ସବ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମହାନଦୀ କୋଲ ଫିଲ୍ଡସ ଲିମିଟେଡ୍ (ଏମ୍‌ସିଏଲ୍) ପକ୍ଷରୁ ଏକ ମେଗା ଦୌଡ ପ୍ରତିଯୋଗିତା 'କୋଲ୍ ଇଣ୍ଡିଆ ଭୁବନେଶ୍ୱର ହାଫ୍ ମାରାଥନ' ରବିବାର ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆୟୋଜନ କରାଯାଇଥିଲା। ଏପରିକି ଦୌଡ ପ୍ରତିଯୋଗିତା ୪ଟି (୨୧କିମି ହାଫ୍ ମାରାଥନ, ୧୦କିମି ରନ୍, ୫ କିମି ଏବଂ ୧.୫ କିମି) ଫନ୍ ରନ୍ ବର୍ଗରେ ଆୟୋଜିତ ହୋଇଥିଲାବେଳେ ବିଭିନ୍ନ ବୟସ ବର୍ଗର ୫ହଜାରରୁ ଅଧିକ ମାରାଥନ ଧାବକ ଏବଂ ଉତ୍ସାହୀ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଏହି ହାଫ୍ ମାରାଥନ୍‌ରେ ପଶ୍ଚିମବଙ୍ଗରୁ ଲିଲି ଦାଶ ଏବଂ ଉତ୍ତର ପ୍ରଦେଶରୁ ପ୍ରିନ୍ସ କୁମାର ଯଥାକ୍ରମେ ୨୧ କିମି ହାଫ୍ ମାରାଥନ ମହିଳା ଓ ପୁରୁଷ ବର୍ଗରେ ବିଜେତା ହୋଇଥିଲେ। ଉଲ୍ଲେଖଯୋଗ୍ୟ, ଗତ ୫ଦଶନ୍ଧି ଧରି କୋଲ୍ ଇଣ୍ଡିଆର ସଫଳ ଓ ଅନନ୍ୟ ଯାତ୍ରାକୁ ସ୍ମରଣୀୟ କରିବା ପାଇଁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ସହଭାଗିତାରେ ଆୟୋଜିତ ଏହି ମାରାଥନ ଏକ ଅଭିନବ ପ୍ରୟାସ ଥିଲା।

ଏହି ଅବସରରେ ଭାରତୀୟ କ୍ରୀଡାବିତ (ବ୍ୟାଡ଼ମିଣ୍ଟନ୍) ସାଇନା ନେହ୍ୱାଲ,ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏମ୍‌ପି ପ୍ରଦୀପ ପୁରୋହିତ, ବିଧାୟକ ଅଶୋକ ମହାନ୍ତି, ବିଧାୟକ ଅଗସ୍ତି ବେହେରା, ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ,ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କ ସମେତ ମୁଖ୍ୟ ସଚିବ ମନୋଜ ଆହୁଜା, କୋଲ ଇଣ୍ଡିଆ ଅଧକ୍ଷ ପି. ଏମ୍ ପ୍ରସାଦ, ଏମ୍‌ସିଏଲ୍ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ଏବଂ କୋଲ୍ ଇଣ୍ଡିଆର ସଞ୍ଚାଳନା ନର୍ଦ୍ଦେଶକ ତଥା ଓଡ଼ିଶାର ବିଭିନ୍ନ ଜିଲାର ବରିଷ୍ଠ ଏମ୍‌ସିଏଲ୍ ଅଧିକାରୀମାନେ ଯୋଗ ଦେଇଥିଲେ।

ସେହିପରି ସାଇନା ନେହ୍ୱାଲ ଏହି କାର୍ଯ୍ୟକ୍ରମରେ ଆମ୍ବାସାଡର ଭାବେ ଯୋଗ ଦେଇ ନିଜର କ୍ରୀଡ଼ା ଯାତ୍ରା ଅନୁଭୂତି ବର୍ଣ୍ଣନା କରିବା ସହ ଉତ୍ସାହୀ ପ୍ରତିଯୋଗୀମାନଙ୍କ ମନୋବଳ ବଢ଼ାଇଥିଲେ। ପରିଶେଷରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସାଇନା ନେହ୍ୱାଲ ଓ ଅନ୍ୟ ଅତିଥିମାନେ ୪୫.୩୪ଲକ୍ଷ ଟଙ୍କାର ପୁରସ୍କାର ରାଶି ବିତରଣ କରିଥିଲେ। କେବଳ କୋଲ୍ ଇଣ୍ଡିଆର ଉତ୍କର୍ଷର ଏହି ୫୦ବର୍ଷକୁ ପାଳନ କରିବା ପାଇଁ ନୁହେଁ ବରଂ ଏକ ସୁସ୍ଥ ଜୀବନଶୈଳୀର ଗୁରୁତ୍ୱକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟ ନେଇ ଏହି ମାରାଥନ ଆୟୋଜିତ ହୋଇଥିଲା। ମାରାଥନ ବିଜେତା ପ୍ରିନ୍ସ କୁମାରଙ୍କୁ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ସାଇନା ନେହ୍ୱାଲ ପୁରସ୍କୃତ କରୁଛନ୍ତି। ଏହି ଅବସରରେ ଅନ୍ୟମାନେ ଉପସ୍ଥିତ ଅଛନ୍ତି ।

# ଅଷ୍ଟମ ବେତନ ଆୟୋଗ: କେତେ ରହିବ ଫିଟ୍‌ମେଣ୍ଟ୍ ଫ୍ୟାକ୍ଟର୍

**ନୂଆଦିଲ୍ଲୀ, ୩।୩:** ଅଷ୍ଟମ ବେତନ କମିସନ ଗଠନ ପାଇଁ କେନ୍ଦ୍ର ସରକାର ଘୋଷଣା କରିସାରିଛନ୍ତି। ଯଦିଓ ଏହାର ଅଧକ୍ଷ ଓ ସଦସ୍ୟ କିଏ ହେବେ ତାହା ଘୋଷଣା ହୋଇନାହିଁ ତଥାପି ଫିଟ୍‌ମେଣ୍ଟ୍ ଫ୍ୟାକ୍ଟର କେତେ ରହିବ ତାହାକୁ ନେଇ ଚର୍ଚ୍ଚା ଚାଲିଛି। କର୍ମଚାରୀ ଓ ପେନସନ୍‌ଭୋଗୀମାନଙ୍କ ବେତନ ଓ ପେନସନ୍ ସଂଶୋଧନରେ ଏହାର ପ୍ରମୁଖ ଭୂମିକା ରହିଛି। ସର୍ବନିମ୍ନ ଦରମା ଓ ପେନସନ୍ ରାଶି କେତେ ହେବ ତାହା ଏହାଦ୍ୱାରା ନିର୍ଦ୍ଧାରଣ ହୋଇଥାଏ। ନ୍ୟାସନାଲ କାଉନସିଲ୍-ନ୍ୟାସନାଲ କନସଲଟେଟିଭ ମେସିନେରି (କର୍ମଚାରୀ ପାର୍ଶ୍ୱ)ର ସଂପାଦକ ଶିବ ଗୋପାଳ ମିଶ୍ରା କହିଛନ୍ତି ଯେ ଏହି ସଂଖ୍ୟା ସପ୍ତମ ବେତନ କମିସନ ଦ୍ୱାରା ଦିଆଯାଇଥିବା ପ୍ରସ୍ତାବିତ ସଂଖ୍ୟା ତୁଳନାରେ ଅଧିକ କିମ୍ବା ସମାନ ହେବା ଆବଶ୍ୟକ। ଏହି ସଂଖ୍ୟା ଅତିକମ୍‌ରେ ୨.୫୭ କିମ୍ବା ଅଧିକ ହେବା ଉଚିତ। ଅବଶ୍ୟ ଗତବର୍ଷ ସେ ଏହା ୨.୮୬ ରହିବା ନେଇ ମତ ଦେଇଥିଲେ। ଯଦି ଅଷ୍ଟମ ବେତନ କମିସନ ୨.୮୬ ଫିଟମେଣ୍ଟ୍ ଫ୍ୟାକ୍ଟର ନିର୍ଦ୍ଧାରଣ କରେ ତାହେଲେ ସର୍ବନିମ୍ନ ବେତନ ୧୮ ହଜାର ଟଙ୍କାରୁ ୫୧୪୮୦ ଟଙ୍କାକୁ ବୃଦ୍ଧି ପାଇବ। ସେହିଭଳି ସର୍ବନିମ୍ନ ପେନସନ୍ ୯ ହଜାର ଟଙ୍କାରୁ ୩୬ ହଜାର ଟଙ୍କାକୁ ବୃଦ୍ଧି ପାଇବ। ଶ୍ରୀ ମିଶ୍ରାଙ୍କ ପ୍ରଥମ ମନ୍ତବ୍ୟ ସାମ୍ନାକୁ ଆସିବା ପରେ ପୂର୍ବତନ ଅର୍ଥ ସଚିବ ସୁଭାଷ ଗର୍ଗ ଏକ ନ୍ୟୁଜ ଚ୍ୟାନେଲକୁ କହିଥିଲେ ଫିଟ୍‌ମେଣ୍ଟ୍ ଫ୍ୟାକ୍ଟର ୨.୮୬ ଦାବି ଚନ୍ଦ୍ରକୁ ମାଗିବା ଭଳି। ତାଙ୍କ ମତରେ ଫିଟ୍‌ମେଣ୍ଟ୍ ଫ୍ୟାକ୍ଟର ୧.୯୨ ପାଖାପାଖି ହେବା ଉଚିତ। ଏନ୍‌ସି-ଜେସିଏମ୍ ପକ୍ଷରୁ ସପ୍ତମ ବେତନ କମିସନରେ ପକ୍ଷ ରଖିଥିବା ଶ୍ରୀ ମିଶ୍ରା ଫିଟ୍‌ମେଣ୍ଟ୍ ଫ୍ୟାକ୍ଟର ୨.୫୭ରୁ କମ୍ ନହେବା ନେଇ ଆଶା ରଖିଛନ୍ତି। ବର୍ତ୍ତମାନର ମୁଦ୍ରାସ୍ଫୀତି ଆଧାରରେ ସେ ଏହା କହିଛନ୍ତି। ଯଦି ୨.୫୭ ଫିଟ୍‌ମେଣ୍ଟ୍ ଫ୍ୟାକ୍ଟର ନିର୍ଦ୍ଧାରଣ କରାଯାଏ ତା'ହେଲେ ସର୍ବନିମ୍ନ ବେତନ ୧୮ ହଜାର ଟଙ୍କାରୁ ୪୬,୨୬୦ ଟଙ୍କାକୁ ଏବଂ ସର୍ବନିମ୍ନ ପେନସନ୍ ୯୦୦୦ ଟଙ୍କାରୁ ୨୩୧୩୦ ଟଙ୍କାକୁ ବଢ଼ିଯିବ। ଫିଟ୍‌ମେଣ୍ଟ୍ ଫ୍ୟାକ୍ଟର ୨.୫୭ କରିବା ନେଇ ଦାବି ସଂପର୍କରେ ଶ୍ରୀ ମିଶ୍ରା କୁହନ୍ତି ଯେ ୧୯୫୭ ମସିହାରେ ହୋଇଥିବା ୧୫ତମ ଭାରତୀୟ ଶ୍ରମ ସମ୍ମିଳନୀର ପ୍ରସ୍ତାବ ଏବଂ ସର୍ବନିମ୍ନ ବେତନ ନେଇ ଡ ଆଇକ୍ରୋଡ୍‌ଙ୍କ ଫର୍ମୁଲା ବିଚାରକୁ ନେଇ ଏହା କରାଯିବ। ତେବେ ଏହି ଉଭୟ ମାନଦଣ୍ଡ ବହୁ ଦଶନ୍ଧିର ପୁରୁଣା। ଏଥିରେ ବର୍ତ୍ତମାନର କର୍ମଚାରୀ ଓ ସେମାନଙ୍କ ପରିବାରର ବାସ୍ତବ ଆବଶ୍ୟକତା ଠିକ୍‌ଭାବେ ପ୍ରତିଫଳିତ ହୋଇ ନଥାଏ। ଆଇକ୍ରୋଡ୍‌ଙ୍କ ଫର୍ମୁଲା ବିଂଶ ଶତାବ୍ଦୀର ପୋଷକତତ୍ତ୍ୱବିତ୍ ୱାଲସ ଆର୍ ଆଇକ୍ରୋଡଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଛି। ସାଧାରଣ ବ୍ୟକ୍ତି ବ୍ୟବହାର କରୁଥିବା ସାମଗ୍ରୀର ଦରଦାମ ବୃଦ୍ଧିକୁ ନେଇ ଏହି ଫର୍ମୁଲା ନିର୍ଦ୍ଧାରଣ ହୋଇଛି।

ଏହି ଫର୍ମୁଲା ଆଧାରରେ ସପ୍ତମ ବେତନ ଆୟୋଗ ଫିଟମେଣ୍ଟ୍ ଫ୍ୟାକ୍ଟର ୨.୫୭ରେ ଧାର୍ଯ୍ୟ କରିଥିଲା। ଏଥିଯୋଗୁ ୨୦୧୬ରେ ସର୍ବନିମ୍ନ ବେତନ ୭ ହଜାର ଟଙ୍କାରୁ ୧୮ ହଜାର ଟଙ୍କାକୁ ବଢ଼ିଯାଇଥିଲା। ଶ୍ରୀ ମିଶ୍ରାଙ୍କ କହିବାନୁଯାୟୀ, ବର୍ତ୍ତମାନ ସବୁକିଛି ଡିଜିଟାଲ ହୋଇଯାଇଛି। ଆଇକ୍ରୋଡ୍ ଫର୍ମୁଲାରେ ଇଣ୍ଟରନେଟ୍ ଖର୍ଚ୍ଚକୁ ସାମିଲ କରାଯାଇ ନାହିଁ। ସପ୍ତମ ବେତନ ଆୟୋଗର ଫିଟମେଣ୍ଟ୍ ଫ୍ୟାକ୍ଟର ୧୫ତମ ଭାରତୀୟ ଶ୍ରମ ସମ୍ମିଳନୀର ପ୍ରସ୍ତାବ ଏବଂ ଆଇକ୍ରୋଡ ଫର୍ମୁଲାକୁ ଭିତ୍ତିକରି ନିର୍ଦ୍ଧାରଣ ହୋଇଥିଲା। ତେଣୁ ଅଷ୍ଟମ ବେତନ କମିସନରେ ଯଦି ଫିଟମେଣ୍ଟ୍ ଫ୍ୟାକ୍ଟର ବୃଦ୍ଧି ନହୁଏ ତା'ହେଲେ ସପ୍ତମ ବେତନ କମିସନ ଅନୁଯାୟୀ ତାହା ୨.୫୭ ରହିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି।

## ମାଁ ଗଡ଼ଚଣ୍ଡୀ ପୀଠରେ ସାହିତ୍ୟ ଆସର ଓ ସମ୍ବର୍ଦ୍ଧନା ଉତ୍ସବ



**ଡେଲାଙ୍ଗ,୩।୩(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଗଡ଼ କାଲୁପଡା ମାଁ ଗଡଚଣ୍ଡୀଙ୍କ ପୀଠରେ ଭୋରଶୈଳ ସାହିତ୍ୟ ସମାଜ ଏବଂ ପ୍ରିୟପତ୍ର ର ମିଳିତ ଆୟୋଜନରେ ଫଗୁଣ କବିତା ଆସର ବରିଷ୍ଠ କବି ଡକ୍ଟର ଶଶାଙ୍କ ଶେଖର ଚୂଡାମଣିଙ୍କ ସଭାପତିତ୍ୱରେ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମାଁ ଗଡଚଣ୍ଡୀଙ୍କ ପୂଜାର୍ଚ୍ଚନା ପରେ ମୁଖ୍ୟ ଅତିଥି ଭାବରେ ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ ଏହାକୁ ଶୁଭ ଉଦଘାଟନ କରିଥିଲେ। ଏହି ଉତ୍ସବରେ କବି ରକ୍ଷକ ନାୟକ,ଶିଶୁ ସାହିତ୍ୟିକ ତଥା ନାଟ୍ୟକାର ଡକ୍ଟର ହେମନ୍ତ କୁମାର ଛୋଟରାୟ,ବରିଷ୍ଠ ଆଇନଜିବୀ ଦିଲ୍ଲୀପ କୁମାର ଛୋଟରାୟ, କଓ୍ୱି କୃପାସିନ୍ଧୁ ବିଶ୍ୱାଳ, ପ୍ରାକ୍ତନ ଅଧକ୍ଷା, ରାଜ୍ୟ ଶିଶୁ ଅଧିକାର ଓ ସୁରକ୍ଷା ଆୟୋଗ ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ ବିଶିଷ୍ଟ ଅତିଥି ଭାବରେ ଯୋଗଦେଇ ଫଗୁଣ କବିତା ଆସର ସମ୍ପର୍କରେ ଆଲୋକପାତ କରି ଲେଖକମାନଙ୍କୁ ଉତ୍ତମ ସାହିତ୍ୟ ରଚନା କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ବିପିନ ବିହାରୀ ମହାନ୍ତି, ନୃପେଶ ନାୟକ, ବିପିନ ମହାନ୍ତି, ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ, କ୍ଷେତ୍ରବାସୀ ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ମିଶ୍ର, ସୁଦର୍ଶନ ପ୍ରଧାନ, ରବୀନ୍ଦ୍ର କୁମାର ତ୍ରିପାଠୀ, ନରେନ୍ଦ୍ର ମୁଦୁଲି, ଅର୍ଜୁନ ଘଡେ଼ଇ, ଶଶୀଶେଖର ରାୟ, ଅଧିକାରୀ ସ୍ୱାଇଁ, ନଗେନ ପ୍ରଧାନ, ବିରଞ୍ଚିନାରାୟଣ ଦାଶ, ବିଶ୍ୱରଂଜନ ବଳବନ୍ତରାୟ, ଅମରେଶ ଚନ୍ଦ୍ର ନାୟକ, ରଘୁନାଥ ନାୟକ, ସୁଶ୍ରୀ ଶ୍ରୀଜୟା ଦାସ, ଡକ୍ଟର ସରୋଜ କୁମାର ପଣ୍ଡା ଏବଂ ଜାନକୀ ବଲ୍ଲଭ ଦାଶଙ୍କ ସହିତ ଉପସ୍ଥିତ ସାମ୍ବାଦିକମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ଡକ୍ଟର ସରୋଜ କୁମାର ପଣ୍ଡାଙ୍କ 'ଅନ୍ତରଙ୍ଗ ଡେଲାଙ୍ଗ ' ଏବଂ ଜାନକୀ ବଲ୍ଲଭ ଦାଶଙ୍କ ' ଆସରେ ପିଲେ ଶୁଣିବ ଗପ' ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କଓ୍ୱି ପ୍ରସନ୍ନ ମଣ୍ଡଳ,କବୟିତ୍ରୀ ନମିତା ସ୍ୱାଇଁ, ସୁଶ୍ରୀ କ୍ରିଷ୍ଣା ମହାପାତ୍ରଙ୍କ ସଂଯୋଜନାରେ ଲକ୍ଷ୍ମୀପ୍ରିୟା ଦାଶ, ପ୍ରବାସିନୀ ମିଶ୍ର, ଡକ୍ଟର ସସ୍ମିତା ମିଶ୍ର, ସୁରେଶ କୁମାର ପଟ୍ଟନାୟକ, ଚନ୍ଦ୍ରଶେଖର ମହାରାଣା, ଅଜୟ ସେଠୀ, ଅନନ୍ତ ପ୍ରଧାନ, ଡକ୍ଟର ପ୍ରଭାସ ପ୍ରଧାନ, ଅଭୟ କୁମାର ସାହୁ, ଶରତ ରାଉତ, ଜ୍ୟୋସ୍ନାମୟୀ ସ୍ୱାଇଁ, ମଲ୍ଲିକା ସିଙ୍ଗ,ସଞ୍ଜୟ ସେଠୀ, ଦ୍ୟୁତିକୃଷ୍ଣ ମହାନ୍ତି, ଅଧିକାରୀ ସ୍ୱାଇଁ,ସତ୍ୟବାଦୀ ସାହୁ, ରବୀନ୍ଦ୍ରନାଥ ଷଡ଼ଙ୍ଗୀ, ପ୍ରଭାସ ମଙ୍ଗରାଜ, ଶରତ ଚନ୍ଦ୍ର ମହାପାତ୍ର, ଜିତେନ୍ଦ୍ର ପେଣ୍ଠଇ, ଡ଼ ନୀଳାଦ୍ରି ଜଗଦେବ ପ୍ରମୁଖ ଶତାଧିକ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ପ୍ରାରମ୍ଭରେ ପ୍ରିୟପତ୍ର ସମ୍ପାଦକ ବିପିନ ବିହାରୀ ଦଳାଇ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ ଶେଷରେ ଭୋରଶୈଳ ସାହିତ୍ୟ ସମାଜ ର ସମ୍ପାଦକ ପ୍ରଦ୍ୟୁମ୍ନ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ରାସଗୋବିନ୍ଦପୁର ମହାତ୍ମାଗାନ୍ଧି ଚକ୍ଷୁ ଚିକିତ୍ସାଳୟ ତରଫରୁ ଚକ୍ଷୁ ପରୀକ୍ଷା

**ବୈଶିଙ୍ଗା,୩।୩(ସଂଚାର ବ୍ୟୁରୋ):** ରାସଗୋବିନ୍ଦପୁର ସ୍ଥିତ ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ଆନୁକୂଲ୍ୟରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ରାଇକମା ଆଶ୍ରମ ବିଦ୍ୟାଳୟରେ ସୋମବାର ପୂର୍ବାହ୍ନରେ ଆୟୋଜିତ ହୋଇଥିଲା। ଏହି ଶିବିରରେ ରାଇକମା , ରଙ୍ଗଡା,ଖଡ଼ିକାପଦା, ବେଲଡିହା ଅଞ୍ଚଳର ବାର ଜଣ ବୃଦ୍ଧ,ବୃଦ୍ଧା ଗ୍ରାମବାସୀ ମାଗଣାରେ ଚକ୍ଷୁ ପରୀକ୍ଷା କରିବାର ସୁଯୋଗ ପାଇଥିଲେ। ଏହି ସହିତ ଆଶ୍ରମ ବିଦ୍ୟାଳୟର ୪୬ ଜଣ ଛାତ୍ରଛାତ୍ରୀ ନିଜର ଚକ୍ଷୁ ପରୀକ୍ଷା କରିଥିଲେ। ସମସ୍ତ ପ୍ରକାର ପରୀକ୍ଷା କରାଯାଇ ତିନି ଜଣ ବ୍ୟକ୍ତିଙ୍କୁ ମାଗଣା ଅସ୍ତ୍ରୋପଚାର ପାଇଁ ରାସଗୋବିନ୍ଦପୁର ସ୍ଥିତ ଚିକିତ୍ସାଳୟକୁ ନେ କରାଯିବାର ବ୍ୟବସ୍ଥା ହୋଇଛି। ଏହି ସହିତ ୧୨ ଜଣ ଛାତ୍ରଛାତ୍ରୀମାନଙ୍କୁ ମାଗଣା ଚଷମା ଯୋଗାଇ ଦିଆଯିବ ବୋଲି ଆସିଥିବା ଚକ୍ଷୁ ପରୀକ୍ଷା ଦଳର ମୁଖ୍ୟ ସର୍ବେଶ୍ୱର ଦାସ ପ୍ରକାଶ କରିଛନ୍ତି।ଉକ୍ତ କାର୍ଯ୍ୟକ୍ରମରେ ଲକ୍ଷଣ ମୁର୍ମୁ,ସୁଭଦ୍ରା ନାଏକ, ଫୁଲମଣି ସୋରେନ,ଜାବଶ୍ରୀ ମହାନ୍ତ,ଶିଖା ମହାନ୍ତ ସହଯୋଗ କରିଥିଲେ।

## ଡକ୍ଟରେଟ୍ ଅଫ୍ ଲିଟରେଚର ଉପାଧିରେ ସମ୍ମାନିତ ହେଲେ ପ୍ରଫେସର ନାରାୟଣ




**ବେତନଟୀ,୩।୩(ସଂଚାର ବ୍ୟୁରୋ):** କୋଭିଡ ୧୯ ସମୟରେ ଶିମିଳିପାଳର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡିକରେ ଶୁଷ୍କ ଖାଦ୍ୟ ବଣ୍ଟନ ପିଆ (ଝଙ୍କଳୀ ଚୁଡା), ବିସ୍କୁଟ, ମାସ୍କ, ସାନିଟାଇଜର, ହାଣ୍ଡ ୱାଶ, ମଶାରୀ ବଣ୍ଟନ କରି ବେଶ ଚର୍ଚ୍ଚିତ କାତୋଚିହା ହାୟାର ସେକେଣ୍ଡାରୀ ସ୍କୁଲର ଇତିହାସ ବିଭାଗର ଅଧ୍ୟାପକ ନାରାୟଣ ମହାନ୍ତ, କୋଲିପୋଷି ପଞ୍ଚାୟତର ତତ୍କାଳୀନ ସରପଞ୍ଚ ଏବଂ କରଞ୍ଜିଆ ବ୍ଲକର ଭଲଷ୍ଟିଆଲ ପ୍ରୋଜେକ୍ଟ ଅଫିସର ଶ୍ରୀଯୁକ୍ତ ହେମନ୍ତ କୁମାର ମହାନ୍ତଙ୍କ ମିଳିତ ଉପସ୍ଥିତିରେ ଏହି ସବୁଦ୍ରବ୍ୟ ବଣ୍ଟନ କରାଯାଇଥିଲା। ସେହି ମହାମାରୀ ଦୁର୍ଦ୍ଦିନ ସମୟରେ ସାମ୍ପ୍ରଦାୟିକତା ଏକତା, ସଦଭାବ, ଜାତୀୟ ଏକତା, ସାମାଜିକ ଏକତା ଇତ୍ୟାଦିକୁ ଦୃଢ ଦୃଷ୍ଟିରେ ରଖି ଜାତି, ବର୍ଣ୍ଣ, ଧର୍ମ, ଲିଙ୍ଗ ନିର୍ବିଶେଷରେ ଏହି ମହାମାନବୀୟ କାର୍ଯ୍ୟଗୁଡ଼ିକୁ ସମ୍ପାଦନ କ୍ଷେତ୍ରରେ ଡ଼କ୍ଟର ନାରାୟଣ ମହାନ୍ତ ମୁଖ୍ୟଭୂମିକା ଗ୍ରହଣ କରିଥିଲେ। ବିଶ୍ୱଭାତୃଭାବ, ଜାତିସଂଘ ଏକତା, ସାମାଜିକ ଏକତା ଇତ୍ୟାଦିର ସର୍ବାଧିକ ଗୁରୁତ୍ୱ ପ୍ରଦାନକରି ସେହି ମହାମାରୀ ସଂକଟ ସମୟରେ ଅଧ୍ୟାପକ ମହାନ୍ତ ନିଜେ ନିଜସ୍ୱ ହାତପାଣ୍ଠିରୁ ବହୁ ଅର୍ଥ ବ୍ୟୟ କରି ସଚ୍ଛଳତାରେ ଦେଶ ଭକ୍ତିର ପରିଚୟ ପ୍ରଦାନ କରିଥିଲେ। ଅଧିକନ୍ତୁ ମୁଖ୍ୟତଃ ସମାଜର ଦରିଦ୍ର ସୀମାରେଖା ତଳେ ଥିବା ସମସ୍ତ ଆଦିବାସୀ ମାନଙ୍କୁ ଭାରତ ସରକାରଙ୍କ କୋଭିଡ ନିୟମକୁ ପାଳନ କରି ଏହି ସମାଜସେବା ସୁଚାରୁ ରୂପେ ସମ୍ପାଦନ କରିଥିଲେ। ଏଥି ପାଇଁ ଗତ ଫେବୃଆରୀ ମାସ ୨୨ ତାରିଖରେ ଅନୁଷ୍ଠିତ ହୋଟେଲ ଜୟପି ସିଦ୍ଧାର୍ଥ ଦିଲ୍ଲୀ ଠାରେ କାଲିଫୋର୍ନିଆ ଇଣ୍ଟରନ୍ୟାସନାଲ ବିଶ୍ୱବିଦ୍ୟାଳୟ ତରଫରୁ ଅଧ୍ୟାପକ ନାରାୟଣ ମହାନ୍ତ ଙ୍କୁ ଡ଼କ୍ଟରେଟ ଅଫ ଲିଟରେଚର ଉପାଧିରେ ସନମାନିତ କରା ଯାଇଛି।

## ଜିଲ୍ଲାରେ କେବେ ହେବ କ୍ରୀଡା ଛାତ୍ରାବାସ

**ସୁବର୍ଣ୍ଣପୁର,୩।୩(ସଂଚାର ବ୍ୟୁରୋ):** ୩୧ବର୍ଷ ବିତିଗଲାଣି ସୁବର୍ଣ୍ଣପୁର ଜିଲ୍ଲା ଆତ୍ମପ୍ରକାଶ ହେବା । କିନ୍ତୁ ଜିଲ୍ଲା କ୍ରୀଡା ଛାତ୍ରାବାସଟିଏ ପ୍ରତିଷ୍ଠା ହୋଇପାରି ନାହିଁ। ଗତକାଲ ସମୟ ସୋନପୁର ରୟାଲ ପଡ଼ିଆରେ ଭାରତ ପ୍ରସିଦ୍ଧ ଇଷ୍ଟ ବେଙ୍ଗଲ ଓ ମୋହନ ବାଗାନ୍ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଯାହା ସୋନପୁର ଅଞ୍ଚଳ କ୍ରୀଡା ପ୍ରତି ଆଗ୍ରହ ନେଇ ସ୍ୱଷ୍ଟ ଅନୁମେୟ ହୁଏ । ସୋନପୁର ସବଡିଭିଜନ ସ୍ତରରେ ବି କ୍ରୀଡାକୁ ନେଇ ବେଶ ଗୌରବାନ୍ୱିତ ରହିଥିଲା। ସେହି ସମୟ ଆଥଲେଟିକ , ଫୁଟବଲ ,ଭଲିବଲ , କ୍ରିକେଟ ଆଦି ଖେଳ ବେଶ ଉଜ୍ଜଳତାରେ ହେଉଥିଲା। ଅଶୀ ଦଶକରେ ପ୍ରତିଷ୍ଠା କରି ଥିବା ସୋନପୁର ସ୍ପୋର୍ଟସକୋଟାରେ କିଛି ଖେଳାଳୀମାନେ ଉଜ୍ଜଳକୋଟୀ ଖେଳ ନେଇ ନିଯୁକ୍ତି ଦିଆ ଯାଉଥିଲା। ଯାହା କ୍ରୀଡା ବିକାଶ ନେଇ ଏକ ପ୍ରକାର ପୃଷ୍ଠପୋଷକତା ଆଣୁ ହୋଇଥିଲା। କିନ୍ତୁ ସ୍ପୋର୍ଟସ କୋଟା ରୁଦ୍ଧ ହୋଇ ବନ୍ଦ ହୋଇଗଲା। ପରେ କ୍ରୀଡାରେ ପୃଷ୍ଠପୋଷକତା ଅଭାବ ନେଇ ଯୁବ ସମାଜରେ କ୍ରୀଡା ପ୍ରତି ଆଗ୍ରହ ପ୍ରକାଶ କଲେ ନାହିଁ । ଜିଲ୍ଲା ଆତ୍ମପ୍ରକାଶ ପରେ କ୍ରୀଡା କ୍ଷେତ୍ର ବେଶ ଅବହେଳିତ ରହିଲା ବୋଲି ଅଭିଯୋଗ ହୁଏ।ଏବେ ଅନ୍ତଃରାଜ୍ୟ ଲାଲମୁନି କ୍ରିକେଟ ଟୁର୍ଣ୍ଣାମେଣ୍ଟ ,ଅନ୍ତଃରାଜ୍ୟ ରାମଧୂନ ଫୁଟବଲ ଟୁର୍ଣ୍ଣାମେଣ୍ଟ ,ଅନ୍ତଃରାଜ୍ୟ ସୁଜନ ନାଗ ଟୁର୍ଣ୍ଣାମେଣ୍ଟ ବେସରକାରୀ ସ୍ତରରେ ଆୟୋଜିତ ହେଉଅଛି।

## ତ୍ରିରଙ୍ଗାକୁ ଅସମ୍ମାନ
# କାର୍ଯ୍ୟାଳୟ ସମ୍ମୁଖରେ ମାଟିରେ ପଡିଛି ତ୍ରିରଙ୍ଗା ମାଳ

**ଜୟପୁର,୩।୩(ସଂଚାର ବ୍ୟୁରୋ):** ଦେଶ ସ୍ୱାଧୀନ ପରେ ସମସ୍ତ ଭାରତୀୟ ମାନଙ୍କ ପାଇଁ ତ୍ରିରଙ୍ଗା ପତାକା ସ୍ୱାଧୀନ ଭାରତ ର ପ୍ରତୀକ ତେଣୁ ପ୍ରତ୍ୟକ ଭାରତୀୟ ତ୍ରିରଙ୍ଗା କୁ ସଂମ୍ମାନ କରନ୍ତି । ସମ୍ବିଧାନ ମଧ୍ୟ ପ୍ରତ୍ୟକ ଭାରତୀୟ ଙ୍କୁ ତ୍ରିରଙ୍ଗା ପତାକା କୁ ସାମ୍ମନ ଦେବା କର୍ତ୍ତ୍ୱ୍ୟ । କିନ୍ତୁ ଜୟପୁର ଗୁପ୍ତେଶ୍ୱର ରାସ୍ତା କଡ଼ରେ ଥିବା ସହକାରୀ ଯନ୍ତ୍ରୀ,ଗ୍ରାମ୍ୟ ଉର୍ନୟନ ଉପବିଭାଗ ବୈପାରୀଗୁଡା ଙ୍କ କାର୍ଯ୍ୟାଳୟ ଠାରେ ତ୍ରିରଙ୍ଗା ରଙ୍ଗ ର ଲମ୍ବା ମାଳ ମାଟି ତଳେ ପୋଡି ନିଜ ସମ୍ମାନ ହରଉଛି । ଅଫିସ ରେ ଏବଂ ଗେଟ ରେ ତାଲା ପଡିଛି । କିନ୍ତୁ ଅଫିସ ସମ୍ମୁଖରେ ରେ ଏବଂ ଗେଟ ଠାରେ ତ୍ରିରଙ୍ଗା ପତାକା ର ମାଳ ଗୁଡିକ ମାଟି ତଳେ ପଡିରୋହିଛି । ଏହି ସବୁ ମାଳ




ସାଧାରଣତନ୍ତ୍ର ଦିବସ ଜାନୁୟାରୀ ୨୬ ତାରିଖରେ କାର୍ଯ୍ୟାଳୟ ରେ ଲଗା ହୋଇଥିଲା ଏବଂ ସେହି ଦିନ ଠାରୁ କାର୍ଯ୍ୟାଳୟ ମଧ୍ୟ ଆଉ ଖୋଲା ହୋଇନାହିଁ ତେଣୁ ମାଳ ଗୁଡିକ ତଳେ ପଡ଼ିଥିବା ଅନୁମାନ କରାଯାଉଛି। ତେବେ ତ୍ରିରଙ୍ଗା ର ମାଳ ଗୁଡିକ ତଳେ ପଡିଥିବା ଏହି କାର୍ଯ୍ୟାଳୟ ର ଅଧିକାର ମାନଙ୍କ ର ନଜର କୁ ଆସୁନାହିଁ ନା ଜାଣି ଶୁଣି ତ୍ରିରଙ୍ଗା ଙ୍କୁ ଅସମ୍ମାନ କରୁଛନ୍ତି । ଯଦି ସମ୍ମାନ ଦେବାକୁ ସମୟ ନାହିଁ ଇଚ୍ଛା ନାହିଁ ତେବେ କାହିଁକି ମାଳ ଗୁଡ଼ିକ ତଳେ ପକାଇ ଏହାକୁ ଅସମାନ କରୁଥିବା ଅଭିଯୋଗ ହୋଇଛି । ଏହାର ତଦନ୍ତ କରାଯାଇ ତ୍ରିରଙ୍ଗା ଙ୍କୁ ଅସମ୍ମାନ କରିଥିବା ଅଧିକାରୀ ଙ୍କ ବିରୋଧ ରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି ।

## ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ

● ଆର୍ଥକ ଅନ୍ତର୍ଭୁକ୍ତିକରଣରେ ମହିଳାମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ସୁବର୍ଣ୍ଣପୁର,୩।୩(ସଂଚାର ବ୍ୟୁରୋ):** ଜିଲ୍ଲା ସ୍ୱଳ୍ପ ସଂଚୟ ସଂଗଠନ ତଥା ଜିଲ୍ଲା ସ୍ୱଳ୍ପ ସଂଚୟ ବିଭାଗ ତରଫରୁ ଗଙ୍ଗାଧର କ୍ଳବ ସାଗରପାଲି ଠାରେ ଆର୍ଥିକ ଆନ୍ତର୍ଭୁକ୍ତିକରଣ ଓ ସାକ୍ଷରତା ତଥା ସୁକନ୍ୟା ଗ୍ରାମ ଉପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ଅଧିକାରୀ ମଙ୍ଗଳ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୋଲିସ ନିରୀକ୍ଷକ ସୁବର୍ଣ୍ଣପୁର ଡି.ସି.ଆର.ବି ରମେଶ କୁମାର ମାହାନା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ସାଇବର ଠକେଇ ପ୍ରତି ବିଶେଷ ଯତ୍ନବାନ ହେବାକୁ ପରାମର୍ଶ ଦେଇ କୌଣସି ପ୍ରକାର ପ୍ରଲୋଭନ ରେ ବଶବର୍ତ୍ତୀ ନହେବାକୁ କହିଥିଲେ। ଜିଲ୍ଲା ସଂଚୟ ଅଧିକାରୀ ମଙ୍ଗଳ ପ୍ରଧାନ ଆର୍ଥିକ ଅନ୍ତର୍ଭୁକ୍ତି କରଣ ଓ ଆର୍ଥିକ ସାକ୍ଷରତାର ଆବଶ୍ୟକତା ଓ ଉପାଦେୟତା ଉପରେ ବିସ୍ତୃତଭାବେ ଉପସ୍ଥାପନା କରି ଆର୍ଥକ ଅନ୍ତର୍ଭୁକ୍ତିକରଣରେ ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ପୁନଶ୍ଚ ପ୍ରତ୍ୟେକ ପରିବାର ନିଜର ଆୟରୁ ପ୍ରଥମ ଖର୍ଚ୍ଚ ସଂଚୟକରିବାକୁ ପରାମର୍ଶ ଦେଇଥିଲେ। ଚଳିତ ଆର୍ଥକ ସାକ୍ଷରତା ସପ୍ତାହ ୨୦୨୫ର ବିଷୟବସ୍ତୁ 'ଆର୍ଥିକ ବୁଦ୍ଧିମତା ଯାହାରି, ସେ ସମୃଦ୍ଧ ନାରୀ' ବିଷୟରେ ବୈଠକରେ ବିଶେଷ ଆଲୋଚନା ହୋଇଥିଲା। ସମ୍ମାନିତ ଅତିଥିଭାବେ ସହକାରୀ




ଡାକ ଅଧିକ୍ଷକ ବଲାଙ୍ଗୀର କାର୍ତ୍ତିକ ଚନ୍ଦ୍ର ଦାସ ଯୋଗଦାନକରି ସୁକନ୍ୟା ସମୃଦ୍ଧି ଯୋଜନାର ବିଶେଷତା ସହ ଲାଭ ଉପରେ ଆଲୋକପାତ କରିଥିଲେ। ଭାରତୀୟ ପୋଷ୍ଟାଲ ପେମେଣ୍ଟ ମ୍ୟାନେଜର ସତ୍ୟବ୍ରତ ପ୍ରଧାନ ନିଜର କଷ୍ଟ ଉପାର୍ଜିତ ଧନକୁ ସଂଚୟ ଓ ସୁରକ୍ଷିତ ରଖିବାପାଇଁ ଡାକଘର ଉତ୍ତମ ଓ ନିର୍ଭର ଯୋଗ୍ୟ ସ୍ଥାନବୋଲି କହିବା ସହିତ ଡ଼ାକଘର ପ୍ରଚଳିତ ବିଭିନ୍ନ ସରକାରୀ ଯୋଜନାର ଉପସ୍ଥାପନ କରିଥିଲେ। ସଞ୍ଜୟ କୁମାର ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଗୋପାଳ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପୋଷ୍ଟାଲ ଏଜେଣ୍ଟ ହିରଣ୍ମୟୀ ମେହେ୍ର, ଦିବ୍ୟାସିନୀ ମେହେର, ବିନୋଦିନୀ ମେହେର, ଅଞ୍ଜଳି ମହାନନ୍ଦ, ଜିଲ୍ଲା ସ୍ୱଳ୍ପ ସଂଚୟ ବିଭାଗ କର୍ମଚାରୀ ସଞ୍ଜୟ କୁମାର ବାରିକ ପ୍ରମୁଖଙ୍କ ସହ ବହୁ ସଂଖ୍ୟାରେ ଗୃହିଣୀ ତଥା ସ୍ଥାନୀୟ ଜନସାଧାରଣ ଯୋଗଦେଇଥିଲେ।

## ଟିପିଏସ୍ଓଡିଏଲ୍ ପକ୍ଷରୁ ଶ୍ରୀ ଜାମସେଦଜୀ ନୁସରଓ୍ୱାନଜୀ ଟାଟାଙ୍କ ଜୟନ୍ତୀ ପାଳିତ



**ବ୍ରହ୍ମପୁର,୩।୩(ସଂଚାର ବ୍ୟୁରୋ):** ଟିପିଏସ୍ଓଡିଏଲ୍ ପକ୍ଷରୁ ଭାରତୀୟ ଶିଳ୍ପ ଜଗତର ପୁରୋଧା ଶ୍ରୀ ଜାମସେଦଜୀ ନୁସରଓ୍ୱାନଜୀ ଟାଟାଙ୍କ ୧୮୬ତମ ଜନ୍ମ ବାର୍ଷିକୀ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମ ଶ୍ରୀ ଜେଏନ ଟାଟାଙ୍କ ଅତୁଳନୀୟ ଅବଦାନକୁ ସ୍ମରଣ କରିବା ସହ ନୈତିକତା ଏବଂ ସଚ୍ଚୋଟତା ଦିଗରେ କମ୍ପାନୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। କମ୍ପାନୀର କର୍ପୋରେଟ କାର୍ଯ୍ୟାଳୟରେ ଆୟୋଜିତ ଉତ୍ସବରେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗଙ୍କ ସହ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଶ୍ରୀ ଜାମସେଦଜୀ ନୁସରଓ୍ୱାନଜୀ ଟାଟାଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହାପରେ ଉପସ୍ଥିତ କର୍ମଚାରୀମାନେ ନୈତିକତା ଶପଥ ନେବା ସହ ବ୍ୟକ୍ତିଗତ ଏବଂ ପେଶାଦାର ଜୀବନରେ ସଚ୍ଚୋଟତା, ସାଧୁତା ଏବଂ ସ୍ୱଚ୍ଛତା ବଜାୟ ରଖିବାକୁ ପ୍ରତିଜ୍ଞା ନେଇଥିଲେ। ଏହି ଅବସରରେ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି, 'ଟିପିଏସ୍ଓଡିଏଲର ପ୍ରତ୍ୟେକ କାମରେ ନୈତିକତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଏ। ଆମ ସଫଳତା କେବଳ ବ୍ୟାବସାୟିକ ଅଭିବୃଦ୍ଧିରେ ଆକଳନ ହୁଏ ନାହିଁ, ବରଂ ଆମର ସାଧୁତା ଏବଂ ସଚ୍ଚୋଟତା ଯୋଗୁଁ ତିଆରି ହୋଇଥିବା ଉପଭୋକ୍ତାଙ୍କ ବିଶ୍ୱାସ ଉପରେ ଏହା ଆଧାରିତ। ଶ୍ରୀ ଜାମସେଦଜୀ ନୁସରଓ୍ୱାନଜୀ ଟାଟା ନୈତିକ ନେତୃତ୍ୱର ଏକ ସର୍ବୋଚ୍ଚ ମାନଦଣ୍ଡ ଛାଡ଼ି ଯାଇଛନ୍ତି ଏବଂ ସେହି ପଥରେ ଆଗକୁ ବଢ଼ିବା ଆମର କର୍ତ୍ତବ୍ୟ।

## ଉପଖଣ୍ଡ ଚିକିତ୍ସାଳୟରେ ବିଭିନ୍ନ ଅବ୍ୟବସ୍ଥାକୁ ନେଇ ବିଶାଳ ଗଣଧାରଣା



**ନୀଳଗିରି,୩।୩(ସଂଚାର ବ୍ୟୁରୋ):** ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ବିଭିନ୍ନ ଅବବ୍ୟସ୍ଥା ଏବଂ ଏହାର ନିରାକରଣ ନିମନ୍ତେ ନୀଳଗିରି ଯୁବସମାଜ ତରଫରୁ ସୋମବାର ଦିବା ୧୦ ଟା ଠାରୁ ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ ପର୍ଯ୍ୟନ୍ତ ଗଣଧାରଣା ଚାଲୁରହିଛି। ନୀଳଗିରି ଯୁବସମାଜର ଏକ ପ୍ରତିନିଧିମଣ୍ଡଳ ଗତ ୨୪ ତାରିଖରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସ୍ୱାସ୍ଥ୍ୟମନ୍ତ୍ରୀ, ମୁଖ୍ୟ ଶାସନସଚିବ, ସ୍ୱାସ୍ଥ୍ୟ ସଚିବଙ୍କୁ ମେଲ୍ ଯୋଗେ ଦାବୀପତ୍ର ପ୍ରଦାନ କରାଯାଇଛି। ଏଥିସହ ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟଅଧିକାରୀଙ୍କ ସମେତ ସ୍ଥାନୀୟ ଉପଜିଲ୍ଲାପାଳ, ଉପଖଣ୍ଡ ଚିକିତ୍ସାଧିକାରୀ, ଏସଡିପିଓ ଓ ଆଇଆଇସିଙ୍କ ଠାରେ ୯ଦଫା ପ୍ରମୁଖ ସମ୍ବଳିତ ଦାବୀପତ୍ରରେ ଉପଖଣ୍ଡ ଚିକିତ୍ସାଳୟରେ ୪୯ଟି ଡ଼ାକ୍ତରୀ ପଦବୀ ରହିଥିବା ବେଳେ ୧୬ଜଣ ଡାକ୍ତର ନିଯୁକ୍ତି ପାଇଥିବା ବେଳେ ଅଧିକାଂଶ ଡାକ୍ତର ସ୍ଥାୟୀ ନୁହଁନ୍ତି। ପରନ୍ତୁ ଅଧିକାଂଶ ଡାକ୍ତର ହସ୍ପିଟାଲରେ ନରହି ବାହାରେ ରହୁଥିବାରୁ ରୋଗୀସେବା ବାଧାପ୍ରାପ୍ତ ହେଉଛି। ହସ୍ପିଟାଲରେ ୩ଟି ନର୍ସିଂ ସିଷ୍ଟର ପଦବୀ ଥିଲା ବେଳେ ତିନୋଟି ପୋଷ୍ଟ ଫାଙ୍କା ରହିଛି। ୯ଜଣ ନର୍ସ ରହିବା ଜାଗାରେ ୪ଜଣ ନର୍ସ ରହିଥିବା ଜଣାଯାଇଛି। ନାସା, ଗଳା, କର୍ଣ୍ଣ ଏବଂଯକ୍ଷ୍ମା ଡାକ୍ତର ପଦବୀ ଖାଲିରହିଛି। ଆଇସିୟୁ , ବ୍ଲଡବ୍ୟାଙ୍କ, ଅଲଟ୍ରାସାଉଣ୍ଡ ପାଇଁ ଷ୍ଟାଫ ନାହାନ୍ତି। ଯଦି ଆଗାମୀ ୩ତାରିଖ ମଧ୍ୟରେ ସମସ୍ତ ଅବ୍ୟବସ୍ଥା ପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନନିଆଯାଏ ତାହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବବୋଲି ୧୦୦ରୁ ଉର୍ଦ୍ଧ୍ୱ ଯୁବସମାଜସେବୀଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ରରେ ପ୍ରଦାନ କରାଯାଇଥିଲା। ଏହି ଧାରଣାରେ ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ବାଉଁଶବଣିଆ ସରପଞ୍ଚ ନିରଞ୍ଜନ ବାରିକ, ଯୁବ ସମାଜସେବୀ ସୁଧାରଞ୍ଜନ ମହାପାତ୍ର, ଅଶ୍ୱିନୀ କୁମାର ପାତ୍ର, ଅର୍ଦ୍ଧେନ୍ଦୁ ସିଂ, ପ୍ରିୟବ୍ରତ ମହାପାତ୍ର, ସୃଷ୍ଟିଧର ବାରିକ, ଫିଲୋସ୍ ସିଂ, ପ୍ରିୟରଞ୍ଜନ ସ ପ୍ରମୁଖ ଶହେରୁ ଉର୍ଦ୍ଧ୍ୱ ଯୁବସମାଜସେବୀ ଧାରଣାରେ ସାମିଲ ରହି ସମସ୍ୟାର ସମାଧାନ ପର୍ଯ୍ୟନ୍ତ ଧାରଣା ଚାଲୁରହିବ ବୋଲି ଦାବୀ କରିଥିଲେ।

### ସିଟିଜେନ୍ ହ୍ୟୁମାନ ରାଇଟ୍ କ୍ଲିନିକ୍ ପକ୍ଷରୁ
## ଲଙ୍ଗଳେଶ୍ୱର ମେଳାରେ ନକଲି ଖାଦ୍ୟ ସାମଗ୍ରୀର ଯାଞ୍ଚ

**ବାଲିଆପାଳ,୩।୩(ସଂଚାର ବ୍ୟୁରୋ):** ଏବେ ଚାଲିଛି ସାରା ଓଡ଼ିଶାରେ ମହାଶିବରାତ୍ରି ଓ ଜାଗର ମେଳା। ତେବେ ଓଡିଶାରେ ଥିବା ବଡବଡ ଶୈବପୀଠ ଗୁଡିକରେ ମେଳାର ମାହୌଲ୍ ରହିଥିବା ବେଳେ ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ କିସମର ଖାଇବା ଦୋକାନ ମଧ୍ୟ ବସିଛି। ତେବେ ଦୈନିକ ସଂନ୍ଧ୍ୟାରେ ହଜାର ହଜାର ଲୋକମାନେ ମେଳାକୁ ଆସିବା ସହ ଖାଇବାର ମଜା ମଧ୍ୟ ନେଉଛନ୍ତି। ତେବେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅଧିନ ଲଙ୍ଗଳେଶ୍ୱର ହରପାର୍ବତୀ ମେଳାରେ ଶହଶହ ଦୋକାନ ବସିଥିବା ବେଳେ ହଜାର ହଜାର ଲୋକ ପ୍ରତି ସଂନ୍ଧ୍ୟାରେ ମେଳାକୁ ଆସିବା ସହ ବିଭିନ୍ନ ଷ୍ଟଲ୍ ରେ ଲାଗିଥିବା ଚଟପଟି ଖାଦ୍ୟର ମଜା ନେଇଥାନ୍ତି। ତେବେ ଖାଦ୍ୟର ମାନ ତଥା ମେଳାରେ ଅଗ୍ନିନିର୍ବାପକ ପାଇଁ କଣ ସବୁ ବ୍ୟବସ୍ଥା ହୋଇଛି, ଆଜି ସିଟିଜେନ୍ ହ୍ୟୁମାନ ରାଇଟ୍ କ୍ଲିନିକ୍ ସଂସ୍ଥା ପକ୍ଷରୁ ତିନିଜଣିଆ ଟୀମ୍ ବିଶ୍ୱକେଶନ ବେହେରାଙ୍କ ନେତୃତ୍ୱରେ ପରିଦର୍ଶନ



କରିଥିଲେ। ତେବେ ବିଭିନ୍ନ ଦୋକାନରେ ବାସି ଖାଦ୍ୟ, ଲୋକାଲ୍ ଶଶ୍, ନିମ୍ନ ମାନର ତେଲ ବ୍ୟବହାର ହେଉଥିବାର ଦେଖିବାକୁ ପାଇଥିଲେ। ଏବଂ ଏତେ ବଡ ମେଳାରେ ଅଗ୍ନିନିର୍ବାପକ ପାଇଁ କୌଣସି ବ୍ୟବସ୍ଥା ନଥିବା ଦେଖିବାକୁ ପାଇଥିଲେ। ତେବେ ତୁରନ୍ତ ନକଲି ସାମଗ୍ରୀ ବାସିଖାଦ୍ୟ ହଟାଇ ଆଇଏସ ଆଇ ମାର୍କା ସାମଗ୍ରୀ ବ୍ୟବହାର ପାଇଁ ଦୋକାନୀ ମାନଙ୍କୁ ତାଗିଦ୍ କରିଥିଲେ।

## ଅନ୍ଧବିଶ୍ୱାସର ଅନ୍ଧକାରରେ ମଣିଷ ମାସକର ଶିଶୁକୁ ଚେଙ୍କ

**ନବରଙ୍ଗପୁର,୩।୩(ସଂଚାର ବ୍ୟୁରୋ):** ଅନ୍ଧବିଶ୍ୱାସର ଅନ୍ଧକାରରେ ମଣିଷ । ଦେହ ଭଲ ହେବା ପାଇଁ ଶିଶୁକୁ ଚେଙ୍କ । ମାସକର ଶିଶୁକୁ ୪୦ରୁ ଉର୍ଦ୍ଧ୍ୱ ଚେଙ୍କ । କଅଁଳା ଶିଶୁକୁ ଏମିତି ଚେଙ୍କ ଦିଆଯାଇଛି ଯେ ମୁଣ୍ଡ ଓ ପେଟରେ ଆଉ କେଉଁଠି ବି ଜାଗା ଖାଲି ନାହିଁ। ଯନ୍ତ୍ରଣାରେ ହସପିଟାଲ ବେଡରେ ପଡି ରହି ଛଟପଟ ହେଉଛି। ଏଭଳି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ।

## ଯୁବକଙ୍କ ଗଳାକାଟି ହତ୍ୟା, ସନ୍ଦେହରେ ସ୍ତ୍ରୀ ଅଟକ

**କୁଚିଣ୍ଡା,୩।୩(ସଂଚାର ବ୍ୟୁରୋ):** ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ଗଳାକାଟି ବିଭତ୍ସ ହତ୍ୟା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘରୁ ମୃତଦେହ ଉଦ୍ଧାର। ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଥାନା କୁଇଲାରୀଯୋର ଗାଁରେ ଘଟିଛି ଏଭଳି ଅଭାବନୀୟ ହତ୍ୟାକାଣ୍ଡ। ମୃତକ ଜଣକ ହେଲେ ଗଜିନ୍ଦ୍ର କିଶାନ । ଗଜିନ୍ଦ୍ର କିଶାନ ତାମିଲନାଡୁରେ କାମ କରିଥାନ୍ତି। ବେଳେ ବେଳେ ସେ ଘରକୁ ଆସିଥାନ୍ତି। ତାଙ୍କର ୧୨ ବର୍ଷୀୟ ଝିଅ ହଷ୍ଟେଲରେ ରହି ପାଠ ପଢେ। ଘରେ ତାଙ୍କ ସ୍ତ୍ରୀ ଏକାକୀ ରହୁଥିଲେ। ସୋମବାର ଗାଁର ଜଣେ ସମ୍ପର୍କୀୟଙ୍କ ବାହାଘର ଥିଲା। ଏଥିରେ ଯୋଗ ଦେବାକୁ ରବିବାର ଗଜିନ୍ଦ୍ର ଗାଁକୁ ଆସି ରାତିରେ ଘରେ ରହିଥିଲେ। ସକାଳେ ତାଙ୍କର ମୃତଦେହ ଉଦ୍ଧାର କରାଯାଇଛି। ତେବେ ମୃତକଙ୍କ ଦେହର ବିଭିନ୍ନ ସ୍ଥାନରେ ଓ ଗଳାରେ କଟା ଦାଗ ରହିଛି। ଖବର ପାଇ ପୋଲିସ ଓ ସାଇଣ୍ଟିଫିକ ଟିମ ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି। ହତ୍ୟାର କାରଣ ଅସ୍ପଷ୍ଟ ରହିଛି। ମୃତକଙ୍କ ସ୍ତ୍ରୀକୁ ପୋଲିସ ଅଟକ ରଖି ଘଟଣାର ତଦନ୍ତ କରୁଛି।



## ଜନ୍ମ ମୃତ୍ୟୁ ପଞ୍ଜିକରଣ ବିଭାଗରେ ଝୁଲୁଛି ତାଲା, ଲୋକେ ହନ୍ତସନ୍ତ

**ଥୁଆମୂଳ ରାମପୁର,୩।୩(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲୋକଙ୍କୁ ମିଳୁନାହିଁ ଜନ୍ମମୃତ୍ୟୁ ପ୍ରମାଣପତ୍ର । ବ୍ଲକର ୨୪ ଗୋଟି ପଞ୍ଚାୟତବାସୀ ଯାହାକି ଦୁରଦୂରାନ୍ତ ଅଞ୍ଚଳର ହିତାଧିକାରୀ ଜନ୍ମ ମୃତ୍ୟୁ ପ୍ରମାଣପତ୍ର ପାଇବାରୁ ଦିନକୁ ଦିନ ଆହୁରି ହଇରାଣ ହେଉଥିବା ଦେଖିବାକୁ ମିଳୁଛି। ଏମିତି କି ବାରମ୍ବାର କାର୍ଯ୍ୟାଳୟ ଆସି ଦେଖିଖିଲେ ଜନ୍ମ ମୃତ୍ୟୁ ପଞ୍ଜିକରଣ ବିଭାଗ କାର୍ଯ୍ୟାଳୟରେ ତାଲା ଝୁଲିଥାଏ। କିଏ ସପ୍ତାହ ଯାକ ତ କିଏ ମାସ ମାସ ଧରି ଦୌଡି ଦୌଡ଼ି ନୟାନ୍ତ ହେଉଥିବା ଘଟଣା ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ, ମେଡିକାଲରେ କାର୍ଯ୍ୟରତ ସୁପରଭାଇଜର ଲକ୍ଷ୍ମୀ ମହାରଣା ଜନ୍ମମୃତ୍ୟୁ ପ୍ରମାଣପତ୍ର ନିମନ୍ତେ ଗତ ଜାନୁଆରୀରେ ୪ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଜିଲା ଭିଜିଲାନ୍ସ ବିଭାଗ କେସ ନଂ ୧/୨୫ ରେ ଏକ ମାମଲା ରୁଜୁ କରି ଉକ୍ତ ଅଧିକାରୀଙ୍କୁ ସସ୍ପେଣ୍ଡ କରିଥିବା ସୂଚନା ରହିଛି। ହେଲେ ସେହିଦିନଠାରୁ ଜନ୍ମମୃତ୍ୟୁ ପଞ୍ଜିକରଣ ଅଫିସରେ ତାଲା ଝୁଲିଛି। ଏଯାଏ କୌଣସି କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇ ନାହିଁ। ଯାହାଫଳରେ ବ୍ଲକବାସୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଶିଶୁମାନଙ୍କ ଆଧାରକାର୍ଡ ଲାଗି ଜନ୍ମ ପ୍ରମାଣ ପତ୍ର ଦରକାର ପଡୁଥିବା ବେଳେ ସୁବିଧା ପାଇବାରୁ ବଞ୍ଚିତ ରହୁଛନ୍ତି। ବିଧବାଙ୍କୁ ଭତ୍ତା ନିମନ୍ତେ ସ୍ଥାନୀୟ ମେଡିକାଲରୁ ସ୍ୱାମୀଙ୍କ ମୃତ୍ୟୁ ସାର୍ଟିଫିକେଟ ଦରକାର ପଡୁଛି।

# ଜଳସେଚନ ମାଧ୍ୟମରେ ଫସଲର ଘନତ୍ୱ ବୃଦ୍ଧି ପ୍ରସଙ୍ଗ

### ସରପଞ୍ଚ ଓ ଗ୍ରାମ ପଞ୍ଚାୟତସ୍ତରୀୟ ମହିଳା ମହାସଂଘ ପ୍ରତିନିଧିଙ୍କ ଏକଂ ଦିବସୀୟ ତାଲିମ୍ ଶିବିର

**କଳାହାଣ୍ଡି,୩।୩(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଯୋଜନା ଓ ପରିସଂଖ୍ୟାନ ବିଭାଗ ସମ୍ମିଳନୀ କକ୍ଷ ରେ ଜଳସେଚନ ମାଧ୍ୟମ ରେ ଫସଲ ର ଘନତ୍ୱ ବୃଦ୍ଧି ବାବଦରେ ସରପଞ୍ଚ ଓ ଗ୍ରାମ ପଂଚାୟତ ସ୍ତରୀୟ ମହିଳା ମହାସଂଘ ପ୍ରତିନିଧିଙ୍କ ଏକ ଦିବାସୀୟ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର କୁ ଯୋଜନା ଓ ପରିସଂଖ୍ୟାନ ବିଭାଗ ଉପନିର୍ଦ୍ଦେଶକ ଶ୍ରୀ ଶ୍ରୀକାନ୍ତ ଦଳେଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲ । ନିମନ୍ତ୍ରିତ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ଉଦ୍ୟାନ ବିଭାଗ




ଉପନିର୍ଦ୍ଦେଶକ ଶ୍ରୀ ୱିଷ୍ଣୁ ପ୍ରସାଦ ସିଂ, ଓଡିଶା ଜୀବିକା ମିଶନ ର ଡିପିଏମ ଶ୍ରୀ ଚନ୍ଦନ କୁମାର ବେହେରା, ଜିଲ୍ଲା କୃଷି କାର୍ଯ୍ୟାଳୟ ର ଯୋଜନା ଅଧିକାରୀ ଶ୍ରୀ ବିଶ୍ୱନାଥ ମହାପାତ୍ର, ଜିଲ୍ଲା ଜଳ ଛାୟା ବିଭାଗ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସାଗରୀକା ଭୋଇ, ଜିଲ୍ଲା ଯୋଜନା ଓ ପରିସଂଖ୍ୟାନ ବିଭାଗ ର କ୍ଷୁଦ୍ର ଯୋଜନା ଓ ଜୀବିକା ଅଧିକାରୀ ଡା. କୁମୁଦିନୀ ମିଶ୍ର, ପ୍ରଦାନ ଅନୁଷ୍ଠାନ ର ଟିମ କୋର୍ଡିନେଟର ହୃଦୟାନନ୍ଦ ମହାପାତ୍ର ଓ ଦାପ୍ତା ସଂସ୍ଥା ର ଦୀପନ ଶର୍ମା ଯୋଗ ଦେଇ ଥିଲେ। ପ୍ରଦାନ ର ଶ୍ରୀ ମହାପାତ୍ର ଏଚ୍‌ଡିଏଫ୍‌ସି ବ୍ୟାଙ୍କ ର ପାଣି ପରିଯୋଜନା ର ଲକ୍ଷ୍ୟ, ଉଦ୍ଦେଶ୍ୟ,ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକ୍ରମ ର ଅଗ୍ରଗତି ସମ୍ପର୍କ ରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଏହି ଯୋଜନା ଟି ଲାଞ୍ଜିଗଡ ବ୍ଲକ ର ବେନଗାଁ, ଲାଞ୍ଜି, କାନକୁଟୁ, ବନ୍ଧପାରି, ଚମ୍ପାଦେଇପୁର, ଛତ୍ରପୁର, କଦମ୍ବଗୁଡା ଗ୍ରାମ ପଞ୍ଚାୟତ ର ୫୧ ଟି ଗ୍ରାମ ରେ କାର୍ଯ୍ୟରତ ହୋଇଛି। ଏହି ଯୋଜନା ରେ ସରକାରଙ୍କ ସମସ୍ତ ବିଭାଗ ଯୋଜନାର ସମ୍ମିଳିତ ପ୍ରଚେଷ୍ଟା ରେ ଜଳ ଉତ୍ସ ନିର୍ମାଣ କରା ଯାଇ ଚାଷୀ ମାନଙ୍କ ଆୟ କୁ ବୃଦ୍ଧି ନିମନ୍ତେ ଚାଷ ର ଘନତ୍ୱ ଶତକଡା ୨୦୦ ଭାଗକୁ ବଢାଇବା ପାଇଁ ଲକ୍ଷ ରଖାଯାଇଛି । ମୁଖ୍ୟ ଅତିଥି ଶ୍ରୀ ଦଳେଇ ଲାଞ୍ଜିଗଡ଼ ଭଳି ଆଦିବାସୀ ଅଧୁଷିତ ଅଂଚଳ ରେ ଏଭଳି ଯୋଜନା କୁ କିପରି ସଫଳ ରୂପାୟନ ହୋଇପାରିବ ସେ ଦିଗ ରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଶ୍ରୀ ସିଂ ବିଭାଗ ଦ୍ୱାରା କାର୍ଯ୍ୟ କାରୀ କରାଯାଉଥିବା ଯୋଜନା ଯଥା -ଛତୁ ଚାଷ, ଗେଣ୍ଡୁ ଫୁଲ ଚାଷ, ବୁନ୍ଦା ଜଳସେଚନ ଓ ଅର୍ଥକାରୀ ଫସଲ ବାବଦରେ ସମସ୍ତଙ୍କୁ ଦିଗ ଦର୍ଶନ ଦେଇଥିଲେ।

# ଅଧିକ ବ୍ୟାୟାମରୁ ଆଥ୍‌ଲେଟିକ୍ ହାର୍ଟ ସିଣ୍ଡ୍ରୋମ୍



ଆମ ଶରୀରକୁ ସର୍ବଦା କର୍ମଚଞ୍ଚଳ ରଖିବା ପାଇଁ ନିୟମିତ ବ୍ୟାୟାମର ଆବଶ୍ୟକତା ରହିଛି। ଏହା ଆମର ମାଂସପେଶୀ ଓ ଅସ୍ଥିଗୁଡ଼ିକୁ ମଜଭୁତ କରିବାରେ ସହାୟକ ହେବା ସହ କୌଣସି ଦୀର୍ଘକାଳୀନ ରୋଗର ଆଶଙ୍କାକୁ ମଧ କମାଇ ଦେଇଥାଏ। ତେବେ ଅତି ଲେମ୍ବୁ ଚିପୁଡ଼ିଲେ ପିତା ନ୍ୟାୟରେ ଅଧିକ ବ୍ୟାୟାମ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି ବିଶେଷଜ୍ଞ ଡାକ୍ତରମାନେ ସତର୍କ କରାଇ ଦେଇଛନ୍ତି। ମଧମ ଧରଣର ବ୍ୟାୟାମ ସବୁଠାରୁ ନିରାପଦ ବୋଲି ସେମାନେ ପରାମର୍ଶ କରିଛନ୍ତି। ଡାକ୍ତରଙ୍କ କହିବା କଥା, ବହୁ ଦିନ ଧରି ଅତ୍ୟଧିକ ବ୍ୟାୟାମ କରିବା ଦ୍ୱାରା 'ଆଥ୍‌ଲେଟିକ୍ ହାର୍ଟ ସିଣ୍ଡ୍ରୋମ୍' ନାମକ ଏକପ୍ରକାର ହୃଦ୍‌ଅବସ୍ଥା ସୃଷ୍ଟି ହୋଇଥାଏ, ଯାହା ଆମର ହୃତ୍‌ପିଣ୍ଡ ପାଇଁ ହାନିକାରକ। ଜଣେ ସପ୍ତାହକୁ ୧୫୦ ମିନିଟ୍‌ର ଧୀର ଚାଲି ପରି ମଧମ ଧରଣର ବ୍ୟାୟାମ କରିବା ଦରକାର କିମ୍ବା ୭୫ ମିନିଟ୍‌ର ଦୌଡ଼ିବା ଭଳି କଠିନ ପରିଶ୍ରମ କରିବା ବିଧେୟ। ଏଥି ସହିତ ସପ୍ତାହକୁ ଦୁଇଥର ମାଂସପେଶୀ ସମ୍ପ୍ରସାରଣ ବ୍ୟାୟାମ କରିବା ମଧ ସ୍ୱାସ୍ଥ୍ୟ ଅନୁକୂଳ। ଏହି ସୀମା ଅତିକ୍ରମ କଲେ ଆମ ହୃତ୍‌ପିଣ୍ଡ ତାହାର ଆକାର ଓ ଆକୃତିକୁ ଧୀରେ ଧୀରେ

**ପେସାଦାର ଦୌଡ଼ାଳି ୧୨ରୁ ୧୫ ଘଣ୍ଟା ଧରି କଠିନ ବ୍ୟାୟାମ କରନ୍ତି। ବିଶେଷ କରି ସେମାନଙ୍କ ଠାରେ 'ଆଥ୍‌ଲେଟିକ୍ ହାର୍ଟ**

ବଦଳାଇବା ଆରମ୍ଭ କରିଦେଇଥାଏ। ଫଳରେ ହୃତ୍‌ପିଣ୍ଡ ତାହାର ସ୍ୱାଭାବିକ କ୍ରିୟାରେ ମଧ ପରିବର୍ତ୍ତନ ଆଣିଥାଏ। ଏହି ଅବସ୍ଥାକୁ 'ଆଥ୍‌ଲେଟିକ୍ ହାର୍ଟ ସିଣ୍ଡ୍ରୋମ୍' କୁହାଯାଏ। ପେସାଦାର ଦୌଡ଼ାଳିଙ୍କ ପରି ବ୍ୟକ୍ତି ବ୍ୟାୟାମପ୍ରବଣ ହୋଇ ସପ୍ତାହକୁ ୧୨ରୁ ୧୫ ଘଣ୍ଟା ଧରି ଏପରି କଠିନ ବ୍ୟାୟାମ କରିଥା'ନ୍ତି। ବିଶେଷ କରି ସେମାନଙ୍କ ଠାରେ ହିଁ ଏହି ସିଣ୍ଡ୍ରୋମ୍ ଦେଖାଦେଇଥାଏ। ତେବେ ଏହି ଅବସ୍ଥା ସମସ୍ତଙ୍କ ଠାରେ ସମସ୍ୟା ଆଣିବ ବୋଲି କିଛି ମାନେ ନାହିଁ। ମାତ୍ର ଜଣ ଜଣକ ଠାରେ ଏହା ବିଭିନ୍ନ ହୃଦ୍‌ସମସ୍ୟା ସୃଷ୍ଟି କରିଥାଏ। ତେବେ ଯୁବାବସ୍ଥାରେ ନିୟମିତ ମଧମ ଧରଣର ବ୍ୟାୟାମ ଜଣକର ହୃତ୍‌ପିଣ୍ଡକୁ ବୃଦ୍ଧାବସ୍ଥାରେ ମଧ ସୁସ୍ଥ ସକ୍ରିୟ ରଖିପାରିବ ବୋଲି ବିଶେଷଜ୍ଞମାନଙ୍କ ମତ।

# ଆଗାମୀ ମହାମାରୀର ସମ୍ଭାବ୍ୟ ପ୍ରତିଷେଧକ



ଆଗକୁ କୋଭିଡ୍-୧୯ ଠାରୁ ବହୁଗୁଣ ଘାତକ କୌଣସି ଅଜଣା ମହାମାରୀର ସମ୍ଭାବ୍ୟ ପ୍ରାଦୁର୍ଭାବକୁ ସାମନା କରିବା ଲାଗି ବୈଜ୍ଞାନିକମାନେ ଏକ ନୂଆ କୌଶଳ ଆପଣେଇବାକୁ ପରାମର୍ଶ କରିଛନ୍ତି। କର୍ଣ୍ଣେଲ ବିଶ୍ୱବିଦ୍ୟାଳୟ ଓ ୱାଇଲ୍‌ଡଲାଇଫ୍ କଞ୍ଜର୍ଭେସନ୍ ସୋସାଇଟିର ଗବେଷକମାନଙ୍କ ମତରେ, ଅତୀତରେ ବାଦୁଡ଼ିଙ୍କ ଦ୍ୱାରା ହିଁ କୋଭିଡ୍-୧୯ ଓ ନିପା ସମେତ ଅନେକ ଦୁଃସାଧ ରୋଗର ଭୂତାଣୁ ମନୁଷ୍ୟ ଶରୀରକୁ ସଂକ୍ରମିତ ହେବାର ନଜିର ରହିଛି। ତେଣୁ ଏହି ସ୍ତନ୍ୟପାୟୀ ପକ୍ଷୀ ସହିତ ଆମେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ କରିପାରିଲେ ଭବିଷ୍ୟତର ମହାମାରୀ ସଂକ୍ରମଣକୁ ଟାଳିଦେଇପାରିବା। ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ବାଦୁଡ଼ି ଶିକାର, ବାଦୁଡ଼ି ଚାଲାଣ ଓ ବାଦୁଡ଼ି ମାଂସ ଭକ୍ଷଣ ବନ୍ଦ କରିବା, ସେମାନଙ୍କ ବାସସ୍ଥଳୀଠାରୁ ଦୂରେଇ ରହିବା, ସେମାନଙ୍କ ପ୍ରାକୃତିକ ବାସସ୍ଥଳୀକୁ ସୁରକ୍ଷିତ ରଖିବା ଲାଗି ଜଙ୍ଗଲ କାଟିବା ବନ୍ଦ କରି ଅଧିକ ଜଙ୍ଗଲ ସୃଷ୍ଟି କରିବା ଏବଂ ବାଦୁଡ଼ିମାନେ ରହୁଥିବା ଇଲାକାର ଆଖପାଖରେ ଗୃହପାଳିତ ପଶୁଙ୍କୁ ଚରିବା ଲାଗି ନ ଛାଡ଼ିବା ଆଦି ବିଷୟ ପ୍ରତି ଧ୍ୟାନ ଦେଲେ ଭବିଷ୍ୟତରେ କୌଣସି ମହାମାରୀକୁ ଆମନ୍ତ୍ରଣ କରିବାର ଆଶଙ୍କା କମ୍ ରହିବ ବୋଲି ଗବେଷକମାନେ କହିଛନ୍ତି। ବାଦୁଡ଼ିମାନେ ସାଧାରଣତଃ ରାବିଜ୍ ଭୂତାଣୁ, ମାର୍ବର୍ଗ ଭୂତାଣୁ, ନିପା ଭୂତାଣୁ, ହେଣ୍ଡରା ଭୂତାଣୁ, ମର୍ସ-କୋଭ୍ ଭୂତାଣୁ ଏବଂ ଇବୋଲା ଭୂତାଣୁ ପରି ସଂଖ୍ୟାଧିକ ଭୂତାଣୁର ଗନ୍ତାଘର ଭାବେ ଜଣାଶୁଣା। ସୁତରାଂ ସେମାନଙ୍କଠାରୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଦୂରେଇ ରହିଲେ ସେଭଳି କିଛି ଭବିଷ୍ୟତର ଅଜଣା ମହାମାରୀ କବଳରୁ ବିଶ୍ୱକୁ ସୁରକ୍ଷିତ ରଖିପାରିବା ବୋଲି କୁହାଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ୨୦୧୭-୧୮ରୁ କୌଣସି ଏକ ଅଜଣା ରୋଗର ପ୍ରାଦୁର୍ଭାବ ବାବଦରେ ସତର୍କ କରାଇ ଆସୁଥିଲେ ମଧ ତାହାର ଆବିର୍ଭାବ କେବେ ଘଟିବ ତାହା ସ୍ପଷ୍ଟ କରିନାହିଁ। ତେବେ ଏହି ଆନ୍ତର୍ଜାତିକ ସଂସ୍ଥା ଏକାଧିକ ସଂକ୍ରମଣ ବାବଦରେ ଉଲ୍ଲେଖ କରିଆସିଛି, ଯହିଁରୁ କୌଣସିଟିର ପରିଣତି ହିଁ ପରବର୍ତ୍ତୀ ବିଶ୍ୱ ମହାମାରୀ ରୂପେ ଦେଖାଦେବ। ତେଣୁ ବୈଜ୍ଞାନିକଙ୍କର ଏହି ବାଦୁଡ଼ି-ସତର୍କତା ହିଁ ସମୟୋପଯୋଗୀ ପଦକ୍ଷେପ ହେବ ବୋଲି ଆଶା କରାଯାଏ।

# ଭିଟାମିନ 'ଡି'ର ଭଣ୍ଡାର ସୂର୍ଯ୍ୟକିରଣ

ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିବାଦ୍ୱାରା ମସ୍ତିଷ୍କରେ ସେରୋଟୋନିନ୍ ନାମକ ହର୍ମୋନ୍ ନିର୍ଗତ ହୋଇଥାଏ। ସେରୋଟୋନିନ୍ ମୁଡ ବଢ଼ାଇବା ସହ ଜଡ଼ିତ ଏବଂ ଜଣେ ବ୍ୟକ୍ତିଙ୍କୁ ଶାନ୍ତ ଏବଂ ଏକାଗ୍ର ଅନୁଭବ କରିବାରେ ସାହାଯ୍ୟ କରିଥାଏ। ଏହା ମୁଡରେ ଉନ୍ନତି ଆଣିପାରେ ଏବଂ ଆମର ସର୍କାଡିଆନ୍ ଲୟକୁ ସ୍ଥିର କରିପାରେ, ଯାହା ଆମକୁ ଏକ ଭଲ ଏବଂ ଗଭୀର ରାତି ଶୋଇବାରେ ସାହାଯ୍ୟ କରିଥାଏ। ମାନସିକ ସ୍ତରରେ ଆଲୋକ ଅବସାଦ ସ୍କୋରକୁ ହ୍ରାସ କରିପାରେ ଏବଂ ଏପରିକି ପ୍ରତିକ୍ରିୟା ସମୟ ଏବଂ ସକ୍ରିୟତା ଭଳି ଜ୍ଞାନାତ୍ମକ କାର୍ଯ୍ୟଦକ୍ଷତା ବୃଦ୍ଧି କରିପାରେ। ସୁସ୍ଥ କେଶ ଓ ତ୍ୱଚା ବଜାୟ ରଖିବାରେ ସୂର୍ଯ୍ୟଙ୍କ ସଂସ୍ପର୍ଶରେ ଆସିଥିବା ଭିଟାମିନ୍ ଡି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

**କେଶ ସ୍ୱାସ୍ଥ୍ୟ:** ଭିଟାମିନ୍ ଡି କେଶର ଫୁଲିକାଲକୁ ଉତ୍ସାହିତ କରିବାରେ ସାହାଯ୍ୟ କରିଥାଏ, ଯାହା ସୁସ୍ଥ କେଶ ବୃଦ୍ଧିକୁ ପ୍ରୋତ୍ସାହିତ କରିଥାଏ। ଏହା କେଶ ଝଡ଼ିବା ରୋକିବା ଏବଂ କେଶର ମୋଟାପଣ ବଜାୟ ରଖିବାରେ ମଧ୍ୟ ଭୂମିକା ଗ୍ରହଣ କରିପାରେ।

**ଆଣ୍ଟି-ଇନଫ୍ଲାମେଟୋରୀ ଗୁଣ:** ଏହା ଚର୍ମକୁ ଶାନ୍ତ କରିବାରେ ସାହାଯ୍ୟ କରିଥାଏ ଏବଂ କେତେକ ଚର୍ମ ପରିସ୍ଥିତି ସହିତ ଜଡ଼ିତ ଲାଲପଣ କିମ୍ବା ପ୍ରଦାହକୁ ହ୍ରାସ କରିଥାଏ।

**ଚର୍ମ ସ୍ୱାସ୍ଥ୍ୟ:** ପର୍ଯ୍ୟାପ୍ତ ଭିଟାମିନ୍ ଡି ସ୍ତର କୋଷର ବୃଦ୍ଧି, ମରାମତି ଏବଂ ମେଟାବୋଲିଜିମକୁ ପ୍ରୋତ୍ସାହିତ କରି ସାମଗ୍ରିକ ଚର୍ମ ସ୍ୱାସ୍ଥ୍ୟରେ ଯୋଗଦାନ କରିଥାଏ।



# ଶରୀରର ଦୁଇଟି ଅଙ୍ଗରୁ ପ୍ରବେଶ କରେ ଯକ୍ଷ୍ମା ରୋଗ




ଯକ୍ଷ୍ମା (ଟିବି) ଏକ ଜୀବାଣୁ ଜନିତ ସଂକ୍ରମଣ। ଏହି ରୋଗ ବିପଜ୍ଜନକ ହେବା ସହ ମାରାତ୍ମକ ମଧ ହୋଇଥାଏ। ଥରେ କାହାକୁ ଏହି ରୋଗ ହୁଏ, ତା'ପରେ ତାଙ୍କୁ ଦେଢ଼ ବର୍ଷ ପର୍ଯ୍ୟନ୍ତ ନିୟମିତ ଔଷଧ ଖାଇବାକୁ ପଡ଼ିଥାଏ। ଥରେ କେହି ହେଲେ ଏହା ପୂରା ପରିବାରକୁ ସଂକ୍ରମିତ ହୋଇପାରେ। ଅଲ୍ ଇଣ୍ଡିଆ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଅନୁଯାୟୀ, ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବରକ୍ଲୋସିସ୍ ନାମକ ଜୀବାଣୁଦ୍ୱାରା ଯକ୍ଷ୍ମା ହୁଏ। ବ୍ୟାକ୍ଟେରିଆ ଦ୍ୱାରା ମଧ ହୋଇଥାଏ। ହାତ, ପାଦ, ଆଖି କିମ୍ବା ଜିନିଷକୁ ଛୁଇଁବାଦ୍ୱାରା ମଧ ବ୍ୟାକ୍ଟେରିଆ ହୋଇପାରେ। ଯକ୍ଷ୍ମା ଜୀବାଣୁ ନାକ ଓ ପାଟି ଦେଇ ଶରୀରର ଦୁଇଟି ଅଙ୍ଗରେ ପ୍ରବେଶ କରିଥାଏ। ୭୦ ପ୍ରତିଶତ କ୍ଷେତ୍ରରେ ଫୁସଫୁସ ମାଧମରେ ଟିବି ପ୍ରବେଶ କରିଥାଏ। ଏଠାରୁ ହିଁ ଯକ୍ଷ୍ମା ଆରମ୍ଭ ହୋଇଥାଏ। ତା'ପରେ ଧୀରେ ଧୀରେ ଏହା ବାକି ଅଙ୍ଗକୁ ବ୍ୟାପିଯାଏ। ଏହା ପରବର୍ତ୍ତୀ ସମୟରେ ଅତିରିକ୍ତ ପଲମୋନାରୀ ଯକ୍ଷ୍ମାରେ ପରିଣତ ହୁଏ। ଟିବି ନାକ ଓ ପାଟି ମାଧମରେ ସାରା ଶରୀରରେ ବ୍ୟାପିଥାଏ। ଯଦି ଜଣେ ଯକ୍ଷ୍ମା ରୋଗୀ ନିଶ୍ୱାସପ୍ରଶ୍ୱାସରୁ ଜଣେ ବ୍ୟକ୍ତିଙ୍କଠାରୁ ଅନ୍ୟ ଜଣକୁ ଯକ୍ଷ୍ମା ବ୍ୟାପିଯାଏ।

# ଟେଷ୍ଟୋଷ୍ଟେରୋନ୍ ସ୍ତର ବଜାୟ ରଖିବେ କିପରି ?

ଆମ ଶରୀର ଦ୍ୱାରା ସଂପନ୍ନ ଯୌନ କ୍ରିୟା, ଅସ୍ଥି ସ୍ୱାସ୍ଥ୍ୟ, ମାନସିକ ସ୍ଥିରତା, ମାଂସପେଶୀ ବୃଦ୍ଧି ଏବଂ ଲୋହିତ ରକ୍ତକଣିକା ସୃଷ୍ଟି ପରି ବହୁବିଧ କାର୍ଯ୍ୟ ପାଇଁ ଟେଷ୍ଟୋଷ୍ଟେରୋନ୍ ହରମୋନ୍ ସ୍ତର ସନ୍ତୁଳିତ ରହିବା ଦରକାର। ମାତ୍ର ତ୍ରୁଟିପୂର୍ଣ୍ଣ ଜୀବନଚର୍ଯ୍ୟା ଓ ଅସ୍ୱାସ୍ଥ୍ୟକର ଖାଦ୍ୟଶୈଳୀ ଆପଣେଇବା ଆଦି କାରଣରୁ ଏହି ସ୍ତର ବଜାୟ ରହିପାରେନାହିଁ। ସୁତରାଂ ଯେଉଁ ସବୁ କାର୍ଯ୍ୟରେ ଟେଷ୍ଟୋଷ୍ଟେରୋନ୍‌ର ଭୂମିକା ରହିଛି, ସେସବୁରେ ଅହେତୁକ ବ୍ୟତିକ୍ରମ ଦେଖାଦେବା ସହ ଜୀବନ ନିରସ ହୋଇପଡ଼େ। ତେଣୁ ଶରୀରର ଟେଷ୍ଟୋଷ୍ଟେରୋନ୍ ସ୍ତର ବଜାୟ ରଖିବା ପାଇଁ କିଛି ସହଜ ଉପାୟ ସମ୍ପର୍କରେ ଜାଣିବା।

- ଅତି ମାତ୍ରାରେ ପ୍ରକ୍ରିୟାକୃତ ଖାଦ୍ୟ, ଅଧିକ ଶର୍କରାଯୁକ୍ତ ଖାଦ୍ୟ, ସୋୟା, ଫ୍ଲାକ୍ସସିଡ୍, ମଦ୍ୟ, ମିଣ୍ଟ ପରି କିଛି ଖାଦ୍ୟ ଶରୀରର ଟେଷ୍ଟୋଷ୍ଟେରୋନ୍ ସ୍ତର ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ସୁତରାଂ ସେହି ସବୁ ଖାଦ୍ୟର ଯଥାସମ୍ଭବ କମ୍ ବ୍ୟବହାର କରିବା ଉଚିତ।
- ନାନା ସ୍ୱାସ୍ଥ୍ୟ ସମସ୍ୟା ଆଣୁଥିବା ମୋଟାପଣ ବା ମେଦବହୁଳତାର ଟେଷ୍ଟୋଷ୍ଟେରୋନ୍ ସ୍ତର ହ୍ରାସ କରିଦେଇଥାଏ। ତେଣୁ ସ୍ୱାସ୍ଥ୍ୟପ୍ରଦ ଉପାୟରେ ଓଜନ କମାଇପାରିଲେ ଟେଷ୍ଟୋଷ୍ଟେରୋନ୍ ସ୍ତର ସ୍ୱାଭାବିକ ସ୍ତରକୁ ଆଣିହେବ।
- ଦୈନିକ ଆବଶ୍ୟକ ସମୟ ନିଦ୍ରା ନଗଲେ ଆମର ମନୋଭାବରେ ପରିବର୍ତ୍ତନ, ଓଜନବୃଦ୍ଧି, ଉଚ୍ଚ ରକ୍ତଚାପ ପରି ସମସ୍ୟା ଦେଖାଦେଇଥାଏ। ପରୋକ୍ଷରେ ଏହା ଟେଷ୍ଟୋଷ୍ଟେରୋନ୍ ସ୍ତରକୁ ମଧ ପ୍ରଭାବିତ କରିଥାଏ। ତେଣୁ ଯେତେ ବ୍ୟସ୍ତବହୁଳ ଜୀବନ କଟାଇଲେ ମଧ ଦୈନିକ ସାତରୁ ଆଠ ଘଣ୍ଟା ଗାଢ଼ ନିଦ୍ରା ଯିବା ଦରକାର।
- ରକ୍ତଶର୍କରା ଓ ଉଚ୍ଚ ରକ୍ତଚାପ ଅନିୟନ୍ତ୍ରିତ ହୋଇଗଲେ ଟେଷ୍ଟୋଷ୍ଟେରୋନ୍ ସ୍ତର କମିଯିବାର ଯଥେଷ୍ଟ ଆଶଙ୍କା ରହିଛି। ସେହିପରି ରକ୍ତରେ କୋଲେଷ୍ଟ୍ରୋଲ୍ ସ୍ତର ବଢ଼ିଗଲେ ମଧ ଅନୁରୂପ ଭାବେ ଟେଷ୍ଟୋଷ୍ଟେରୋନ୍ ସ୍ତର କମିଯାଏ। ତେଣୁ ତନ୍ତୁଯୁକ୍ତ ତଥା ସବୁଜ ପନିପରିବା ଓ ଫଳମୂଳ ପରି ସନ୍ତୁଳିତ ଖାଦ୍ୟ ଖାଇଲେ କୋଲେଷ୍ଟ୍ରଲ୍ ସ୍ତର କମିବା ସହ ଟେଷ୍ଟୋଷ୍ଟେରୋନ୍ ସ୍ତର ବଢ଼ିପାରିବ।



# ଆସୁଛି ମାଇଗ୍ରେନ୍ ଋତୁ !

**ପ୍ରାୟତଃ ଆମେ ସାଧାରଣ ମୁଣ୍ଡବିନ୍ଧା ଓ ମାଇଗ୍ରେନ୍‌କୁ ନେଇ ଦ୍ୱନ୍ଦ୍ୱରେ ରହିଥାଉ। ଅନେକ ଏହାର ପ୍ରାରମ୍ଭିକ ଲକ୍ଷଣକୁ ଚିହ୍ନଟ କରିପାରନ୍ତି ନାହିଁ, ଯେଉଁଥିପାଇଁ ସମସ୍ୟା ଗୁରୁତର ହୋଇଯାଏ।**



ଶୀତ ସରିବାକୁ ଯାଉଛି ଓ ତାପମାତ୍ରା ବଢ଼ିବା ଆରମ୍ଭ ହୋଇଛି। ଗ୍ରୀଷ୍ମ ଋତୁରେ ଅନେକ ମୁଣ୍ଡବିନ୍ଧାର ଶିକାର ହୋଇଥାଆନ୍ତି। ଏହି ସମସ୍ୟାକୁ ଡାକ୍ତରୀ ଭାଷାରେ ମାଇଗ୍ରେନ୍ କହାଯାଏ। ମାଇଗ୍ରେନ୍‌ର ଅର୍ଥ ଅଧକପାଳି ବିନ୍ଧା, ଅର୍ଥାତ୍ ମୁଣ୍ଡର କୌଣସି ଗୋଟିଏ ଭାଗ ଜୋର୍‌ରେ ଯନ୍ତ୍ରଣା ହେବା। ସର୍ଭେ ଅନୁସାରେ, ମାଇଗ୍ରେନ୍ ହେଉଛି ବିଶ୍ୱର ତୃତୀୟ ସର୍ବାଧିକ ସ୍ୱାସ୍ଥ୍ୟ ସମସ୍ୟା। ଏହା ସମଗ୍ର ବିଶ୍ୱରେ କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ସବୁ ବୟସର ଲୋକ ଅଧିକରୁ ଅଧିକ ମାଇଗ୍ରେନ୍‌ର ଶିକାର ହେଉଛନ୍ତି। ଏହା ଯୋଗୁଁ ପ୍ରବଳ ମୁଣ୍ଡବିନ୍ଧା, ବାନ୍ତି ଓ ମୁଣ୍ଡ ବୁଲାଇବା ଭଳି ସମସ୍ୟା ଦେଖାଦେଇଥାଏ। ଶରୀରରେ ଜଳୀୟଅଂଶର ଅଭାବ ଯୋଗୁଁ ମଧ ମୁଣ୍ଡବିନ୍ଧା ହୋଇଥାଏ। ପ୍ରାୟତଃ ଆମେ ସାଧାରଣ ମୁଣ୍ଡବିନ୍ଧା ଓ ମାଇଗ୍ରେନ୍‌କୁ ନେଇ ଦ୍ୱନ୍ଦ୍ୱରେ ରହିଥାଉ। ଅନେକ ଏହାର ପ୍ରାରମ୍ଭିକ ଲକ୍ଷଣକୁ ଚିହ୍ନଟ କରିପାରନ୍ତି ନାହିଁ, ଯେଉଁଥିପାଇଁ ସମସ୍ୟା ଗୁରୁତର ହୋଇଯାଏ। ମାଇଗ୍ରେନ୍‌ର ଲକ୍ଷଣ ଓ କାରଣ ଏବଂ ଏଥିରୁ ରକ୍ଷା ପାଇବାର ଉପାୟ ବିଷୟରେ ଅବଗତ ହେବା ଜରୁରୀ। ସାଧାରଣତଃ ମାଇଗ୍ରେନ୍ ଆକ୍ରାନ୍ତ ବ୍ୟକ୍ତିଙ୍କର ହଠାତ୍ ମୁଣ୍ଡ ବିନ୍ଧିବା ସହିତ ବାନ୍ତି ହୋଇଥାଏ। ଉଚ୍ଚ ଶବ୍ଦ ଓ ଉଜ୍ଜ୍ୱଳ ଆଲୋକ ଅସହ୍ୟ ହେବା ସହିତ ଶରୀରର ନିର୍ଦ୍ଦିଷ୍ଟ ଗୋଟିଏ ଅଂଶରେ ଦୁର୍ବଳ ଲାଗିଥାଏ। ଅବଶ୍ୟ କିଛି ସମୟ ପରେ ଶରୀରର ଅବସ୍ଥା ସ୍ୱାଭାବିକ ହୋଇଯାଏ।

## ଜୀବନଶୈଳୀ ସୁଧାରିବାକୁ ପଡ଼ିବ



ପୁରୁଷଙ୍କ ଅପେକ୍ଷା ମହିଳାଙ୍କ କ୍ଷେତ୍ରରେ ମାଇଗ୍ରେନ୍ ସମସ୍ୟା ଅଧିକ ଦେଖାଯାଏ। ବିଶେଷ କରି ୨୫ରୁ ୪୫ ବର୍ଷୀୟ ମହିଳାମାନଙ୍କଠାରେ ଏହି ସମସ୍ୟା ଅଧିକ। ଅବ୍ୟବସ୍ଥିତ ଜୀବନଶୈଳୀ, ମାତ୍ରାଧିକ ଧୂମପାନ, ରାତି ଅନିଦ୍ରା ଓ ଚିନ୍ତାଗ୍ରସ୍ତତା ଅଧକପାଳିର ପ୍ରମୁଖ କାରଣ। ଯଦି ଆପଣ ୨ ସପ୍ତାହରୁ ଅଧିକ ସମୟ ପାଇଁ ଏହି ପ୍ରକାରର ସମସ୍ୟା ସାମ୍ନା କରୁଛନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ। ତେବେ ଜୀବନଶୈଳୀ ପରିବର୍ତ୍ତନ ଦ୍ୱାରା ଅଧକପାଳି ସମସ୍ୟାକୁ ସହଜରେ ରୋକାଯାଇପାରିବ। ଏଥିପାଇଁ ଶୟନ ସମୟ ବୃଦ୍ଧି କରିବା, ସ୍ୱାସ୍ଥ୍ୟପ୍ରଦ ଖାଦ୍ୟଶୈଳୀ ଆପଣାଇବା ଓ ମାନସିକ ଚାପରୁ ମୁକ୍ତ ହେବା ଜରୁରୀ। ଶରୀରର ରକ୍ତ ଶର୍କରା ସ୍ତର ବଜାୟ ରଖିବା ପାଇଁ ଆବଶ୍ୟକସ୍ଥଳେ ପ୍ରତି ୩ରୁ ୪ ଘଣ୍ଟା ବ୍ୟବଧାନରେ ଅଳ୍ପ ଅଳ୍ପ ଖାଦ୍ୟ ଗ୍ରହଣ କରାଯାଇପାରେ। ଏଥିସହ ନିୟମିତ ଯୋଗ ଓ ପ୍ରାଣାୟମ କରାଯିବା ଉଚିତ। ମାଇଗ୍ରେନ୍ ଚିକିତ୍ସା ଔଷଧ ମାଧ୍ୟମରେ କରାଯାଇଥାଏ। ଯେହେତୁ ପ୍ରତ୍ୟେକ ରୋଗୀର ଅବସ୍ଥା ଅଲଗା, ତେଣୁ ସର୍ବପ୍ରଥମେ ମାଇଗ୍ରେନ୍‌କୁ ଚିହ୍ନିବା ପାଇଁ ବିଭିନ୍ନ ପରୀକ୍ଷା ଜରୁରୀ।

**- ବିଶ୍ୱରଞ୍ଜନ ନାୟକ, ସ୍ନାୟୁରୋଗ ବିଶେଷଜ୍ଞ, କଳିଙ୍ଗ ହସ୍‌ପିଟାଲ୍**

# ବିଦ୍ୟାଳୟ ପରିସରରେ ଜାତୀୟ ବିଜ୍ଞାନ ଦିବସ ଅନୁଷ୍ଠିତ



**ବୈଶିଙ୍ଗା,୩।୩(ସଂଚାର ବ୍ୟୁରୋ):** ରାଇକମା ଆଶ୍ରମ ବିଦ୍ୟାଳୟରେ ଅନୁଷ୍ଠିତ ବିଜ୍ଞାନ ଦିବସ କାର୍ଯ୍ୟକ୍ରମରେ ସଭାପତି ଆସନ ଅଳଙ୍କୃତ କରିଥିଲେ ବର୍ଷୀୟାନ ସାମ୍ବାଦିକ ଶ୍ରୀ ହରିଶ ଚନ୍ଦ୍ର ନନ୍ଦଗୋସ୍ୱାମୀ,ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଶ୍ରୀ ଅରୁଣ କୁମାର ଓତା।ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ ସାମ୍ବାଦିକ ଶ୍ରୀ ପ୍ରକାଶ ବେହେରା। ସମସ୍ତ ଛାତ୍ରଛାତ୍ରୀ ବିଜ୍ଞାନମନସ୍କ ହୋଇ ଲକ୍ଷ୍ୟ ପଥରେ ଅଗ୍ରସର ହେବାକୁ ଅତିଥିମାନେ ପ୍ରେରଣା ପ୍ରଦାନ କରିଥିଲେ। ବିଜ୍ଞାନ ହିଁ ସତ୍ୟକୁ ଅନ୍ୱେଷଣ କରିଥାଏ। ସୁତରାଂ ସମସ୍ତ ଛାତ୍ରଛାତ୍ରୀ ଜଣେ ଜଣେ କୁନି ବୈଜ୍ଞାନିକ।ସମସ୍ତେ ଅନୁସନ୍ଧିତ୍ସୁ ହୋଇ ବିଜ୍ଞାନର ଜୟ ଯାତ୍ରାରେ ସାମିଲ ହେବାକୁ ମୁଖ୍ୟ ଅତିଥି ଆହ୍ୱାନ ଦେଇଥିଲେ। ଇତ୍ୟବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା,ଯଥା - ଗଣିତ,ବିଜ୍ଞାନ କୁଇଜ୍,ଚିତ୍ରାଙ୍କନ,ଅଭିନୟ,ବକ୍ତୃତା, ବୈଜ୍ଞାନିକମାନଙ୍କ ଜୀବନୀ ସଂଗ୍ରହ ଆଦି ଅନୁଷ୍ଠାନ କରାଯାଇଥିଲା। ଅତିଥିମାନେ କୃତୀ ପ୍ରତିଯୋଗୀମାନଙ୍କୁ, ପ୍ରମାଣ ପତ୍ର, ସହିତ ଟ୍ରଫି ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ରଜତ କୁମାର ଦାଶ ମଞ୍ଚ ପରିଚାଳନା କରିଥିବା ସମୟରେ ସୁବାଶିନୀ ପରିଡ଼ା ଧନ୍ୟବାଦ୍ ଅର୍ପଣ କରିଥିଲେ। ଦିପାଞ୍ଜଳୀ ଦାସ,ନୀଳାକ୍ଷି ଦାସ,ସୁକାନ୍ତି ବିଶ୍ୱାଳ,ମାଳତୀ ମାଝୀ,ମଣ୍ଟୁ ମାଣ୍ଡି,ସୀତା ଟୁଡୁ,ଜୁଲି ହେମ୍ବ୍ରମ ସହଯୋଗ କରିଥିଲେ।

# ରୁଙ୍ଗଟା କମ୍ପାନୀ ତରଫରୁ ସି. ଏସ. ଆର କାର୍ଯ୍ୟକ୍ରମ



**ଯୋଡ଼ା,୩।୩(ସଂଚାର ବ୍ୟୁରୋ):** କୋଇଡା ବ୍ଲକ ଅନ୍ତର୍ଗତ ରୁଙ୍ଗଟା କମ୍ପାନୀ ର ସାନଇନ୍ଦୁପୁର ଲୌହ ଏବଂ ବକ୍ସାଇଟ ଖଣି ର ସି. ଏସ. ଆର. ବିଭାଗ ତରଫରୁ ସ୍ଥାନୀୟ ଗ୍ରାମ ଗୁଡିକରେ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ କରାଯାଇଛି । ସାନଇନ୍ଦିପୁର ଗାଁର ସ୍ୱୟଂ ସହାୟକ ଗୋଷ୍ଠୀ ଘର କୁ ଯିବାପାଇଁ ପେଭେର ରାସ୍ତା ନିର୍ମାଣ, ଅସହାୟ ଏବଂ ଗରିବ ବିଧବା ସ୍ତ୍ରୀ ଲୋକମାନଙ୍କ ପାଇଁ ଦୁଇଗୋଟି ପାଇଖାନା ନିର୍ମାଣ, ପାନୀୟ ଜଳ ର ସୁବିଧା ପାଇଁ ସାନଇନ୍ଦପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ରେ ନୂତନ ପାଣି ଟାଙ୍କି ର ବ୍ୟବସ୍ଥା କରାଯାଇ ହସ୍ତାନ୍ତର କରାଯାଇଥିଲା । ସେହିପରି କେନ୍ଦୁଝର ଜିଲ୍ଲାର ଯଂଘିରା ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କ ର ସାଇକେଲ ଷ୍ଟାଣ୍ଡ ନିର୍ମାଣ, ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରିବା ପାଇଁ ରୋଷେଇ ଘର ନିର୍ମାଣ ଏବଂ ସେହି ସ୍କୁଲ ଭିତରେ ପାଦ ଚଲା ରାସ୍ତା ନିର୍ମାଣ କରାଯାଇ ସ୍କୁଲ ର ପ୍ରଧାନ ଶିକ୍ଷକ ଙ୍କୁ ହସ୍ତାନ୍ତର କରାଯାଇଥିଲା । ବରବିଲ ର ହରି ଓଁ ଗାର୍ଡେନ (ମାରୱାରୀ ସମାଜ ବାଟିକା ) ର ମରାମତି କରାଯାଇ ନବୀକରଣ କରିବା ସହ ସୌନ୍ଦର୍ଯ୍ୟ ବୃଦ୍ଧି କରାଯାଇଥିଲା ଯାହାକି ସେଠାରେ ବିବାହ, ବ୍ରତ ଓ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ବଡ଼ବିଲ ର ଜନସାଧାରଣ ମହା ଆଡମ୍ବରରେ ସମ୍ପାଦନା କରିପାରିବେ । ସେହିପରି ବଡ଼ବିଲ ଅଂଚଳ ରେ ଥିବା ସୀତାରାମ ରୁଙ୍ଗଟା ସାହିତ୍ୟ ଘର ଗ୍ରନ୍ଥାଳୟ କୁ ନବୀକରଣ କରାଯାଇ ଏକ ଲକ୍ଷ ଟଙ୍କା ର ବହି ପ୍ରଦାନ କରାଯାଇଥିଲା । ବରଜମଡା ର ଦିରିବୁରୁ ଗାଁ ର ଲୋକମାନଙ୍କୁ ପାନୀୟ ଜଳ ଯୋଗାଣ ଯୋଗାଇ ଦିଆଯାଇଥିଲା । ଏହି ସମୟରେ ସାନନ୍ଦପୁର ଖଣିର ମାଇନିସ ମ୍ୟାନେଜେର ତଥା ଏ .ଭି. ପି . ଅନିଲ କୁମାର ଚୋଧୁରୀ, କମ୍ପାନୀ ର ଡ଼ି. ଜି. ଏମ.(କାର୍ମିକ )ସଞ୍ଜୟ କୁମାର ଆଚାର୍ଯ୍ୟ, ଅତିରିକ୍ତ . ଜି. ଏମ (କାର୍ମିକ )ବିଷ୍ଣୁ ପଦ ଷଡ଼ଙ୍ଗୀ, ମ୍ୟାନେଜେର (ସି. ଏସ. ଆର )ଉଜ୍ୱଳ କୁମାର ମଲ୍ଲିକ, ଡେପୁଟି ମ୍ୟାନେଜେର (ସିଭିଲ )ତାପସ ରାୟ ଉପସ୍ଥିତ ଥିଲେ । ରୁଙ୍ଗଟା କମ୍ପାନୀ ର ଏହି ଭଳି କାର୍ଯ୍ୟକ୍ରମ କୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି । ରୁଙ୍ଗଟା କମ୍ପାନୀ ର ଏହିଭଳି ଜନହିତକର କାର୍ଯ୍ୟକ୍ରମ ଆଗକୁ ଆହୁରି ଜାରି ରହିବ ବୋଲି କମ୍ପାନୀ ପକ୍ଷରୁ ଜଣାଯାଇଛି ।

# ପଞ୍ଚାୟତସ୍ତରୀୟ ମିଳିତ ଜଣାଶୁଣାଣି ଶିବିର



**ଦଶରଥପୁର,୩।୩(ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତରେ ଆଜି ପଞ୍ଚାୟତ ସ୍ତରୀୟ ମିଳିତ ଜଣାଶୁଣାଣୀ କାର୍ଯ୍ୟକ୍ରମ ପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଦଶରଥପୁର ବ୍ଲକର ଅତିରିକ୍ତ ବିଡ଼ିଓ ତ୍ରିଲୋଚନ ସେଠୀ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲା ବେଳେ ଅଙ୍ଗନବାଡି କର୍ମୀମାନେ ପୁଷ୍ପଗୁଚ୍ଛ ଦେଇ ଅତିରିକ୍ତ ବିଡ଼ିଓ, ଅତିରିକ୍ତ ତହସିଲଦାରଙ୍କୁ ସ୍ୱାଗତ ଜଣାଇଥିଲେ।ଏହି କାର୍ଯ୍ୟକ୍ରମରେ ଦଶରଥପୁର ତହସିଲର ଅତିରିକ୍ତ ତହସିଲଦାର ରଶ୍ମିରଂଜନ ମଲ୍ଲିକ, ଦଶରଥପୁର ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ରାସ ବିହାରୀ ଜେନା, ସିଡ଼ିପିଓ ଶାନ୍ତିଲତା ସେଠୀ,ଆରଡବ୍ଲୁଏସଏସ ଏଇ ମନୋଜ ବେହେରା,ଏଡିଓ ଦିପ୍ତିମୟୀ ଦେଓ,ବିଏସଏସଓ ସ୍ୱାଧୀନି କ୍ରିଷ୍ଟାବାଳା, ଆରସିଏମ ଡିଇଓ ପ୍ରକାଶ କୁମାର ବେହେରା, ବିଆରଏସ ଏସବିଏମ ମାନସ ଚନ୍ଦ୍ର ଦାସ, କନିକାପଡା ଗ୍ରାମ୍ୟ କୃଷି ଅଧିକାରୀଣୀ ଗୀତାଞ୍ଜଳି କର, କନିକାପଡା ଗ୍ରାମ ପଞ୍ଚାୟତ ଅଧିକାରୀ ରବି ନାରାୟଣ ସାମଲ ପ୍ରମୁଖ ଯୋଗ ଦେଇ ପଞ୍ଚାୟତ ବାସୀଙ୍କ ଅଭିଯୋଗ ଗ୍ରହଣ କରିଥିଲେ। ପଞ୍ଚାୟତରେ ମୋଟ ୪୦ଟି ଅଭିଯୋଗ ମଧ୍ୟରୁ ୨ଟି ସାମୁହିକ ଅଭିଯୋଗ ହୋଇଥିବାବେଳେ ୩୮ଟି ବ୍ୟକ୍ତିଗତ ଅଭିଯୋଗ ମିଳିଥିଲା। ରେସନ କାର୍ଡ ପାଇଁ ସର୍ବାଧିକ ୨୨ଟି ଅଭିଯୋଗ ହସ୍ତଗତ ହୋଇଛି ବୋଲି ଆରସିଏମ ଡିଇଓ ପ୍ରକାଶ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି । ଉକ୍ତ କାର୍ଯ୍ୟକ୍ରମକୁ କନିକାପଡା ସରପଞ୍ଚ ପ୍ରଦୀପ କୁମାର ଜେନା, ନାଏବ ସରପଞ୍ଚ ଅର୍ଚ୍ଚନା ସାହୁ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ୱାର୍ଡ ସଭ୍ୟ ସଭ୍ୟା ମାନେ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ପ୍ରଚଣ୍ଡ ଶବ୍ଦରେ ଥରହର କଳିଙ୍ଗନଗର

**କଳିଙ୍ଗନଗର,୩।୩(ସଂଚାର ବ୍ୟୁରୋ):** ଆଜି ଅପରାହ୍ଣ ପାଖାପାଖି ତିନି ଘଟିକା ସମୟରେ ଯାଜପୁର ଜିଲ୍ଲା କଳିଙ୍ଗନଗର ଅଞ୍ଚଳ ରେ ହଟାତ ଏକ ପ୍ରଚଣ୍ଡ ଶବ୍ଦ ଶୁଭିଥିଲା, ଶବ୍ଦଟି ଏତେ ଜୋରରେ ଥିଲାଯେ ଘରର କବାଟ, ଝରକା, ଆସବାବ ପତ୍ର ସବୁ କ୍ଷଣିକ ପାଇଁ ଥରିଉଠିଥିଲା, କେହି କିଛି ଭାବିବା ଆଗରୁ ଘର ଭିତରୁ ବାହାରକୁ ଦୌଡ଼ି ଆସିଥିଲେ ଲୋକମାନେ, କାଳେ ଭୂମିକମ୍ପ ହୋଇଗଲା କି?ସବୁଠାରୁ ଅଧିକ ଭୟଭୀତ ହୋଇଥିଲେ କଳିଙ୍ଗନଗର ଶିଳ୍ପାଞ୍ଚଳ ଲୋକେ, କାରଣ ଏତେ କଳ କାରଖାନା କିଛି ଗୋଟେ ବିସ୍ଫୋରଣ ହୋଇଯିବା ଆଶଙ୍କାରେ, ଚାହୁଁ ଚାହୁଁ ଖବର ଟି କ୍ଷିପ୍ର ବେଗରେ ସୋସିଆଲ ମିଡ଼ିଆରେ ଚାରିଆଡେ ବ୍ୟାପୀ ଗଲା.. ଯାଜପୁର ରୋଡ଼ ସମେତ ପଡୋଶୀ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର, ଧର୍ମଶାଳା, ସୁକିନ୍ଦା ସାରା ଶୁଭିଥିଲା ଏହି ଶବ୍ଦ.. ଏ ପ୍ରଚଣ୍ଡ ଶବ୍ଦର କାରଣ ଅସ୍ପଷ୍ଟ ଥିବା ବେଳେ ଲୋକ ମାନେ ନାନା ପ୍ରକାର ମତ ଦେଉଛନ୍ତି,ସେ ଯାହା ବି ହେଉ ଲୋକମାନେ ଏହାର କାରଣ କଣ ହୋଇପାରେ ବୋଲି ଜାଣିବା ପାଇଁ ବ୍ୟଗ୍ର ଥିଲାବେଳେ ଏବେ ମଧ୍ୟ ଆଶଙ୍କାରେ ଅଛନ୍ତି ।

### ଜିଲ୍ଲାପାଳ ନିର୍ଦ୍ଦେଶକୁ ମାନିଲେ ନାହିଁ ପୂର୍ତ୍ତ ବିଭାଗର ମୁଖ୍ୟ ଯନ୍ତ୍ରୀ

# ଜିଲ୍ଲାପାଳଙ୍କ ଜନଶୁଣାଣି ଅଭିଯୋଗ ଶିବିର ନିଷ୍ପତ୍ତିକୁ ଅପେକ୍ଷା

**ସୁବର୍ଣ୍ଣପୁର,୩।୩(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାରେ ଜିଲ୍ଲାପାଳ ଓ ଏସପି ଙ୍କ ମିଳିତ ଉଦ୍ୟମ କ୍ରମେ ଜଣ ଶୁଣାଣି ଅଭିଯୋଗ ଶିବିର ପ୍ରତେକ ମାସ ସୋମବାର ଅନୁଷ୍ଠିତ ହୋଇଥାଏ, ଏହି ଅଭିଯୋଗ ଶିବିରରେ ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆ ଯାଇଥାଏ, ସୂଚନା ଯୋଗ୍ୟ ଗତ ଏପ୍ରିଲ ଛଅ ତାରିଖରେ ଡିପ୍ଲୋମା ଇଂଜିନିଅର କଣ୍ଟ୍ରାକ୍ଟର ଆସୋସିଏଶନ ସୁବର୍ଣ୍ଣପୁର ଜିଲ୍ଲା ତରଫରୁ ଜିଲ୍ଲାପାଳଙ୍କ ଜଣ ଶୁଣାଣି ଶିବିରରେ ଅଭିଯୋଗ ଜଣେଇଥିଲେ ଅଭିଯୋଗ ଥିଲା ଯୋଉ ପିଲାମାନେ ଡିପ୍ଲୋମା ଇଞ୍ଜିନିର ପାଠ ପଢ଼ି ଥିବେ କିନ୍ତୁ ଚାକିରୀ ପାଇ ନ ଥିବେ ରାଜ୍ୟ ସରକାରଙ୍କ ନିୟମ ଅନୁଯାଇ ରୋଡ଼ ଓ ବିଲଡିଂ ସିଭିଲ କାର୍ଯ୍ୟ ପାଇଁ ଇଞ୍ଜିନିୟରିଙ୍ଗ ଡିପ୍ଲୋମା ହୋଲଡର(ବି) କ୍ଲାସ ଓ ଡିଗ୍ରୀ ତଥା ବିଟେକ ପିଲାମାନେ (ଏ)କ୍ଲାସ ଲାଇସେନ୍ସ ପାଇଁ ଥାଆନ୍ତି ତେଣୁ ଏଉଆର୍ଡ଼ ପ୍ରଦ୍ଧତିରେ ପ୍ରତେକ ବର୍ଷ ର ଜାନୁୟାରୀ ଠାରୁ ମାର୍ଚ୍ଚ ମଧ୍ୟରେ ଟେଣ୍ଡର ନ ଡାକି ସିଧାସଳଖ ଭାବେ ଏ ଶ୍ରେଣୀ କଣ୍ଟ୍ରାକ୍ଟର ଙ୍କୁ ପାଞ୍ଚ ଲକ୍ଷ ଭିତରେ ୩ ତିନୋଟି କାର୍ଯ୍ୟ ଏବଂ ବି ଶ୍ରେଣୀ କଣ୍ଟ୍ରାକ୍ଟର ଙ୍କୁ ପାଞ୍ଚ ଲକ୍ଷ ଭିତରେ ୨ ଟି କାର୍ଯ୍ୟ ଦେବା ପାଇଁ ସରକାର ଙ୍କ ନିୟମ ଅଛି ବୋଲି ଜିଲ୍ଲାପାଳ ଙ୍କୁ ଅଭିଯୋଗ ଜଣେଇ ଥିଲେ ଏବଂ ସଙ୍ଘ ର ଯୁବ କଣ୍ଟ୍ରାକ୍ଟର ମାନଙ୍କୁ ତାଙ୍କର ହକ ଦିଆଯାଉ ବୋଲି ଜଣେଇ ଥିଲେ ଜିଲ୍ଲାପାଳ ଙ୍କ ଅଭିଯୋଗ ପ୍ରକୋଷ୍ଠ ରୁ ସମସ୍ୟାର ସମାଧାନ ନିମନ୍ତେ ସୋନପୁର ପିଡବ୍ଲୁଡ଼ି ବିଭାଗକୁ ଚିଠି କରାଯାଇ ଥିଲା କିନ୍ତୁ ସମସ୍ୟାର ସମାଧାନ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରା ଯାଇ ନ ଥିଲା ଏନେଇ ସୋନପୁର ପୀଡ଼ବ୍ଲୁଡି ମୁଖ୍ୟ ଯନ୍ତ୍ରୀ ଙ୍କୁ ପଚାରିବାରୁ ନିୟମ ଅଛି କିନ୍ତୁ ପଲିଟିକାଲ ପେସର ପାଇ ଆମେ ଚୁପ ରହୁଛୁ କହିଥିଲେ ଓ ଜିଲ୍ଲାପାଳ ଙ୍କ ଅଭିଯୋଗ ଶିବିରରେ ଏମିତି ପ୍ରସଙ୍ଗ ଦିଆ ଯାଏ ନାହିଁ ବୋଲି କହିଥିଲେ ଯାହା ସଙ୍ଘ ପକ୍ଷରୁ ନିନ୍ଦା କରିବା ସହିତ ଜିଲ୍ଲାପାଳ ଏହି ପ୍ରସଙ୍ଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଅନୁରୋଧ କରିଥିବା ସୂଚନା ମିଳିଛି ।


ଅଭିଯୋଗ ସ୍ଥିତି ବିବରଣୀ

ଟିକେଟ୍ ID
DM20251094270

ପଞ୍ଜୀକୃତ ହୋଇଛି
Collector,
Subarnapur
ତାରିଖ 07-Feb-2025

ଜାରି ରହିଛି
R&B Division ,
Subarnapur

ଫଏସଲା ହୋଇଛି

# ପରିତ୍ୟକ୍ତ ଗୃହରେ ପୂଜକଙ୍କୁ ହତ୍ୟା, ଅଭିଯୁକ୍ତ ଅଟକ


ଅଭିଯୁକ୍ତ :ସଞ୍ଜୟ ନାଥ

**କଳିଙ୍ଗନଗର,୩।୩(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା କଳିଙ୍ଗନଗରରେ ଏକ ବିଭତ୍ସ ହତ୍ୟାକାଣ୍ଡ ଘଟିଛି,ଗତକାଲି ବିଳମ୍ବିତ ରାତିରେ ଯାଜପୁରରୋଡ଼ ଥାନା ଅନ୍ତର୍ଗତ ନୂଆଗାଁ ଛକରେ ଏକ ପରିତ୍ୟକ୍ତ ଘର ଭିତରୁ ଜଣେ ପୂଜକଙ୍କ ମୃତଦେହ ପଡ଼ିଥିବାର ପୋଲିସ ଖବର ପାଇ ସକାଳୁ ସକାଳୁ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି, ଖବର ଅନୁସାରେ ମୃତ ବୃଦ୍ଧ ପୂଜକ ଜଣଙ୍କ ଦାନଗଦି ବଜାର ରେ ଦୈନିକ ବୁଲି ଦୋକାନ ମାନଙ୍କରେ ପୂଜା ପାଠ କରନ୍ତି , ସନ୍ଧ୍ୟାରେ ବୁଲାବୁଲି ସାରି ଏହି ପରିତ୍ୟକ୍ତ ଘରେ ରୁହନ୍ତି , ଏହି ଘରଟିରେ ମଙ୍ଗଳପୁର ପଞ୍ଚାୟତର ନୂଆଗାଁ ର ବାଇଧର ନାଥଙ୍କ ପୁଅ ସଞ୍ଜୟ ନାଥ (ସଞ୍ଜୁ )(୩୦) ତାଙ୍କ ର ଛୋଟ ଝିଅକୁ ଧରି ରୁହନ୍ତି, ବୃଦ୍ଧ ପୂଜକ ଓ ସଞ୍ଜୁ ରାତିରେ ଏହି ଘରେ ସାଙ୍ଗ ହୋଇ ରୁହନ୍ତି,ଅଭିଯୁକ୍ତ ସଞ୍ଜୁ ଙ୍କ କହିବା କଥା ତାଙ୍କ ସହ କୌଣସି କାରଣରୁ ଯୁକ୍ତିତର୍କ ହେବାରୁ ସେ ଏକ ଧାରୁଆ ଛୁରୀରେ ପୂଜକଙ୍କ ବେକକୁ କାଟି ଦେଇଛି, ପୂଜକଙ୍କ ଘର ଦଶରଥପୁର ଥାନା ଅନ୍ତର୍ଗତ ବିଭୁତିପୁର ହୋଇଥିବା ବେଳେ ତାଙ୍କ ନାଁ ବିଘ୍ନରାଜ ଷଡ଼ଙ୍ଗୀ (୫୫) ବୋଲି ଜଣା ପଡିଛି, ଅଭିଯୁକ୍ତ ସଞ୍ଜୁକୁ ପୋଲିସ ଅଟକ ରଖି ଅଧିକ ପଚାରୁ ଉଚୁରା କରୁଛି, ଯାହା ଅନୁମାନ କରାଯାଉଛି ଅଭିଯୁକ୍ତ ସଞ୍ଜୁ ଟଙ୍କା ପାଇଁ ସେ ପୂଜକଙ୍କୁ ମାରିଦେଇଛି, କାରଣ ପୂଜକ ଜଣଙ୍କ ସପ୍ତାହରେ ଥରେ ଘରକୁ ଯାଆନ୍ତି, ଯାହା ଆଦାୟ କରିଥାନ୍ତି ନିଜ ପାଖରେ ରଖନ୍ତି, ତେଣୁ ମଦ ଗଞ୍ଜେଇ ଖାଉଥିବା ସଞ୍ଜୁ ତାଙ୍କ ପାଖରେ ଟଙ୍କା ଦେଖି ତାଙ୍କୁ ମାରୁ ମାରୁ ମାରିଦେଇଛି ବୋଲି ଅନୁମାନ କରାଯାଉଛି,ଘଟଣା ସ୍ଥଳରେ ସାଇଣ୍ଟିଫିକଟିମ ପହଞ୍ଚିଛି, ମୃତ ଦେହ କୁ ପୋଲିସ ଉଦ୍ଧାର କରି ବ୍ୟବେଚ୍ଛେଦ ପାଇଁ ଦାନଗଦି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦେଇ ଘଟଣାର ଅଧିକ ତଦନ୍ତ କରୁଛି, ଯାଜପୁର ଟାଉନରୁ ପୂଜକଙ୍କର ପରିବାର ଲୋକ ଆସି ଦାନଗଦି ମେଡିକାଲରେ ପହଁଚିଛନ୍ତି, ପୋଲିସ କେସ ନମ୍ବର ୧୧୫/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରୀ ରଖିଛି ।

# ଘରକୁ ଫେରୁଛନ୍ତି ନିର୍ଯାତନା ଶିକାର ହେଉଥିବା ୫ ଦାଦନ ଶ୍ରମିକ ଉଦ୍ଧାର

**ନୂଆପଡ଼ା,୩।୩(ସଂଚାର ବ୍ୟୁରୋ):** ହାଇଦ୍ରାବାଦ ଯାଇ ନିର୍ଯାତନା ଶିକାର ହେଉଥିବା ନୂଆପଡ଼ା ଜିଲାର ୫ ଦାଦନ ଶ୍ରମିକ ଜିଲା ଶ୍ରମ କାର୍ଯ୍ୟାଳୟ ହସ୍ତକ୍ଷେପରେ ଉଦ୍ଧାର ହୋଇ ଘରକୁ ଫେରୁଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ ଖଡିଆଳ ଥାନା ଲାଞ୍ଜି ପଞ୍ଚାୟତ ମନ୍ତ୍ରୀତରାଇ ଗାଁର ଭୋପେନ୍ଦ୍ର ମାଝି (୩୨), ସ୍ତ୍ରୀ ଭଜନ୍ତି ମାଝି (୨୮), ଭାଇ ଉଗ୍ରେସନ ମାଝି (୨୫)ଙ୍କ ସହ ୨ବର୍ଷର ଏକ ଶିଶୁପୁତ୍ର ଏବଂ କୋମନା ଥାନା କୁରେଶ୍ୱର ଗାଁର ବଂଶୀ ହଂସ (୩୬), ତାଙ୍କ ସ୍ତ୍ରୀ ଦୂର ହଂସ (୨୫) ୧୦ ବର୍ଷର ପୁତ୍ରକୁ ଧରି ୨୦୨୪ ସେପ୍ଟେମ୍ବରରେ ଦାଦନ ଖଟିବାକୁ ହାଇଦ୍ରାବାଦ ଯାଇଥିଲେ। ଦାଦନ ସର୍ଦ୍ଦାରଙ୍କ ମଧ୍ୟମରେ ସେମାନେ ସେଠାକାର କର୍ଣ୍ଣୋଲ ଜିଲା ଏମ୍ ରୋଡ ଏସ୍‌ବିଆଇ ଇଟା ଭାଟିରେ କିଛି ମାସ କାମ କରିଥିଲେ। ପରେ ଇଟାଭାଟି ମାଲିକ ଦିନ ରାତି ଖଟାଇବା ସହ ନିର୍ଯାତନା ଦେଇଥିଲେ। ମୁହଁ ଖୋଲିଲେ ମାଡ଼ ମରାଯାଉଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଖାଇବା ଖର୍ଚ୍ଚ ମଧ୍ୟ ଠିକ୍ ରୂପେ ଦେଉ ନ ଥିବାରୁ ସେମାନେ ପେଟ ପୁରା ଖାଇପାରୁ ନ ଥିଲେ। ଏ ନେଇ ସେମାନଙ୍କ ପରିବାର ପକ୍ଷରୁ ଜିଲା ଅତିରକ୍ତ ଶ୍ରମ ଅଧିକାରୀ ମନୋରଞ୍ଜନ ନାଏକଙ୍କୁ ଲିଖିତ ଅଭିଯୋଗ କରିଥିଲେ। ନାଏକଙ୍କ ହସ୍ତକ୍ଷେପରେ ଶ୍ରମିକମାନେ ଉଦ୍ଧାର ହୋଇ ବସ୍ ଯୋଗେ ନୂଆପଡ଼ା ଆସୁଛନ୍ତି। ମଙ୍ଗଳବାର ଅପରାହ୍ନରେ ସେମାନେ ଘରେ ପହଞ୍ଚିବେ ବୋଲି ଜଣାପଡିଛି।



# ଦ୍ୱିତୀୟ ମା' ଭୁବାସିନୀ ମହୋତ୍ସବ ଉଦ୍‌ଯାପିତ

### ସମ୍ବଲପୁର ନୃତ୍ୟ ଓ ରାଜୁ ସାହୁ କମେଡି ବେଶ୍ ଆକର୍ଷଣ ଥିଲା

**ବାଲିପାଟଣା,୩।୩(ସଂଚାର ବ୍ୟୁରୋ):** କୁଳନ୍ତିରା ବାଗିଲ ଗ୍ରାମବାସୀଙ୍କ ସମ୍ପୂର୍ଣ୍ଣ ସହଯୋଗ ଓ ମା' ଭୁବାସିନୀ ଚାରିଟେବୁଲ୍ ଟ୍ରଷ୍ଟର ସମସ୍ତ ସଦସ୍ୟଙ୍କ ସହାୟତାରେ ଆଜି ୨ୟ ମା' ଭୁବାସୀନି ମହୋତ୍ସବ-୨୦୨୫ ଉଦଯାପିତ ହୋଇଯାଇଛି। ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଭୁବାସିନୀ ଙ୍କ ଅପାର ମହିମା, କିମ୍ବଦନ୍ତୀକୁ ଉଜ୍ଜୀବିତ କରି ରଖିବା ସହ ମା' ଙ୍କ ପୀଠର ପ୍ରଚାର ପ୍ରସାର ନିମନ୍ତେ ଶନିବାର ଓ ରବିବାର ୨ଦିନ ଧରି ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବେ ସିଦ୍ଧି ବିନାୟକ ଚାରିଟେବୁଲ୍ ଟ୍ରଷ୍ଟ ର ଅଧକ୍ଷ ସତ୍ୟପ୍ରିୟ ବେହେରା ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରୀତିପ୍ରତିଭା ଭୋଳ, ସମ୍ମାନିତ ଅତିଥି ଭାବେ ବିଦୁସ୍ମିତା ମନ୍ତ୍ରୀ,ପ୍ରତିଭା ପଣ୍ଡା, ଭୂପତି ତ୍ରିପାଠୀ, ଟ୍ରଷ୍ଟ ସଭାପତି ପ୍ରୀୟଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।ଉଦ୍ଘାଟନୀ ସନ୍ଧ୍ୟାରେ ଗ୍ରାମର କୁନି କୁନି ନୃତ୍ୟଶିଳ୍ପୀ ଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯିବା ସହ ମେଲୋଡି କାର୍ଯ୍ୟକ୍ରମ କରାଯାଇଥିଲା। ସେହିପରି ୨ୟ ଦିବସରେ ମୁଖ୍ୟ ଅତିଥି ଭାବେ ବାଲିପାଟଣା ଥାନା ଅତିରିକ୍ତ ଆରକ୍ଷୀ ନିରୀକ୍ଷକ ରାକେଶ କୁମାର ସାମଲ ଯୋଗଦେଇଥିବା ବେଳେ,ମୁଖ୍ୟ ବକ୍ତା ଭାବେ ରାଜଧାନୀ ପୁସ୍ତକ ମେଳାର ସମ୍ପାଦକ ବିଦୁଭୂଷଣ ପଟ୍ଟନାୟକ ,ସମ୍ମାନିତ ଅତିଥି ଭାବେ ଉମାଦେଇପୂର ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର,ମା ଭୁ ବାସିନୀ ଚାରିଟେବୁଲ୍ ଟ୍ରଷ୍ଟ ର ସଭାପତି ପ୍ରୀୟଞ୍ଜନ ସ୍ୱାଇଁ ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷ ଙ୍କୁ ମୋ ଗାଁ ମୋ ସମ୍ମାନ ରେ ସମ୍ମାନିତ କରାଯାଇଥିଲା। ଭକ୍ତି ସୁଧା ଭଜନ ସନ୍ଧ୍ୟା ଗ୍ରୁପ୍ ଦ୍ୱାରା ଭଜନ ପରିବେଷଣ କରାଯାଇ ଥିବା ବେଳେ ସମ୍ବଲପୁର ନୃତ୍ୟ ଓ ରାଜୁ ସାହୁ କମେଡି ଦର୍ଶକ ଙ୍କୁ ବେସ ଆକୃଷ୍ଟ କରିଥିଲା। ଶିଶୁ ଅନନ୍ତ ପ୍ରେସ କ୍ଲବ ସଭାପତି ବିଦ୍ୟାଭୂଷଣ ଭୋଳ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଯୁବ ସାମ୍ବାଦିକ ଆଶୁତୋଷ ଚୌଧୁରୀ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲୋକ ରଂଜନ ଭୋଳ, ଚନ୍ଦ୍ରନାରାୟଣ ଭୋଳ, ପ୍ରଶାନ୍ତ ଭୋଳ,ବିଶ୍ୱରଂଜନଭୋଳ,ରମାକାନ୍ତଭୋଳ,ଜ୍ୟୋତିପ୍ରକାଶଭୋଳ,ସୋମ୍ୟରଞ୍ଜନ ଭୋଳ,ବିଶ୍ୱଜିତ୍ ଭୋଳ,ପ୍ରଳୟ କୁମାର ଭୋଳ, ସୁଶାନ୍ତ ଭୋଳ,ଶଙ୍କର ଭୋଳ,ପ୍ରଦୀପ ଭୋଳ,ଜୀବନ ଜ୍ୟୋତି ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।



### ପ୍ରତିଶ୍ରୁତି ଦେଇ ଭୂଲି ଗଲେ ପ୍ରଶାସନ

# ଅନିଶ୍ଚିତତା ମଧ୍ୟରେ ଭିନ୍ନକ୍ଷମଙ୍କ ଭବିଷ୍ୟତ

**ବାଲିଆପାଳ,୩।୩(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ରେ ଜାନୁଆରୀ ୧୦ ତାରିଖ ରେ ଅନୁଷ୍ଠିତ ହୋଇଥିବା ଭୀମଭୋଇ ସାମର୍ଥ୍ୟ ଭିନ୍ନକ୍ଷମ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିର କୁ ବାଲିଆପାଳ ବ୍ଲକ ସମେତ ବସ୍ତା, ଭୋଗରାଇ, ଜଳେଶ୍ୱର ପ୍ରଭୃତି ବ୍ଲକ ରୁ ଶତାଧିକ ସଂଖ୍ୟାରେ ଭିନ୍ନକ୍ଷମ ମାନେ ନୂତନ ସାର୍ଟିଫିକେଟ ଏବଂ ହାତ ଲେଖା ସାର୍ଟିଫିକେଟ କୁ ଅନଲାଇନ କରିବା ପାଇଁ ନିଜର ନାମ ପଞ୍ଜିକୃତ କରିଥିଲେ। ଅତ୍ୟଧିକ ଭିଡ଼ ଫଳରେ ଭିନ୍ନକ୍ଷମ ମାନେ ନାହିଁ ନ ଥିବା ଅସୁବିଧା ରେ ସମ୍ମୁଖୀନ ହୋଇଥିଲେ। ଏହାକୁ ଦୃଷ୍ଟିରେ ରଖି ବାଲିଆପାଳ ବ୍ଲକ ପ୍ରଶାସନ ପକ୍ଷରୁ ଡ଼ାକବାଜି ଯନ୍ତ୍ର ମାଧ୍ୟମ ରେ ନୂଆ ଭିନ୍ନକ୍ଷମ ପ୍ରମାଣ ପତ୍ର ପାଇଁ ଆସିଥିବା ଭିନ୍ନକ୍ଷମ ଙ୍କୁ ଘର କୁ ଫେରିଯିବା ପାଇଁ ସୁଚନା ଦିଆଯାଇଥିଲା। ଏବଂ ୧୫ ଦିନ ମଧ୍ୟରେ ପୁନର୍ବାର ଏକ ଶିବିର ପାଇଁ ତାରିଖ ଘୋଷଣା କରାଯିବ ବୋଲି କୁହାଯାଇଥିଲା। ମାତ୍ର ୪୫ ଦିନ ରୁ ଉର୍ଦ୍ଧ୍ୱ ଦିନ ବିତିଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ଭିନ୍ନକ୍ଷମ ଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ଜାନୁଆରୀ ୧୦ ତାରିଖ ଶିବିର ରେ ୨୫୦୦ ଜଣ ଭିନ୍ନକ୍ଷମ ଙ୍କର ପଞ୍ଜିକୃତ ହୋଇଥିବା ବେଳେ ୬୩୭ ଜଣ ଯୋଗ୍ୟ ବିବେଚିତ ହୋଇଛନ୍ତି। ଅବଶିଷ୍ଟ ଭିନ୍ନକ୍ଷମ ଙ୍କୁ ବାଲେଶ୍ୱର ହେଡକ୍ୱାଟର୍ କୁ ରେଫର କରାଯାଇଥିଲା। ଏଠାରେ ପ୍ରଶ୍ନ ଉଠୁଛି ସରକାର ଭିନ୍ନକ୍ଷମଙ୍କ ଙ୍କ ଭତ୍ତା ପ୍ରଦାନ କରିବା ପାଇଁ ବିଭିନ୍ନ ସୁବିଧା କରୁଛନ୍ତି ମାତ୍ର ବାଲିଆପାଳ ବ୍ଲକ ରେ ଭିନ୍ନକ୍ଷମ ଙ୍କ ପାଇଁ ଭତ୍ତା ପାଇବା ଏକ ପ୍ରହସନ ହୋଇପଡ଼ିଛି।ଏହା ବ୍ୟତୀତ ହାତଲେଖା ଥିବା ପ୍ରମାଣ ପତ୍ର ଦ୍ୱାରା ପାଉଥିବା ଭତ୍ତା ହିତାଧିକାରୀ ଙ୍କୁ ଭତ୍ତା ବନ୍ଦ ନକରି ୬ ମାସ ପର୍ଯ୍ୟନ୍ତ ଭତ୍ତା ଯୋଗାଇ ଦିଆଯିବା ସହିତ ତୁରନ୍ତ ଏକ ଶିବିର ଆୟୋଜନ କରି ନୂତନ ଏବଂ ହାତଲେଖା ପ୍ରମାଣ ପତ୍ର କୁ ନବି କରଣ କରିବା ପାଇଁ ରବିରଞ୍ଜନ ତ୍ରିପାଠୀ, ଝରଣା ରାଉତ, ବାସନ୍ତୀ ଜେନା, ରବିନ୍ଦ୍ର ପାତ୍ର, ହରେକୃଷ୍ଣ ମଲ୍ଲିକ, ପୂର୍ଣ୍ଣିମା ଗିରି, ସୁଚିତ୍ରା ବେହୁରି, ଉଜ୍ଜ୍ୱଳା ଦାସ, ଲିଲି ବେହୁରି ବିକ୍ରମ ମଣ୍ଡଳ ପ୍ରମୁଖ ଦାବୀ କରିଛନ୍ତି।




# ଗପ ଶୁଣିବା ଓ ଶୁଣାଇବା କାର୍ଯ୍ୟକ୍ରମ

- ବିଲୁପ୍ତ ପ୍ରଥାକୁ ପୁନଃର୍ଜୀବିତ କରିବା ପାଇଁ ପ୍ରଧାନଶିକ୍ଷୟିତ୍ରୀ ନିଆରା ପଦକ୍ଷେପ

**ନୟାଗଡ଼,୩।୩(ସଂଚାର ବ୍ୟୁରୋ):** ଗପ ଆମ ସଂସ୍କୃତିର ଅଭିନ୍ନ ଅଧ୍ୟାୟ । ଗପ ମାଧ୍ୟମରେ ଶିଶୁର ବୌଦ୍ଧିକ ବିକାଶ ହେବା ସହିତ ଭଲ ମଣିଷ ହେବାକୁ ପ୍ରେରିତ ହୋଇଥାଏ । ସେଥିପାଇଁ ଅଜା, ଆଈ ଓ ଜେଜେମା ନାତି ନାତୁଣୀଙ୍କୁ ପିଲାଦିନେ ଗପ ଶୁଣାନ୍ତି । ଧୀରେ ଧୀରେ ଗପ ଶୁଣିବା ଓ ଶୁଣାଇବା ପ୍ରଥା ବିଲୁପ୍ତ ହେବାକୁ ବସିଲାଣି ଇଣ୍ଟରନେଟ୍ ର ପ୍ରଚୁର ବ୍ୟବହାର ଆଜି ଆମ ପୁରୁଣା ସଂସ୍କୃତିକୁ ବାଟବଣା କଲାଣି । ପିଲାଟି ଗପ ଶୁଣି ପରେ କହିଥାଏ ।ଏହି ପ୍ରଥାକୁ ପୁନଃର୍ଜୀବିତ କରିବା ଉଦ୍ଦେଶ୍ୟରେ ସିନ୍ଦୁରିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଝୁମୁରୀ ସାହୁଙ୍କ ନିଆରା ପଦକ୍ଷେପ ଦେଖିବାକୁ ମିଳିଛି । ଛାତ୍ରଛାତ୍ରୀଙ୍କୁ ନେଇ 'ଗପ ଶୁଣିବା ଓ କହିବା' କାର୍ଯ୍ୟକ୍ରମ ପ୍ରଧାନଶିକ୍ଷୟିତ୍ରୀ ଝୁମୁରୀ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମରୁ ନବମ ଶ୍ରେଣୀର ପାଖାପାଖି ପଚାଶ ଜଣ ଛାତ୍ରଛାତ୍ରୀ ଖୁବ୍ ସୁନ୍ଦର୍ ସୁନ୍ଦର୍ ଗପ ଶୁଣାଇ ଥିଲେ । ଆଜିର ଏହି ନିଆରା କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍ ତଥା ସୁସାହିତ୍ୟିକ ସୁଦର୍ଶନ ପ୍ରଧାନ ଓ ଯୁବ କଥାକାର ତଥା ଅଧ୍ୟାପିକା ଡ. ବିଦ୍ୟୁଲତା ଷଣ୍ଢ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଠାରୁ ଗପ ଶୁଣିବା ସହିତ ନିଜେ ପିଲାଙ୍କୁ ଗପ ଶୁଣାଇଥିଲେ । ବାରଜଣ କୁନି ଗାଳ୍ପିକ ଓ ଗାଳ୍ପିକାଙ୍କୁ କାର୍ଯ୍ୟକ୍ରମ ଶେଷରେ ପୁରସ୍କୃତ କରାଯାଇଥିଲା ।



### ଆକାଉଣ୍ଟ ଅଫିସର୍‌ଙ୍କ ଲାଞ୍ଚ ମାଗିବା ଘଟଣା

# ନ୍ୟାୟ ପାଇବେ ତ ବିନୋଦ ?

**ବିଞ୍ଝାରପୁର,୩।୩(ସଂଚାର ବ୍ୟୁରୋ):** ଅବସରପ୍ରାପ୍ତ କର୍ମଚାରୀ ବିନୋଦ ନାୟକ ଙ୍କ ଅବସର ପରେ ଏନ୍‌ପିସି କାଗଜପତ୍ର କରାଇଦେବା ପାଇଁ ଆକାଉଣ୍ଟ ଅଫିସର୍ ମାଗିଥିଲେ ୨୦,୦୦୦ ଟଙ୍କା ଲାଞ୍ଚ। କିନ୍ତୁ ବିନୋଦଙ୍କ ଏହି ଅଭିଯୋଗ କୁ କିଛି ନ ଜାଣି ଏଡ଼ାଇ ଦେଇଥିଲେ ବିଡ଼ିଓ ହିତାଂଶୁ ଶେଖର ସାମଲ। କାଉ ଖାଇଲା ପଣସ ବଗ ମୁଣ୍ଡ ରେ ଅଠା ଭଳି ଆକାଉଣ୍ଟ ଅଫିସର୍ ଙ୍କ ଭୁଲ କୁ ଲୁଚାଇବାକୁ ଯାଇ ଅନ୍ଧ ଧୃତରାଷ୍ଟ୍ର ସାଜି ବିଡ଼ିଓ କହିଲେ ଭତ୍ତା ବାଣ୍ଟି ବଳକା ୩୦,୦୦୦ ଟଙ୍କା ନ ଫେରାଇବାରୁ ଅଟକିଛି କାଗଜପତ୍ର ଯେତେବେଳେ କି ସରକାରୀ କାଗଜ କହୁଛି ବିନୋଦ ନୁହେଁ ଭତ୍ତା ଆଉ କେହି ବାଣ୍ଟୁ ଥିଲେ। ବିଞ୍ଝାରପୁର ବ୍ଲକ୍ ରେ କାର୍ଯ୍ୟରତ ଆକାଉଣ୍ଟ ଅଫିସର୍ କାଶୀନାଥ ମଲ୍ଲିକଙ୍କ ଏଭଳି ମନବୃତି ପାଇଁ ଅବସର ପରେ ପେନସନ ପାଇବାରୁ ବଞ୍ଚିତ ଅଛନ୍ତି ଅବସରପ୍ରାପ୍ତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିନୋଦ ନାୟକ। ତାଙ୍କ ଏନ୍‌ପିସି କାଗଜପତ୍ର କରାଇଦେବାକୁ ବ୍ଲକ୍ ର ଆକାଉଣ୍ଟ ଅଫିସର୍ କାଶୀନାଥ ମଲ୍ଲିକ ୨୦,୦୦୦ ଟଙ୍କା ଲାଂଚ ମାଗୁଥିବା ଘଟଣା କୁ ବିଡ଼ିଓ ହିତାଂଶୁ ଶେଖର ସାମଲ ଖଣ୍ଡନ କରି ବିନୋଦ ନାୟକ ଙ୍କ ଉପରେ ଭତ୍ତା ଟଙ୍କା ବାବଦ ରେ ୩୦୦୦୦ ଟଙ୍କା ପରିଶୋଧ ନ କରିଥିବାରୁ ତାଙ୍କ କାଗଜ ପତ୍ର ଅଟକି ରହିଥିବା ସାମାଜିକ ଗଣମାଧ୍ୟମ ରେ ପ୍ରତିକ୍ରିୟା ରଖିଛନ୍ତି। ଆକାଉଣ୍ଟ ଅଫିସର୍ କୁ ସୁରକ୍ଷା ଏବଂ ଘଣ୍ଟ ଘୋଡାଇବାକୁ ଯାଇ ବିଡ଼ିଓ ମିଛ କହୁଥିବା ପାଲଟା ଅଭିଯୋଗ ଆଣିଛନ୍ତି ବିନୋଦ।୨୦୨୧ ମସିହାରେ ଆଉଁରୀ ପଞ୍ଚାୟତ ର ଭତ୍ତା ବାଣ୍ଟିବା ଦାୟିତ୍ୱ ପୂର୍ବତନ ଓଏଲଏମ୍ ଅଧିକାରୀ ଙ୍କୁ ଦିଆଯାଇଥିବା ବେଳେ ସେ ୫ ଲକ୍ଷ ଟଙ୍କାରୁ ୪ ଲକ୍ଷ ୭୦ ହଜାର ବାଣ୍ଟି ୩୦ ହଜାର ଫେରାଇ ନ ଥିବା ବେଳେ ସେ କାହିଁକି ଟଙ୍କା ଫେରାଇବେ ବୋଲି ପାଲଟା ପ୍ରଶ୍ନ କରିଛନ୍ତି ବିନୋଦ।ଖାଲି ଏତିକି ନୁହେଁ ଆକଉଣ୍ଟ ଅଫିସର କୁ ଘଣ୍ଟ ଘୋଡାଇବାକୁ ଯାଇ ଏକ କବାଟକିଳା ବୈଠକ ମଧ୍ୟ ବସିଥିଲା।ବ୍ଲକ ର ବିଡିଓ, ସହକାରୀ ନିର୍ବାହୀ ଯନ୍ତ୍ରୀ ,ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଙ୍କ ସମେତ କିଛି ପଦାଧିକାରୀ ଙ୍କ ଯେମିତି ନିଦ ହଜିଲା ପରି ହଠାତ୍ ବିଡିଓ ଙ୍କ ପ୍ରକୋଷ୍ଠ ଭିତରେ ବସିଲା ଗୁପ୍ତ ବୈଠକ। ଯେଉଁ ବୈଠକ ରେ ମଧ୍ୟ ଖୋଦ ଆକାଉଣ୍ଟ ଅଫିସର କାଶୀନାଥ ମଲିକ ଙ୍କୁ ବି ମଝିରେ ଡକା ଯାଇଥିଲା। ଏହି ଗୁପ୍ତ ବୈଠକ ସମୟ ରେ କାହାରିକି ବିଡିଓ ଙ୍କ ପ୍ରକୋଷ୍ଠ କୁ ନ ଛାଡିବା ପାଇଁ କଡ଼ା କଡ଼ି ବାରଣ କରାଯାଇଥିଲା। ତେବେ ଏହି ଆଲୋଚନା ବିଡିଓ ନିଜ ପ୍ରକୋଷ୍ଠ ମଧ୍ୟ ରେ କାହାକୁ ନେଇ କରୁଥିଲେ, କିଏ କିଏ ସାମିଲ ଥିଲେ ତାହା ବିଡିଓଙ୍କ ପ୍ରକୋଷ୍ଠ ରେ ଲଗାଯାଇଥିବା ସିସି ଟିଭି ଫୁଟେଜ କେବଳ ସତ କହିବ। ତେବେ ବିଡ଼ିଓ ଅଭିଯୋଗ ର ସତ୍ୟାସତ୍ୟ ଅନୁସନ୍ଧାନ କରି ଗଣ ମାଧ୍ୟମ ରେ ପ୍ରତିକ୍ରିୟା ଦେଇଥିଲେ ନା ଘଟଣା କୁ ଘଣ୍ଟା ଘୋଡାଇବାକୁ ଯାଇ ଅନ୍ଧ ଧୃତ ରାଷ୍ଟ୍ର ସାଜିଲେ? ଏଭଳି ଛକା ପଞ୍ଝା ମଧ୍ୟ ରେ ବିନୋଦ ଙ୍କୁ ନ୍ୟାୟ ମିଳିବ କି ନାହିଁ ତାକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି।




# ଆଦର୍ଶ ଶିକ୍ଷକଙ୍କ ଦେହାନ୍ତ

**ବେତନଟୀ,୩।୩(ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ୍ ର ସାରିଆ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱନାଥ ମହାନ୍ତ କିଡନୀ ଜନିତ ରୋଗରେ ଦେହାନ୍ତ ହୋଇଯାଇଅଛି । ଦୀର୍ଘଦିନ ଧରି କିଡନୀ ରୋଗରେ ପିଡିତ ଥାଇ ସପ୍ତାହକୁ ୨ଥର ଡାଇଲିସିସ ହେଉଥିଲେ। ତାଙ୍କ ଘର ବେତନଟୀ ଉପକଣ୍ଠ ପଣ୍ଡୁଗଡିଆ ଗ୍ରାମରେ । ଅସୁସ୍ଥତା ଯୋଗୁଁ ତାଙ୍କୁ ଚିକିତ୍ସା ନିମନ୍ତେ ଭୁବନେଶ୍ୱରର ଘରୋଇ ହସପିଟାଲରେ ଭର୍ତ୍ତି କରାଯାଇଥିଲା । ମୃତ୍ୟୁବେଳକୁ ତାଙ୍କ ବୟସ ୫୮ ହୋଇଥିଲା। ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ପୂର୍ବରୁ କିଛିଦିନ ସେ ସିଆରସିସି କାର୍ଯ୍ୟ କରୁଥିଲେ।ଏବିଇଓ ଭାବେ ପଦୋନ୍ନତି ଆସିଥିଲେହେଁ, ସେ ଶାରିରୀକ ଅସୁସ୍ଥତା ଦର୍ଶାଇ ତାହା ପ୍ରତ୍ୟାଖାନ କରିଥିଲେ। ଜଣେ ଛାତ୍ରବତ୍ସଳ ଓ ଆଦର୍ଶ ଶିକ୍ଷକ ଭାବେ ତାଙ୍କର ସୁଖ୍ୟାତି ଥିଲା ।